# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୬/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, July 6/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



KFC
12 PCS FOR ₹350
WEDNESDAY HAI. LET'S KFC
SAVE UP TO 55%
BONELESS STRIPS
DOWNLOAD KFC APP
WALK-IN/ORDER NOW
YOUR FAVOURITE CHICKEN SERVED COMPLETELY SAFE | 100% VACCINATED


# ବିଲୋପ ପଥେ ହାତୀ

## ୧୦ ବର୍ଷରେ ୭୮୪ ମୃତ

**ଭୁବନେଶ୍ୱର,୫।୭(ବ୍ୟୁରୋ)**



ରାଜ୍ୟର ବିଭିନ୍ନ ଜଙ୍ଗଲରେ ଥିବା ହାତୀଙ୍କ ଜୀବନ ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ହାତୀ- ମଣିଷ ଲଢ଼େଇରେ ଏହି ବୃହତ୍ ପ୍ରାଣୀ ବଂଶ ବଳି ପଡ଼ିଯାଉଛନ୍ତି। ଯଦି ଏଭଳି ପରିସ୍ଥିତି ଲାଗି ରହିବ ତେବେ ଆଉ କିଛି ବର୍ଷ ମଧ୍ୟରେ ହାତୀବଂଶ ଲୋପ ପାଇଯିବ।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ୍ ମଙ୍ଗଳବାର ବିଧାନ ସଭାରେ ଦେଇଥିବା ସୂଚନା ଅନୁସାରେ ଗତ ୧୦ ବର୍ଷରେ ୭୮୪ ହାତୀଙ୍କର ଜୀବନ ଯାଇଛି। ବିଶେଷକରି ଗତ ୩ ବର୍ଷରେ ରାଜ୍ୟରେ ଥିବା ୩୫ଟି ବନଖଣ୍ଡରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୮୨ଟି ହାତୀଙ୍କର ଜୀବନ ଯାଇଥିବାବେଳେ ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ ହାତୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ୩୫ଟି ହାତୀଙ୍କ ଜୀବନ ଯାଇଥିବା ବେଳେ ଅନୁଗୋଳ ୧୨, ଆଠଗଡ଼ ୧୧, ବାଲେଶ୍ୱର ୧୦, କଳାହାଣ୍ଡି ୧୧, କେନ୍ଦୁଝର ୨୧, ଖୋର୍ଦ୍ଧା ୧୧ , ସାତକୋଶିଆ ୧୨ ଏବଂ ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ସର୍ବାଧିକ ୧୧ଟି ହାତୀଙ୍କ ମୃତ୍ୟୁ ହୋଇଛି। ଏହାଛଡ଼ା ରାଜ୍ୟର ଅନ୍ୟାନ୍ୟ ବନଖଣ୍ଡରେ ମଧ ହାତୀ ମୃତ୍ୟୁ ହେଉଛି। ମନ୍ତ୍ରୀ କହିଛନ୍ତି ଯେ ୨୦୧୭ ମସିହା ଗଣନା ଅନୁସାରେ ରାଜ୍ୟର ୫୦ ବନଖଣ୍ଡରେ ମୋଟ ୧୯୭୬ ହାତୀ ଅଛନ୍ତି।

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

**କଟକ ଅଫିସ୍, ୫।୭**

ରାଜ୍ୟରେ ହାତୀବଂଶ ରକ୍ଷା ଏବଂ ସୁରକ୍ଷା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ବନ୍ୟ ପ୍ରାଣୀ(ସୁରକ୍ଷା) ଆଇନ,୧୯୭୨ରେ ରାଜ୍ୟସ୍ତରରେ ସଂଶୋଧନ ଆଣିବା ପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସରକାର ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଆଇନ କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ଉଲ୍ଲେଖ କରିବେ। ଆଇନଜୀବୀ ଆଶିଷ କୁମାର ମିଶ୍ରଙ୍କ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାରେ ବନ୍ୟଜନ୍ତୁ(ସୁରକ୍ଷା) (ଆସାମ ଆମେଣ୍ଡମେଣ୍ଟ) ଆକ୍ଟ ୨୦୦୯ ଆଧାରରେ ଓଡ଼ିଶାରେ ବନ୍ୟ ଜନ୍ତୁ ଶିକାର ରୋକିବା ନେଇ ରାଜ୍ୟସ୍ତରରେ ସଂଶୋଧନ ଆଣିବାକୁ ନିବେଦନ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୫ରେ ହେବ।

ସରକାରୀ ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟରେ ୭୮୪ ହାତୀଙ୍କ ମୃତ୍ୟୁ ଘଟିଛି। ଏଗୁଡ଼ିକ ମଧ୍ୟରୁ ଶିକାରୀଙ୍କ ଦ୍ୱାରା ୩୪ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ବିଭିନ୍ନ ଦୁର୍ଘଟଣାରେ ୩୬ ହାତୀଙ୍କ ପ୍ରାଣ ଯାଇଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ କହିବାନୁସାରେ ୨୦୧୭ରେ କରାଯାଇଥିବା ହାତୀଗଣନା ଅନୁସାରେ ହାତୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ୨୦୧୭ ଜନଗଣନା ଅନୁସାରେ ହାତୀଙ୍କ ସଂଖ୍ୟା ୧୯୭୬ ରହିଥିଲା, ଯାହାକି ୨୦୦୨ରେ କରାଯାଇଥିବା ଗଣନାଠାରୁ ୧୩୫ ଅଧିକ।


ଆଜିର ସମ୍ପାଦକୀୟ: ଶିକ୍ଷାରେ ନୂତନତା


## ରୁଚିକା ପରେ ଆଶ୍ରିତା

ପୃଷ୍ଠା ୩

ଭୁବନେଶ୍ୱରରେ ଆଉ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା


SIKSHA 'O' ANUSANDHAN
SAAT-2022
Empowering students for a brighter future
APPROVAL & RECOGNITIONS
■ Approved by UGC & AICTE
■ Re-accredited by NAAC with A++ Grade
■ Accredited by NBA
■ Ranked in QS World Rankings 2022
Technical PG Programmes Offered
■ Master of Computer Applications (MCA)
■ M.Tech in Structural Engineering
■ M.Tech in Computer Science & Engineering
■ M.Tech in Power Systems & Power Electronics
■ M.Tech in Communication System Engineering
■ M.Tech in Heat Power & Thermal Engineering
MHRD India Rankings (NIRF) 2021
■ 20th Best in University Category
■ 32nd Best in Engineering Category
To apply for admission through SAAT, Please visit : www.soa.ac.in




ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି: କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଏବଂ ଓଡ଼ିଶାର ସମସ୍ତ କୋଶଳବାଡ଼ି ସଂଗଠନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

## ଖାଦ୍ୟ ସୁରକ୍ଷା

# ଓଡ଼ିଶା ନଂ.୧

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ଜାତୀୟ ସ୍ତରରେ ଓଡ଼ିଶାକୁ ମିଳିଛି ଆଉଏକ ସଫଳତା। ନ୍ୟାଶନାଲ ଫୁଡ୍ ସିକ୍ୟୁରିଟି ଆକ୍ଟ ବା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ୨୦୨୨ କାର୍ଯ୍ୟକାରିତାରେ ସାରା ଦେଶରେ ଓଡ଼ିଶା ଶୀର୍ଷରେ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ର୍ୟାଙ୍କିଙ୍ଗ୍ ତାଲିକାରେ ଇଣ୍ଡେକ୍ସ ସ୍କୋର୍ ୦.୮୩୬ ସହ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ଏହା ତଳକୁ ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟ ରହିଛି। ମଙ୍ଗଳବାର ନୂଆଦିଲ୍ଲୀରେ ଆୟୋଜିତ 'ଖାଦ୍ୟ ଓ ପୋଷଣ' ଶୀର୍ଷକ ସମ୍ମିଳନୀରେ କେନ୍ଦ୍ର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପୀୟୂଷ ଗୋୟଲ ଏହି ର୍ୟାଙ୍କିଙ୍ଗ୍ ଘୋଷଣା କରିଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଖୁସି ପ୍ରକାଶ କରି କହିଛନ୍ତି, ଓଡ଼ିଶାର ଏହି ସଫଳତା ପଛରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଏଥିସହିତ ସେ ☞ପୃଷ୍ଠା-୪

## 'ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କହିବା ଯାହା, ନିଜ ଗାଲରେ ଚାପୁଡ଼ା ମାରିବା ସେୟା'

**ଭୁବନେଶ୍ୱର,୫।୭(ବ୍ୟୁରୋ)**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍‌ଡିଭିଜନ ହସ୍ପିଟାଲକୁ ନେଇ ବିଜେଡି ସଭ୍ୟ ଭାଗୀରଥି ସେଠୀ ନିଜ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ହସ୍ପିଟାଲରେ ଡାକ୍ତର, ଫାର୍ମାସିଷ୍ଟ ଓ ଆବଶ୍ୟକ ମେଡିକାଲ ଉପକରଣ ନ ଥିବା ନେଇ ସେ ଗଭୀର କ୍ଷୋଭପ୍ରକାଶ କରିଛନ୍ତି। ବିଧାନସଭାରେ ସେ ସ୍ୱାସ୍ଥ୍ୟ ବିଭାଗର ବାସ୍ତବ ଚିତ୍ରକୁ ପଦାରେ ପକାଇଛନ୍ତି। ଭାଗୀରଥି କହିଛନ୍ତି, ଆନନ୍ଦପୁର ଉପଖଣ୍ଡ ମେଡିକାଲ ଅବସ୍ଥା ଅତ୍ୟନ୍ତ ଖରାପ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କି ଫାର୍ମାସିଷ୍ଟ ନାହାନ୍ତି। ପିଅନ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି। ଆବଶ୍ୟକ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ଦୀର୍ଘଦିନ ହେବ ପୂରଣ ହେଉ ନାହିଁ। ଏ ନେଇ ସରକାରୀ ଅଧିକାରୀଙ୍କୁ ଯେତେ କହିଲେ ସେମାନେ ଶୁଣୁନାହାନ୍ତି। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କହିବା ଯାହା, ନିଜ ଗାଲରେ ଚାପୁଡ଼ା ମାରିବା ସେୟା ବୋଲି ଭାଗୀରଥି କହିଛନ୍ତି। ତୁରନ୍ତ ଖାଲି ପଦବୀ ପୂରଣ କରିବା ସହ ହସ୍ପିଟାଲକୁ ଏକ ସୁପରସ୍ପେଶାଲିଟି ହସ୍ପିଟାଲରେ ପରିଣତ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

# ପ୍ଲାଷ୍ଟିକ୍‌କୁ ନଷ୍ଟ କରିପାରିବ ଅତିବାଇଗଣି ରଶ୍ମି

### ପଲିମର ଶୃଙ୍ଖଳରେ ମିଶାଯିବ ସୁଗାର ମଲିକ୍ୟୁଲ୍

**ଲଣ୍ଡନ, ୫।୭**

ପରିବେଶ ସୁରକ୍ଷା ପ୍ରତି ବଡ଼ ବିପଦ ହୋଇ ଉଭା ହୋଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାର ରୋକିବା ଏବଂ ଏହାର ବିକଳ୍ପ ଚିନ୍ତା କରାଯାଉଥିବାବେଳେ ବ୍ରିଟେନ ଗବେଷକ ଏ ଦିଗରେ ଏକ ରାସ୍ତା ଖୋଜିପାଇଛନ୍ତି। ଅତିବାଇଗଣି ରଶ୍ମି ବା ଅଲ୍ଟ୍ରା ଭାୟୋଲେଟ୍(ୟୁଭି) ଲାଇଟ୍ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟକୁ ନଷ୍ଟ କରିହେବ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ବାଥ୍ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ଅନୁସାରେ ପଲିମର୍‌ରେ ସୁଗାର ମଲିକ୍ୟୁଲ ଯୋଗ କରିବା ଦ୍ୱାରା ସେଥିରୁ ପ୍ରସ୍ତୁତ ପ୍ଲାଷ୍ଟିକ୍ ୟୁଭି ବିକିରଣରେ ନଷ୍ଟ ହୋଇପାରିବ। ଏ ନେଇ ଏକ ରିପୋର୍ଟ କେମିକାଲ କମ୍ୟୁନିକେଶନ ଜର୍ନାଲରେ ପ୍ରକାଶ ପାଇଛି।

ୟୁଭି ରେଡିଏଶନର ତରଙ୍ଗଦୈର୍ଘ୍ୟ ବା ୱେଭ୍‌ଲେନ୍‌ଥ ୧୦ ନାନୋମିଟରରୁ ୪୦୦ ନାନୋମିଟର ହୋଇଥାଏ, ଯାହା କି ଦୃଶ୍ୟମାନ ଆଲୋକଠାରୁ କମ୍। ହେଲେ ଏକ୍ସ-ରେ'ର ୱେଭ୍‌ଲେନ୍‌ଥଠାରୁ ଅଧିକ। ବାୟୋଡିଗ୍ରେଡେବୁଲ୍ ଲେବଲ ଥିବା ଅନେକ ପ୍ଲାଷ୍ଟିକ୍‌କୁ ଔଦ୍ୟୋଗିକ ଭାବେ ଶିଳ୍ପ ତଥା କଳକାରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ଦ୍ୱାରା ନଷ୍ଟ କରାଯାଇପାରିବ। ପ୍ଲାଷ୍ଟିକ୍ ବର୍ଜ୍ୟ ଚିନ୍ତା ବଢ଼ାଇଥିବାବେଳେ ପଲିଲାକ୍ଟିକ୍ ଏସିଡ୍ (ପିଏଲ୍ଏ)ର ବହୁଳ ବ୍ୟବହାର ଆଡ଼କୁ ଲୋକେ ଢଳିବାରେ ଲାଗିଛନ୍ତି। ପିଏଲ୍ଏ ପୁନଃ ବ୍ୟବହାରଯୋଗ୍ୟ ସହ ପଲିମରର ଏକ ସ୍ଥାୟୀ ବିକଳ୍ପ ହୋଇପାରିବ। ଚା' ବ୍ୟାଗ୍ ସମେତ ଥ୍ରିଡି ପ୍ରିଣ୍ଟିଂ ଏବଂ ପ୍ୟାକେଜିଂ ହେଉଥିବା ପ୍ଲାଷ୍ଟିକ୍‌ରେ ସାଧାରଣତଃ ପିଏଲ୍ଏ ବ୍ୟବହାର ହୋଇଥାଏ। ପିଏଲ୍ଏ ବାୟୋଡିଗ୍ରେଡେବୁଲ୍ ବୋଲି ଅନେକ ସମୟରେ ବିଜ୍ଞାପନ ଆକାରରେ ମଧ୍ୟ ଜଣାଯାଇଥାଏ। କିନ୍ତୁ ଏହାକୁ କେବଳ ଇଣ୍ଡଷ୍ଟ୍ରିଆଲ କମ୍ପୋଷ୍ଟିଂ ମାଧ୍ୟମରେ ଉଚ୍ଚ ତାପମାତ୍ରା ଓ ଆର୍ଦ୍ରତାରେ ନଷ୍ଟ କରାଯାଇପାରିବ, ☞ପୃଷ୍ଠା-୪


RSPL
ଜୁଲାଇ ସ୍କିମ୍ ଧମାକା
ଘଡ଼ୀ ଡିଟର୍ଜେଣ୍ଟ
କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ ମାନ୍ୟ
ସ୍କିମ୍ 2nd July, 2022 ରୁ ଲାଗୁ. ଅଧିକ ଜାଣିବା ପାଇଁ ସଂପର୍କ କରନ୍ତୁ 7459080808

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 4kg / 3kg / 1kg / 500g ର 1* ବସ୍ତା | ₹10/- (110g) ର 6 pcs. ମାଗଣା |
| ₹50/- (700g) ର 1* ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹10/- (110g) ର 1* ବସ୍ତା | ₹10/- (110g) ର 5 pcs.ମାଗଣ |
| ₹5/- (58g) ର 1* ବସ୍ତା | ₹5/- (58g) ର 5 pcs. ମାଗଣା |
| 4kg, 3kg, 1kg, 500g, କୁ ମିଳାଇକରି 25* ବସ୍ତା | ₹10/- (110g) ର 3 ବସ୍ତା (216 pcs. ମୂଲ୍ୟ ₹2160/-) ମାଗଣା ଉପରେ ଦିଆଯାଇଥିବା ମାଗଣା ପ୍ୟାକେଟ୍ ସ୍କିମ୍ ଏହା ଉପରେ ମାନ୍ୟ ନୁହେଁ |
| 3kg, 1kg, 500g, ₹50/- (700g), ₹10/- (110g) କୁ ମିଳାଇକରି 55* ବସ୍ତା | 1 VIP TROLLEY BAG FREE ମାଗଣା ପ୍ୟାକେଟ୍ ସ୍କିମ୍ ଉପରେ ମାନ୍ୟ ନୁହେଁ (TROLLY BAG) ର ସ୍କିମ ₹1, ₹5, 4kg ଭଳି ପ୍ୟାକ୍ ଉପରେ ମାନ୍ୟ ନୁହେଁ |

*As per Nielsen Retail Index data for Mat Dec. 2021. All India (Urban+Rural) market in Washing Powder Category.
Ghadi Powder: *1 ବସ୍ତା = 4kgx5 pkts., 3kgx10 pkts., 1kgx25 pkts., 500gx40 pkts., 58gx100 pkts., 110gx72 pkts.,
VIP SALSA S-TROLLEY 55 8 WHEELS MRP ₹8500/-
*Images use for display purpose only

ଘଡ଼ି ଡିଟର୍ଜେଣ୍ଟ କେକ୍ ଅଫର
ଘଡ଼ି ଡିଟର୍ଜେଣ୍ଟ କେକ୍‌ର 2 ନଗ° (ପେଟି)ର କ୍ରୟ ଉପରେ ପାଆନ୍ତୁ 1 ପୁରସ୍କାର ସ୍କ୍ରାଚ୍ କୁପନ ଏବଂ ଜିତନ୍ତୁ ₹30 ରୁ ₹100 ମୂଲ୍ୟ ପର୍ଯ୍ୟନ୍ତ ପୁରସ୍କାର
Ghadi Cake: @1 ପେଟି = 60gx100 pcs., 130gx56 pcs., 250gx40 pcs., 300gx48 pcs.,

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg / 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 3kg ର 1$ ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/- (70g) ର 1$ ବସ୍ତା | ₹10/- (70g) ର 3 pcs. ମାଗଣା |

Ghadi Machine Wash: $1 ବସ୍ତା = 1kgx12 pkts., 500gx24 pkts., 80g/75g/72g/70gx60 pkts., 3kgx5 pkts. + Plastic Container

| ସ୍ଲାବ୍ | ଗ୍ଲୋରି ମାଗଣା ପିସ୍ |
|---|---|
| 100g/45g ର 1# ପେଟି | 45g ର 5 pcs. ମାଗଣା |
| 200ml HW ର 12 pcs. | 200ml HW ର 1 pc. ମାଗଣା |
| 190ml/180ml HW ର 12 pcs. | 190ml/180ml HW ର 1 pc. ମାଗଣା |
| 65ml/60ml HW ର 12 pcs. | 65ml/60ml HW ର 1 pc. ମାଗଣା |
| 30ml/25ml HW ର 12 pcs. | 30ml/25ml HW ର 1 pc. ମାଗଣା |

Glori TOTAL CLEAN
Ghadi Soap: #1 ପେଟି = (100g x 4) x 12 pcs., (50g/45g x 4) x 15 pcs.
HW = Handwash
ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ
B. UMA SANKAR (BHUBANESWAR): 7873096108, PANCHANAN PRADHAN (SAMBALPUR): 9439649875
DHEERENDRA KUMAR (STATE HEAD): 9935279225
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800



ଇଟାଲୀର ରୋମ୍‌ସ୍ଥିତ ସେଣ୍ଟ ପିଟର ବାସିଲିକା ନିକଟ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପିନେଟୋ ପାର୍କ ଓ ମୋଣ୍ଟେ ସିଓସି ନେଚର ରିଜର୍ଭରେ ଲାଗିଥିବା ନିଆଁ ଆକାଶକୁ ଧୂଆଁମୟ କରିଦେଇଛି। ଅନେକ ଘର ଓ ସ୍ପୋର୍ଟ୍ସ ସେଣ୍ଟରକୁ ଖାଲି କରି ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଛି। ନିଆଁ ଲିଭାଇବା ପାଇଁ ଆକାଶମାର୍ଗରୁ ଫାୟାରଫାଇଟିଂ ହେଲିକପ୍ଟର ପାଣି ବର୍ଷା କରୁଛି। ଏହି ଭୟାବହ ଅଗ୍ନିକାଣ୍ଡ ପଛରେ କାହାର ହାତ ଅଛି ତାହା ସ୍ପଷ୍ଟ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏହା ପୂର୍ବରୁ ମାସିମିନା ଜିଲାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା।

# ଲୀନାଙ୍କ ନାଁରେ ମାମଲା


ଲୀନା ମାନିମେକଲାଇ

ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ଲୀନା ମାନିମେକଲାଇଙ୍କ ଫିଲ୍ମ 'କାଳୀ'ର ଏକ ପୋଷ୍ଟରକୁ ନେଇ ବିବାଦ ତେଜିବାରେ ଲାଗିଛି। ପୋଷ୍ଟରରେ ହିନ୍ଦୁ ଦେବୀ କାଳୀଙ୍କ ବେଶରେ ଜଣେ ମହିଳା ସିଗାରେଟ୍ ଟାଣୁଥିବାର ଦୃଶ୍ୟ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗରେ ଲୀନାଙ୍କ ନାମରେ ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ମାମଲା ରୁଜୁ ହୋଇଛି। ସୋସିଆଲ ମିଡିଆରେ ଲୀନାଙ୍କୁ ଗିରଫ କରିବାକୁ ଅନେକ ପୋଷ୍ଟ ଟ୍ରେଣ୍ଡ କରୁଛି।

ଦିଲ୍ଲୀର ଜଣେ ଆଇନଜୀବୀ ବିନୀତ ଜିନ୍ଦଲ ଲୀନାଙ୍କ ଏହି ବିବାଦୀୟ ପୋଷ୍ଟରକୁ ନେଇ ଏତଲା ଦେଇଥିଲେ। ହିନ୍ଦୁଙ୍କ ଧର୍ମୀୟ ଭାବାବେଗକୁ ତାହା ଆଘାତ ପହଞ୍ଚାଉଥିବା କହି କାନାଡାର ଟରଣ୍ଟୋସ୍ଥିତ ଆଗା ଖାନ୍ ମ୍ୟୁଜିୟମରେ ଏହି ଡକ୍ୟୁମେଣ୍ଟାରିର ଫଟୋ, ଭିଡିଓ କ୍ଲିପ୍ ପ୍ରଦର୍ଶନ ଉପରେ ରୋକ୍ ଲଗାଇବାକୁ ଜିନ୍ଦଲ ଦାବି କରିଛନ୍ତି। ଉତ୍ତରପ୍ରଦେଶ ପୋଲିସ ମଧ୍ୟ ଲୀନାଙ୍କ ବିରୋଧରେ ମାମଲା ରୁଜୁ କରିଛି। ମଙ୍ଗଳବାର ହାଜରତଗଞ୍ଜ ଥାନାରେ ଏହି ୩୯ ବର୍ଷୀୟା ନିର୍ଦ୍ଦେଶିକାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ଗୋ ମହାସଭା ସଦସ୍ୟ ଅଜୟ ଗୌତମ ମଧ୍ୟ ଲୀନାଙ୍କ ବିରୋଧରେ ଏତଲା ଦେଇଛନ୍ତି। 'କାଳୀ' ଡକ୍ୟୁମେଣ୍ଟାରୀ ପୋଷ୍ଟରରେ ତାମିଲନାଡୁ ମଦୁରାଇର ଫିଲ୍ମ ନିର୍ମାତା ଲୀନା ଜଣେ ମହିଳା କାଳୀଙ୍କ ବେଶରେ ସିଗାରେଟ୍ ଟାଣୁଥିବାର ପୋଷ୍ଟର ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାର ବ୍ୟାକ୍‌ଗ୍ରାଉଣ୍ଡରେ ଏଲ୍‌ଜିବିଟି ସମ୍ପ୍ରଦାୟର ପତାକା ରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୋସିଆଲ ମିଡିଆ ୟୁଜର୍ସ ନକାରାତ୍ମକ କମେଣ୍ଟ ଦେଉଛନ୍ତି।

## ସଂକ୍ଷେପରେ

### ବାସ୍ତୁବିତ୍ ଚନ୍ଦ୍ରଶେଖରଙ୍କୁ ହତ୍ୟା



**ବେଙ୍ଗାଲୁରୁ,୫।୭:** ବାସ୍ତୁବିତ୍ ଚନ୍ଦ୍ରଶେଖର ଗୁରୁଜୀଙ୍କୁ ମଙ୍ଗଳବାର କର୍ଣ୍ଣାଟକର ହୁବଲି ଜିଲାସ୍ଥିତ ଏକ ହୋଟେଲରେ ହତ୍ୟା କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଘଟଣାରେ ସମ୍ପୃକ୍ତ ଦୁଇ ଯୁବକ ମାଲତେଶ ଏବଂ ମଞ୍ଜୁନାଥଙ୍କୁ ପୋଲିସ ଗିରଫ କରିଛି। ବ୍ୟବସାୟ ସମ୍ବନ୍ଧରେ ଜନୈକ ବ୍ୟକ୍ତିଙ୍କୁ ଭେଟିବା ପାଇଁ ଗୁରୁଜୀ ପ୍ରେସିଡେଣ୍ଟ ହୋଟେଲ୍‌କୁ ଆସିଥିବା ପୋଲିସ କହିଛି। ହୋଟେଲ ସିସିଟିଭି ଫୁଟେଜ୍ ଅନୁସାରେ ଗୁରୁଜୀ ହୋଟେଲ ଲବୀରେ ଛିଡ଼ା ହୋଇଥିବାବେଳେ ସମ୍ପୃକ୍ତ ଦୁଇ ଯୁବକ ତାଙ୍କ ନିକଟକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଚନ୍ଦ୍ରଶେଖରଙ୍କୁ ନମସ୍କାର କରିଥିବାବେଳେ ଅନ୍ୟଜଣେ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ହତ୍ୟାକାଣ୍ଡ ଭିଆଇ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଆହତ ଚନ୍ଦ୍ରଶେଖରଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଧାର ତଥ୍ୟ ଲିକ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ:ଇସି

**ନୂଆଦିଲ୍ଲୀ,୫।୭:** ଭୋଟର ତାଲିକାରେ ଜାଲିଆତି ରୋକିବା ପାଇଁ ଏହାକୁ ଆଧାର ସହ ସଂଯୋଗ କରିବା ଲାଗି ଭାରତର ନିର୍ବାଚନ କମିଶନ (ଇସିଆଇ) ନିୟମ ପ୍ରଣୟନ କରିବା ପରେ ଏବେ ଏହି କ୍ଷେତ୍ରରେ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। କୌଣସି ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଧିକାରୀ ମତଦାତାଙ୍କ ଦ୍ୱାରା ପ୍ରଦତ୍ତ ଆଧାର ତଥ୍ୟ ପ୍ରଘଟ କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନ ଆୟୋଗ ଚେତାବନୀ ଦେଇଛନ୍ତି। ଏଥିସହ ଫର୍ମ-୬ବି'ରେ ଆଧାର ତଥ୍ୟ ଦାଖଲ କରିବା ମତଦାତାଙ୍କ ଇଚ୍ଛାଧୀନ ବୋଲି ମଧ୍ୟ ଇସିଆଇ ସ୍ପଷ୍ଟ କରିଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଇସି ଲେଖିଥିବା ପତ୍ରରେ ଏହା ଉଲ୍ଲେଖ କରିଛନ୍ତି।

### ପାକ୍‌ରେ ସ୍ପାଇସ୍‌ଜେଟ୍‌ର ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୫।୭:** ଦିଲ୍ଲୀରୁ ଦୁବାଇ ଅଭିମୁଖେ ଯାଉଥିବା ସ୍ପାଇସ୍‌ଜେଟ୍ ବିମାନ ବୋଇଂ ୭୩୭ ମାକ୍ସ ମଙ୍ଗଳବାର ଯାନ୍ତ୍ରିକ ତ୍ରୁଟି ଯୋଗୁ ପାକିସ୍ତାନର କରାଚୀରେ ଜରୁରୀ ଅବତରଣ କରିଛି। ଇନ୍ଧନ ଇଣ୍ଡିକେଟର କାମ ନ କରିବାରୁ ପାଇଲଟ୍ ତାହାକୁ ଲ୍ୟାଣ୍ଡିଂ କରାଇଥିବା ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ପକ୍ଷରୁ କୁହାଯାଇଛି। ଗତ ୧୭ ଦିନରେ ସ୍ପାଇସ୍‌ଜେଟ୍‌ରେ ଏଭଳି ଯାନ୍ତ୍ରିକ ତ୍ରୁଟି ଦେଖାଯିବାରେ ଏହା ୬ ନମ୍ବର ଘଟଣା। ଡିଜିସିଏ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି। ବିମାନରେ ପ୍ରାୟ ଶହେ ଯାତ୍ରୀ ଥିଲେ। ଆଉ ଏକ ବିମାନ ଯୋଗେ ସେମାନଙ୍କୁ ଦୁବାଇ ନେବା ନିମନ୍ତେ ବ୍ୟବସ୍ଥା ହୋଇଥିଲା।




# ନିର୍ଭୀକ ସ୍ୱର ହେବାକୁ ଚାହେଁ

## ତେଜିଲା 'କାଳୀ' ବିବାଦ

ନୂଆଦିଲ୍ଲୀ, ୫।୭

ସୋସିଆଲ ମିଡିଆରେ ଟ୍ରୋଲ ଏବଂ ବିଭିନ୍ନ ଥାନାରେ ମାମଲା ରୁଜୁ ସତ୍ତ୍ୱେ ଫିଲ୍ମ ନିର୍ଦ୍ଦେଶିକା ଲୀନା ମାନିମେକଲାଇ ସବୁପ୍ରକାର ଫଳାଫଳକୁ ସାମ୍ନାକୁ କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। କାହାକୁ ଭୟ ନ କରି ସେ ନିର୍ଭୀକର ଏକ ସ୍ୱର ହେବାକୁ ଚାହାଁନ୍ତି ବୋଲି କହିଛନ୍ତି। 'ଜଣେ କବୟିତ୍ରୀ ଏବଂ ଫିଲ୍ମ ନିର୍ମାତା ଭାବେ ସ୍ୱାଧୀନ ଦର୍ଶନରେ କାଳୀଙ୍କୁ ପରିପ୍ରକାଶ କରିଛି। ମୋ ପାଖରେ ହରାଇବାକୁ କିଛି ନାହିଁ। ଏହି ସାହସ ମୋ ଜୀବନ ନେଇପାରେ। ଏହା ମଧ୍ୟ ଦେବାକୁ ପ୍ରସ୍ତୁତ' ବୋଲି ସେ ଟୁଇଟ୍ କରିଛନ୍ତି। ଏଥିସହ ତାଙ୍କ ସମର୍ଥକମାନେ 'ଲଭ୍ ୟୁ ଲୀନା ମାନିମେକଲାଇ' ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ତାମିଲନାଡୁର ବିରୁଧୁନଗରରେ ଜନ୍ମିତ ଲୀନା ପିଲାବେଳୁ ଫିଲ୍ମ ସହ ଜଡ଼ିତ ଥିଲେ। କଳାରେ ଶିକ୍ଷା ଲାଭ କରିବାକୁ ଇଚ୍ଛା ଥିଲେ ହେଁ ତାଙ୍କୁ ଇଞ୍ଜିନିୟରିଂ ପାଠ ପଢ଼ିବାକୁ ବାଧ୍ୟ କରାଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ୧୮ ବର୍ଷ ବୟସରେ ସେ ବିବାହ କରିଥିଲେ। ଆନ୍ତଧର୍ମ ଏବଂ ଜାତିରେ ବିବାହ କରିଥିବା ଲୀନା ପରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ଘର ଛାଡ଼ିଥିଲେ। ସେ ନିଜକୁ ଜଣେ ତୃତୀୟଲିଙ୍ଗୀ (ବାଇସେକ୍ସୁଆଲ) ଭାବେ ଆବିଷ୍କାର କରିଥିଲେ। ୨୦୧୭ରେ ସେ ଏକ ଫେସ୍‌ବୁକ୍ ପୋଷ୍ଟ କରି ଫିଲ୍ମ ନିର୍ମାତା ସୁସି ଗାନେସାନ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତାଙ୍କ ଡେବ୍ୟୁ ଫିଚର ଫିଲ୍ମ ସେନଗାଦଲ ସିବିଏଫ୍‌ସି ଦ୍ୱାରା କ୍ଲିୟରାନ୍ସ ପାଇ ନ ଥିଲା। ଏଥିରେ ଅଶ୍ଳୀଳତା ଏବଂ ଆପତ୍ତିଜନକ ଦୃଶ୍ୟ ରହିବା ସହ ଭାରତ-ଶ୍ରୀଲଙ୍କା ସମ୍ପର୍କ ଖରାପ ହେବା ଭଳି କାହାଣୀ ତଥା ସିନ୍ ରହିଥିବା କୁହାଯାଇଥିଲା। ପରେ ଆଉ ଏକ ଫିଚର ଫିଲ୍ମ 'ମାଦାଥି, ଆନ୍ ଅନ୍‌ଫେୟାରୀ ଟେଲ୍' ମଧ୍ୟ ବିରୋଧର ସମ୍ମୁଖୀନ ହୋଇଥିଲା। ଜଣେ ମହିଳା କିପରି ଲିଙ୍ଗ ଓ ଜାତିକୁ ନେଇ ନିର୍ଯାତନାର ଶିକାର ହୋଇଛନ୍ତି ଏବଂ ପରେ ସେ କେମିତି ଅନ୍ୟମାନଙ୍କ ପାଇଁ ଦେବୀ ପାଲଟିଛନ୍ତି ତାହା ଉପରେ ଏହି ଫିଲ୍ମ ଗତିଶୀଳ ହୋଇଥିଲା। ନିକଟରେ କାନାଡା ଫେଷ୍ଟିଭାଲରେ ସ୍କ୍ରିନିଂ ହୋଇଥିବା 'କାଳୀ'କୁ ନେଇ ମଧ୍ୟ ତାଙ୍କୁ ବିରୋଧର ସାମ୍ନା କରିବାକୁ ପଡ଼ିଛି। ଧର୍ମୀୟ ଭାବନାକୁ ଆଘାତ ଦେବା ଅଭିଯୋଗରେ ନିକଟରେ ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ୍ ୱେବସାଇଟ୍ ସହପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କୁ ମୁକୁଳାଇବା ପାଇଁ ସେ ଅଭିଯାନ ଚଳାଇ ବିବାଦକୁ ଆସିଥିଲେ।


ବିବାଦୀୟ ଫିଲ୍ମ ପୋଷ୍ଟର

### କାନାଡାକୁ ଫଟୋ ହଟାଇବାକୁ କହିଲା ଭାରତ

ଇତିମଧ୍ୟରେ 'କାଳୀ' ପୋଷ୍ଟରକୁ ଆଗା ଖାନ୍ ମ୍ୟୁଜିୟମ୍‌ରୁ ହଟାଇବା ପାଇଁ କାନାଡାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଟାୱା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। କାନାଡାରେ ଥିବା ହିନ୍ଦୁ ସମୁଦାୟଙ୍କ ପକ୍ଷରୁ ଅଭିଯୋଗ ଆସିଛି। ହିନ୍ଦୁ ଦେବୀଙ୍କ ପ୍ରତି ଅପମାନଜନକ ଫଟୋ ପ୍ରଦର୍ଶନ ରୋକିବା ପାଇଁ ଆୟୋଜକଙ୍କୁ ମଧ୍ୟ କନ୍‌ସୁଲେଟ୍ ଜେନେରାଲଙ୍କ ପକ୍ଷରୁ କୁହାଯାଇଥିବା ଭାରତୀୟ ଦୂତାବାସ ଏକ ବିବୃତିରେ କହିଛି।

# କାଳୀ ମୋ ପାଇଁ ମାଂସଖିଆ ଦେବୀ: ମହୁଆ ମୋଇତ୍ରା



ଫିଲ୍ମ 'କାଳୀ' ପୋଷ୍ଟରକୁ ନେଇ ଚାଲିଥିବା ବିବାଦ ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରା ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, 'କାଳୀ ମୋ ପାଇଁ ମାଂସଖିଆ, ମଦ ଗ୍ରହଣ କରୁଥିବା ଦେବୀ। ଜଣେ କିପରି ନିଜ ଦେବୀଙ୍କୁ ନିଜ ଇଚ୍ଛାରେ ସ୍ୱାଧୀନ ଭାବେ କଳ୍ପନା କରିପାରିବେ। ସିକିମ ଭଳି ଅନେକ ସ୍ଥାନ ରହିଛି ଯେଉଁଠି ଦେବଦେବୀଙ୍କ ପାଖରେ ମଦ ମଧ୍ୟ ଅର୍ପଣ କରାଯାଏ। ଯଦି ଉତ୍ତରପ୍ରଦେଶରେ କେହି ମଦ ଭୋଗ ଲଗାଏ ତେବେ ତାହାକୁ ଧର୍ମନିନ୍ଦା ବୋଲି ଧରାଯିବ' ବୋଲି ଏକ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ମହୁଆ କହିଛନ୍ତି।

# 'ନୂପୁରଙ୍କ ମୁଣ୍ଡ କାଟିଲେ ଘର ଉପହାର'

## ଅଜମେର ଦର୍‌ଘା ଖାଦିମ୍‌ଙ୍କ ନାଁରେ ଏଫ୍‌ଆଇଆର୍

ଜୟପୁର,୫।୭

ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ମୁଣ୍ଡ କାଟିଲେ ନିଜ ଘର ଦାନ କରିଦେବେ ବୋଲି ଘୋଷଣା କରି ଅଜମେର ଦର୍‌ଘାର 'ଖାଦିମ' ସଲମାନ ଚିସ୍ତି ଅଡୁଆରେ ଫସିଛନ୍ତି। ଚିସ୍ତି ଙ୍କ ବିରୋଧରେ ରାଜସ୍ଥାନ ପୋଲିସ ସୋମବାର ରାତିରେ ମାମଲା ରୁଜୁ କରିଛି। ରାଜସ୍ଥାନ ଅଜମେର ଦରଘାର ସଲମାନ ଚିସ୍ତି ଏକ ଭିଡିଓ ଜାରି କରି କହିଛନ୍ତି, ଯିଏ ନୂପୁରଙ୍କ ମୁଣ୍ଡ କାଟି ଆଣିଦେବେ, ତାଙ୍କୁ ସେ ନିଜ ଘର ଦାନ କରିଦେବେ। ମହମ୍ମଦଙ୍କୁ ଅପମାନିତ କରିଥିବାରୁ ସେ ନୂପୁରଙ୍କୁ ଗୁଳି କରିବେ ବୋଲି ହୁଜୁର ଖ୍ୱାଜା ବାବାଙ୍କ ଦରବାରରୁ ସନ୍ଦେଶ ଦେଇଛନ୍ତି। ଦରଘା ଷ୍ଟେଶନ ହାଉସ୍ ଅଫିସର ଦଲବୀର ସିଂ ଫଉଜଦାର କହିଛନ୍ତି, ଖାଦିମଙ୍କ ଆପରାଧିକ ପୃଷ୍ଠଭୂମି ରହିଛି। ତାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ଖାଦିମଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ନ୍ୟାୟ ବ୍ୟବସ୍ଥାରେ ଅଲିଭା ଦାଗ

## ■ନୂପୁରଙ୍କ ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀର ପୁନର୍ବିଚାର ଦାବିକଲେ ପୂର୍ବତନ ବିଚାରପତି

**ନୂଆଦିଲ୍ଲୀ, ୫।୭:** ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଯୋଗୁ ଦେଶରେ ହିଂସାତ୍ମକ ବିକ୍ଷୋଭ ଏବଂ ଉଦୟପୁର ଦରଜି କହ୍ନେୟାଲାଲ ହତ୍ୟାକାଣ୍ଡ ଆଦି ପାଇଁ ସୁପ୍ରିମକୋର୍ଟ ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ଏକାକୀ ଦାୟୀ କରିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜେ. ବି. ପରଦିୱାଲାଙ୍କ ଏହି ଟିପ୍ପଣୀକୁ କେତେଜଣ ପୂର୍ବତନ ବିଚାରପତି ଏବଂ ପ୍ରଶାସନିକ ଅଧିକାରୀ ସମାଲୋଚନା କରିଛନ୍ତି। ନୂପୁର ଲକ୍ଷ୍ମଣ ରେଖା ଡେଇଁଥିବା ଭଳି ଟିପ୍ପଣୀ ଦେଇ ସୁପ୍ରିମକୋର୍ଟ ବିଶ୍ୱର ସବୁଠୁ ବଡ଼ ନ୍ୟାୟ ବ୍ୟବସ୍ଥାରେ ଅଲିଭା ଦାଗ ଲଗାଇଛନ୍ତି ବୋଲି ଏହି ବିଚାରପତି ଗୋଷ୍ଠୀ କହିଛନ୍ତି। ଏହି ଗ୍ରୁପ୍‌ରେ ୧୫ ଜଣ ହାଇକୋର୍ଟର ପୂର୍ବତନ ବିଚାରପତି, ୭୭ ଜଣ ପୂର୍ବତନ-ଅଲ୍ ଇଣ୍ଡିଆ ସର୍ଭିସ୍ ଅଧିକାରୀ, ୨୫ ଜଣ ବରିଷ୍ଠ ଅଧିକାରୀ ରହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ମନ୍ତବ୍ୟ ଭାରତ ସମେତ ଦେଶ ବାହାରେ ଥିବା ଲୋକଙ୍କୁ ମଧ୍ୟ ବିସ୍ମିତ କରିଛି ବୋଲି ଉକ୍ତ ଗୋଷ୍ଠୀ ମତବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଲେଖାଯାଇଥିବା ଖୋଲା ଚିଠିରେ ୧୧୭ ଜଣଙ୍କ ସ୍ୱାକ୍ଷର ରହିଛି। ସୁପ୍ରିମକୋର୍ଟ ନୂପୁରଙ୍କ ବିରୋଧରେ କରିଥିବା ଟିପ୍ପଣୀ ଓ ଅନୁଧ୍ୟାନ ଉପରେ ପୁନର୍ବିଚାର କରିବାକୁ ଏହି ଗୋଷ୍ଠୀ ଦାବି କରିଛି।



# ବାଣିଜ୍ୟିକ ବିବାଦ ତୁଟାଇବ ମଧ୍ୟସ୍ଥତା: ସିଜେଆଇ

ନୂଆଦିଲ୍ଲୀ,୫।୭

ବାଣିଜ୍ୟିକ ବିବାଦ ତୁଟାଇବା ଲାଗି ମଧ୍ୟସ୍ଥତା ପ୍ରମୁଖ ପନ୍ଥା ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ଲଣ୍ଡନରେ ଅନୁଷ୍ଠିତ ଭାରତ-ବ୍ରିଟେନ୍ ବାଣିଜ୍ୟିକ ବିବାଦରେ ମଧ୍ୟସ୍ଥତା ସମ୍ପର୍କିତ ଏକ କନ୍‌ଫରେନ୍ସରେ ଭାଗନେଇ ମଙ୍ଗଳବାର ସିଜେଆଇ ରମନା ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ବାଣିଜ୍ୟିକ ଅଦାଲତ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି। ବାଣିଜ୍ୟିକ ବିବାଦର ସମାଧାନ ପାଇଁ ନ୍ୟାୟାଳୟ ମଧ୍ୟସ୍ଥତା କରିବା ସହ କୋର୍ଟର ଏହି ହସ୍ତକ୍ଷେପର ତଦାରଖ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ଦିଗରେ ସହାୟତା ଏବଂ ହସ୍ତକ୍ଷେପ ନେଇ କୋର୍ଟ ଏକ ସୀମାରେଖା ଭିତରେ ରହିବା ଦରକାର।

ବର୍ତ୍ତମାନ ସମୟରେ ଭାରାତୀୟମାନଙ୍କ ପାଇଁ ନ୍ୟାୟାଳୟ ମଧ୍ୟସ୍ଥତାର ଏକ ଉତ୍ତମ ମାଧ୍ୟମ ପାଲଟିଛି। ଦୃଢ଼ ମଧ୍ୟସ୍ଥତା ଦ୍ୱାରା ଦେଶ ନିବେଶକମାନଙ୍କ ବିଶ୍ୱାସଭାଜନ ହୋଇପାରିବ। ବର୍ତ୍ତମାନ ସମୟରେ ଭାରତର ଅର୍ଥନୀତି ବିକାଶ ଦିଗରେ ଅଗ୍ରସର। ନିବେଶକଙ୍କ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତକୁ ବ୍ୟବସାୟ, ନିବେଶ, ଏବଂ ବୈଦେଶିକ ସମ୍ପର୍କ ସ୍ଥାପନ ଦିଗରେ ଅଧିକ କାର୍ଯ୍ୟ କରିବାକୁ ପଡ଼ିବ। ଭାରତ ଓ ବ୍ରିଟେନର ନ୍ୟାୟିକ ବ୍ୟବସ୍ଥା ନିୟମ ଓ ଆଇନକୁ ସମାନ୍ତରାଳ ଭାବେ ବହନ କରୁଥିବା ସିଜେଆଇ ରମନା କହିଛନ୍ତି।

# କେନ୍ଦ୍ରକୁ ଟୁଇଟରର ଚ୍ୟାଲେଞ୍ଜ

## ■ଆଇଟି ମନ୍ତ୍ରଣାଳୟ ନିର୍ଦ୍ଦେଶକୁ ବିରୋଧ

## ■ହାଇକୋର୍ଟ ଗଲା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ

ନୂଆଦିଲ୍ଲୀ,୫।୭

ଟୁଇଟରରୁ କଣ୍ଟେଣ୍ଟ ହଟାଇବା ପାଇଁ ଗତବର୍ଷ କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶକୁ ଏହି ସୋସିଆଲ ମିଡିଆ କମ୍ପାନୀ ମଙ୍ଗଳବାର କର୍ଣ୍ଣାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ୨୦୨୧ରେ କେନ୍ଦ୍ର ଟୁଇଟର, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରୁ କେତେକ କଣ୍ଟେଣ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହିଁରୁ କେତେକ ପୋଷ୍ଟ କରୋନା ଭାଇରସ୍ ସଂକ୍ରମଣର ମୁକାବିଲାରେ ବିଫଳତା, କେନ୍ଦ୍ରର ୩ କୃଷି ଆଇନ ଉଚ୍ଛେଦ ଦାବିରେ ଚାଷୀ ଆନ୍ଦୋଳନ ଏବଂ ଖଲିସ୍ତାନ ପ୍ରତିଷ୍ଠା ସମ୍ପର୍କରେ ରହିଥିଲା। ଯେଉଁ ଲୋକଙ୍କ ଆକାଉଣ୍ଟଗୁଡ଼ିକରେ ପ୍ରକାଶିତ ପୋଷ୍ଟକୁ ହଟାଇଦେବା ପାଇଁ କୁହାଯାଇଥିଲା, ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ମୁଖପାତ୍ର ପବନ ଖେରା ଅନ୍ତର୍ଭୁକ୍ତ।

ସରକାରଙ୍କ ପକ୍ଷରୁ ଗତବର୍ଷ ଜାନୁୟାରୀ ଓ ଏପ୍ରିଲରେ ନୋଟିସ୍ ଜାରି କରାଯାଇଥିଲା। ସମ୍ପୃକ୍ତ ଟୁଇଟ୍‌ଗୁଡ଼ିକୁ ହଟା ନ ଗଲେ ଏହି ଆମେରିକୀୟ ସୋସିଆଲ ମିଡିଆ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେତେବେଳେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏପରି କି ଆଦେଶ ଉଲ୍ଲଂଘନ ବା ଅବଜ୍ଞା କଲେ କମ୍ପାନୀର ଚିଫ୍ କମ୍ପ୍ଲିଆନ୍ ଅଥରିଟି (ମୁଖ୍ୟ ଅନୁପାଳନ ଅଧିକାରୀ)ଙ୍କ ବିରୋଧରେ ମଧ୍ୟ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର କହିଥିଲା। ଟୁଇଟର ସେହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କର୍ଣ୍ଣାଟକ ହାଇକୋର୍ଟରେ ପିଟିଶନ ଦାଖଲ କରିଛି। କଣ୍ଟେଣ୍ଟ ବ୍ଲକ୍ କରିବା ନେଇ ନିର୍ଦ୍ଦେଶନାମା ଆଇଟି ଆଇନର ଧାରା ୬୯ଏଠାରୁ ଭିନ୍ନ ବୋଲି ଟୁଇଟର ଏଥିରେ ଦର୍ଶାଇଛି।

ଇଲ୍ଲେଖଯୋଗ୍ୟ, ଆଇଟି ଆକ୍ଟର ଧାରା ୬୯ଏ ଅନୁଯାୟୀ ଯଦି କୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବା ଆକାଉଣ୍ଟରେ ସାମାଜିକ ବ୍ୟବସ୍ଥାକୁ ବିଗାଡ଼ିବା ଭଳି କିମ୍ବା ଭାରତର ସାର୍ବଭୌମତ୍ୱ ତଥା ଅଖଣ୍ଡତା ପ୍ରତି ବିପଦ ସୃଷ୍ଟିକାରୀ ପୋଷ୍ଟ କରାଯାଇଥିବ, ତେବେ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ। କେନ୍ଦ୍ର ସମେତ କେତେକ ରାଜ୍ୟ ସରକାରଙ୍କ ମଧ୍ୟ ଟୁଇଟର ସହ ମତଭେଦ ଦେଖିବାକୁ ମିଳିଛି।

ଉତ୍ତର ପ୍ରଦେଶରେ ଗତବର୍ଷ ଏକ ଭିଡିଓ ବହୁଳ ପ୍ରସାରିତ ହୋଇଥିଲା। ମୁସଲମାନ ସମ୍ପ୍ରଦାୟର ଜଣେ ବରିଷ୍ଠ ନାଗରିକଙ୍କୁ ଦାଢ଼ି କାଟିବା ଏବଂ ବନ୍ଦେ ମାତରମ୍ ଓ ଜୟ ଶ୍ରୀରାମ କହିବାକୁ ବାଧ୍ୟ କରାଯାଇଥିବା ଦୃଶ୍ୟ ଏଥିରେ ଦେଖିବାକୁ ମିଳିଥିଲା। ଯାଞ୍ଚ ପରେ ଉକ୍ତ ଭିଡିଓ ଫେକ୍ ବୋଲି ଜଣାପଡ଼ିଥିଲା। ସମ୍ପୃକ୍ତ ବ୍ୟକ୍ତି ମଧ୍ୟ ନିଜ ଅଭିଯୋଗରୁ ଓହରିଯାଇଥିଲେ। ଏହା ପରେ ୟୁପି ପୋଲିସ ପକ୍ଷରୁ ଟୁଇଟର ଇଣ୍ଡିଆ ମୁଖ୍ୟ ମନୀଷ ମାହେଶ୍ୱରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତାଙ୍କୁ ଅପରାଧ ଦଣ୍ଡ ସଂହିତା (ସିଆର୍‌ପିସି) ଧାରା ୪୧ଏ ଅନୁସାରେ ନୋଟିସ୍ ଜାରି କରାଯାଇଥିଲା। ସେତେବେଳେ ମାହେଶ୍ୱରୀ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅନ୍ତରୀଣ ଜାମିନ ଆବେଦନ କରି ତାହା ପାଇଥିଲେ। ଏହା ପରେ ୟୁପି ସରକାର ତାଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ, ଯାହାକି ଅଦ୍ୟାବଧି ବିଚାରାଧୀନ ରହିଛି। ଟୁଇଟରର ସଦ୍ୟ ଆଇନଗତ ପଦକ୍ଷେପ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୫୪,୧୬,୨୨୩ | ୬୩,୬୨,୭୪୬ | ୫୩,୦୧,୩୪,୧୭୭ |
| ଭାରତ | ୪,୩୫,୩୨,୭୮୮ | ୫,୨୫,୨୪୨ | ୪,୨୮,୯୧,୯୩୩ |
| ଓଡ଼ିଶା | ୧୨,୯୧,୧୧୭ | ୯୧୨୬(+୫୩) | ୧୨,୮୦,୩୮୨ |

ମଙ୍ଗଳବାର ରାତି ୯ଟା ୩୦ ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଭୁବନେଶ୍ୱରରେ ଆଉ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୫ା୭ (ବ୍ୟୁରୋ)**

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟାକୁ ନେଇ ବିଧାନସଭା ପର୍ଯ୍ୟନ୍ତ ତୁମ୍ବିତୋଫାନ ଚାଲିଛି। ଏଭଳି ସମୟରେ ରାଜଧାନୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ଜଣେ ଏମ୍‌ସିଏ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ଆଚାର୍ଯ୍ୟ ବିହାରସ୍ଥିତ ଏକ ଭଡ଼ାଘରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତା ଛାତ୍ରୀ ଜଣକ ହେଲେ ଭଦ୍ରକ ଜିଲା ତିହିଡି ଅଞ୍ଚଳର ଆଶ୍ରିତା ସେନାପତି (୨୨)। ସେ ଭୁବନେଶ୍ୱରରେ ରହି ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିଲେ। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି। ଏଥିସହ ମୃତାଙ୍କ ନିକଟରୁ ଏକ ନୋଟ ମିଳିଥିବା ପୋଲିସ କହିଛି। ଆତ୍ମହତ୍ୟାର କାରଣ ଜାଣିବା ଲାଗି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଆଶ୍ରିତାଙ୍କ ଆଖିକୁ ତାଙ୍କ ବାପା ବିଜୟ ସେନାପତି ଦାନ କରିଛନ୍ତି । ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି।


ଆଶ୍ରିତା ସେନାପତି

ସୂଚନାନୁଯାୟୀ, ଗତ ୫ ମାସ ହେବ ଆଶ୍ରିତା ଆଚାର୍ଯ୍ୟବିହାରସ୍ଥିତ ବ୍ରଜେନ୍ଦ୍ର ମିଶ୍ରଙ୍କ ଘରେ ଭଡ଼ାରେ ରହି ପାଠ ପଢୁଥିଲେ। ଝିଅ ଏକାକୀ ରହୁଥିବାରୁ ପ୍ରାୟ ସମୟରେ ବାପା ଦେଖା କରିବାକୁ ଆସନ୍ତି। ସୋମବାର ବିଜୟ ଝିଅ ଆଶ୍ରିତାଙ୍କୁ ବାରମ୍ବାର ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ତେଣୁ ବିଜୟଙ୍କ ସନ୍ଦେହ ହୋଇଥିଲା। ସେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଶ୍ରିତା ରହୁଥିବା ଭଡ଼ାଘରକୁ ଆସି କବାଟ ବାଡ଼େଇଥିଲେ। ବାରମ୍ବାର କବାଟ ବାଡ଼େଇଥିଲେ ସୁଦ୍ଧା ଝିଅ କବାଟ ନ ଖୋଲିବାରୁ ବିଜୟ ଘରର ଝରକା ବାଟେ ଦେଖିବାରେ ଘର ଭିତରେ ଆଶ୍ରିତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସେ ତୁରନ୍ତ ଘର ମାଲିକ ବ୍ରଜେନ୍ଦ୍ରଙ୍କୁ ଜଣାଇଥିଲେ। ପରେ ଶହୀଦନଗର ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଆସି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଉକ୍ତ ଘରକୁ ସିଲ୍ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକ ଅନ୍ତ୍ୟେଷ୍ଟିକ୍ରିୟ ସାରିବା ପରେ ତାଙ୍କ ଉପସ୍ଥିତିରେ ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘର ଭିତର ଯାଞ୍ଚ କରାଯାଇ ମିଳିଥିବା ନୋଟକୁ ଅନୁଧ୍ୟାନ କରାଯିବ ବୋଲି ଶହୀଦନଗର ଥାନା ଆଇଆଇସି ହିଂମାଂଶୁ ଶେଖର ସ୍ୱାଇଁ କହିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଆଶ୍ରିତା ସୋମବାର ରାତିରୁ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଘରୁ ମିଳିଥିବା ନୋଟରେ କ'ଣ ଲେଖାହୋଇଛି ଜଣାପଡ଼ିବା ପରେ ମୃତ୍ୟୁର କାରଣ କୁହାଯାଇପାରିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

**ରୁଚିକା ପରେ ଆଶ୍ରିତା**

- ଘରୋଇ ଇଞ୍ଜିନିୟରିଂ କଲେଜରେ ଏମ୍‌ସିଏ ପଢୁଥିଲେ
- କୋଠରିରୁ ମିଳିଲା ହାତଲେଖା ଚିଠି
- ଆଖି ଦାନକଲେ ପରିବାର

## ଆଜି ମାଟ୍ରିକ୍ ପରୀକ୍ଷାଫଳ

କଟକ ଅଫିସ, ୫ା୭- ମାଟ୍ରିକ୍ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବ। ମଧ୍ୟମା ଓ ମୁକ୍ତ ବିଦ୍ୟାଳୟର ପରୀକ୍ଷା ଫଳ ମଧ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ୱେବ୍‌ସାଇଟ୍ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ। ୱେବ୍‌ସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ପରୀକ୍ଷାଫଳ ଉପଲବ୍ଧ ହେବ। ଅପରାହ୍ନ ୨ଟା ପରେ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ। ସେହିପରି ନିଜ ମୋବାଇଲ ଫୋନ୍‌ରୁ ଓଆର୍୧୦ ଏବଂ ନିଜ ରୋଲ୍ ନମ୍ବରକୁ ଟାଇପ୍ କରି ୫୬୭୬୭୫୦କୁ ପଠାଇଲେ ଫଳାଫଳ ଜାଣିପାରିବେ।





ପୁରୀ: ତାଳଧ୍ୱଜ ରଥର ପଡ଼ିନାହାକା ଚକରେ ହୋଇଥିବା ଫାଟକୁ ମଙ୍ଗଳବାର ମରାମତି କରାଯାଉଛି।

## ସଡ଼କ ଦୁର୍ଘଟଣା: ୨ ମହିଳା ମୃତ

**ଅତାବିରା, ୫ା୭ (ଡି.ଏନ୍.ଏ)**

ବରଗଡ଼-ସମ୍ବଲପୁର ରାସ୍ତାର ଗୋଡ଼ଭଗା ହାଇସ୍କୁଲ ସମ୍ମୁଖ ଡାଇଭର୍ସନରେ ମଙ୍ଗଳବାର ଗୋଟିଏ ବାଇକ୍‌କୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ବରଗଡ଼ ଜିଲା ଭେଡ଼େନ ଥାନା ଖପସିପାଲି ଗ୍ରାମର ଲଳିତା ଗରିଆ(୩୫) ଏବଂ ତାଙ୍କ ଖୁଡ଼ୀ ମିଥିଳା ଥପା(୫୫)। ଦୁର୍ଘଟଣାରେ ଲଳିତାଙ୍କ ସ୍ୱାମୀ ସୁରେନ୍ଦ୍ର(୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୭୧।୨୨) ରୁଜୁ ହୋଇଛି ବୋଲି ବୁର୍ଲା ଡାକ୍ତରଖାନା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ସୂଚନା ଦେଇଛନ୍ତି। ସୁରେନ୍ଦ୍ର ଲଳିତା ଓ ମିଥିଳା ବାଇକ୍ ଯୋଗେ ବୁର୍ଲା ଯାଉଥଲେ। ସେମାନେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା।

## ଚକ ମରାମତି ଶେଷ, ଆଜି ରଥ ଦକ୍ଷିଣମୋଡ଼

**ପୁରୀ ଅଫିସ,୫ା୭:**

ତାଳଧ୍ୱଜ ରଥର ପଡ଼ିନାହାକା ଚକ ଓ ଦର୍ପଦଳନ ରଥର ବଡ଼ଉଚ୍ଛୁଳା ଚକରେ ଫାଟ ହୋଇଥିବା ସୋମବାର ବୈଷୟିକ ଟିମ୍ ଚିହ୍ନଟ କରିଥିଲା। ମଙ୍ଗଳବାର ଏହାର ମରାମତି କାର୍ଯ୍ୟ ଶେଷ ହୋଇଛି। ଲଗାଣ ବର୍ଷା ସତ୍ତ୍ୱେ ପାଲ ଟଣାଯାଇ ରଥ ଚକା ମରାମତି କରାଯାଇଛି। ବୈଷୟିକ ଟିମ୍, ମହାରଣା ସେବକ, କମାର ସେବକ ଓ ରେଳ କର୍ମଚାରୀମାନେ ମରାମତି କାର୍ଯ୍ୟରେ ଲାଗିଥିଲେ। ତାଳଧ୍ୱଜ ରଥର ପଡ଼ିନାହାକା ଚକ, ଦର୍ପଦଳନ ରଥର ବ୍ରେକ ଚକ ଓ ବଡ଼ଉଚ୍ଛୁଳା ଚକରେ ପହି ପ୍ଲେଟ୍ ପକାଯାଇ ଫାଟକୁ ମରାମତି କରାଯାଇଛି। ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ସୋମବାର ରୁଟିନ୍ ଚେକଅପ୍ କରାଯାଇଥିଲା। ଦୁଇଟି ପ୍ରମୁଖ ଓ ଗୋଟିଏ ଛୋଟ ସ୍ଥାନରେ ଫାଟ ମରାମତି ଆବଶ୍ୟକ ଥିଲା। ମଙ୍ଗଳବାର ପହି ପ୍ଲେଟ୍, ଅର ପ୍ଲେଟ୍, ଯୁକ୍ଲାମ୍ପ ଓ ଚାନ୍ଦି ଦିଆଯାଇ ରଥ ଚକକୁ ମଜଭୁତ କରାଯାଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ରଥ ଗଡ଼ିବା ପାଇଁ ପ୍ରସ୍ତୁତ ରହିଛି। ସେହିଭଳି ରଥ ଗଡ଼ି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ଚକରେ ଫାଟ ହେବା ସ୍ୱାଭାବିକ କଥା। ତେବେ କୌଣସି ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଳ କର୍ମଚାରୀ ଓ ବୈଷୟିକ ଟିମ୍ ସହଯୋଗରେ କାର୍ଯ୍ୟ ସମ୍ପାଦନ କରାଯାଇଛି। ବରିଷ୍ଠ ରଥ ତତ୍ତ୍ୱାବଧାରକ ଡ. ଏନ୍.ସି.ପାଲ୍ କହିଛନ୍ତି, ରଥ ଦକ୍ଷିଣମୋଡ଼ ହେବା ପରେ ବାହୁଡ଼ା ପୂର୍ବରୁ ପୁଣି ଥରେ ଯାଞ୍ଚ ହେବ। କେଉଁ ସ୍ଥାନରେ ଫାଟ କିମ୍ବା କୌଣସି ପ୍ରକାର ଅସ୍ୱାଭାବିକ ପରିସ୍ଥିତି ନଜରକୁ ଆସିଲେ ମରାମତି କରାଯିବ।

## ମ୍ୟାଲେରିଆ ନିୟନ୍ତ୍ରଣ: ଓଡ଼ିଶାରେ ଡବ୍ଲ୍ୟୁଏଚ୍‌ଓ ଟିମ୍

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ମ୍ୟାଲେରିଆ ନିୟନ୍ତ୍ରଣରେ ଓଡ଼ିଶାକୁ ସଫଳତା ମିଳିଛି। ତେବେ ରାଜ୍ୟ ସରକାର କେମିତି ମୁକାବିଲା କରି ମ୍ୟାଲେରିଆକୁ ନିୟନ୍ତ୍ରଣ କରିପାରିଲେ, ସେ ସମ୍ପର୍କରେ ଜାଣିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏକ ଟିମ୍ ଓଡ଼ିଶା ଆସିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ୨୦୧୬ରେ ରାଜ୍ୟରେ ସାଢ଼େ ୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ କରାଯାଇଥିଲା। ଗତବର୍ଷ ଏହା ୨୫ ହଜାରରେ ପହଞ୍ଚିଛି। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡ଼ିଶା ଗ୍ରହଣ କରିଥିବା ପଦକ୍ଷେପ ଓ କୌଶଳକୁ ଅନୁକରଣ କରି ଅନ୍ୟ ରାଜ୍ୟରେ କିପରି ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ତାହାର ଅନୁଧ୍ୟାନ ଆରମ୍ଭ କରିଛନ୍ତି ଡବ୍ଲ୍ୟୁଏଚ୍‌ଓ ଟିମ୍ ଅଧିକାରୀ। ସେମାନେ ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହ ପ୍ରାରମ୍ଭିକ ଆଲୋଚନା ପରେ କ୍ଷେତ୍ର ପରିଦର୍ଶନ ଆରମ୍ଭ କରିଛନ୍ତି। ପ୍ରଥମ ଦିନ ଡବ୍ଲ୍ୟୁଏଚ୍‌ଓ ଟିମ୍ ଖୋର୍ଦ୍ଧା ଜିଲା ଗସ୍ତ କରି ତଥ୍ୟ ସଂଗ୍ରହ କରିଥିବା ଡା. ମିଶ୍ର କହିଛନ୍ତି।

## ଜମିରେ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ

**ବଲସକୁମ୍ପା,୫ା୭**

କନ୍ଧମାଳ ଜିଲା ଖଜୁରିପଡା ଥାନା ଅନ୍ତର୍ଗତ ଆର.ନୂଆଗାଁ ଖଲିବେରେଣା ନିକଟ ନିଜ ଜମିରେ ମଙ୍ଗଳବାର ଚାଷ କରୁଥିବା ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକ ତଥା ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶଶାଙ୍କ ଶେଖର ସାହୁ। ଶଶାଙ୍କ ସକାଳେ ତାଙ୍କ ଟ୍ରାକ୍ଟର(ନଂ.ଓଆର୧୨ -୯୭୫୩) ନେଇ ଜମି କାଦୁଅ କରୁଥିଲେ। କାଦୁଅରେ ଟ୍ରାକ୍ଟର ଫସିଯିବାରୁ ଚକା ତଳେ କାଠବଲ୍ଲା ଲଗାଇ ଗାଡିକୁ ଆଗକୁ ଗଡାଉଥିବା ବେଳେ ତାହା ଓଲଟି ଉପରେ ପଡିଥିଲା। ପାଣି କାଦୁଅରେ ଟ୍ରାକ୍ଟର ତଳେ ଶଶାଙ୍କ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଶଶାଙ୍କଙ୍କ ନିଜଘର ଫୁଲବାଣୀରେ।

## ଇସ୍ତଫା ଦେଲେ ଋଷି ସୁନକ

**ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ବି ପଦ ଛାଡ଼ିଲେ**

**ଲଣ୍ଡନ, ୫ା୭**

ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ତଥା ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକ ମଙ୍ଗଳବାର ବୋରିସ୍ ଜନ୍‌ସନ୍ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଋଷିଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭିଦ୍ ମଧ୍ୟ ପଦ ଛାଡ଼ିଛନ୍ତି। ଫଳରେ ଲକ୍‌ଡାଉନ ପାର୍ଟି ପାଇଁ ଚାପରେ ଥିବା ପ୍ରଧାନମନ୍ତ୍ରୀ ବୋରିସ୍‌ଙ୍କ ମୁଣ୍ଡବ୍ୟଥା ବଢ଼ିଛି। ବ୍ରିଟେନରେ ଜନ୍ମିତ କଞ୍ଜରଭେଟିଭ୍ ପାର୍ଟିର ୪୨ ବର୍ଷୀୟ ଏମ୍‌ପି ଋଷି ସୁନକ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ଏ ନେଇ ସେ ଟୁଇଟ୍ କରି କହିଛନ୍ତି, ଆମ ଦେଶ ଅନେକ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରୁଛି। ସରକାର ଠିକ୍ ଭାବେ ନିଜ କ୍ଷମତାକୁ ନେଇ ସମ୍ବେଦନଶୀଳ ହୋଇ ଚାଲୁ ବୋଲି ଲୋକେ ଆଶା କରିବା ଯଥାର୍ଥ। ଲୋକଙ୍କ ଆଶା ପୂରଣ ପାଇଁ ଆମେ ଲଢ଼ିବା ଉଚିତ ବୋଲି ମୁଁ ମନେକରେ। ତେଣୁ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଛି। ପଦ ଛାଡ଼ି ମୁଁ ଦୁଃଖିତ। କିନ୍ତୁ ଆମେ ଏମିତି ସରକାର ଚଳାଇପାରିବା ନାହିଁ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ପାକିସ୍ତାନ ବଂଶୋଦ୍ଭବ ସାଜିଦ ଜାଭେଦ କହିଛନ୍ତି, ବୋରିସ୍ ଜନ୍‌ସନଙ୍କଠାରେ ଦେଶହିତରେ ସରକାର ଚଳାଇବା କ୍ଷମତା ନାହିଁ। ଏବେ ସେ ସେହି ସରକାରରେ କାମ କରିପାରିବେନି। ଦେଶସ୍ୱାର୍ଥରେ ସରକାର ଚଳାଇବା ନେଇ ବୋରିସ୍ ଜନସନ୍‌ଙ୍କ ଉପରୁ ଅନେକ ଏମ୍‌ପି ଏବଂ ଜନତାଙ୍କ ଭରସା ତୁଟିଗଲାଣି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବର୍ତ୍ତମାନର ସ୍ଥିତି ବଦଳିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ତାଙ୍କ ଉପରେ ମୋର ବି ଆଉ ଆସ୍ଥା ନାହିଁ।


ଋଷି ସୁନକ

ଏହି ଦୁଇ ବରିଷ୍ଠ ମନ୍ତ୍ରୀଙ୍କ ଇସ୍ତଫା ଫଳରେ ବୋରିସ୍‌ଙ୍କ ନେତୃତ୍ୱକୁ ବଡ଼ ଝଟକା ଲାଗିଛି। ପ୍ରକାଶ ଯେ, ନିକଟରେ ନିଲମ୍ବିତ ଏମ୍‌ପି କ୍ରିଶ୍ ପିଞ୍ଚର ଆଣିଥିବା ଅଭିଯୋଗଗୁଡ଼ିକୁ ନେଇ ଡାଉନିଂ ଷ୍ଟ୍ରିଟ୍‌ର ଆଭିମୁଖ୍ୟ ସମ୍ପର୍କରେ ଜଣେ ପୂର୍ବତନ ଅମଲାତନ୍ତ୍ରୀ ମନ୍ତବ୍ୟ ଦେବାର ଦିନକ ପରେ ଏହି ଘଟଣାକ୍ରମ ଦେଖିବାକୁ ମିଳିଛି। ଆଇନ ପ୍ରଣେତା କ୍ରିସ୍ ପିଞ୍ଚରଙ୍କ ବିରୋଧରେ ପୂର୍ବରୁ କେତେକ ଅଭିଯୋଗ ଆସିଥିଲା। ଏହା ପରେ ସେ ଡେପୁଟି ଚିଫ୍ ହୁଇପ୍ ପଦରୁ ଇସ୍ତଫା ଦେଇଥିଲେ। ପିଞ୍ଚରଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ କ'ଣ ଜାଣିଛନ୍ତି ସେନେଇ ସ୍ପଷ୍ଟୀକରଣ ଦେବା ଲାଗି ବୋରିସ୍‌ଙ୍କ ଉପରେ ଚାପ ରହିଥିଲା। ସୋମବାର ହାଇପଲିଟିକାଲ ଡ୍ରାମାକୁ ନେଇ ବୋରିସ୍ କହିଥିଲେ ପ୍ରିଞ୍ଚରଙ୍କ ବିରୋଧରେ ଥିବା ଅଭିଯୋଗ ନେଇ ସେ ଅବଗତ ଥାଇ ସୁଦ୍ଧା ତାଙ୍କୁ ଉପମୁଖ୍ୟ ସଚେତକ ପଦ ଦିଆଯାଇଥିବାରୁ ସେ ଦୁଃଖିତ ନୁହନ୍ତି। ପିଞ୍ଚରଙ୍କୁ ୨୦୧୯ ଘଟଣା ପରେ ସରକାରୀ ପଦରୁ ବିଦା କରିବା ଦରକାର ଥିଲା। ତାଙ୍କ ନିଯୁକ୍ତି ପାଇଁ ମୁଁ କ୍ଷମା ମାଗୁଛି।



**ଆଜିର ମନ୍ତବ୍ୟ**

"ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଦଳିତ ଓ ଆଦିବାସୀଙ୍କ ଉପରେ ନିର୍ଯାତନା ବଢ଼ିବାରେ ଲାଗିଛି। ସେମାନଙ୍କ ବିରୋଧରେ ଏଭଳି ବର୍ବର ଆକ୍ରମଣକୁ ନେଇ ଶାସକ ଦଳ କାହିଁକି ନୀରବ ରହିଛି?

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ନାଭ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଦଳୀର ପୁଅ ବାଉଁଶର ନାତି, ଆପଣା ଇଚ୍ଛାରେ ବଢ଼ାନ୍ତି ଜାତି।**

କଦଳୀ ଗଛରୁ ପୁଆ ବାହାରେ ଓ ବାଉଁଶ ଗଛରୁ ଗଜା ବାହାରେ। କଦଳୀ ଓ ବାଉଁଶ ଗଛକୁ ଥରେ ଲଗାଇଲେ ସମୟକ୍ରମେ ତାହା ବୁଦା ବୁଦା ହୋଇ ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାହା ମନ ଯାଇ କୋଉଠି, ମୋ ମନ ଯାଇ ଭାତହାଣ୍ଡିରେ ଭାଇ ମନ ଯାଇ ବୋହୂଠି।**

ଈପ୍ସିତ ପଦାର୍ଥ ଉପରେ ମନଧ୍ୟାନ। ଯିଏ ଖାଦ୍ୟଲୋଭୀ ତା'ର ମନ ସବୁବେଳେ ଖାଦ୍ୟ ଉପରେ ରହିଥାଏ। ସେହିପରି ନୂଆ କରି ବାହାହୋଇ ଆସିଥିବା ଭୁଆସୁଣୀ ବୋହୂ ପ୍ରତି ଭାଇର ମନ ଲାଖି ରହିବା ସ୍ୱାଭାବିକ ହୋଇଥିବା ସ୍ଥଳେ ପ୍ରତ୍ୟେକ ବ୍ୟକ୍ତିଙ୍କ ପସନ୍ଦ ଓ ରୁଚି ସ୍ୱତନ୍ତ୍ର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**କଣ୍ଟାପଡା, ୫।୭(ଡି.ଏନ୍.ଏ.):** ଓଲଟପୁର ଥାନା ଅନ୍ତର୍ଗତ ବାଇରୋଇ ପେଟ୍ରୋଲ ପମ୍ପ ନିକଟରେ ସୋମବାର ରାତିରେ ଗାଡି ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମଙ୍ଗଳବାର କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୬୮/୨୨) ରୁଜୁ ହୋଇଛି। ସୋମବାର ରାତି ପ୍ରାୟ ୮ଟାରେ ସମ୍ପୃକ୍ତ ବ୍ୟକ୍ତି ଚାଲି ଚାଲି ଯାଉଥିବାବେଳେ ଏକ ଗାଡ଼ି ହଠାତ୍ ତାଙ୍କୁ ଧକ୍କାଦେଇ ଚାଲି ଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏନ୍ଆର୍ଏଲ୍ ଜମି ଅଧିଗ୍ରହଣରେ ଭିନ୍ନତା

**ପାରାଦୀପ,୫।୭(ସ୍ୱ.ପ୍ର.)**

ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି (ଏସ୍ଆଇପିସି) ଯୋଜନାରେ ପାରାଦୀପ ବନ୍ଦର ଜାଗାରେ ୪ଟି ନୂତନ ପ୍ରକଳ୍ପ ନିର୍ମାଣ ଚାଲିଛି। ସେଗୁଡିକ ହେଲା ଏନ୍ଆର୍ଏଲ (ନୁମାଲିଗଡ ରିଫାଇନାରି ଲିମିଟେଡ), ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ ଲିମିଟେଡ, ଏସାର ମିନମେଟ ଲିମିଟେଡ ଓ କଙ୍କର। ଏସବୁ ପ୍ରକଳ୍ପ ପାଇଁ ୧୧,୫୭୯.୫୧କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ରାଜ୍ୟ ସରକାର ଇପିକଲ୍ (ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଏଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେଶନ ଅଫ ଓଡ଼ିଶା ଲିମିଟେଡ)ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେଥିରେ କିଛି ଭିନ୍ନତା ଥିବା ଦେଖିବାକୁ ମିଳିଛି। ଯଥା ଏନ୍ଆର୍ଏଲକୁ ଦିଆଯାଇଥିବା ଜମିର ପରିମାଣକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପାରାଦୀପ ବନ୍ଦର ପ୍ରଶାସନ ନିକଟରୁ ଫେବୃୟାରୀ ୧୧ରେ ଏନ୍ଆରଏଲ୍ ଜମି ସମ୍ପର୍କରେ ମିଳିଥିବା ଚିଠି ନଂ. ୪୦୮ ଅନୁସାରେ, ଉକ୍ତ କମ୍ପାନୀକୁ ୨୩୪.୧୪ ଏକର ଜମି ୩୦ ବର୍ଷ ପାଇଁ ଲିଜ୍‌ରେ ଦିଆଯାଇଛି। ଏଥିପାଇଁ କମ୍ପାନୀ ପାରାଦୀପ ବନ୍ଦରକୁ ୭୦ କୋଟି ୫୯ ଲକ୍ଷ ୨୭ ହଜାର ୬୬୫ ଟଙ୍କା ଦେଇଛି। ଉକ୍ତ ଜମିକୁ ୧୯୬୨ରେ ରାଜ୍ୟ ସରକାର ପାରାଦୀପ ବନ୍ଦରକୁ ଦେଇଥିଲେ। ଏହି ଜମି ଷଣ୍ଢକୁଦ ମୌଜାର ପ୍ଲଟ ନଂ.୩୭ ଓ ୪୫, ଖାତା ନଂ.୨୭ ବୋଲି ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଇପିକଲ ପକ୍ଷରୁ ମାର୍ଚ୍ଚ ୩୧ରେ ମିଳିଥିବା ସୂଚନା (ଚିଠି ନଂ. ୬୩୭) ଅନୁସାରେ ଏନ୍ଆର୍ଏଲ୍‌କୁ ୨୦୨ ଏକର ଜମି ଯୋଗାଇ ଦିଆଯାଇଛି। ଉକ୍ତ ପ୍ରକଳ୍ପକୁ ଏଚ୍ଏଲସିଏ (ହାଇ ଲେବୁଲ କ୍ଲିୟରାନ୍ସ ଅଥରିଟି) ୨୦୨୧ ଜାନୁୟାରୀ ୬ରେ ମଞ୍ଜୁରୀ ଦେଇଥିଲେ। ଏହି ରିଫାଇନାରିରେ ୬ ଲକ୍ଷ କିଲୋଲିଟର ଅଶୋଧିତ ତୈଳ ଗଚ୍ଛିତ ରହିବା ପାଇଁ ବ୍ୟବସ୍ଥା ହୋଇଛି। ଏହି ଅଶୋଧିତ ତୈଳ ମାଟିତଳେ ପାଇପ୍‌ଲାଇନ୍ ଯୋଗେ ଆସାମର ଗୌହାଟୀଠାରେ ଥିବା ନୁମାଲିଗଡ ରିଫାଇନାରିରେ ବିଶୋଧନ ହେବ। ଏହି ପ୍ରକଳ୍ପର ମୂଲ୍ୟ ୧୪୨୦ କୋଟି ଟଙ୍କା। ଏହାଦ୍ୱାରା ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଷ୍ଟେଟ ଲେବୁଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ଏଥିଲାଗି ୩୩ ପ୍ରକାର କ୍ଲିୟରାନ୍ସ ମିଳିଛି: ଯେଉଁଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କାରଖାନା ଓ ବାଷ୍ପିତ ବିଭାଗ, ଇଡ୍‌କୋ, ଓପିଟିସିଏଲ, ବିଦ୍ୟୁତ୍ ଓ ପାଣି ଆଦି ଅନ୍ତର୍ଭୁକ୍ତ। ସମାନ ପ୍ରକଳ୍ପକୁ ଦିଆଯାଇଥିବା ଜମିର ପରିମାଣକୁ କେନ୍ଦ୍ର ସରକାରଙ୍କ ଅଧୀନ ପାରାଦୀପ ବନ୍ଦର ୨୩୪ ଏକର ଦର୍ଶାଇଥିବାବେଳେ ରାଜ୍ୟ ସରକାରଙ୍କ ଇପିକଲ ୨୦୨ ଏକର ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏନ୍ଆର୍ଏଲର ପାରାଦୀପ ଶାଖା ପରିଚାଳକ ବିକାଶ ଦାସଙ୍କୁ ପଚାରିବାରେ କୁହନ୍ତି, ଆମକୁ ୨୩୪.୧୪ ଏକର ଜମି ମିଳିଛି। ଅନ୍ୟ ସମସ୍ତ କ୍ଲିୟରାନ୍ସ ସମ୍ପର୍କରେ ମୋ ପାଖରେ ତଥ୍ୟ ନାହିଁ।

ଏହିପରି ଭିନ୍ନତା ଅନ୍ୟ ୩ ପ୍ରକଳ୍ପ ତ୍ରିବେଣୀ, ଏସାର, କଙ୍କର କ୍ଷେତ୍ରରେ ରହିଥିବା କୁହାଯାଇଛି। ପୂର୍ବରୁ ଯେକୌଣସି ଶିଳ୍ପ ପ୍ରତିଷ୍ଠା ବେଳେ ସରକାରୀ ଭାବେ ଇଆଇଏ (ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ) କରାଯାଇଥାଏ। ଏହାବ୍ୟତୀତ ପଲ୍ଲୀସଭା, ଗ୍ରାମସଭା, ଜନଶୁଣାଣି, ଭିନ୍ନ ଭିନ୍ନ ବିଭାଗ ପକ୍ଷରୁ କ୍ଲିୟରାନ୍ସ, ପାଣି, ବିଦ୍ୟୁତ, ନିଯୁକ୍ତି, ପୁନର୍ବାସ ଥଇଥାନ ନିୟମ ଆଦି ଅଲଗା କରାଯାଉଥିଲା। ଏବେ ସରକାର ଶିଳ୍ପପତିଙ୍କ ସହଜ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଶିଳ୍ପ ପ୍ରଭାବିତ ଲୋକଙ୍କୁ କେତେ ସୁଫଳ ମିଳିବ ତାହା ସମୟ କହିବ।



ପ୍ରସ୍ତାବିତ ଏନ୍ଆର୍ଏଲ୍ ପ୍ରକଳ୍ପ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚାଲିଛି।

■ **ରାଜ୍ୟ ସରକାରଙ୍କ ସୂଚନା ୨୦୨ ଏକର**

■ **କେନ୍ଦ୍ର ସରକାରଙ୍କ ସୂଚନା ୨୩୪.୧୪ ଏକର**

# ୭ ବର୍ଷ ନାବାଳିକାଙ୍କୁ ଗଣବଳାତ୍କାର

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୫।୭ (ସ୍ୱ.ପ୍ର.)**

## ୬ ନାବାଳକ ଅଟକ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ସଦର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୭ ବର୍ଷର ନାବାଳିକାଙ୍କୁ ୬ଜଣ ନାବାଳକ ଗଣବଳାତ୍କାର କରିଛନ୍ତି। ହେଲେ ଏହି ଘଟଣାକୁ ପୋଲିସ ଚାପିଦେବାକୁ ଉଦ୍ୟମ କରି ଚୁପ୍ ବସିଛି। କେବଳ ଘଟଣାରେ ସମ୍ପୃକ୍ତ ୬ ନାବାଳକଙ୍କୁ ଘରୁ ଉଠାଇ ଆଣି ପୋଲିସ ଏକ ଆଶ୍ରମରେ ଅଟକ ରଖିଛି। ନାବାଳକମାନଙ୍କ ବୟସ ୧୪ ବର୍ଷରୁ କମ୍ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜୁଲାଇ ୧ରେ ସମ୍ପୃକ୍ତ ନାବାଳିକା ନିଜ ଘର ପାଖରେ ଲାଗିଥିବା ଦୋଳିରେ ଝୁଲୁଥିଲେ। ନାବାଳକମାନେ ସେଠାରେ ପହଞ୍ଚି ତାଙ୍କୁ ନିକଟସ୍ଥ ଏକ ନିର୍ମାଣାଧୀନ କୋଠାକୁ ଖେଳିବାକୁ ଡାକି ନେଇ ଗଣବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ସୋମବାର ଅଭିଯୋଗ କରାଯାଇଥିଲା। ପୋଲିସ ନାବାଳକମାନଙ୍କୁ ସୋମବାର ଘରୁ ଉଠାଇ ଆଣି ସିଡବ୍ଲୁସିରେ ହାଜର କରାଇଥିଲା। ସିଡବ୍ଲୁସି ପକ୍ଷରୁ ଏକ ଆଶ୍ରମରେ ସେମାନଙ୍କୁ ରଖାଯାଇଛି। ଅଦ୍ୟାବଧି ପୀଡିତାଙ୍କୁ ସିଡବ୍ଲୁସିରେ ହାଜର କରାଯାଇନାହିଁ। ଅପରପକ୍ଷେ ନାବାଳକମାନଙ୍କୁ ଅଟକ ରଖିବାର ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇନାହିଁ ବୋଲି ସିଡବ୍ଲୁସିର ଅଧ୍ୟକ୍ଷ ଭଗବତୀପ୍ରସାଦ ଦାସ ସୂଚନା ଦେଇଛନ୍ତି। ଘଟଣାକୁ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ମାମଲା(ନଂ. ୩୦୪/୨୨)ରୁଜୁ ହୋଇଛି। ତଦନ୍ତ ଅଧିକାରୀ ତଥା ଆଡିସନାଲ ଇନ୍ସପେକ୍ଟର ଜ୍ୟୋତିର୍ମୟୀ ସେଠୀଙ୍କୁ ପଚାରିବାରେ ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ଗୁଗଲ୍ ଟ୍ରେନିଂ ନେଟ୍‌ୱର୍କରେ ଓଡ଼ିଆ ଭାଷା

**ନୂଆଦିଲ୍ଲୀ,୫।୭**

ପ୍ରଯୁକ୍ତି କ୍ଷେତ୍ରରେ ଆଗୁଆ ଗୁଗଲ୍ ନିଜ ଟ୍ରେନିଂ ନେଟ୍‌ୱର୍କରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରିଛି। ମଙ୍ଗଳବାର ସଂସ୍ଥା ପକ୍ଷରୁ ଏହି ସୂଚନା ଦିଆଯାଇଥିବାବେଳେ ଏହାର ପ୍ରଶିକ୍ଷଣ ନେଟ୍‌ୱର୍କକୁ ବଢ଼ାଇବା ଦିଗରେ ଗୁଗଲ୍ ୫ଟି ଭାଷାକୁ ଏଥିରେ ସନ୍ନିବେଶିତ କରିଛି। ସେଗୁଡ଼ିକ ହେଲା ପଞ୍ଜାବୀ, ଅହମିଆ, ଗୁଜରାଟୀ, ଓଡ଼ିଆ ଓ ମାଲୟାଲମ୍। ଡାଟାଲିଡ୍ସ କମ୍ପାନୀର ସହଯୋଗିତାରେ ଗୁଗଲ୍ ପକ୍ଷରୁ ଫାଷ୍ଟ-ଚେକ୍ ଏକାଡେମୀ ଲଞ୍ଚ୍ କରାଯାଇଛି। ୧୦୦ ପ୍ରଶିକ୍ଷକଙ୍କୁ ନ୍ୟୁଜ୍‌ରୁମ୍ ପରିଚାଳନା ପାଇଁ ଓ ଖବରଦାତାଙ୍କୁ ଜଳବାୟୁ ସମ୍ପର୍କିତ ସୂଚନା ଏବଂ ଭ୍ରମାତ୍ମକ ତଥ୍ୟ ଉପରେ ନଜର ରଖିବା ସକାଶେ ନିୟୋଜିତ କରାଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଗୁଗଲ ନ୍ୟୁଜ୍ ଇନିସିଏଟିଭ୍ ଇଣ୍ଡିଆ ଟ୍ରେନିଂ ନେଟ୍‌ୱର୍କ ୨୦୧୮ରେ ଲଞ୍ଚ୍ କରାଯାଇଥିଲା। ଏଥିରେ ୩୯ ହଜାରରୁ ଅଧିକ ଖବରଦାତା କାର୍ଯ୍ୟ କରୁଛନ୍ତି। ୨,୩୦୦ ନ୍ୟୁଜ୍ ରୁମ୍‌ରେ ପାଖାପାଖି ୧୦ଟି ଭାଷାର ମିଡିଆ କଲେଜ୍ ଛାତ୍ରୀଛାତ୍ର ଜଡ଼ିତ ଥିବା ଗୁଗଲ୍ କହିଛି।

# ପୂଜା ସିଂଘଲଙ୍କ ନାଁରେ ଚାର୍ଜଶିଟ୍

**ନୂଆଦିଲ୍ଲୀ, ୫।୭:** ଝାଡ଼ଖଣ୍ଡର ପୂର୍ବତନ ଖଣି ସଚିବ ପୂଜା ସିଂଘଲଙ୍କ ବିରୋଧରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାର୍ଜଶିଟ୍ ଦାଖଲ କରିଛି। ମନିଲଣ୍ଡରିଂ ମାମଲାରେ ଆଇଏଏସ୍ ଅଧିକାରୀ ପୂଜା ଓ ତାଙ୍କର କେତେଜଣ ସହଯୋଗୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି।

ରାଞ୍ଚିସ୍ଥିତ ଏକ ସ୍ୱତନ୍ତ୍ର ପିଏମ୍ଏଲ୍ଏ କୋର୍ଟରେ ଦାଖଲ ୫ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍‌ରେ ଅଭିଯୋଜନ ପକ୍ଷ ସାକ୍ଷୀମାନଙ୍କ ନାମ ତାଲିକା ସହ ସଂଗୃହୀତ ପ୍ରମାଣ ବିଷୟରେ ଉଲ୍ଲେଖ କରିଛି। ପୂଜାଙ୍କ ଘନିଷ୍ଠ ସହଯୋଗୀ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁମନ କୁମାରଙ୍କ ନାମ ମଧ୍ୟ ଅଭିଯୋଗ ଫର୍ଦ୍ଦରେ ରହିଛି। ପ୍ରକାଶ ଯେ, ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ପୂଜା ଏମ୍‌ଜିଏନ୍‌ଆର୍‌ଜିଏ ପାଣ୍ଠି ହଡ଼ପ ଓ ଅନ୍ୟ କେତେକ ସନ୍ଦେହଜନକ ଆର୍ଥିକ କାରବାର ଅଭିଯୋଗରେ ଗତ ମେ'ରେ ଗିରଫ ହୋଇଥିଲେ। ଗିରଫଦାରି ପରେ ଏହି ୪୪ ବର୍ଷୀୟା ଅମଲାତନ୍ତ୍ରୀଙ୍କୁ ଝାଡ଼ଖଣ୍ଡ ସରକାର ନିଲମ୍ବନ କରିଥିଲେ। ପୂଜା ଶିଳ୍ପସଚିବ ଭାବେ ଅବସ୍ଥାପିତ ଥିବାବେଳେ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସୁମନ କୁମାରଙ୍କ ବାସଭବନରେ ଚଢ଼ାଉବେଳେ ଇଡି ପ୍ରାୟ ୧୮ କୋଟି ଟଙ୍କା ଜବତ କରିଥିବା ଦର୍ଶାଇଥିଲା।

# ଭିଭୋ ଅଫିସ୍‌ରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ, ୫।୭:** ଚାଇନା ମୋବାଇଲ ନିର୍ମାତା ଭିଭୋ ବିରୋଧରେ ଏକ ମନିଲଣ୍ଡରିଂ ମାମଲା ରୁଜୁ ହୋଇଛି। ଅଧିକ ଖୋଳତାଡ଼ ପାଇଁ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉକ୍ତ କମ୍ପାନୀର ୪୦ଟି ସ୍ଥାନରେ ଚଢ଼ାଉ କରିଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାର ସମେତ ଦକ୍ଷିଣ ଭାରତର କେତେକ ସ୍ଥାନରେ ଚଢ଼ାଉ ଜାରି ରହିଛି। କେଉଁ କାରଣରୁ ଭିଭୋକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କାର୍ଯ୍ୟାନୁଷ୍ଠାନ ସାମ୍ନା କରିବାକୁ ପଡୁଛି ତାହା ସ୍ପଷ୍ଟ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଶୁଭଭାବରେ ଚନ୍ଦ୍ରଥିବାରୁ ବନ୍ଧୁଙ୍କ ପରାମର୍ଶ କ୍ରମେ ମନୋରଞ୍ଜନ ଉପକରଣ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମି, ଗାଡ଼ିମୋଟର କିଣାବିକାରେ ସମସ୍ୟା ଉପୁଜିପାରେ। ପିଲାମାନଙ୍କ ଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିପାରନ୍ତି। କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଓ ଚଳଚ୍ଚିତ୍ର କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ବୃଷ:** ସମ୍ପର୍କୀୟଙ୍କ ସାହାଯ୍ୟ ପାଇ କାମଗୁଡ଼ିକ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବାରୁ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ଦୂରାଗତ ବନ୍ଧୁଙ୍କ ସହ ଦେଖା ହୋଇ କିଛି ସମୟ ଅଟକି ରହିଯାଇପାରନ୍ତି। ଶୁକ୍ରଙ୍କ ପ୍ରଭାବରୁ ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତିରେ ସଫଳତା ହାସଲ କରିବେ।

**ମିଥୁନ:** ବୃହସ୍ପତିଙ୍କ ଶୁଭତ୍ୱରୁ ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାର ଭିତରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ତର୍କ ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ।

**କର୍କଟ:** ଭାଗ୍ୟସ୍ଥ ଗୁରୁ ଗୌରବାନ୍ୱିତ କରାଇବାର ପରିବେଶ ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ। ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ନିର୍ମାଣ, ପ୍ରକାଶନ, ପ୍ରଶାସନ ଓ ସାଂଗଠନିକ କାର୍ଯ୍ୟ ସମସ୍ୟାବହୁଳ ରହିବ।

**ସିଂହ:** ତୃତୀୟଭାବକୁ ରାହୁମଙ୍ଗଳ ଦୃଷ୍ଟିରୁ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେଇପାରେ। ଆତ୍ମୀୟମାନେ କଡ଼ା ସମାଲୋଚନା କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯାଇପାରେ। ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ ଓ ଅଧ୍ୟାପନା, ପ୍ରତିଯୋଗିତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା:** ଦେହ ଓ ମନ ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନରୁ ଭଲ ରହିବ। କର୍ମକ୍ଷେତ୍ରରେ ଅନ୍ୟର କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଚିତ୍ରା ନକ୍ଷତ୍ର କିନ୍ତୁ ରୋଗର ପୀଡ଼ାର ପ୍ରାଦୁର୍ଭାବଜନିତ ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ତୁଳା:** ଅଷ୍ଟମସ୍ଥ ଶୁକ୍ର ଆପଣଙ୍କୁ ବିଳାସବ୍ୟସନ ପ୍ରତି ଆକୃଷ୍ଟ କରାଇବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ମନ ଅଶାନ୍ତ ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନରେ ଅଫିସ୍ କାମରେ ଯୁକ୍ତିତର୍କର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଅବଶ୍ୟ ଲାଭବାନ୍ ହେବେ।

**ବିଛା:** କେତୁଙ୍କ କୁପ୍ରଭାବରୁ ପ୍ରତ୍ୟେକ କାମ ବ୍ୟୟବହୁଳ ହେବ କିନ୍ତୁ ସଫଳତା ପାଇବେ। ପ୍ରଶାସନ, ପ୍ରକାଶନ, ପରିବହନ, ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ:** ପରିବାରରେ ଅଶାନ୍ତର ବାତାବରଣ ବୃହସ୍ପତିଙ୍କ ସୁପ୍ରଭାବରୁ ଦୂରହେବା ସଙ୍ଗକୁ ସୁସ୍ଥ ବାତାବରଣ ସୃଷ୍ଟି ହୋଇଯିବ। ଖର୍ଚ୍ଚଭାର ବୃଦ୍ଧି ପାଇବାକୁ ଥିବା ବିଷୟ ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପର କଥା ଶୁଣି ନିଜ ଲୋକମାନଙ୍କୁ ସନ୍ଦେହ କରିପାରନ୍ତି।

**ମକର:** ଚତୁର୍ଥସ୍ଥ ପାପଗ୍ରହ ପାରିବାରିକ କ୍ଷେତ୍ରର ସୁସ୍ଥ ବାତାବରଣକୁ କଳୁଷିତ କରିଦେଇପାରନ୍ତି। ଆର୍ଥିକ ଅଭାବ କାମକୁ ସଙ୍କୁଚିତ କରିଦେଇପାରେ। ଆକସ୍ମିକ ଭାବରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶିକ୍ଷା, ପରୀକ୍ଷା, ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ, ଗବେଷଣା, ପ୍ରଶାସନିକ ସ୍ତରରେ ଉନ୍ନତି ଘଟିବ।

**କୁମ୍ଭ:** ସ୍ୱଗୃହୀ ଶନିଙ୍କ ଯୋଗୁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଭାବପ୍ରବଣ ନ ହୋଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ତଥା ପରିବହନ ସକାଶେ ଦିନଟି ଭଲ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଚୁକ୍ତିପତ୍ର ପାଇଁ ଟଣାଓଟରା ଲାଗିପାରେ।

**ମୀନ:** ଶୁକ୍ରଙ୍କ କେନ୍ଦ୍ରାବସ୍ଥାନରୁ ପାରିବାରିକ,ସାମଜିକ ଓ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସଜାଗ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଶନିଯୁକ୍ତ ଚନ୍ଦ୍ର ଜନିତ ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ପିଲାମାନଙ୍କୁ କେନ୍ଦ୍ରକରି ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ ।


# classifieds Everyday
0674-2580101, 2549302



MATRIMONIAL

**GROOM WANTED**

Age-35, Government Job କରୁଥିବା divorcee କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7077495623. D-906



**SALE**

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73929

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

**ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377.** D-73270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698



Newly open full body massage ladies and gents. 8327740003, 8093860513. D-73926

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

Full body massage in homely atmosphere all therapy. Mob.- 8114881641. D-73404

All types hair cutting, body massage by smart lady room services available. Contact: 9938582450. D-71346

**Relax, refresh your body, mind at Saikrupa Spa with best therapies. 8984068077.** D-805

**LOST**

ମୁଁ ରୂପଶ୍ରୀ ଦାଶ୍, ପ୍ଲଟ୍ ନଂ.-୪୩୬, ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ତା୨୯।୦୬।୨୦୨୨ ଦିନ ରେତଙ୍ଗ ଆର୍.ଆଇ. ଅଫିସରୁ ଘରକୁ ଫେରୁଥିବା ସମୟରେ ମୋର ହ୍ୟାଣ୍ଡବ୍ୟାଗ୍‌ରେ ଥିବା କବଲା, ପଟ୍ଟା, ଅନ୍ୟାନ୍ୟ ଜରୁରୀ କାଗଜପତ୍ର ରାସ୍ତାରେ ଖସିପଡ଼ିଛି। କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟାଗ୍‌ଟିକୁ ପାଇଥିଲେ ଫୋନ୍ ନଂ.-୮୨୪୯୦୧୭୫୮୫ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଧ-୭୧୫୩୪

**AFFIDAVIT**

ମୁଁ ମନୋଜ ଦଳାଇ, ପିତା- ମହେଶ୍ୱର ଦଳାଇ, ଗ୍ରାମ- ନିହାରୁଣୀକନ୍ଧା, ପାରାଦୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର। ତା୦୪।୦୭।୨୦୨୨ରିଖରେ କୁଜଙ୍ଗ ନୋଟାରିଙ୍କ ଜରିଆରେ ଶପଥପାଠ କରି ମୋର ସାଙ୍ଗିଆ ଦଳାଇ ପରିବର୍ତ୍ତେ ପଟ୍ଟନାୟକ କରିଛି। ଏବେଠାରୁ ମନୋଜ ପଟ୍ଟନାୟକ ଭାବେ ପରିଚିତ ହେବି। ଧ-୯୧୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶା ନଂ.୧...

ବିଭାଗୀୟ କର୍ମଚାରୀଙ୍କ ଅଦମ୍ୟ ପରିଶ୍ରମ ଓ ନିରନ୍ତର ପ୍ରଚେଷ୍ଟାକୁ ମଧ୍ୟ ପ୍ରଶଂସା କରିଛନ୍ତି। ମୂଲ୍ୟାଙ୍କନ ଢାଞ୍ଚା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣକୁ ଭିତ୍ତିଭୂମି କରି ର୍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଥିଲା। ରାଜ୍ୟରେ ଡିସେମ୍ବର ୨୦୧୫ଠାରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେବା ପରେ ଖାଦ୍ୟ ସୁରକ୍ଷା ଏବଂ ବଣ୍ଟନ ପ୍ରଣାଳୀରେ ଆମୂଳଚୂଳ ରୂପାନ୍ତରଣ କରାଯାଇଥିଲା। ଏଥିରେ ସମ୍ପୃକ୍ତ ସମସ୍ତ ହିତାଧିକାରୀଙ୍କ ତଥ୍ୟଗୁଡ଼ିକୁ ଡିଜିଟାଇଜ୍ କରି ୩.୨୫ କୋଟିର ଏକ ବିଶାଳ ଡାଟାବେସ ତିଆରି କରାଯାଇ ଜନସାଧାରଣଙ୍କ ଅବଗତି ନିମନ୍ତେ ୱେବ୍ ପୋର୍ଟାଲରେ ଉପଲବ୍ଧ କରାଯାଇଛି। ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ତଥା ତଥ୍ୟଗୁଡ଼ିକୁ ସଂଶୋଧନ କରିବା ନିମନ୍ତେ ୩୧୪ଟି ବ୍ଲକ ଓ ୬୪ଟି ପୌର କାର୍ଯ୍ୟାଳୟରେ ମୋଟ ୩୭୮ଟି ରାଶନ କାର୍ଡ ପରିଚାଳନା କେନ୍ଦ୍ର ଖୋଲାଯାଇଛି। ରାଜ୍ୟର ସମସ୍ତ ୧୫୨ଟି ଖାଦ୍ୟଶସ୍ୟ ଗୋଦାମ ଗୃହର କମ୍ପ୍ୟୁଟରୀକରଣ କରାଯାଇଛି। ଗୋଟିଏ ଦେଶ ଗୋଟିଏ ରାଶନ ଯୋଜନା ରାଜ୍ୟରେ ୨୦୨୧ ଜୁଲାଇରୁ ଲାଗୁ ହୋଇଛି। ଜଣେ ହିତାଧିକାରୀ ଦେଶର ଯେକୌଣସି ସୁଲଭ ଦୋକାନରୁ ନିଜ ରାଶନ ସାମଗ୍ରୀ ଉଠାଣ କରିପାରିବ। ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ୧୦,୫୭୮ଟି ସୁଲଭ ମୂଲ୍ୟ ଦୋକାନ ଜରିଆରେ ୧,୧୦,୦୦୦ ପରିବାର ଓ ୫୩୩ ଆନ୍ତଃରାଜ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି।

## ପ୍ଲାଷ୍ଟିକ୍‌କୁ ନଷ୍ଟ...

ଯାହା କି ଘରୋଇ ଭାବେ କରାଯିବା ଅସମ୍ଭବ। ପ୍ରାକୃତିକ ଭାବେ ପ୍ଲାଷ୍ଟିକ୍ ମାଟିରେ କିମ୍ବା ସମୁଦ୍ରରେ ନଷ୍ଟ ହେବା ସହଜ ନୁହେଁ। କିନ୍ତୁ ଅତିକମ୍‌ରେ ୩% ସୁଗାର ମଲିକ୍ୟୁଲ ମିଶାଇ ପ୍ରସ୍ତୁତ ହେଉଥିବା ପିଏଲ୍ଏକୁ ମାତ୍ର ୬ ଘଣ୍ଟା ଅତିବାଇଗଣି ରଶ୍ମି ସଂସ୍ପର୍ଶରେ ରଖିବା ଦ୍ୱାରା ଏହାର ୪୦% ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇପାରୁଥିବା ଗବେଷଣାରୁ ଜଣାପଡ଼ିଛି। ଅଧିକାଂଶ ପିଏଲ୍ଏ ପ୍ଲାଷ୍ଟିକ୍‌ରେ ପଲିମର ଚେନ୍ ରହିବା ଯୋଗୁ ତାହା ମଧ୍ୟରେ ପାଣି ଏବଂ ଏନ୍‌ଜାଇମ୍ ପ୍ରବେଶ କରିବା କଷ୍ଟକର ହୋଇଥାଏ। ଯଦି ସେଥିରେ ସୁଗାର ୟୁନିଟ୍ ଯୋଗ କରାଯାଏ, ତେବେ ୟୁଭି ଲାଇଟ ଦ୍ୱାରା ତାହା ଛୋଟ ପଲିମର ଚେନ୍‌ରେ ପରିଣତ ହେବ। ଫଳରେ ଜଳ ସହ ପ୍ରତିକ୍ରିୟା କରି ପୂରା ପଲିମର ଶୃଙ୍ଖଳ ସହଜରେ ଭାଙ୍ଗିଯିବ ବୋଲି ଗବେଷକ ଆଣ୍ଟୋନି ବୁଟାର୍ଡ କହିଛନ୍ତି। ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରିଗୁଡ଼ିକ ପାଇଁ ଏହି ଗବେଷଣା ବେଶ୍ ଲାଭଦାୟକ ହେବ ଏବଂ ସେମାନେ ନଷ୍ଟ ହେଲା ଭଳି ପ୍ଲାଷ୍ଟିକ୍ ପ୍ରସ୍ତୁତ କରିବେ ବୋଲି ବୁଟାର୍ଡ ଆଶା କରିଛନ୍ତି।

# ଦ୍ରୌପଦୀଙ୍କୁ ସମର୍ଥନ କରିବେ ମକରନ୍ଦ

- ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ସମ୍ମାନ ଜଣାଇଲେ ରାୟଗଡ଼ା ସ୍ୱାଧୀନ ବିଧାୟକ
- ନରସିଂହ, ଶରତଙ୍କୁ ଭୋଟ ଦେବାକୁ ଅନୁରୋଧକଲେ ବବି

ଭୁବନେଶ୍ୱର,୫।୭(ବ୍ୟୁରୋ)

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଭାଜପା ସମର୍ଥିତ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀଙ୍କୁ ସମର୍ଥନ ଦେବା ଲାଗି ଘୋଷଣା କରିସାରିଛନ୍ତି। ସେହି କ୍ରମରେ ରାୟଗଡ଼ା ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ପାଇଁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ମକରନ୍ଦଙ୍କୁ କହିଛନ୍ତି, ଦ୍ରୌପଦୀ ମୁର୍ମୁ ଓଡ଼ିଶାର ଝିଅ। ଓଡ଼ିଶାର ସ୍ୱାଭିମାନ। ତାଙ୍କ ପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବିତ। ଓଡ଼ିଶାର ସବୁ ଭୋଟ ତାଙ୍କ ପାଖକୁ ଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ତାଙ୍କୁ ଭୋଟ ଦେବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ସମ୍ମାନ ଜଣାଇ ମକରନ୍ଦ କହିଛନ୍ତି, ମୁର୍ମୁ ଆମ ଆଦିବାସୀ ସମାଜର ଗର୍ବ ଓ ଗୌରବ। ତାଙ୍କୁ ସମର୍ଥନ ଦେଇ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଓଡ଼ିଆ ମହିଳାଙ୍କୁ ସମର୍ଥନ ଦେବା କଥାକୁ ମକରନ୍ଦ ପ୍ରଶଂସା କରିଛନ୍ତି। ଆହୁରି କହିଛନ୍ତି, ସ୍ୱାଧୀନତା ପରେ ଦ୍ରୌପଦୀ ଦେଶର ଜଣେ ଆଦିବାସୀ ଭାବେ ରାଷ୍ଟ୍ରପତି ପ୍ରାର୍ଥୀ ହେବା ରାଜ୍ୟ ପାଇଁ ସୌଭାଗ୍ୟର ବିଷୟ।

ସେହିପରି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ମଧ୍ୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ସାକ୍ଷାତକରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ନରସିଂହଙ୍କୁ ଭେଟିବା ପରେ ପ୍ରଣବ କହିଛନ୍ତି, ଜଣେ ଓଡ଼ିଶାର ଆଦିବାସୀ ମହିଳା ରାଷ୍ଟ୍ରପତି ପ୍ରାର୍ଥୀ ହେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ମୁଖ୍ୟମନ୍ତ୍ରୀ ତାଙ୍କୁ ସମର୍ଥନ କରିବା ସାଙ୍ଗକୁ ସମସ୍ତଙ୍କୁ ସମର୍ଥନ ଲାଗି ଅନୁରୋଧ କରିଛନ୍ତି। ସେହି ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନରସିଂହ ମିଶ୍ରଙ୍କୁ ସେ ସାକ୍ଷାତ କରିବା ଲାଗି ଯାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ସହ ଟେଲିଫୋନରେ କଥା ହେବା ସାଙ୍ଗକୁ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହାସହ ବିଜେଡିର ସମସ୍ତ ବିଧାୟକ, ମନ୍ତ୍ରୀ, ବିରୋଧୀ ବିଧାୟକ, ପିସିସି ସଭାପତି ସମସ୍ତେ ଏଥିରେ ସମର୍ଥନ ଦେଇ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିବା ପ୍ରଣବ କହିଛନ୍ତି। ଅନ୍ୟପଟେ ବବିଙ୍କ ସମେତ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ସୁଶାନ୍ତ ସିଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ମୁର୍ମୁଙ୍କୁ ସମର୍ଥନ ଲାଗି ଅନୁରୋଧ କରିଛନ୍ତି।


ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି।


ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ।

## 'ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା ପାଇଁ ମୋଦି ନୁହେଁ, ମୋଗଲ ସମ୍ରାଟ ଦାୟୀ'

ନୂଆଦିଲ୍ଲୀ,୫।୭

ଏଆଇଏମଆଇଏମ୍ ମୁଖ୍ୟ ତଥା ଏମ୍‌ପି ଅସାଦୁଦ୍ଦିନ ଓୱାଇସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ଟାର୍ଗେଟ କରିଛନ୍ତି। ଦରଦାମ୍ ବୃଦ୍ଧି ଏବଂ ବେକାରି ଭଳି ପ୍ରସଙ୍ଗରେ ସେ କେନ୍ଦ୍ର ସରକାରଙ୍କୁ ତାଚ୍ଛଲ୍ୟ କରି କହିଛନ୍ତି, ଦେଶରେ ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା ପାଇଁ ପ୍ରଧାନମନ୍ତ୍ରୀ ନୁହନ୍ତି, ମୋଗଲ ଦାୟୀ। ସୂଚନାଯୋଗ୍ୟ, ଦେଶର ସବୁ ସମସ୍ୟା ପାଇଁ ମୋଦି ସରକାର ମୁସଲମାନଙ୍କୁ ଦାୟୀ କରୁଥିବା କହି ଓୱାଇସି ଏହା ଉପରେ ନିଜ ମତ ରଖିଛନ୍ତି। ଏଆଇଏମଆଇଏମ ପକ୍ଷରୁ ଏନେଇ ଏକ ଭିଡିଓ ଜାରି କରାଯାଇଛି। ଏଥିରେ ଓୱାଇସି କହିଛନ୍ତି, ଦେଶରେ ବେକାରି ସମସ୍ୟା ବୃଦ୍ଧି ପାଉଛି, ଦରଦାମ ବୃଦ୍ଧି ଘଟୁଛି, ପେଟ୍ରୋଲ-ଡିଜେଲ ଶହେ ଟଙ୍କାରୁ ଅଧିକ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ନୁହନ୍ତି, ମୋଗଲ ସମ୍ରାଟ ଔରଙ୍ଗଜେବ ହିଁ ଦାୟୀ। ଯୁବକଙ୍କ ପାଇଁ କୌଣସି କାମ ନାହିଁ, ଏଥିପାଇଁ ସମ୍ରାଟ ଆକବର ଦାୟୀ।


ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଜୟନ୍ତୀ ଅବସରରେ ଲୋକ ଜନଶକ୍ତି ପାର୍ଟି(ରାମବିଳାସ) ସଭାପତି ଚିରାଗ ପାଶ୍ୱାନ ବିହାର ହାଜିପୁରଠାରେ ଏକ ରୋଡ୍ ଶୋ' କରୁଛନ୍ତି।

## ଭାରତକୁ ୧ ନଂ. ରାଷ୍ଟ୍ରରେ ପରିଣତ ପାଇଁ ରୋଡ୍‌ମ୍ୟାପ୍: ଭାଜପା

ଭୁବନେଶ୍ୱର,୫।୭(ବ୍ୟୁରୋ)

ହାଇଦ୍ରାବାଦଠାରେ ଗତ ୨ ଓ ୩ ତାରିଖରେ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଭାରତକୁ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରରେ ପରିଣତ କରିବାକୁ ଭାଜପା ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛି।

ସେ ଆହୁରି କହିଛନ୍ତି, 'ରାଷ୍ଟ୍ରବାଦ' ଓ 'ଗରିବ କଲ୍ୟାଣ'କୁ ଆଧାରକରି ରାଜନୈତିକ ପ୍ରସ୍ତାବ ପାରିତ ହୋଇଛି । ଗତ ୮ ବର୍ଷର ଶାସନ ସମୟରେ ଦେଶରେ ନିରାଶାରୁ ଆଶା, ଅସ୍ଥିରତାରୁ ସ୍ଥିରତା, ତୁଷ୍ଟୀକରଣରୁ ତୃପ୍ତୀକରଣ ରାଜନୀତିରେ ରୂପାନ୍ତରିତ ହୋଇଛି। ଭାରତର ଟିକସଦାତାଙ୍କ ପଇସା ମୋଦି ସରକାର ଠିକ୍ ବାଟରେ ବ୍ୟୟ କରୁଛନ୍ତି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଅମୃତ ମହୋତ୍ସବ ପାଳନ କରାଯାଉଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରିବା ଆବଶ୍ୟକ। ମାତ୍ର ଅସହିଷ୍ଣୁ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରିବାକୁ ଯାଇ ଦେଶକୁ ବିରୋଧ କରିବାକୁ ପଛାଉ ନାହାନ୍ତି । ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ କାର୍ଯ୍ୟକାରିଣୀରେ ଆଲୋଚନା କରାଯାଇଛି ବୋଲି ସମୀର କହିଛନ୍ତି।

## ଭାଜପା କହୁଛି ମୋ ପାଖରେ ଇଡି ଅଛି, ଆଇଟି ଅଛି: କେଜ୍‌ରିୱାଲ

ନୂଆଦିଲ୍ଲୀ,୫।୭

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଗିରଫ ଓ ଏମସିଡି ନିର୍ବାଚନକୁ ନେଇ ଭାଜପାକୁ ଟାର୍ଗେଟ କରିଛନ୍ତି। ମଙ୍ଗଳବାର କେଜ୍‌ରିୱାଲ ବିଧାନସଭାରେ କହିଛନ୍ତି ଏମାନେ ଫଣ୍ଡର କାନ୍ଦ କାନ୍ଦୁଛନ୍ତି। ଆମର ସମସ୍ତ ଫଣ୍ଡ୍ ନେଇଗଲେ। ହେଲେ ଏବେ କେନ୍ଦ୍ରର ଅଧୀନକୁ ଆସିଗଲା ଏମ୍‌ସିଡି, ଏବେ ସେଠାରେ ଲୋ ଫଣ୍ଡ୍, ଏମାନେ କର୍ମଚାରୀଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଦରମା ଦେଉନାହାନ୍ତି। କେଜ୍‌ରିୱାଲ କହିଛନ୍ତି, ଅମିତାଭ ବଚ୍ଚନଙ୍କର ଗୋଟିଏ ଫିଲ୍ମ ଆସିଥିଲା ଦିୱାର। ସେଥିରେ ଅମିତାଭ କହୁଥିଲେ, ମୋ ପାଖରେ ଧନ ଅଛି, ଦୌଲତ ଅଛି, ବଙ୍ଗଳା ଅଛି.. ଆଉ ଏତିକି ବେଳେ ଶଶି କପୁର କହୁଥିଲେ ମୋ ପାଖରେ ମା' ଅଛି। ସେମିତି ଆଜି ଭାଜପା କହୁଛି ମୋ ପାଖରେ ଇଡି ଅଛି, ଇନ୍‌କମ ଟାକ୍ସ, ସିବିଆଇ ଅଛି। ହେଲେ ଦିଲ୍ଲୀର ଜନତା କହୁଛନ୍ତି ଆମ ପାଖରେ ଆମ ପୁଅ କେଜ୍‌ରିୱାଲ ଅଛି।

## ୧୪ ଶିବସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ଦାବି କଲେ ଶିନ୍ଦେ ଗୋଷ୍ଠୀ

ମୁମ୍ବାଇ, ୫।୭

ମହାରାଷ୍ଟ୍ର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ୧୪ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ପ୍ରସ୍ତାବ ଆଗତ କରିଛନ୍ତି। ଶିନ୍ଦେ ଗୋଷ୍ଠୀର ଭରତ ଗୋଗାୱାଲେ ଗୃହରେ ଏହି ପ୍ରସ୍ତାବ ଆଗତ କରିଥିଲେ। ଆସ୍ଥା ଭୋଟବେଳେ ୧୪ ବିଧାୟକ ହୁଇପ୍ ଆଣି ନ ଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି କରିଥିଲେ। ତେବେ ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ସମ୍ମାନ ଦୃଷ୍ଟିରୁ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକ୍‌ରେଙ୍କ ନାମ ଉକ୍ତ ନୋଟିସ୍‌ରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ଉଦ୍ଧବଙ୍କ ଗୋଷ୍ଠୀର ସୁନୀଲ ପ୍ରଭୁ ମଧ୍ୟ ଶିନ୍ଦେ ଗୋଷ୍ଠୀ ବିଧାୟକଙ୍କ ସଦସ୍ୟତା ପାଇଁ ଅନୁରୂପ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ରାହୁଲ ନରୱେକର ଉଭୟ ପକ୍ଷଙ୍କ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଯାଞ୍ଚ ପରେ ବିଚାର କରାଯିବ ବୋଲି କହିଛନ୍ତି।

## ଗୁଜରାଟ ଭାଜପା ଆଣିଲା ଭୋଟର ଆପ୍

ଅହମଦାବାଦ, ୫।୭

ଗୁଜରାଟର ଶାସକ ଭାଜପା ମଙ୍ଗଳବାର 'ପ୍ରେସିଡେଣ୍ଟ ଡ୍ୟାଶବୋର୍ଡ' ନାମରେ ଏକ କମ୍ପ୍ୟୁଟର ଆପ୍ଲିକେଶନ ଲଞ୍ଚ୍ କରିଛି। ଏହା ଜରିଆରେ ଭୋଟରମାନଙ୍କ ପରିବାର ସଦସ୍ୟ, ଜନ୍ମ ତାରିଖ, ବିବାହ ବାର୍ଷିକୀ ଏବଂ ସେମାନେ ସରକାରଙ୍କଠାରୁ ପାଇଥିବା ସୁବିଧା ବାବଦରେ ତଥ୍ୟ ସଂଗ୍ରହ ସହ ବିଶ୍ଳେଷଣ କରାଯାଇପାରିବ ବୋଲି ଜଣେ ନେତା କହିଛନ୍ତି। ତାଙ୍କ ମତରେ ଏହି ଆପ୍ ନିର୍ବାଚନର ଫଳାଫଳ ମଧ୍ୟ ଭବିଷ୍ୟବାଣୀ କରିପାରିବ। ଆପ୍‌କୁ ଗୁଜରାଟ ଭାଜପା ସଭାପତି ସି. ଆର. ପାଟିଲ୍ ଲଞ୍ଚ୍ କରିଛନ୍ତି। ରାଜ୍ୟର ୫୦ ଲକ୍ଷ ପରିବାର ନିକଟରେ ଦଳୀୟ କର୍ମୀମାନେ ପହଞ୍ଚି ଏହା ମାଧ୍ୟମରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବେ। ତେବେ ଏହି ଆପ୍ଲିକେଶନ ଜରିଆରେ ଭାଜପା କର୍ମୀମାନେ ଘରଘର ବୁଲି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଆଣିଲେ ସେମାନଙ୍କ ପ୍ରିଭେସି ନଷ୍ଟ ହେବା ଆଶଙ୍କା ଥିବାରୁ ଆଗକୁ ବିବାଦ ଦେଖାଦେଇପାରେ।

## ନାମାଙ୍କନ ପ୍ରକ୍ରିୟା ଆରମ୍ଭ

### ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୫।୭

ଅଗଷ୍ଟ ୬ରେ ହେବାକୁ ଥିବା ଦେଶର ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ନିର୍ବାଚନ କମିଶନ(ଇସି) ବିଜ୍ଞପ୍ତି ଜାରି କରିଛନ୍ତି। ଏଥିସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜ୍ଞପ୍ତି ଅନୁସାରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଏହାର ଦିନକ ପରେ ଅର୍ଥାତ୍ ୨୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସଂଖ୍ୟା ଦୃଷ୍ଟିରୁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଶକ୍ତି ଅଧିକ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ଏକପ୍ରକାର ସୁନିଶ୍ଚିତ। ମନୋନୀତ ସଦସ୍ୟ ମଧ୍ୟ ଏହି ନିର୍ବାଚନରେ ଭୋଟ ଦେଇପାରିବେ। ତେବେ କୌଣସି ରାଜନୈତିକ ଦଳ ବା ମେଣ୍ଟ ପକ୍ଷରୁ ଅଦ୍ୟାବଧି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଉପରାଷ୍ଟ୍ରପତି ନିର୍ବାଚନରେ ପାର୍ଲାମେଣ୍ଟ ଉଭୟ ଗୃହର ମୋଟ ୭୮୮ ସଦସ୍ୟ ଭୋଟ ଦେଇପାରିବେ। ସମସ୍ତ ମତଦାତା ପାର୍ଲାମେଣ୍ଟର ସଦସ୍ୟ ହୋଇଥିବାରୁ ପ୍ରତ୍ୟେକ ଏମ୍‌ପିଙ୍କ ଭୋଟର ମୂଲ୍ୟ ୧ ରହିବ। ବାଲଟରେ ଗୁପ୍ତ ମତଦାନ କରାଯିବ। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ବେଳେ ମତଦାତା କାହାକୁ ଭୋଟ ଦେଲେ, ବାଲଟରେ ଦେଖାଇଦେଲେ ତାହା ରଦ୍ଦ ହୋଇଯିବ ବୋଲି ବୋଲି ଜୁନ୍ ୨୯ରେ ଇସି ଏକ ବିବୃତିରେ ସତର୍କ କରାଇଛନ୍ତି। ଏପରି କି କୌଣସି ଦଳ ନିଜ ଏମ୍‌ପିମାନଙ୍କ ଉପରେ ହୁଇପ୍ ଜାରି କରିପାରିବେ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ରରେ ଅନ୍ୟୁନ ୨୦ ଜଣ ଲେଖାଏ ଏମ୍‌ପି ପ୍ରସ୍ତାବକ ଓ ସମର୍ଥକ ଭାବେ ସ୍ୱାକ୍ଷର କରିବେ। ଜଣେ ଏମ୍‌ପି ଜଣେ ପ୍ରାର୍ଥୀଙ୍କ ପ୍ରସ୍ତାବକ କିମ୍ବା ସମର୍ଥକ ଭାବେ କେବଳ ଗୋଟିଏ ନାମାଙ୍କନପତ୍ରରେ ସ୍ୱାକ୍ଷର କରିପାରିବେ। ଜଣେ ପ୍ରାର୍ଥୀ ସର୍ବାଧିକ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିପାରିବେ। ପ୍ରାର୍ଥୀଙ୍କୁ ଅମାନତ ଭାବେ ୧୫,୦୦୦ ଟଙ୍କା ଜମା କରିବାକୁ ପଡ଼ିବ। ପାର୍ଲାମେଣ୍ଟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ପ୍ରକାଶ ଯେ, ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବ। ନୂଆ ଉପରାଷ୍ଟ୍ରପତି ୧୧ ତାରିଖରେ ଶପଥ ନେବେ।


OFFICE OF THE CHIEF DISTRICT AGRICULTURE OFFICER, BHADRAK

AUCTION NOTICE

Order No. 1971 Dt.04.07.2022

Sealed quotation is invited from the interested bidders for auction of 989.40Q non seed paddy produced during Kharif - 2020 laying in Bhadrak, Dhamnagar and Agarapada Govt. Farm of Bhadrak district. The interested bidder should submit their auction papers in sealed covers addressed to the Chief District Agriculture Officer, Bhadrak on or before 11.07.2022 by 3.30 P.M. The auction papers will be opened on the same date i.e. 11.07.2022 after 3.30 P.M. by the auction committee constituted for the purpose in the office chamber of Chief District Agriculture Officer, Bhadrak in presence of bidders or their authorized representatives. The bidders have to deposit Rs.1000/- (Rupees one thousand) only towards earnest money in the office of the undersigned on or before 11.07.2022 at 3.30 P.M. The earnest money will be refunded to the bidders after finalization of the auction. The offset price per qtl. of non seed paddy is Rs.1940. The successful bidder has to deposit the total value of 989.40 qtl. i.e. auction price per qtl. × 949.40 within 3 dyas in the O/o. The CDAO, Bhadrak. Failing which the earnest money deposited by the bidder will be forfeited. The successful bidder has to lift the entire stock of 989.40 qtl. of non seed paddy within a week from the date of deposit of the toal value of his own cost, failing which the earnest money deposited by the bidder will be forfeited. The interested bidder can inspect the stock during the office hours at Bhadrak, Dhamnagar and Agarapada Govt. farm. The committee reserves the every right to cancel the auction without mentioning any reason or shift the time or date of auction in case of non participation of sufficient bidders.

Sd./- Chief District Agriculture Officer, Bhadrak



NOTICE
IN THE DEBTS RECOVERY TRIBUNAL, CUTTACK.
C-71, Sector-7, CDA, Cuttack-753014
O.A. No. 498/2020

Canara Bank, Ghatikia Branch, Bhubaneswar ........Applicant
Versus
M/s. Jagannath Hardware and Paints and others ...Defendants.

1. M/s. Jagannath Hardware and Paints represented through its Proprietor: Mrs. Debasmita Sardar, At: Plot No.: 790/1345/1740, Sum Hospital Road, Sampur, P.O.: Ghatikia, P.S.: Khandagiri, Bhubaneswar, Dist: Khurda - 751003.
2. Smt. Debasmita Sardar, W/o.: Sri Asis Kumar Sardar, At.:-Plot No.: 1344/1533, Sampur, PO.: Ghatikia, P.S.: Khandagiri, Bhubaneswar, Dist: Khurda - 751003.
3. Sri Sridhara Behera, S/o.: Sri Dusasan Behera, At: Sampur, P.O.: Ghatikia, P.S.: Khandagiri, Bhubaneswar, Dist: Khurda - 751003.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit bearing O.A. No. 498/2020 in the Court of Debts Recovery Tribunal at Cuttack for a recovery of Rs.21,54,722.03 paisa (Rupees Twenty One Lakhs Fifty Four Thousand Seven Hundred Twenty Two and Three Paisa) only together with current and future interest, costs and other reliefs. The above mentioned defendant is therefore hereby directed to appear before the undersigned in person or through an Advocate or duly authorized agent, in support of their defense to show cause within 30 days from the date of publication or on 18.08.2022 at 10.30 A.M. as to why reliefs prayed for should not be granted.

Take notice that in case of default the application will be heard and determined in your absence.

Given under my hand and seal of this Tribunal on this 04th day of 07,2022.

Sd/- M K Patnaik, Registrar
Debts Recovery Tribunal



PUBLIC NOTICE

KHANDBANDH IRON ORE MINES OF M/s. SREE METALIKS LTD., KHANDBANDH, KEONJHAR, ODISHA

It is informed to all concerned that Khandbandh Iron Ore Mines of M/s. Sree Metaliks Ltd., located in village(s) Khandbandh, Tahasil-Barbil, Dist.-Keonjhar, Odisha has obtained the Environmental Clearance from State Environment Impact Assessment Authority (SEIAA), Odisha under Ministry of Environment, Forest & Climate Change, Government of India vide EC identification No. EC22B001OR133726 dt. 30.06.2022 for enhanced iron ore production capacity of iron ore from 0.702 Million TPA to 1.50 Million TPA over mining lease area of 35.774 Ha in village-Khandbandh, Tahasil-Barbil, Dist.-Keonjhar, Odisha. The details of the above, related to Environmental Clearance are available at the State Pollution Control Board, Odisha and the website of the Ministry of Environment, Forest & Climate Change, Govt. of India. (https://parivesh.nic.in/ or http://environmentclearance.nic.in/)

Sd./- Authorized Signatory
M/s. SREE METALIKS LTD.

ENVIRONMENTAL CLEARANCE

PARIVESH (Pro-Active and Responsive Facilitation by Interactive, and Virtuous Environmental Single-Window Hub)

Government of India
Ministry of Environment, Forest and Climate Change
(Issued by the State Environment Impact Assessment Authority(SEIAA), Orissa)

To,
The Director
SREE METALIKS LTD.
SML House, Main Road, Barbil, Keonjhar, Odisha -758035

Subject: Grant of Environmental Clearance (EC) to the proposed Project Activity under the provision of EIA Notification 2006-regarding

Sir/Madam,
This is in reference to your application for Environmental Clearance (EC) in respect of project submitted to the SEIAA vide proposal number SIA/OR/MIN/61542/2007 dated 08 Mar 2022. The particulars of the environmental clearance granted to the project are as below.

| | | |
|---|---|---|
| 1. | EC Identification No. | EC22B001OR133726 |
| 2. | File No. | 61542/564-MINB1/02-2022 |
| 3. | Project Type | Expansion |
| 4. | Category | B1 |
| 5. | Project/Activity including Schedule No. | 1(a) Mining of minerals |
| 6. | Name of Project | Khandbandh Iron Ore Mines of Sree Metaliks Ltd |
| 7. | Name of Company/Organization | SREE METALIKS LTD. |
| 8. | Location of Project | Orissa |
| 9. | TOR Date | 25 Jun 2008 |

The project details along with terms and conditions are appended herewith from page no 2 onwards.

Date: 30/06/2022

(e-signed)
Sri Susanta Nanda
Member Secretary
SEIAA - (Orissa)

Note: A valid environmental clearance shall be one that has EC identification number & E-Sign generated from PARIVESH.Please quote identification number in all future correspondence.

This is a computer generated cover page.



ଡାକ ବିଭାଗ (ସିଭିଲ ୱିଙ୍ଗ୍)

ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ୍ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୧୬/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: କଟକ ସିଟି ଡିଭିଜନ ଅଧୀନରେ ଅସୁରେଶ୍ୱରଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୪୧,୬୨,୩୧୭.୦୦, ଅମାନତ ରାଶି: ଟ.୮୩,୨୪୬.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

୨. ଏନ୍‌ଆଇଟି ନଂ.୧୭/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: କେନ୍ଦୁଝର ଡିଭିଜନ ଅଧୀନରେ ଫକୀରପୁରଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୩,୮୩,୧୯୨.୦୦, ଅମାନତ ରାଶି: ଟ.୬୭,୬୬୪.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

୩. ଏନ୍‌ଆଇଟି ନଂ.୧୮/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: ଢେଙ୍କାନାଳ ଡିଭିଜନ ଅଧୀନରେ କୁବୁଲି ଟାଉନ୍‌ଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୨,୪୮,୫୨୩.୦୦, ଅମାନତ ରାଶି: ଟ.୬୪,୯୭୦.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

୪. ଏନ୍‌ଆଇଟି ନଂ.୧୯/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: ସୁନ୍ଦରଗଡ଼ ଡିଭିଜନ ଅଧୀନରେ ଲେଫ୍ରିପଡ଼ାଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୯,୦୬,୮୧୮.୦୦, ଅମାନତ ରାଶି: ଟ.୭୮,୧୩୬.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

୫. ଏନ୍‌ଆଇଟି ନଂ.୨୦/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: କଟକ ସାଉଥ୍ ଡିଭିଜନ ଅଧୀନରେ ନରସିଂହପୁରଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୪୦,୮୮,୬୯୧.୦୦, ଅମାନତ ରାଶି: ଟ.୮୧,୭୭୪.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

୬. ଏନ୍‌ଆଇଟି ନଂ.୨୧/ସିଡିବି/୨୦୨୨-୨୩। କାର୍ଯ୍ୟର ନାମ: ଆସ୍କା ଡିଭିଜନ ଅଧୀନରେ ସୁନାପୋଠାରେ କ୍ଷୁଦ୍ର ଡାକ କାର୍ଯ୍ୟାଳୟ ଭବନର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୭,୦୪,୦୫୦.୦୦, ଅମାନତ ରାଶି: ଟ.୭୪,୦୮୧.୦୦, ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୫।୦୭।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



Classified Display on Every Tuesday and Friday



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



REQUIRED
1. HOSTEL SUPERINTENDENT (Male) : Qualification- B.Sc with Computer knowledge.
2. WARDEN (Male/Female) : Qualification- +2 pass above.
3. TELECALLING (Female)
(ରହିବା + ଖାଇବା ସୁବିଧା ଅଛି)
ASHALATA INSTITUTE, Delta Square, Paika Nagar, Bhubaneswar.
CONTACT : 6371153219



ଆବଶ୍ୟକ
Sailashree Viharରେ ଏକ Boutique ପାଇଁ Boutique Designer ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀ 8249331220 Mobile Numberରେ ଯୋଗାଯୋଗ କରନ୍ତୁ ।



WANTED
LADY OFFICE ASST.
NAKHARA, CUTTACK
FREE ACCOMMODATION
FREE FOODING, 10000 to 15000+ bonus etc.
7809525452






WANTED
ଧରିତ୍ରୀ DHARITRI Oriya daily
is looking for
OFFICE ASSISTANTS
- Required Intermediate male candidates having 1-2 yrs. experience in assisting administration team.

Apply immediately to :
recruitment@dharitri.com
Attractive salary commensurate with experience



इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें Scan to visit Website
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଲର୍କସ୍-XII ୨୦୨୩-୨୪ର ଖାଲି ପଦବୀ ନିମନ୍ତେ)

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ୍ କ୍ୟାଡର ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ସେପ୍ଟେମ୍ବର ୨୦୨୨ ଏବଂ ଅକ୍ଟୋବର ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।

କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୧।୦୭।୨୦୨୨ରୁ ୨୧।୦୭।୨୦୨୨ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୨ରୁ ୨୧।୦୭।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ଅଗଷ୍ଟ ୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ଅଗଷ୍ଟ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅଗଷ୍ଟ ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **ସେପ୍ଟେମ୍ବର ୨୦୨୨** |
| ଅନ୍‌ଲାଇନ୍ ପରୀକ୍ଷା-ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର /ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର /ଅକ୍ଟୋବର ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **ଅକ୍ଟୋବର ୨୦୨୨** |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୩ |

*ଯିଦି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।

ମୁମ୍ବାଇ
ତାରିଖ: ୦୧।୦୭।୨୦୨୨ ନିର୍ଦ୍ଦେଶକ

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ



# ଶିକ୍ଷାରେ ନୂତନତା

ଭାରତରେ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି। ବିଶେଷକରି ପାରମ୍ପରିକ ଚାକିରି ଅସଂଖ୍ୟ ଯୁବପିଢ଼ିଙ୍କ ଚାହିଦା ପୂରଣ କରିପାରୁ ନ ଥିବାରୁ ନୂଆ ଧରଣର ନିଯୁକ୍ତି ଲାଗି ପରିସର ବ୍ୟାପକ ହେଉଛି। ଏଭଳି ସନ୍ଧିକ୍ଷଣରେ ଦେଶର କେତେକ ଘରୋଇ ବିଶ୍ୱବିଦ୍ୟାଳୟ ସମୟ ଉପଯୋଗୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି। ସେଗୁଡ଼ିକ ମଧ୍ୟରେ ଫିଜିଓଥେରାପି, ଫୋରେନ୍ସିକ୍ ସାଇନ୍ସ ବା ଅପରାଧ ଅନୁସନ୍ଧାନ ବିଜ୍ଞାନ, ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ଲାଉଡ୍ ଇଞ୍ଜିନିୟରିଂ ଏବଂ ସ୍ପୋର୍ଟସ ସାଇନ୍ସର ଚାହିଦା ସର୍ବାଗ୍ରେ ରହୁଛି। କୋଭିଡ୍-୧୯ ଯୋଗୁ ବହୁଲୋକ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେତେବେଳେ ଡାକ୍ତରଖାନାଗୁଡ଼ିକ ଫିଜିକାଲ ଟ୍ରେନିଂ ବା ପିଟିରେ ଅଭିଜ୍ଞତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଭଡ଼ାରେ ଆଣି ରୋଗୀଙ୍କୁ ସେବା ଯୋଗାଇଥିଲେ। ଏଥିସହିତ ପୂର୍ବାପେକ୍ଷା ଲୋକେ ଫିଟ୍ ରହିବାକୁ ଚାହୁଁଥିବାରୁ ସେମାନଙ୍କୁ ଆବଶ୍ୟକ ବ୍ୟାୟାମ କୌଶଳ ଓ ପରାମର୍ଶ ଦେବା ନିମନ୍ତେ ଫିଜିଓଥେରାପିଷ୍ଟଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି। ସେହିପରି ନୂଆ ଧରଣର ଅପରାଧ ବଢ଼ୁଥିବାରୁ ଅପରାଧ ଅନୁସନ୍ଧାନ ବିଜ୍ଞାନର ଚାହିଦା ବଢ଼ିଛି। ପୂର୍ବରୁ ବିଜ୍ଞାନ ପାଠ୍ୟକ୍ରମ ପଢ଼ି ଚାକିରି ପାଉଥିବା ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଉଥିଲା। ଏବେ ଯେଉଁମାନେ ସିଧାସଳଖ ସେହି ପାଠ୍ୟକ୍ରମ ବା ବିଷୟ ପଢ଼ିଥିବେ ସେମାନଙ୍କୁ ନିଯୁକ୍ତି ଦେବା ଅଧିକ ଉପଯୋଗୀ ହୋଇପାରିବ। ଅନୁରୂପ ଭାବେ ଦେଖିଲେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟକୃତ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଅସ୍ୱାଭାବିକ ସ୍ଥିତିକୁ ମୁକାବିଲା କରିବା ସକାଶେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ି ତାଲିମପ୍ରାପ୍ତ ଯୁବତୀଯୁବକ ଅଧିକ ସହାୟକ ହୋଇପାରିବେ। ରାସାୟନିକ ଖାଦ୍ୟ ପରିମାଣ ବୃଦ୍ଧି ଓ ଅତ୍ୟାଧୁନିକ ଜୀବନଚର୍ଚ୍ଚା ଯୋଗୁ ଲାଇଫଷ୍ଟାଇଲ୍ ଡିଜିଜ୍ ବଢ଼ୁଥିବାରୁ ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି। ବେଙ୍ଗାଲୁରୁଭିତ୍ତିକ ରେଭା ଘରୋଇ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ସ୍ପୋର୍ଟସ ସାଇନ୍ସ ବା କ୍ରୀଡ଼ା ବିଜ୍ଞାନ ପାଠ୍ୟକ୍ରମ ପ୍ରଚଳନ କରିଛି। ଏହି ବିଷୟ ପଢ଼ି ପ୍ରଶିକ୍ଷିତ ହୋଇଥିବା ଆଶାୟୀଙ୍କୁ କ୍ରୀଡ଼ା ସଙ୍ଗଠନ ବା କମ୍ପାନୀଗୁଡ଼ିକ ଫିଟ୍‌ନେସ୍ ପରାମର୍ଶଦାତା ଭାବେ ନିଯୁକ୍ତି ଦେବାର ସମ୍ଭାବନା ରହିଛି। ସେହିଭଳି ପ୍ରତ୍ୟେକ ସଂସ୍ଥା ନିଜର ତଥ୍ୟ ୱେବ୍‌ରେ ସୁରକ୍ଷିତ ଭାବେ ସାଇତି ରଖିବା ଲାଗି ଆଇଟି ବିଭାଗକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି। ଯେହେତୁ ବିଶ୍ୱବ୍ୟାପୀ ହ୍ୟାକିଂ କରାଯାଇ ତଥ୍ୟ ଚୋରି କିମ୍ବା ବ୍ୟବସ୍ଥାକୁ ନଷ୍ଟ କରିଦିଆଯାଇପାରୁଛି, ସେଥିପାଇଁ କ୍ଲାଉଡ୍ ଇଞ୍ଜିନିୟରିଂର ଆବଶ୍ୟକତା ବଢ଼ୁଛି। ଆଲୋଚ୍ୟ ପାଠ୍ୟକ୍ରମ ବାହାରେ ଆହୁରି ବିଷୟବସ୍ତୁ ସମୟର ଆବଶ୍ୟକତା ଅନୁଯାୟୀ ଆସିପାରିବ, ଯାହାକୁ ପରବର୍ତ୍ତୀ ସମୟରେ ସନ୍ନିବେଶିତ କରାଯାଇପାରେ।

ନୂତନ ଧରଣର ପାଠ୍ୟକ୍ରମ ପ୍ରତି ଯୁବବର୍ଗଙ୍କ ଚାହିଦା ବଢ଼ୁଥିଲେ ମଧ୍ୟ ପାରମ୍ପରିକ ବିଷୟ ଯଥା–ପଦାର୍ଥ ବିଜ୍ଞାନ, ମେକାନିକାଲ ଇଞ୍ଜିନିୟରିଂ, ଅର୍ଥନୀତି ଆଦିର ଗୁରୁତ୍ୱ ରହିଛି। ଏହି ବିଷୟଗୁଡ଼ିକରେ ନିଯୁକ୍ତି ସୁଯୋଗ ସୀମିତ ଥିବାରୁ ନୂଆ ପାଠ୍ୟକ୍ରମରେ ପ୍ରଶିକ୍ଷିତ ଆଶାୟୀଙ୍କୁ ଅପେକ୍ଷାକୃତ ଶୀଘ୍ର ଚାକିରି ମିଳିବାର ସୁଯୋଗ ଅଧିକ ରହିଛି। ରେଭା ଭଳି ଘରୋଇ ବିଶ୍ୱବିଦ୍ୟାଳୟ ଏବେ ଭିନ୍ନ ଚିନ୍ତାଧାରା ନେଇ ନୂଆ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ଦୁଃଖର ବିଷୟ ଯେ, ଓଡ଼ିଶାରେ ଅନେକ ବିରାଟକାୟ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଥିବା ସତ୍ତ୍ୱେ ନୂତନ ଚିନ୍ତାଧାରାକୁ କେହି ଆପଣାଉ ନାହାନ୍ତି। ପିଲାଙ୍କ ଭବିଷ୍ୟତ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ଭିତ୍ତିଭୂମି, ଲ୍ୟାଣ୍ଡବ୍ୟାଙ୍କ ସୃଷ୍ଟି ଏବଂ ବ୍ୟବସାୟିକ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଓଡ଼ିଶା ଏକ ଶୈକ୍ଷିକ କେନ୍ଦ୍ରବିନ୍ଦୁ ହେବାରେ ବିଫଳ ହେଉଛି। ଗତାନୁଗତିକ ଶିକ୍ଷାର ଭବିଷ୍ୟତ କ୍ରମଶଃ ସଙ୍କୁଚିତ ହୋଇଯାଉଛି। ସେଥିପାଇଁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେଠାରୁ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଆବଶ୍ୟକ।

> ଦେଶର କେତେକ ଘରୋଇ ବିଶ୍ୱବିଦ୍ୟାଳୟ ସମୟ ଉପଯୋଗୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି। ସେଗୁଡ଼ିକ ମଧ୍ୟରେ ଫିଜିଓଥେରାପି, ଫୋରେନ୍ସିକ୍ ସାଇନ୍ସ ବା ଅପରାଧ ଅନୁସନ୍ଧାନ ବିଜ୍ଞାନ, ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ଲାଉଡ୍ ଇଞ୍ଜିନିୟରିଂ ଏବଂ ସ୍ପୋର୍ଟସ ସାଇନ୍ସର ଚାହିଦା ସର୍ବାଗ୍ରେ ରହୁଛି।

## su | do | ku  ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 7 | 5 | 1 | | |
| | | | 1 | 8 | | | 5 | 6 |
| | | | | | | 8 | | |
| 4 | | 2 | 6 | | | | | |
| | | | | 9 | | | 4 | 8 |
| | | | | | | | | 3 |
| | 1 | | 2 | | | 6 | 9 | |
| | 2 | 7 | | | | | 1 | 5 |
| | 9 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 6 | 7 | 9 | 1 | 2 | 8 |
| 9 | 8 | 1 | 5 | 2 | 4 | 6 | 7 | 3 |
| 2 | 6 | 7 | 3 | 8 | 1 | 5 | 9 | 4 |
| 8 | 7 | 3 | 9 | 1 | 6 | 2 | 4 | 5 |
| 5 | 1 | 9 | 2 | 4 | 8 | 3 | 6 | 7 |
| 6 | 4 | 2 | 7 | 3 | 5 | 8 | 1 | 9 |
| 1 | 9 | 6 | 8 | 5 | 7 | 4 | 3 | 2 |
| 7 | 2 | 5 | 4 | 6 | 3 | 9 | 8 | 1 |
| 4 | 3 | 8 | 1 | 9 | 2 | 7 | 5 | 6 |

ଗତକାଲିର ଉତ୍ତର

# କିଏ ବଡ଼



ଡ. ସୁବାସ ଚନ୍ଦ୍ର ପାତ୍ର

ସାମାଜିକ କଥୋପକଥନରେ ବଡ଼ ସାନର କ୍ରମ ବିଷୟରେ ଆମକୁ କିଛି କଥା କୁହାଯାଇଥାଏ। ଯେମିତି ଡାକ୍ତର ଦ୍ୱିତୀୟ ଭଗବାନ୍, ଗୁରୁ ସାକ୍ଷାତ ଈଶ୍ୱର, କବି ତ୍ରିକାଳଦ୍ରଷ୍ଟା ଇତ୍ୟାଦି। ଡାକ୍ତର ଓ ଶିକ୍ଷକ କ୍ଷେତ୍ରରେ ଉଭୟ ବୃତ୍ତିକୁ ଗୌରବାନ୍ୱିତ କରିବା ପାଇଁ ପ୍ରଚଳିତ ସାମାଜିକ ଦୃଷ୍ଟିଭଙ୍ଗୀକୁ ଆମେ ପ୍ରତ୍ୟାଖ୍ୟାନ ନ କରି ପରିବର୍ତ୍ତିତ ପରିସ୍ଥିତିରେ ଆମେ ଉପରଲିଖିତ କ୍ଷେତ୍ର ପରି ବିଭିନ୍ନ କ୍ଷେତ୍ରକୁ ପୁନର୍ବଲୋକନ କଲେ ପ୍ରସଙ୍ଗର ବ୍ୟାପକତା ଅଧିକ ଜଣାପଡ଼ିବ।

ଜୀବନ ବଞ୍ଚାଇବା କ୍ଷେତ୍ରରେ ଆମେ ଡାକ୍ତରମାନଙ୍କ ଭୂମିକାକୁ ଭଗବାନ୍‌ଙ୍କ ଚମତ୍କାର ହିସାବରେ ନେଉଥିଲା ବେଳେ ଅନେକ ଡାକ୍ତର ନମ୍ରତା ପ୍ରକାଶକରି କହନ୍ତି, ''ଆମେ ଚିକିତ୍ସା କରୁ, 'ସେ' (ଭଗବାନ୍) ଆରୋଗ୍ୟ କରନ୍ତି''। ଜେ.ବି.ଏସ୍. ହାଲ୍‌ଡେନ୍‌ଙ୍କ ଭଳି କେତେଜଣ ଜୀବବିଜ୍ଞାନୀ ବିଶେଷଜ୍ଞ ଚିକିତ୍ସା ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ରୋଗୀ ଏପରିକି ମୃତକମାନଙ୍କୁ ବହୁତ ଗୁରୁତ୍ୱ ଦିଅନ୍ତି। ହାଲ୍‌ଡେନ୍ କହନ୍ତି, ପୃଥିବୀରେ ବେଶ୍ କିଛି ଲୋକ ବିଭିନ୍ନ ମହାମାରୀରେ ମରିଥିଲେ ବୋଲି ଏବଂ ସେମାନଙ୍କ ମୃତଶରୀରର ଅଂଶ ବିଶେଷକୁ ନେଇ ଗବେଷଣା କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ଟିକା ଅବା ଇଞ୍ଜେକ୍ସନ ବାହାରିଲା ଯାହା ଅନେକଙ୍କ ଜୀବନରକ୍ଷାର କାରଣ ପାଲଟିଲା। ହୁଏତ ଏହା କୁହାଯାଇପାରେ, ପରବର୍ତ୍ତୀ ପିଢ଼ିର ଜୀବନ ରକ୍ଷା ପାଇଁ ମୃତ ପୂର୍ବ ପିଢ଼ି ପ୍ରକୃତରେ 'ଶହୀଦ' ହୋଇ ଯାଇଥିଲେ! ବିଭିନ୍ନ ଟିକା ବା ଇଞ୍ଜେକ୍ସନ ଉଦ୍ଭାବନ ପ୍ରକ୍ରିୟାରେ ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ତ୍ୟାଗ ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଦୈନନ୍ଦିନ ରୋଗୀ ଚିକିତ୍ସାକ୍ଷେତ୍ରରେ ରୋଗୀର ସହଯୋଗ, ଆତ୍ମ–ଚିକିତ୍ସାରୁ ନିବୃତ୍ତି, ଡାକ୍ତର, ଔଷଧ ଓ ଚିକିତ୍ସାବିଧି ଉପରେ ବିଶ୍ୱାସ ମଧ୍ୟ ଡାକ୍ତରଙ୍କ ଚିକିତ୍ସାକୁ ସୁଗମ କରେ ଏବଂ ଡାକ୍ତରଙ୍କୁ ଭଗବତ ସ୍ତରକୁ ଘେନିଯାଏ। ଡାକ୍ତରଙ୍କ ଅବଦାନ ତ ଅତୁଳନୀୟ କିନ୍ତୁ ସଫଳ ଚିକିତ୍ସା ସହିତ ନୂତନ ଉଦ୍ଭାବନ ପାଇଁ ରୋଗୀ ଏପରିକି ମୃତରୋଗୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ, ବିଶେଷତଃ ପ୍ରାଚ୍ୟ ସଭ୍ୟତାରେ ଶିକ୍ଷକ ଅବା ଗୁରୁମାନଙ୍କୁ ବହୁତ ଉଚ୍ଚ ସ୍ଥାନରେ ଅଭିଷିକ୍ତ କରାଯାଇଛି। ଶିକ୍ଷାର ପ୍ରସାର ବିଶେଷତଃ ଶ୍ରେଣୀଶିକ୍ଷାରେ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛନ୍ତି। ବେଳେବେଳେ ସେମାନେ ଶ୍ରେଣୀ ଶିକ୍ଷାର ଏକ ସଙ୍କଟମୟ ମୁହୂର୍ତ୍ତରେ ଶିକ୍ଷକଙ୍କୁ ରକ୍ଷା କରନ୍ତି ତ କେତେବେଳେ ସେମାନେ ଗତାନୁଗତିକ ବ୍ୟାଖ୍ୟା ବା ବିଶ୍ଳେଷଣଠୁ ଦୂରେଇ ଏକ ଭିନ୍ନ ବ୍ୟାଖ୍ୟା ମାଧ୍ୟମରେ ବିଷୟବସ୍ତୁକୁ ଆହୁରି ଜୀବନ୍ତ ଓ ସମୟ ଉପଯୋଗୀ କରି ତୋଳନ୍ତି। ମନେପଡ଼େ ମୋର ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀର କଥା। ପଦାର୍ଥ ବିଜ୍ଞାନ କ୍ଲାସ୍‌ରେ ଅଧ୍ୟାପକ ଜଣକ ଲେନ୍ସ ପାଠରେ ଏକ ସମୀକରଣକୁ ଉପସଂହାର ପର୍ଯ୍ୟନ୍ତ ନେଇପାରୁ ନ ଥିଲେ। ବାରମ୍ବାର ଚେଷ୍ଟାକରି ବିଫଳ ହେଲାପରେ ସେ ଭରାକ୍ଲାସ୍‌କୁ ସାହାଯ୍ୟ ମାଗିଲେ। ମୋର ଜଣେ ସହପାଠୀ ଗ୍ୟାଲେରିର ନିଜ ସ୍ଥାନରୁ ଓହ୍ଲାଇ ବ୍ଲାକ୍‌ବୋର୍ଡ ପାଖକୁ ଯାଇ ସାର୍‌ଙ୍କ ସହ ମିଶି ସମୀକରଣଟିକୁ ଠିକଣା ସ୍ଥାନରେ ପହଞ୍ଚିଦେଇଥିଲା। ଆମେ ତା' ପାଇଁ ଗୌରବାନ୍ୱିତ ହେଲୁ ଏବଂ ସେଦିନ ସାର୍ ମଧ୍ୟ ଅଧିକ ଅପଦସ୍ଥ ହେବାରୁ ବଞ୍ଚିଗଲେ। ଅନ୍ୟ ଏକ ଉଦାହରଣ କ୍ରମରେ 'ସିଂହୀ' (ଦ ଲାୟନେସ୍) ନାମକ ଏକ ଇଂରାଜୀ ଗଳ୍ପକୁ ଛାତ୍ରଟି ନୂତନ ଦୃଷ୍ଟିଭଙ୍ଗୀରେ ବ୍ୟାଖ୍ୟାକରି ଶିକ୍ଷକଙ୍କ ସମେତ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲା। ସେହି ଗଳ୍ପରେ କୁହାଯାଇଛି କିପରି ଆଫ୍ରିକୀୟ ଜଙ୍ଗଲରେ ସର୍ଭେକାରୀ ଦଳ ଏକ ଶିବିର ସ୍ଥାପନ କରିଥିଲେ। କିଛିଦିନ ପରେ ଗୋଟିଏ ସିଂହୀ ପ୍ରଥମେ ମୁହଁ ଦେଖାଇ ଦେଖାଇ ପରେ ସେମାନେ ଫିଙ୍ଗିଦେଇଥିବା ମାଂସ ମଧ୍ୟ ଖାଇବାକୁ ଲାଗିଲା। ସର୍ଭେ ଦଳ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାର ବହୁଦିନ ପରେ ସେମାନେ ପୁଣି ଥରେ ସର୍ଭେ କରିବାକୁ ସେହି ସ୍ଥାନର ନିକଟସ୍ଥ ଏକ ଜଙ୍ଗଲୀ ପୋଖରୀରୁ ଏକ ସିଂହର କଙ୍କାଳ ଦେଖିବାକୁ ପାଇଥିଲେ। ପ୍ରକୃତରେ ଏହା ଥିଲେ ସେହି ସିଂହୀର। ମନୁଷ୍ୟ ଦତ୍ତ ଖାଦ୍ୟ ଖାଇଖାଇ ସେ ତା'ର ଶିକାର ପ୍ରବୃତ୍ତି ଛାଡ଼ି ଦେଇ ମୃତ୍ୟୁମୁଖରେ ପଡ଼ିଥିଲା। ସାଧାରଣ ଭାବରେ କୁହାଯାଉଥିଲା ବନ୍ୟ ଜୀବଜନ୍ତୁ ପ୍ରତି ଅଧିକ ଦୟାଶୀଳ ମନୋଭାବ କେତେ କ୍ଷତିକାରକ। ଛାତ୍ରଟି କିନ୍ତୁ ଠିଆ ହୋଇ କହିଲା, ''ସାର୍, ଆମେ କାହିଁକି ଏ ଗଳ୍ପକୁ ପ୍ରତୀକାତ୍ମକ ଦୃଷ୍ଟିରେ ଦେଖିବା ନାହିଁ। ଅର୍ଥାତ୍ ଏ ଜଙ୍ଗଲ ହେଉଛି ଆଫ୍ରିକା ମହାଦେଶ ; ଏ ସର୍ଭେକାରୀ ଦଳ ହେଲେ ଚତୁର ଗୋରା ସାହେବ ଗୋଷ୍ଠୀ ; ସିଂହୀଟି ହେଲା ନିଗ୍ରୋ ଜାତି ଯେଉଁମାନେ ଚତୁର ଗୋରା ଶାସକଙ୍କ ପ୍ରଲୋଭନରେ ସ୍ୱଧର୍ମ ଛାଡ଼ି ରୁଗ୍ଣ, କାଙ୍ଗାଳ ପାଲଟିଯାଇଥିଲେ।'' ଖାଲି ନୂତନ ଦିଗ୍‌ଦର୍ଶନ ନୁହେଁ, ବେଳେବେଳେ ଶ୍ରେଣୀକକ୍ଷରେ ଛାତ୍ରୀଛାତ୍ରମାନଙ୍କର ଶିକ୍ଷକଙ୍କ ସୀମିତତାଜନିତ ଅସୁବିଧାକୁ ହୃଦୟଙ୍ଗମ ପୂର୍ବକ ଉଦାରତା ପ୍ରଦର୍ଶନ ସେମାନଙ୍କୁ ମହନୀୟ କରି ତୋଳେ। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାର 'ଟଲଷ୍ଟୟ ଫାର୍ମ'ରେ ଶିକ୍ଷକତା କରୁଥିବା ବେଳେ ସେ ଏହି ଉଦାରତାର ଉପଭୋକ୍ତା ପାଲଟିଥିଲେ ଯେତେବେଳେ ସେ ପଢ଼ାଉଥିବା ପାଠ ତଥା ଭାଷା ଠିକ୍ ନ ଥିଲା। ପିଲାମାନେ କିନ୍ତୁ ନୀରବ ରହୁଥିଲେ, ଅବା ପାଠ ଉପଭୋଗ କରୁଥିବାର ଛଳନା କରୁଥିଲେ, ଗାନ୍ଧୀଙ୍କ ମନରେ ଆଘାତ ନ ଦେବା ପାଇଁ। ଅଥଚ ଗାନ୍ଧୀ ଘରକୁ ଫେରି ଭୁଲ୍‌ଗୁଡ଼ିକ ଧରି ପାରୁଥିଲେ। ସେ ଅସହାୟ ଥିଲେ କାରଣ ଶିକ୍ଷକ ଅଭାବ ଯୋଗୁ ସେ ବହୁ ବିଷୟ ଓ ବହୁତ ଭାରତୀୟ ଭାଷାର ଶିକ୍ଷାଦାନ କରୁଥିଲେ।



କବି, ଲେଖକ ଓ ପାଠକଙ୍କୁ ନେଇ ମଧ୍ୟ ସେହି ପ୍ରକାର ବଡ଼ ସାନର ବିଚାର କରାଯାଏ। ସାଧନା ଓ ପ୍ରେରଣା ପ୍ରସୂତ ଲେଖାଟି ପାଠକ ଆଗରେ ପରିବେଷଣକରି ଲେଖକ ସ୍ରଷ୍ଟା ବା ସୃଷ୍ଟିକର୍ତ୍ତା ଭୂମିକାରେ ଅବତୀର୍ଣ୍ଣ ହୁଏ। କିନ୍ତୁ ତା' ଲେଖାକୁ ଅଧିକ ଶାଣିତ, ଅଧିକ ସମୟୋପଯୋଗୀ ତଥା କାଳଜୟୀ କରିବାରେ ପାଠକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପାଠକର ଚିରନ୍ତନ, ଅଦୃଶ୍ୟ ଉପସ୍ଥିତି ଲେଖକଙ୍କୁ ଦାୟିତ୍ୱ ସଚେତନ କରାଏ ; ବେଳେବେଳେ ତାକୁ ନୀରବି ଯିବାକୁ ଆହ୍ୱାନ ଦିଏ। ଭକ୍ତ ଭଗବାନ ପ୍ରେକ୍ଷାପଟରେ ଭକ୍ତକୁ ବଡ଼ କଲା ଭଳି ଉଦାରତା ଆମେ ଭଗବାନ୍‌ଙ୍କ ପାଖରେ ଦେଖୁ ଯାହା ଶ୍ରୀମଦ୍ ଭାଗବତର ତୃତୀୟ ସ୍କନ୍ଧର ଷୋଡ଼ଶ ଅଧ୍ୟାୟରେ ପ୍ରତିଫଳିତ। ଯାହାର ଅର୍ଥ ହେଲା ''ମୋ ପାଦରେଣୁର ପବିତ୍ରତା ଆପଣଙ୍କ ଭଳି ବ୍ରହ୍ମଜ୍ଞମାନଙ୍କ ସେବାର ପରିଣାମ।''

ଡାକ୍ତର ଓ ଶିକ୍ଷକଙ୍କ ପ୍ରତି ସମାଜର ଭଗବତସମ ଦୃଷ୍ଟି ସେମାନଙ୍କର ଅହଂକାର ବୃଦ୍ଧି ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଏକ ଆପେକ୍ଷିକ ବିଚାରବୋଧ। ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ରୋଗୀ ଯେତିକି ଜଣେ ଉପଭୋକ୍ତା, ସେତିକି ଜଣେ ଅବଦାନକାରୀ ମଣିଷ ; ଶିକ୍ଷା କ୍ଷେତ୍ରରେ ଛାତ୍ରଟି ଯେତିକି ଅନୁଗୃହୀତ, ସେତିକି ମଧ୍ୟ ଭିନ୍ନଦୃଷ୍ଟି ଉନ୍ମୋଚନରେ ସକ୍ଷମ, କାରଣ ପ୍ରତ୍ୟେକ ଛାତ୍ର ଜଣେ ଜଣେ ଅପେକ୍ଷମାଣ ଶିକ୍ଷକ। ମୂଳକଥା ହେଲା ଆମେ ଏମାନଙ୍କୁ କେତେ ଗୁରୁତ୍ୱଦେବା।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର,**
**ମୋ. : ୯୪୩୭୩୭୬୨୧୯**

# ହିଂସା ଓ ପ୍ରତିହିଂସା



ଅଧ୍ୟାପକ ଗୋପବନ୍ଧୁ

ହିଂସାରୁ ଜାତ ପ୍ରତିହିଂସା। ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା। ଘୃଣା, ବିଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ। ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରିୟା ଆଗକୁ ବଢ଼ିଚାଲେ। ଏହା ହଠାତ୍ ସମାପ୍ତ ହୁଏ ନାହିଁ। କ୍ରମେ ସଂକ୍ରମିତ ହୋଇ ଆହୁରି ବଢ଼େ। ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତକରେ। କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ। ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢ଼ି ପରେ ପିଢ଼ି ଉଜ୍ଜୀବିତ ରହେ। ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେନାହିଁ। ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ। ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ। ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ। ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷିପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୁଏ।

ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣାହୋଇଛି। ସାଧୀନତା ପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି। ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି। ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା–ପ୍ରତିହିଂସା, ଘୃଣା–ଦ୍ୱେଷ, ଭଙ୍ଗା–ରୁଜା, ଗାଳି–ଗୁଲଜ, ରାଗ–ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି। ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି। ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି। ହିନ୍ଦୁ, ମୁସଲମାନ ଓ ଶିଖ୍ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି। ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି। ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡ଼ବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି। ରାଜନୈତିକ ମଞ୍ଚରୁ ମଧ୍ୟ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି। ସମାଜରେ, ପରିବାରରେ, ତା' ଖଟିରେ ବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି। ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତି ପ୍ରତି ଧାର୍ମିକ ଏବଂ ଜାତିଗତ ଘୃଣା ଶୁଣି ଶୁଣି ବଢ଼ୁଛି।



ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁ ଧାର୍ମିକ ମୌଳବାଦ ବଢ଼ୁଛି। ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି। ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି। ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ। ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତ୍‌କ୍ଷଣାତ ନୁହେଁ, ଏହା ଦୀର୍ଘ ମାନସିକତାର ପ୍ରତିଫଳନ। ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୂରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ। ଫଳରେ ହତ୍ୟା, ଗଣହତ୍ୟା, ମବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ସମ୍ମୁଖକୁ ଆସୁଛି। ନିକଟରେ ରାଜସ୍ଥାନର ଉଦୟପୁରରେ ହୋଇଥିବା ଜଘନ୍ୟ ହତ୍ୟା ମଧ୍ୟ ଏହାର ପ୍ରତିଫଳନ। ଦୁଇଜଣ ଭିନ୍ନ ସମ୍ପ୍ରଦାୟର ଯୁବକ ନନ୍ଦଲାଲକୁ ହତ୍ୟା କରିବା, ନନ୍ଦଲାଲ ନୂପୁର ଶର୍ମାର ସପକ୍ଷରେ ସାମାଜିକ ଗଣମାଧ୍ୟମରେ ଲେଖିବା, ନୂପୁର ଶର୍ମା ଦୂରଦର୍ଶନ ଆଲୋଚନାରେ ଇସଲାମ ଧର୍ମଗୁରୁଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା, ସେ କୋଉଠୁ ନା କୋଉଠୁ ଏ ବିଷୟରେ ଶିକ୍ଷାଲାଭ କରିବା, ପ୍ରତିପକ୍ଷ ମଧ୍ୟ ତାଙ୍କୁ ଉସୁକାଇବା, ସାମାଜିକ ପ୍ରତିକ୍ରିୟାକୁ ସେମାନେ ଦୂରଦର୍ଶନରେ ରଖିବା ଇତ୍ୟାଦି ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡ଼ି ମାତ୍ର।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣିଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ। ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡ଼ିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ। ଯେଉଁ ଗଣମାଧ୍ୟମଗୁଡ଼ିକ ବିଶେଷକରି ଚାନେଲଗୁଡ଼ିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି, ସେମାନେ ମଧ୍ୟ ଖସିଯାଇପାରିବେ ନାହିଁ।

ମନେରଖିବାକୁ ହେବ ଯେ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ। କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ। ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶିକାର ହୁଏ। ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ। କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ। ଯିଏ ବିଦ୍ୱେଷ ବାଣ୍ଟୁଛି ତା' ବିରୋଧରେ ବି କାଲି ବିଦ୍ୱେଷ ତିଆରି ହେବ। ଏହାଛଡ଼ା ନିଜର ଫାଇଦା ପାଇଁ ଯେଉଁ ଭିଡ଼ତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ଼ ନିୟନ୍ତ୍ରଣର ବାହାରକୁ ଚାଲିଯିବ। ସେତେବେଳେ ଏଇମାନେ ହିଁ ଭସ୍ମାସୁର ବନିଯିବେ। ଏହି ଅବସ୍ଥା ଆସିଲା ବେଳକୁ ଦେଶରେ ଅରାଜକତା ଚରମସୀମାରେ ପହଞ୍ଚି ସାରିଥିବ।

**(ଅବସରପ୍ରାପ୍ତ, ଦର୍ଶନ ବିଭାଗ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ଏଇ ଭାରତରେ

ଆଇଆଇଟି,ମୁମ୍ବାଇର ୨ ପୁରାତନ ଛାତ୍ର ନୀତୀଶ ପାରିଖ ଏବଂ ରାଜକୁମାର କ୍ୱେଟ ଏଭଳି ସାଇକେଲ ନିର୍ମାଣ କରିଛନ୍ତି ଯେ, ତାହାକୁ ଟ୍ରଲି ବ୍ୟାଗ୍ ଭଳି ଫୋଲ୍ଡିଂକରି ନେଇହେବ। କେବଳ ଏତିକି ନୁହେଁ, ଏହାକୁ ମଧ୍ୟ ଇଲେକ୍ଟ୍ରିକ୍ ବାଇକ୍ ଭାବେ ବ୍ୟବହାର କରାଯାଇପାରିବ। ଏହାର ଆକାର ବଜାରରେ ଉପଲବ୍ଧ ଛୋଟ ସାଇକେଲ ଭଳି। ସାଇକେଲ ନିର୍ମାଣ କରିବା ଲାଗି ଏହି ଦୁଇ ବନ୍ଧୁଙ୍କୁ ୨ ବର୍ଷ ଲାଗିଯାଇଥିଲା। ରାଜକୁମାର ଟ୍ରାନ୍ସପୋର୍ଟେଶନ ଡିଜାଇନରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବା ବେଳେ ନୀତୀଶ ଜଣେ ମେକାନିକାଲ ଇଞ୍ଜିନିୟର। ନୀତୀଶ କହନ୍ତି, ସେମାନେ ବାହାରକୁ ସାଇକେଲ ନେଲେ ଲୋକମାନେ ଏହାକୁ ଏକ ସାମାନ୍ୟ ସାଇକେଲ ମନେକରନ୍ତି, କିନ୍ତୁ ଫୋଲ୍ଡିଂ କରିବା ପରେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏହି ସାଇକେଲକୁ ତିନୋଟି ଉପାୟରେ ଚଲାଇ ହେଉଛି। ପ୍ରଥମରେ ପ୍ୟାଡେଲରେ ଚଳାଇହେବ। ଦ୍ୱିତୀୟରେ ହାଇବ୍ରିଡ୍ ମୋଡ୍, ଯେଉଁଥିରେ ମୋଟର ଓ ପ୍ୟାଡେଲ ଦୁଇଟିର ଉପଯୋଗ ହେବ। ତୃତୀୟରେ ଫୁଲ୍ ମୋଟର ମୋଡ୍, ଯେଉଁଥିରେ ସାଇକେଲକୁ ଏକ ବାଇକକୁ ବଦଳାଯାଇପାରିବ। ଏଥିରେ ଥିବା ବ୍ୟାଟେରିକୁ ସହଜରେ ବାହାର କରାଯାଇପାରୁଛି। ଉକ୍ତ ସାଇକେଲକୁ ହାଇଦ୍ରାବାଦରେ ବ୍ୟବସାୟିକ ଭିତ୍ତିରେ ନିର୍ମାଣ କରାଯାଇ ସେପ୍ଟେମ୍ବର ସୁଦ୍ଧା ବଜାରରେ ଉପଲବ୍ଧ କରାଯିବା ଯୋଜନା ରହିଛି ବୋଲି କହନ୍ତି ରାଜକୁମାର।

## ୨୫ ବର୍ଷ ତଳର ଧରିତ୍ରୀ

**୬ ଜୁଲାଇ ୧୯୯୭**

- ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ମାର୍ଟିନା ହିଙ୍ଗିସ୍ ୟାନା ନୋଭୋନାଙ୍କୁ ପରାସ୍ତ କରି ସର୍ବକନିଷ୍ଠା ୱିମ୍ବେଲଡନ୍ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛନ୍ତି।
- କୁଥୁପାରାମ୍ବାଠାରେ ଘଟିଥିବା ଗୁଳିଚାଳନା ଘଟଣା ସହ ସମ୍ପୃକ୍ତ ଅଭିଯୋଗରେ କେରଳର ପୂର୍ବତନ ସମବାୟ ମନ୍ତ୍ରୀ ଏମ୍.ଭି. ରାଘବନ ଗିରଫ।
- ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଜନତା ଦଳ ଗଠିତ।

# ପାଠକ ଶ୍ରେଷ୍ଠ ବିଚାରକ

## ପରିସଂଖ୍ୟାନକୁ ନେଇ ପ୍ରଶ୍ନବାଚୀ

ମହାଶୟ,

୨୦୨୧–୨୨ ଆର୍ଥିକ ବର୍ଷ ଦେଶର ଆର୍ଥିକ ଅଭିବୃଦ୍ଧି ୮.୭% ରହିଥିବା ଖବର ଗଣ ମାଧ୍ୟମରେ ସାର୍ବଜନୀନ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଖୁସି ଖବର। ଦେଶର ଅର୍ଥନୀତିରେ ସୁଧାର ଆସୁଥିବା ଏଥରୁ ଜଣାପଡୁଛି। ତେବେ ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାରର ହିସାବରୁ ଜଣାପଡିଛି ଏହି ଅଭିବୃଦ୍ଧି ପ୍ରଥମ ତ୍ରୈମାସିକ (ଏପ୍ରିଲ ୨୧ରୁ ଜୁନ୍ ୨୧)ରେ ୨୦.୧%, ଦ୍ୱିତୀୟ ତ୍ରୈମାସିକ (ଜୁଲାଇ ୨୧ରୁ ସେପ୍ଟେମ୍ବର ୨୧)ରେ ୮.୪%, ତୃତୀୟ ତ୍ରୈମାସିକ (ଅକ୍ଟୋବର ୨୧ରୁ ଡିସେମ୍ବର ୨୧)ରେ ୫.୪% ଓ ଚତୁର୍ଥ ସପ୍ତାହ ( ଜାନୁୟାରୀ ୨୨ରୁ ମାର୍ଚ୍ଚ ୨୨)ରେ ୪.୧ % ଥିଲା। ଏହା ସମସ୍ତଙ୍କୁ ବିସ୍ମିତ କରିଛି। ପ୍ରଥମ ତ୍ରୈମାସିକ ସମୟରେ କରୋନା କଟକଣା ଅଧିକ ଥିଲା ଓ ଜୁନ୍ ୨୧ରେ ଜି.ଏସ୍.ଟି ମାତ୍ର ୯୨,୮୪୯ କୋଟି ଆଦାୟ ହୋଇଥିଲା। ଚତୁର୍ଥ ତ୍ରୈମାସିକରେ କରୋନା କଟକଣା କୋହଳ ଥିଲା ଏବଂ ଏହି ତ୍ରୈମାସିକରେ ମାର୍ଚ୍ଚ ୨୨ରେ ଜିଏସ୍‌ଟି ଆଦାୟ ସର୍ବୋଚ୍ଚ ୧,୪୨,୦୦୦ କୋଟି ଥିଲା। ଏପରି ସ୍ଥିତିରେ ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ସର୍ବୋଚ୍ଚ ୨୦.୧ % ରହିବା ଓ ଚତୁର୍ଥ ତ୍ରୈମାସିକରେ ସର୍ବନିମ୍ନ ୪.୧ % ରହିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା ଉପରେ ଅଧିକ ଅନୁଶୀଳନର ଆବଶ୍ୟକତା ରହିଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍ଧ ଆଖି ନୟନ ପରେ ରଖଇଁ
କଳୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ।
–(ପ୍ରସାଧନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫।୦୭।୨୦୨୨

| | |
|---|---|
| ୧,୨୮, ୪୩୬ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ୧୫.୨୫୦ ମି.ଗ୍ରା |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଗୀତ 'ବାଏ ବାଏ ଦିଲ୍'ର ଅଡିଓ ରିଲିଜ୍, ଗୀତଗୋବିନ୍ଦ ଭବନ, ସନ୍ଧ୍ୟା ୬ଟା ୩୦।

କଟକ

- ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଶ୍ରଦ୍ଧାଞ୍ଜଳି ସଭା, ସାରଳା ଭବନ, ସନ୍ଧ୍ୟା ୬ଟା ।

# ନନ୍ଦିଘୋଷ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

**ପୁରୀ ଅଫିସ, ୫।୭**

ଘୋଷଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ମଙ୍ଗଳବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିବାବେଳେ ଅଭିମାନିନୀ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରୋଷକରି ତାଙ୍କ ନନ୍ଦିଘୋଷ ରଥ ଭାଙ୍ଗିଛନ୍ତି। ଅନ୍ୟପକ୍ଷରେ ଦିନତମାମ ଲାଗିରହିଥିବା ବର୍ଷା ସନ୍ଧ୍ୟାରେ ଛାଡ଼ିଯିବାରୁ ଦାରୁଦିଅଁଙ୍କ ଦର୍ଶନ ପାଇଁ ଆଡ଼ପମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ମାଜଣା ନୀତି ଅନୁଷ୍ଠିତ ହୋଇଥିଲା। ପରେ ମହାଲକ୍ଷ୍ମୀ ବିମଳା ମନ୍ଦିରକୁ ବିଜେ କରିଥିଲେ। ମା' ବିମଳାଙ୍କଠାରୁ ଅନୁମତି ନେଇ ସେ ମହାପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ପାଲିଙ୍କିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତିମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷାବିଡ଼ିଆ ଓ ଦହିପତି ମଣୋହୀ କରିଥିଲେ। ପରେ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିର ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଯାଇଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ତାଙ୍କୁ ପ୍ରଦାନ କରିଥିଲେ। ଜୟବିଜୟ ଦ୍ୱାରର ଗୋଟିଏ ଦ୍ୱାର ବନ୍ଦ କରାଯିବା ସହ ଟେରା ପଡ଼ିଥିଲା। ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ନ ଥିଲେ। ଏହାପରେ ମହାଲକ୍ଷ୍ମୀ ଅଭିମାନ କରି ଶ୍ରୀମନ୍ଦିରକୁ ବାହୁଡ଼ିବାବେଳେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ପାଖରେ ଭିତରଛ ସେବକ ତାଙ୍କୁ ବନ୍ଦାପନା ଓ ଦହିପତି ମଣୋହୀ କରିଥିଲେ। ପରେ ସେ ନନ୍ଦିଘୋଷ ରଥ ନିକଟକୁ ଯାଇ ରଥର କିଛି ଅଂଶ ଭାଙ୍ଗିଥିଲେ। ଏହାପରେ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ି ଆସିଥିଲେ। ଏହି ସମୟରେ ମହାଲକ୍ଷ୍ମୀଙ୍କୁ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ମଣୋହୀ କରାଯାଇଥିଲା।

ସୂଚନାଯୋଗ୍ୟ, ରୁକ୍ମିଣୀ ହରଣ



ହେରାପଞ୍ଚମୀ ଅବସରରେ ମହାଲକ୍ଷ୍ମୀଙ୍କ ଦ୍ୱାରା ନନ୍ଦିଘୋଷ ରଥ କାଠ ଭଙ୍ଗା ନୀତି ଚାଲିଛି।

### ହେରାପଞ୍ଚମୀ ନୀତି ସମ୍ପନ୍ନ

ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମା' ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଗଇଁଠାଳ ଫିଟି ନ ଥିବାବେଳେ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେଲେ। ଅଣସର ଘରେ ୧୫ଦିନ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ନବଦିନାତ୍ମକ ଘୋଷଯାତ୍ରାରେ ବାହାରି ଜନ୍ମବେଦୀ ବା ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ଫଳରେ ନବବିବାହିତା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହି ନ ପାରି ତାଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମାତ୍ର ତାଙ୍କ ସହ ମହାପ୍ରଭୁ ଫେରିଲେ ନାହିଁ। ଫଳରେ ଅଭିମାନିନୀ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରୋଷକରି ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ଶ୍ରୀମନ୍ଦିରକୁ ବାହୁଡ଼ି ଆସିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାବୁଲି



@ ମାନସୀ



@ ଅନିଲ



@ ଆୟାନ୍



@ ସୁଦର୍ଶନ



@ ସୁଜିତ୍





**ପୁରୀ:** ୩୧ତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବର ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ଲୋକନୃତ୍ୟ।

# ମନ ମୋହିଲା ନାଚଗୀତ

**ପୁରୀ ଅଫିସ, ୫।୭**

### ୩୧ତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବ

■ବିଭିନ୍ନ କ୍ଷେତ୍ରରେ ସମ୍ମାନିତ ହେଲେ ବହୁ ପ୍ରତିଭା

ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପୁରୀ ବଡ଼ଶଙ୍ଖଠାରେ ମଙ୍ଗଳବାର ୩୧ତମ ରଥଯାତ୍ରା ଲୋକନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ତଥା ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ତଥା ଅଭ୍ୟର୍ଥନା କମିଟି ଅଧକ୍ଷ ଗୌରହରି ପ୍ରଧାନ, ଯୁବ ବିଜେଡି ଉପସଭାପତି ତଥା ମହୋତ୍ସବ କମିଟି ଅଧକ୍ଷ ଶୁଭାଶିଷ ଖୁଣ୍ଟିଆ, କମିଟି ଉପସଭାପତି ଡ. ପ୍ରଧାନ ଧୀରେନ୍ ରାୟ, କାର୍ଯ୍ୟକାରୀ ଉପଦେଷ୍ଟା ରାଧାକାନ୍ତ ମହାପାତ୍ର ଏବଂ ଉପଦେଷ୍ଟା ଭଗବାନ ସୁଆର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମହୋତ୍ସବ ପ୍ରତିଭା ପ୍ରଦର୍ଶନର ଅନ୍ୟତମ ମଞ୍ଚ ବୋଲି ଅତିଥିମାନେ କହିବା ସହ ମହାପ୍ରଭୁଙ୍କ ଭଜନ, ଜଣାଣ, ନୃତ୍ୟ, ନାଟିକା ପ୍ରଭୃତି ଲୋକଙ୍କ ନିକଟରେ ପହଞ୍ଚାଉଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚିକିତ୍ସା ସେବା କ୍ଷେତ୍ରରେ ଡାକ୍ତର ପୂଣ୍ୟଶ୍ଳୋକ ଦାସ ଓ ନେତ୍ରାନନ୍ଦ ଭୋଇ, ସଙ୍ଗୀତ କ୍ଷେତ୍ରରେ ଅଜିତ୍ ପ୍ରସାଦ ମହାପାତ୍ର ଓ ନମିତା ଅଗ୍ରୱାଲ, ନୃତ୍ୟ କ୍ଷେତ୍ରରେ ମୀରା ଦାସ, ସମାଜସେବା କ୍ଷେତ୍ରରେ ଇଂ. ଭବାନୀ ଶଙ୍କର ମହାନ୍ତି, ବି. ଭେଙ୍କଟ ରମନା ଓ ରାଧାକାନ୍ତ ମହାପାତ୍ର, ଶିକ୍ଷା କ୍ଷେତ୍ରରେ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ରୀତା ମହାନ୍ତି, ବ୍ୟଙ୍ଗ କବିତା କ୍ଷେତ୍ରରେ ଜ୍ଞାନ ହୋତା, ସାହିତ୍ୟ କ୍ଷେତ୍ରରେ ରାଜଭବନର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ପରିବେଶ କ୍ଷେତ୍ରରେ ସତ୍ୟ ପାଣିଗ୍ରାହୀ, ଦୂରସଞ୍ଚାର ସେବା କ୍ଷେତ୍ରରେ ଦିବାକର ମହାନ୍ତି, ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ବିଜୟ କୁମାର ମହାନ୍ତି, କ୍ରୀଡ଼ା କ୍ଷେତ୍ରରେ ସବିତା ନନ୍ଦ, ସାମ୍ବାଦିକତା କ୍ଷେତ୍ରରେ ମଧୁସୂଦନ ମିଶ୍ର, ଫଟୋ ସାମ୍ବାଦିକତା କ୍ଷେତ୍ରରେ ଯଜ୍ଞେଶ୍ୱର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ଆହେ ନୀଳଶୈଳ ଦଳଗତ ନୃତ୍ୟ ଓ ମାଣିକ ଗୌଡୁଣୀ ନୃତ୍ୟନାଟିକା, ଟିଟିଲାଗଡ଼ କ୍ଲାସିକ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ଡାଲଖାଇ ଓ କୋଶ୍‌ଲି ଚଟନି ନୃତ୍ୟ, ପୁରୀର ନାଗା ଓ ମେଢ ନୃତ୍ୟ ପରିବେଷଣ ସହ 'ଦି ପଲଟିକାଲ ସର୍କସ'ର କଳାକାରଙ୍କ ପକ୍ଷରୁ ଅଭିନୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ରାଧାକୃଷ୍ଣ ରାସଲୀଳା (ଉତ୍ତରପ୍ରଦେଶ), ଲମ୍ବାଡ଼ି ନୃତ୍ୟ (ଆନ୍ଧ୍ରପ୍ରଦେଶ), ଝୁମାଉଣୀ (ଉତ୍ତରାଖଣ୍ଡ ), ବଞ୍ଜାରା (ରାଜସ୍ଥାନ) ପଲ୍ଲୁ ଲଟ୍‌କେ (ରାଜସ୍ଥାନ), ମାରୁତି ବୟେଜ ଫାୟାର ଏଣ୍ଟରଟେନର୍ସ ପୁରୀ ଶିରୁଳି ମହାବୀର ପକ୍ଷରୁ ଅଗ୍ନିନୃତ୍ୟ, ଖୋର୍ଦ୍ଧାର ମା' ଅଁଳେଇ ପାଇକ ଆଖଡ଼ା ସଂଘ ପକ୍ଷରୁ ପାଇକ ଆଖଡ଼ା, ଭବାନୀପାଟଣାର ସୁରସଙ୍ଗୀତ ପକ୍ଷରୁ ପଶ୍ଚିମ ଓଡ଼ିଶା ଲୋକ ଗୀତ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ସାଂସ୍କୃତିକ ସମ୍ପାଦକ ଶେଷଦେବ ସାହୁ, ଯୁଗ୍ମସମ୍ପାଦକ ରାଜେଶ କୁମାର ସାହୁ, ରାଜ କିଶୋର ସାହୁ, ସୁରରିତା ପାଢୀ, ସହସାଂସ୍କୃତିକ ସମ୍ପାଦକ ନେତ୍ରାନନ୍ଦ ବିଶୋଇ, ଲକ୍ଷ୍ମୀଧର ମହାପାତ୍ର, ରମେଶ ମହାନ୍ତି, ଶରତ ପାତ୍ର, ଅଶୋକ ଦାସ ଏବଂ କୋଷାଧକ୍ଷ ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିରଞ୍ଜନ ବ୍ରହ୍ମାଙ୍କୁ କଳିଙ୍ଗ ରତ୍ନ ସମ୍ମାନ

**ପୁରୀ ଅଫିସ, ୫।୭**

### ୪୨ତମ ହେରା ପଞ୍ଚମୀ ଭଜନ ସମାରୋହ

ପବିତ୍ର ହେରାପଞ୍ଚମୀ ଅବସରରେ ମଙ୍ଗଳବାର ଶରଧାବାଲି ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବଡ଼ଶଙ୍ଖଠାରେ ୪୨ତମ ହେରାପଞ୍ଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ପୂର୍ବତନ ବାଚସ୍ପତି ତଥା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ, ସଙ୍ଗୀତ ପ୍ରଯୋଜକ ବିଭୁଦତ୍ତ ସୁବୁଦ୍ଧି, କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ଫିଜିଓ ଥେରାପିଷ୍ଟ ଡା. ଅମ୍ଳାନ ଜ୍ୟୋତି ମହାନ୍ତି, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବିଜେଡି ଜିଲା ଉପସଭାପତି ଭକ୍ତ ଚରଣ ଦାସ, ଦର୍ଶନୀ ନ୍ୟୁଟ୍ରିମେଣ୍ଟସ ଆର୍ଥସିଡି ମସାଲାର ମ୍ୟାନେଜିଂ ଡାଇରେକ୍ଟର ବିନୟ ସୁବୁଦ୍ଧି ଓ ସଂଘମିତ୍ରା ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜ ଅତିଥି ପରିଚୟ ପ୍ରଦାନ ସହ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପଣ୍ଡିତ ବାଣୀଭୂଷଣ ନିରଞ୍ଜନ ବ୍ରହ୍ମାଙ୍କୁ କଳିଙ୍ଗ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କୁ ମାଖନଲାଲ ହାଲଦାର ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କୁ ଡ଼ା. ଲକ୍ଷ୍ମୀନାରାୟଣ ମହାପାତ୍ର ସ୍ମୃତି ସମ୍ମାନ, ଅଞ୍ଜଳି ମିଶ୍ରଙ୍କୁ ପ୍ରଦୀପ ମହାରଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ଯମେଶ୍ୱର ସ୍ୱାଇଁ, କଣ୍ଠଶିଳ୍ପୀ କାର୍ତ୍ତିକ କୁମାର, ଫିଜିଓଥେରାପିଷ୍ଟ ଡ. ଅମ୍ଲାନ ଜ୍ୟୋତି ମହାନ୍ତି, ପଖାଉଜ ତବଲା ବାଦକ ବିଭୁ ପ୍ରସାଦ ନନ୍ଦ ଏବଂ ଢୋଲକ ବାଦକ ଅମୃତ ରଞ୍ଜନ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଶରତ ନାୟକ, ମନ୍ମଥ ମିଶ୍ର, ଶ୍ରୀଚରଣ ମହାନ୍ତି, ସୌରଭ ନାୟକ, ଗଗନ ଜେନା, ପ୍ରଫୁଲ ବେହେରା, କାର୍ତ୍ତିକ କୁମାର, ସୁଧାକର ମିଶ୍ର, ବରୁଣ କୁମାର, ଶୈଳଭାମା ମହାପାତ୍ର, ଅଞ୍ଜଳି ମିଶ୍ର, ମାନସୀ ପାତ୍ର, ଅନ୍ତରା ଚକ୍ରବର୍ତ୍ତୀ, ମଞ୍ଜୁଶ୍ରୀ ମିଶ୍ର, କୃଷ୍ଣପ୍ରିୟା ବିଭୁ ପ୍ରସାଦ ନନ୍ଦ ଏବଂ ବିଷ୍ଣୁପ୍ରିୟା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ପଣ୍ଡିତ ବାଣୀଭୂଷଣ ନିରଞ୍ଜନ ବ୍ରହ୍ମାଙ୍କୁ କଳିଙ୍ଗ ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

# ରାଜ୍ୟପାଳଙ୍କ ଦ୍ୱାରା 'କୁହୁଡିବଣ' ଉନ୍ମୋଚିତ

**ଭୁବନେଶ୍ୱର, ୫।୭ (ବ୍ୟୁରୋ)**

ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ କବି ବନ୍ଦନା ପଣ୍ଡାଙ୍କ କବିତା ସଂକଳନ 'କୁହୁଡିବଣ' ରାଜଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ପୁସ୍ତକ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଡ଼ିଆ ଭାଷା ସାହିତ୍ୟର ସୁଦୀର୍ଘ ପରମ୍ପରାକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟପାଳ କବିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର ବରିଷ୍ଠ ସଭାପତି ପ୍ରସନ୍ନ କୁମାର ପଣ୍ଡା, କବି ପ୍ରବାସିନୀ ମହାକୁଡ, କବି ରକ୍ଷକ ନାୟକ, ସାମାଜିକ କର୍ମୀ ଲୀନା ଧଳ ଓ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ।



ଆଡ଼ପ ମଣ୍ଡପରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ମଙ୍ଗଳବାର ପ୍ରବଳ ବର୍ଷାରେ ଭିଜି ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଛନ୍ତି।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାର ଚାଲିଥିବା ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ପ୍ରୀତିନନ୍ଦା ରାଉତରାୟ ସଙ୍ଗୀତ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ମଙ୍ଗଳବାର କବି ବନ୍ଦନା ପଣ୍ଡାଙ୍କ କବିତା ସଂକଳନ 'କୁହୁଡିବଣ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ୩୧ ଯାଏ ଚାଲିବ ଇଗ୍ନୋ ନାମଲେଖା

#### ଚଳିତବର୍ଷ ୧୮ ନୂଆ ପାଠ୍ୟକ୍ରମ ସାମିଲ

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ପାଠ ପଢ଼ିବାକୁ ଚାହୁଁଥିବା ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସୁଯୋଗ ସୃଷ୍ଟି କରିଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା କୌଣସି କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଯେକୌଣସି ବୟସର ବ୍ୟକ୍ତି ବିଶେଷମାନେ ପାଠ ପଢ଼ିପାରିବେ। ଏଥିପାଇଁ ଇଗ୍ନୋ ପକ୍ଷରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁଲାଇ ୩୧ ପର୍ଯ୍ୟନ୍ତ ନାମଲେଖା ଚାଲୁ ରହିବ। ଚଳିତବର୍ଷ ୧୮ଟି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଅଣ୍ଡରଗ୍ରାଜୁଏଟ୍ ଏବଂ ପି.ଜି. ଡିପ୍ଲୋମା ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପଞ୍ଜୀକରଣ ଦେୟ ଛାଡ କରାଯାଇଛି ବୋଲି ଇଗ୍ନୋ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ତରଫରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରୀଛାତ୍ର ଇଗ୍ନୋର ୱେବ୍ ସାଇଟ୍ www.ignou.ac.in ଏବଂ ଲିଙ୍କ https://ignouadmission.samarth.edu.in ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ। ସମସ୍ତ ପ୍ରକାର ତଥ୍ୟ ପାଇଁ ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୫।୭(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ଗ୍ରାମ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ବିଶ୍ୱନାହାକାଣୀ ପଞ୍ଚାୟତ ଅଞ୍ଜୁଆ ଗ୍ରାମର ଅବକାଶ ପ୍ରଧାନ(୨୩)। ସେ ଇନ୍ଦ୍ରାଣୀପାଟଣା ଗ୍ରାମ ନିକଟରେ ଥିବା ଫ୍ଲିପ୍ କାର୍ଟ କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଏଥିସହ କମ୍ପାନୀ ପରିସରରେ ଥିବା ଗୃହରେ ରହୁଥିଲେ। ସୋମବାର ରାତି ୧୦ଟାରେ ସେ କମ୍ପାନୀ ବାହାରକୁ ଆସି ଆଉ ଫେରି ନ ଥିଲେ। ପରେ ତାଙ୍କ ସହକର୍ମୀମାନେ କମ୍ପାନୀ ଭିତରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ମଙ୍ଗଳବାର ସକାଳେ କମ୍ପାନୀ ନିକଟରେ ଥିବା ଏକ ଆମ୍ବଗଛରେ ଅବକାଶଙ୍କ ମୃତଦେହ ଗାମୁଛାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଅବକାଶଙ୍କ ପରିବାର ଲୋକେ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୨) ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।



ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ୟାଣ୍ଡେଲ ଶୋଭାଯାତ୍ରା।

# ‘ତୁରନ୍ତ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ ହେଉ’

**ବନ୍ୟପ୍ରାଣୀ ଅପରାଧ**

**୫-ଟି ସଚିବଙ୍କୁ ଚିଠି ଲେଖିଲା ଅଣ ଗେଜେଟେଡ୍ ବନ କର୍ମଚାରୀ ସଂଘ**

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ବନ୍ୟପ୍ରାଣୀ ଅପରାଧ ରୋକିବା ପାଇଁ ୨୦୦୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୦ଟି ସ୍ଥାନରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ (ଏସ୍ଏସ୍ଏଫ୍) ଗଠନ କରିବା ପାଇଁ ଘୋଷଣା କରିଥିଲେ। କିନ୍ତୁ ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ ଏଯାଏ ଉକ୍ତ ଘୋଷଣା କାର୍ଯ୍ୟକାରୀ ହୋଇନାହିଁ। ତେଣୁ ରାଜ୍ୟ ଅଣ ଗେଜେଟେଡ ବନ କର୍ମଚାରୀ ସଂଘ ୫-ଟି ସଚିବଙ୍କୁ ଚିଠି ଲେଖି ଏସ୍ଏସ୍ଏଫ୍ ଗଠନ ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଛି। ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ଏବଂ ସାଧାରଣ ସମ୍ପାଦକ ଦିଲୀପ କୁମାର ମିଶ୍ର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏସ୍ଏସ୍ଏଫ୍ ଗଠନ ପାଇଁ ୨୦୦୮ରୁ ଘୋଷଣା ହୋଇଥିଲେ ମଧ ବନ ବିଭାଗ ଏହାକୁ କରିପାରି ନାହିଁ। କିନ୍ତୁ ଏହାର ବହୁ ପଛରେ ଅର୍ଥାତ୍ ୨୦୧୨ରେ କ୍ରାଇମବ୍ରାଞ୍ଚ ନିଜର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଗଠନ କରି ବନ୍ୟପ୍ରାଣୀ ଅପରାଧ ଦମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଚାଲିଛି। ବନ୍ୟପ୍ରାଣୀ ସୁରକ୍ଷା, ବନ୍ୟପ୍ରାଣୀ ଅପରାଧ ରୋକିବା ଓ ବନ୍ୟପ୍ରାଣୀ ଅପରାଧୀଙ୍କୁ ଦମନ କରିବା ପାଇଁ ରାଜ୍ୟ ବନ ବିଭାଗ ଆଦୌ ଗୁରୁତ୍ୱ ଦେଉ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ଏପରିକି ଏହି କାମ ପାଇଁ ସ୍ୱତନ୍ତ୍ର ଭାବରେ କୌଣସି କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇନାହିଁ। ବର୍ତ୍ତମାନ ଜଣେ ବିଟ୍ ଗାର୍ଡ କିମ୍ବା ସେକ୍ସନ ଫରେଷ୍ଟରଙ୍କୁ ଜଙ୍ଗଲ, ବନ୍ୟଜନ୍ତୁ, ନିଆଁ ସୁରକ୍ଷା ସହିତ ବୃକ୍ଷରୋପଣ, ନର୍ସରି, ସିଲ୍‌ଭିକଲ୍‌ଚର ଅପରେଶନ, ନିର୍ମାଣ କାର୍ଯ୍ୟ ସମେତ ବିଭିନ୍ନ ପ୍ରକଳ୍ପ ଏବଂ ବିଭିନ୍ନ ଆପ୍ ମନିଟରିଂ ୱାର୍କ, ଭାଉଚର ଓ ଆକାଉଣ୍ଟ ପ୍ରସ୍ତୁତି ଆଦି ବହୁମୁଖୀ କାର୍ଯ୍ୟ କରିବାକୁ ପଡୁଛି। ଏତେ କାମ କରିବା ଭିତରେ ହାତୀ ତଥା ଅନ୍ୟ ବନ୍ୟଜନ୍ତୁ ଉପଦ୍ରବ ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲ ଥିବା ଡିଭିଜନଗୁଡ଼ିକରେ ବନ୍ୟଜନ୍ତୁଙ୍କୁ ଅନୁସରଣ କରି ସୁରକ୍ଷା ଦେବା ନିଶ୍ଚିତ ଭାବରେ ଅସମ୍ଭବ। ତେଣୁ ସରକାର ସମସ୍ତ ଟେରିଟୋରିଆଲ ଓ ବନ୍ୟପ୍ରାଣୀ ଡିଭିଜନରେ ତୁରନ୍ତ ଏସ୍ଏସ୍ଏଫ୍ ଗଠନ କରିବା ସହିତ ସମ୍ପୃକ୍ତ ଡିଭିଜନର ଏସିଏଫ୍‌ଙ୍କୁ ପ୍ରତି ଟିମ୍‌ର ନେତୃତ୍ୱ ଦେବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତି ଟିମ୍‌ରେ ଜଣେ ରେଞ୍ଜର, ୨ଜଣ ଡେପୁଟି ରେଞ୍ଜର, ୪ଜଣ ଫରେଷ୍ଟର, ୮ଜଣ ଫରେଷ୍ଟ ଗାର୍ଡ, ୨ଜଣ ଲେଖାଏ ଡ୍ରାଇଭର ସମେତ ୧୬ଜଣ ଦକ୍ଷତାସମ୍ପନ୍ନ ସ୍ଥାନୀୟ ଯୁବକଙ୍କୁ ସାମିଲ କରାଯାଉ। ଏଥିସହିତ ସମ୍ପୃକ୍ତ ପଦବୀଗୁଡ଼ିକ ନୂଆ କରି ସୃଷ୍ଟି କରିବା ପାଇଁ ପତ୍ରରେ ଅନୁରୋଧ କରାଯାଇଛି। ଏଥିସହିତ ଏସ୍ଏସ୍ଏଫ୍ ଯେପରି ୨୪ ଘଣ୍ଟିଆ କାର୍ଯ୍ୟ କରିବ, ସେଥିପାଇଁ ୬ ଦଫା ଦାବି ମଧ ଉପସ୍ଥାପନା କରାଯାଇଛି। ଜଗବନ୍ଧୁ କହିଛନ୍ତି, ଏସ୍ଏସ୍ଏଫ୍ ଗଠନ ହେଲେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ବନ୍ୟପ୍ରାଣୀ ଅପରାଧ ଦମନ ଠିକ୍ ଭାବରେ କରାଯାଇପାରିବ।

## ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆଣ୍ଟି ରାଗିଂ ସେଲ୍‌ର ବୈଠକ



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତି ସିନିୟରଙ୍କ ରାଗିଂ ସହି ନ ପାରି ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଆଣ୍ଟି ରାଗିଂ ସେଲ୍‌ର ନିଷ୍କ୍ରିୟତା ଯୋଗୁଁ ଏଭଳି ଘଟଣା ଘଟୁଥିବା ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଏହାକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ମଙ୍ଗଳବାର ଆଣ୍ଟି ରାଗିଂ ସେଲ୍‌ର ସଭାପତି ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସର୍କିଟ୍ ହାଉସରେ ଏସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଣ୍ଟି ରାଗିଂ ସେଲର କାର୍ଯ୍ୟକାରିତା ଓ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକୁ କିପରି ରାଗିଂ ମୁକ୍ତ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେବା ସହ ନିୟମିତ ବ୍ୟବଧାନରେ ବୈଠକ ଡକାଯାଇ ବିଭିନ୍ନ ଅଭିଯୋଗର ସମାଧାନ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ଜିଲାପାଳଙ୍କ ସମେତ ସେଲ୍‌ର ଅନ୍ୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## କାର୍ଡବୋର୍ଡରେ ନନ୍ଦିଘୋଷ ରଥ

**ଖୋର୍ଦ୍ଧା ଅଫିସ,୫।୭**

ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଯୁକ୍ତ-୨କଳା ଛାତ୍ର ସୁମିତ୍ କୁମାର ଦାଶ। କାର୍ଡବୋର୍ଡକୁ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି ୪ଫୁଟ ଉଚ୍ଚର ନନ୍ଦିଘୋଷ ରଥ। କଲେଜର ସହପାଠୀମାନେ ଏହି ରଥକୁ ଟାଣିଥିଲେ। ଶ୍ରୀକ୍ଷେତ୍ର ଘୋଷଯାତ୍ରା ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କର ସୁନାବେଶ, ଅଧରପଣା ନୀତି କରାଯିବ ବୋଲି ସେ କହିଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀ, ଲିଙ୍ଗରାଜ ପରିଡା, ପୂର୍ବତନ ଡିଷ୍ଟ୍ରିକ୍ଟ ଅର୍ଗାନାଇଜିଙ୍ଗ୍ କମିଶନର ଗୋପାଳକୃଷ୍ଣ ଦାସ ପ୍ରମୁଖ ସୁମିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଞ୍ଚମ ଶ୍ରେଣୀରୁ ଚିତ୍ର ଓ କାରୁକଳା ପ୍ରତି ସୁମିତଙ୍କ ରୁଚି ରହିଥିଲା। ଏଥିସହ ଚିତ୍ର, ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପୁରସ୍କାର ସାଉଁଟିଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଲିଙ୍ଗରାଜ, କୋଣାର୍କ, ଅଯୋଧ୍ୟାର ରାମ ମନ୍ଦିର, ନେପାଳର ପଶୁପତିନାଥ ଆଦି କାରୁକଳା ଦର୍ଶକଙ୍କୁ ବିମୁଗ୍ଧ କରିଛି। ତାଙ୍କ ଦ୍ୱାରା ନିର୍ମିତ ରାଧାକୃଷ୍ଣ, ଜଗନ୍ନାଥ ଓ ବିଭିନ୍ନ କାରୁକଳା କଲେଜର ଅଧ୍ୟାପକଙ୍କ ସାଧାରଣ ପ୍ରକୋଷ୍ଠ, ରୋଭର୍ସ ରେଞ୍ଜର ଭବନରେ ପ୍ରଦର୍ଶିତ ହୋଇଛି।



## ରାଇମୋହନଙ୍କ ନିଖୁଣ ଅଭିନୟ ସର୍ବଦା ତାଙ୍କୁ ଅମର ରଖିବ

**ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି**

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ନିକଟରେ ଓଲିଉଡ୍‌ର ଚର୍ଚ୍ଚିତ ଖଳନାୟକ ତଥା ଯାତ୍ରା ଅଭିନେତା ରାଇମୋହନ ପରିଡ଼ାଙ୍କ ଆତ୍ମହତ୍ୟା ସମସ୍ତଙ୍କୁ ସ୍ତବ୍ଧ କରିଛି। ତାଙ୍କ ବିୟୋଗ ଓ ଦ୍ୱାଦଶାହ ଅବସରରେ ମଙ୍ଗଳବାର ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ୍ ଏବଂ ପ୍ରଯୋଜକ ଓ କଳାକାର ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ସଭାରେ ରାଜ୍ୟର ଅନେକ କଳାକାର, ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ନିଖୁଣ ତଥା ବଳିଷ୍ଠ ଅଭିନୟ ସବୁଦିନ ପାଇଁ ତାଙ୍କୁ ଅମର କରି ରଖିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଜଣେ ଦରଦୀ, ବନ୍ଧୁବତ୍ସଳ ଓ ଅମାୟିକ କଳାକାର ଭାବରେ ରାଇମୋହନ ସମସ୍ତଙ୍କ ହୃଦୟ ଜିଣିପାରିଥିଲେ। ତାଙ୍କ ବିୟୋଗ ଓଡ଼ିଆ ସଂସ୍କୃତି କ୍ଷେତ୍ରରେ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି ବୋଲି ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ। ସଭାକୁ ପ୍ରଯୋଜକ ଲୁଟୁ ମହାନ୍ତି ସଂଯୋଜନା କରିଥିଲେ। ଏଥିରେ ଏମ୍‌ପି ତଥା ଅଭିନେତା ମୁନ୍ନା ଖାଁ, କଟକ ମହାନଗର ନିଗମ ମେୟର ସୁବାସ ସିଂ, ସିନେକ୍ରିଟିକ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ଅତିଶ ରାଉତ, ଶ୍ରୀଧର ମାର୍ଥା, ଲୋକନାଥ ଦାଶ, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଚୌଧୁରୀ ବିକାଶ ଦାସ, ହରିହର ମହାପାତ୍ର, ଶାସ୍ତ୍ରୀୟ ସଙ୍ଗୀତଗୁରୁ ଚିତ୍ତରଞ୍ଜନ ପାଣି, ପ୍ରଦ୍ୟୁମ୍ନ ଦାଶ, ସଂଳାପକାର ରଜନୀ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ତଥା ଭବିଷ୍ୟତ ପିଢ଼ିଙ୍କୁ ତାଙ୍କର କଳା ପ୍ରତିଭା ଅନୁପ୍ରାଣୀତ କରୁ ବୋଲି ସମସ୍ତେ ଆଶା ପ୍ରକାଶ କରିଥିଲେ। ମଞ୍ଜୁ ମହଲା, ପ୍ରଶାନ୍ତ ପାଇକରାୟ ଓ ସମୀର ରାଉତ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ଅସନ୍ତୋଷ ବ୍ୟକ୍ତକଲେ ଶଙ୍କରାଚାର୍ଯ୍ୟ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

**ଭୁବନେଶ୍ୱର,୫।୭(ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପରିକ୍ରମା ପ୍ରକଳ୍ପ ପୂର୍ବରୁ ତାଙ୍କ ସହ ପରାମର୍ଶ କରାଯାଇନାହିଁ ବୋଲି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମ୍‌ରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ଆୟୋଜିତ ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଯୋଗଦେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହା କହିଛନ୍ତି। ସେ କହିଛନ୍ତି, ନିକଟରେ ପରିକ୍ରମା ପ୍ରକଳ୍ପ



ନେଇ ଚାଲିଥିବା ମାମଲାରେ ମୋ’ ସହ ଆଲୋଚନା କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ମାତ୍ର ଏଠାକାର ଶାସନତନ୍ତ୍ର ମୋ’ ନିଷ୍ପତ୍ତି ନେବାକୁ ପଛଘୁଞ୍ଚା ଦେଇଛନ୍ତି। ତା’ହେଲେ ମୋ ପଦବୀର ମାନେ କ’ଣ। ସରକାରଙ୍କ ମୋ’ ପଦବୀ ପ୍ରତି ସମ୍ମାନ ଥିଲେ ବିଡ଼ମ୍ବନା ଦୂର କରନ୍ତୁ। ଏଭଳି ନିଷ୍ପତ୍ତି ଓ ନିର୍ଭୟକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ପ୍ରଫେଟ ମହମ୍ମଦଙ୍କୁ ନେଇ ନୂପୁର ଶର୍ମାଙ୍କ ବୟାନ ସମ୍ପର୍କରେ ଶଙ୍କରାଚାର୍ଯ୍ୟ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଦ୍ରୌପଦୀ ଅନ୍ଧକୁ ଅନ୍ଧ ବୋଲି କହିବାରୁ ମହାଭାରତ ହୋଇଥିଲା। ତେଣୁ କହିବାର ଶୈଳୀ ଠିକ୍ ହେବା ଦରକାର। ଏହାଦ୍ୱାରା ଲକ୍ଷ୍ୟ ସାଧିତ ହୋଇପାରିବ।

## କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଆଠଗଡ଼,୫।୭(ସ୍ୱ.ପ୍ର.)**

ଆଠଗଡ ଥାନା ଅନ୍ତର୍ଗତ ରାଉତରାୟପୁର କାଜୁ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳି ଗ୍ରାମର ଶ୍ରୀକାନ୍ତ ଦଳେଇ(୩୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ଭୁବନେଶ୍ୱରରେ ‘କର୍ନାଟକ ରୋଡ୍ ଶୋ’

**ଭୁବନେଶ୍ୱର,୫।୭ (ବ୍ୟୁରୋ)**

ପର୍ଯ୍ୟଟନ ବିଭାଗ, ଘରୋଇ ହୋଟେଲ, ରିସର୍ଟକୁ ନେଇ ଓଡ଼ିଶାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କର୍ନାଟକ ସରକାର ଓ କର୍ନାଟକ ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମ(କେଏସ୍‌ଟିଡିସି) ପକ୍ଷରୁ ଏକ ରୋଡ୍ ଶୋ’ ସ୍ଥାନୀୟ ସ୍ୱସ୍ତି ପ୍ରମିୟମଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କର୍ନାଟକର ପର୍ଯ୍ୟଟନ ସ୍ଥଳ, ହୋଟେଲ, ରିସର୍ଟ, ହୋମ୍ ଷ୍ଟେ ଆଦି ଉପରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ପାଇଁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଶିଳ୍ପପତି ଜେ.କେ.ମହାନ୍ତି, ଆଇଏଟିଓ ଅଧ୍ୟକ୍ଷ(ଓସି) ଗଗନ ଷଡ଼ଙ୍ଗୀ, ଇଣ୍ଡିଆ ଟୁରିଜମ୍‌ର ସହକାରୀ ନିର୍ଦ୍ଦେଶିକା ରଶ୍ମି ସୋନିଆ ତିର୍କୀ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଟି. ଭେଙ୍କଟେଶ, କେଏସ୍‌ଟିଡିସିର ମହାପ୍ରବନ୍ଧକ (ପ୍ରଶାସନ) ଶିବ କୁମାର ଏସ୍ଏମ୍, କେଏସ୍‌ଟିଡିସିର ମହାପ୍ରବନ୍ଧକ (ଅର୍ଥ) ଇନ୍ଦ୍ରମା ବିଜି ଏବଂ ଯୁଗ୍ମ ନିର୍ଦ୍ଦେଶକ (ପଦୋନ୍ନତି ଏବଂ ପ୍ରଚାର) ଏଚ୍.ପି. ଜନାର୍ଦ୍ଦନ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱରେ କର୍ନାଟକ ପର୍ଯ୍ୟଟନର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୀବଜନ୍ତୁ, ତୀର୍ଥସ୍ଥଳ ଓ ପର୍ଯ୍ୟଟନର ବିଭିନ୍ନ ସ୍ଥାନ ସବୁବର୍ଗର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଶିବକୁମାର କହିଥିଲେ। ସେହିଭଳି ଉକ୍ତ ରୋଡ୍ ଶୋ କାର୍ଯ୍ୟକ୍ରମ ଦ୍ୱାରା କର୍ନାଟକ ପର୍ଯ୍ୟଟନ ଶିଳ୍ପର ବ୍ୟବସାୟ ବୃଦ୍ଧି ସାଙ୍ଗକୁ କୋଲକାତା ତଥା ଅନ୍ୟାନ୍ୟ ଅଞ୍ଚଳର ବାଣିଜ୍ୟକୁ ପ୍ରୋତ୍ସାହିତ କରିବ। ଭାରତର ବିଭିନ୍ନ ସହରରେ ରୋଡ୍ ଶୋ ଆୟୋଜନ କରିବାରେ କେଏସ୍‌ଟିଡିସି ହେଉଛି ଏହାର ନୋଡାଲ ଏଜେନ୍ସି। ଉକ୍ତ ରୋଡ୍ ଶୋ’ରେ କେଏସ୍‌ଟିଡିସି, ଜଙ୍ଗଲ ଲଜ ଓ ରିସର୍ଟ, ଇଣ୍ଟରସାଇଟ ଟୁର୍ ଓ ଟ୍ରାଭେଲ ଲିମିଟେଡ୍, ଟିଜିଆଇ ହୋଟେଲ ଆଣ୍ଡ ରିସର୍ଟ ଏବଂ ୱେଲ୍‌କମ ହେରିଟେଜ ଶିବବିଳାସ ପ୍ୟାଲେସ ଆଦି ଅଂଶଗ୍ରହଣ କରିଥିଲେ।



## ଜୟ କୋଶଳ ଧ୍ୱନିରେ କମ୍ପିଲା ରାଜରାସ୍ତା

**ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି**

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନୃତ୍ୟ ସହ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏକ ନିଆରା ଢଙ୍ଗରେ ଦାବି କରାଯାଇଛି। ଜୟ କୋଶଳ ଧ୍ୱନିରେ କମ୍ପି ଉଠୁଥିଲା ରାସ୍ତା। ସ୍ୱାଧୀନତା ପରେ ଓଡ଼ିଶା ରାଜ୍ୟ ଗଠନ ହେବାଠାରୁ କୋଶଳ ଅଞ୍ଚଳରେ (ପଶ୍ଚିମ ଓଡ଼ିଶା) ସାମାଜିକ, ଅର୍ଥନୈତିକ ଓ ସାମ୍ବିଧାନିକ ବିକାଶ ହୋଇନାହିଁ। ରାଜ୍ୟ ଗଠନ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ମିଶାଇ ଏହି ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଉନ୍ନତି ହୋଇନି। ଚାକିରି ଓ ଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦେଖାଇ ଉପେକ୍ଷା କରାଯାଉଛି। ରାଜନୈତିକ କ୍ଷେତ୍ରରେ ଓ ଅଞ୍ଚଳ ବିକାଶରେ ପାତରଅନ୍ତର ନୀତି ଆପଣାଯାଉଛି। ପଶ୍ଚିମ ଓଡ଼ିଶା ଅଞ୍ଚଳରେ ୨ କୋଟି ଲୋକ ରହିବା ସହିତ ଏଠାରେ ଖଣିଜ ଓ ବନ୍ୟ ସମ୍ପଦ ମଧ ଭରପୂର ରହିଛି। ତଥାପି ସମସ୍ତ କ୍ଷେତ୍ରରେ ଓଡ଼ିଶା ସରକାରରେ ଅବହେଳିତ ରହିଛନ୍ତି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ ଆଣିଛନ୍ତି। ସେଥିପାଇଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।




କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଅନୁଷ୍ଠିତ ଶୋଭାଯାତ୍ରା।




# ବିଧାନସଭାରେ ବେକାରି ଝଡ଼

ଭୁବନେଶ୍ୱର,୫।୭(ବ୍ୟୁରୋ)

■ ନିଯୁକ୍ତି ନ ପାଇ ନିଶାଗ୍ରସ୍ତ ହେଉଛନ୍ତି ଯୁବଗୋଷ୍ଠୀ
■ ସରକାରଙ୍କୁ ଘେରିଲେ ବିରୋଧୀ
■ ଦକ୍ଷତା ବିକାଶ କରି ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି: ମନ୍ତ୍ରୀ

ରାଜ୍ୟରେ ବେକାରି ସଂଖ୍ୟା ବଢ଼ିଚାଲିଛି। ନିଯୁକ୍ତି ନ ପାଇ ଯୁବତୀଯୁବକମାନେ ନିଶାଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଡ୍ରଗ୍ସ କାରବାର ବଢ଼ିଚାଲିଛି। ଚୋରି, ଡକାୟତି, ରାହାଜାନି, ଛିନ୍ତାଇ ମଧ ବୃଦ୍ଧିପାଇ ଚାଲିଛି। ସରକାରୀ ନିଯୁକ୍ତିରେ ମହାକେଲେଙ୍କାରି ହେଉଛି। ମେଧାବୀ ପିଲା ଚାକିରି ପାଉନାହାନ୍ତି। ବହୁ ସରକାରୀ ପଦବୀ ଉଚ୍ଛେଦ ହୋଇଗଲାଣି। ଇଟାଲୀ କିମ୍ବା ରୋମ୍ ଗଲେ ବେକାରିଙ୍କୁ ନିଯୁକ୍ତି ମିଳିବ ନାହିଁ। ନିଯୁକ୍ତି ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାର କ୍ଷମତାକୁ ଆସୁଛନ୍ତି। ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

'ରାଜ୍ୟରେ ଉତ୍କଟ ବେକାରି ସମସ୍ୟା, ହତାଶ ବେକାର, ବେଫିକର ସରକାର' ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ରାଜ୍ୟରେ ନିଯୁକ୍ତି ନାହିଁ। ୧ ଲକ୍ଷ ୩୧ ହଜାର ସରକାରୀ ପଦବୀ ଖାଲି ପଡ଼ିଛି। ୨୦୧୪ ନିର୍ବାଚନ ଇସ୍ତାହାରରେ ବିଜେଡି କହିଥିଲା ପ୍ରତିବର୍ଷ ୨ ଲକ୍ଷ ନିଯୁକ୍ତି ଦେବ। ୨୨ ବର୍ଷରେ ୪୪ ଲକ୍ଷ ନିଯୁକ୍ତି କୁଆଡ଼େ ଗଲା। ପ୍ରତି ପଞ୍ଚାୟତରେ ୧୫୦ ଜଣଙ୍କୁ ନିଯୁକ୍ତି ଦିଆଯିବ। ନିଯୁକ୍ତି ଦିଆଯାଇଛି କି ? ଗତ ୩ ବର୍ଷରେ କେତେ ଜଣଙ୍କୁ ଆଇଟିଆଇ, ପଲିଟେକ୍ନିକରେ ନିଯୁକ୍ତି ଦିଆଯାଇଛି। ସରକାର ନିଯୁକ୍ତି ବଦଳରେ ପ୍ରତ୍ୟେକ ଗାଁରେ ମଦ ଦୋକାନ ଖୋଲି ଦେଇଛନ୍ତି। କାହାରିକୁ ଚାକିରି ନାହିଁ। କେନ୍ଦ୍ର ସରକାର ବର୍ଷକୁ ୧ କୋଟି ନିଯୁକ୍ତି ଦେବାକୁ କହିଥିଲେ। ଅଗ୍ନିପଥ ଯୋଜନାରେ ୪ ବର୍ଷ ପରେ ଯୁବତୀଯୁବକଙ୍କୁ ବେକାର କରିଦେବେ। ଗରିବ, ଖଟିଖିଆ, ଚାଷୀମୂଲିଆଙ୍କ ପୁଅ ବେକାର ହୋଇ ବସିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ କହିଛନ୍ତି ଯେ ଓଡ଼ିଶାରେ ନିଯୁକ୍ତି ନ ଥିବାରୁ ନିଶା ସେବନ ବଢ଼ିଗଲାଣି। ଯୁବତୀଯୁବକମାନେ ବିପଥଗାମୀ ହେଲେଣି। ଏହାର ମୂଳ କାରଣ ବେକାରି। ଏହି ସରକାରଙ୍କ ସମୟରେ ବହୁ ଇଞ୍ଜିନିୟରିଂ କଲେଜ ଖୋଲିଲା। ସେଥିରୁ ବାହାରୁଥିବା ପିଲା ଚାକିରି ନ ପାଇବାରୁ ସେସବୁ କଲେଜ ବନ୍ଦ ହୋଇଗଲାଣି। ନିଯୁକ୍ତି ନ ପାଇ ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ପୁଣି ଚୋରି, ଡକାୟତି, ଛିନ୍ତାଇ ଭଳି କାର୍ଯ୍ୟରେ ଯୁବଗୋଷ୍ଠୀ ଲିପ୍ତ ରହୁଛନ୍ତି। ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ, ୧୯୯୯ରୁ ୨୦୦୮ ମଧ୍ୟରେ ରାଜ୍ୟ ସରକାର ୪୫,୬୧୩ ପଦବୀ ଉଚ୍ଛେଦ କରିଛନ୍ତି। ୨୦୨୧ ଡିସେମ୍ବର ସୁଦ୍ଧା ୨ ଲକ୍ଷ ୨୬ ହଜାର ୫୫୯ ପଦବୀ ଖାଲିପଡ଼ିଛି। ସରକାରୀ ନିଯୁକ୍ତିରେ ମହାକେଲେଙ୍କାରି ହେଉଛି। ଷ୍ଟାଫ୍ ସିଲେକ୍ସନ କମିଶନରେ ବିରଞ୍ଚି ନାରାୟଣ ସାହୁ ନିଯୁକ୍ତି କେଲେଙ୍କାରି କରି ଝାରପଡ଼ା ଜେଲରେ ଅଛନ୍ତି। ଜଣେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ଠାବ କରାଯାଇଛି। ଏତେ ଟଙ୍କା ଆସିଲା କେଉଁଠୁ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଭିନ୍ନ ବିଭାଗରେ ଓଏସ୍‌ଡି ଭାବେ ରଖି ଦିଆଯାଉଛି। ରାଜ୍ୟରେ ବେକାରିଙ୍କ ସଂଖ୍ୟା ୧୮ ଲକ୍ଷ ଟପିଲାଣି। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ଓ ମୁକେଶ ମହାଲିଙ୍ଗ ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ନିଯୁକ୍ତି ନ ଥିବାରୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଗୁମୁଟି ପାଲଟିଗଲାଣି। ସେଠାକୁ କେହି ନାମ ପଞ୍ଜୀକରଣ କରିବାକୁ ଯାଉନାହାନ୍ତି। ରାଜ୍ୟ ସରକାର ୨୮୨ ଶିଳ୍ପ ପ୍ରତିଷ୍ଠା କରିବାକୁ ଚୁକ୍ତି କରିଥିଲେ। ସେଥିରୁ କେତେ କମ୍ପାନୀ ଅଛନ୍ତି ଓ କେତେ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର ତାହା ଗୃହକୁ ଜଣାଇବା ଦରକାର। ଖାଲି ପଦବୀରେ ୬ ହଜାର ଟଙ୍କା ପାରିଶ୍ରମିକ ଦିଆଯାଇ ଠିକା ନିଯୁକ୍ତି କରାଯାଉଛି।

ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବକୁ ଶାସକ ଦଳ ସଦସ୍ୟ ଶଶିଭୂଷଣ ବେହେରା, ସ୍ନେହାଙ୍ଗିନୀ ଛୁରିଆ, ମୁକେଶ ପାଲ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ ଓଡ଼ିଶା ଆତ୍ମନିଯୁକ୍ତି କ୍ଷେତ୍ରରେ ଦେଶରେ ୧ ନମ୍ବର ହୋଇଛି। ଶିଳ୍ପାୟନ ଯୋଗୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ବିଭିନ୍ନ ଜିଲାରେ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ନିଯୁକ୍ତି ଯୋଜନାରେ ୧ ଲକ୍ଷ ନିଯୁକ୍ତି ଦିଆଯାଇ ସାରିଲାଣି। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସବୁଠାରୁ କମ୍ ବେକାରି ରହିଛନ୍ତି। ରାଜ୍ୟ ସରକାର ନିଯୁକ୍ତି ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି।

ବିରୋଧୀଙ୍କ ମୁଲତବୀ ଜବାବରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି ଯେ ସରକାରି ଚାକିରିଆଙ୍କୁ ଦରମା ଦିଆଯାଇ ପାରୁ ନ ଥିଲା। ଋଣ କରିବାକୁ ପଡୁଥିଲା। ଏବେ ସେ ଅବସ୍ଥା ନାହିଁ। ରାଜ୍ୟ ସରକାର କେବଳ ଖାଲି ପଦବୀ ପୂରଣ କରୁନାହାନ୍ତି, ନୂତନ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ନିଯୁକ୍ତି ପାଇଁ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ଅନେକ ପଦକ୍ଷେପ ନେଇଛି। ଦକ୍ଷ ମାନବସମ୍ବଳ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ସ୍କିଲ୍ଡ ଇନ୍ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି। ମୁଖ୍ୟମନ୍ତ୍ରୀ ନିଯୁକ୍ତି ଯୋଜନାରେ ୨୦୧୯-୨୦ରୁ ୨୦୨୧-୨୨ରେ ୫,୦୬,୯୬୫ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ଆତ୍ମନିଯୁକ୍ତିକ୍ଷମ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ୨୦୧୨ରୁ ଏପର୍ଯ୍ୟନ୍ତ ୧୦୦୫୬୪ ଜଣଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୭,୫୧୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟରେ ୨୭ଟି ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯାଇ ତାଲିମ ଦିଆଯାଉଛି। ବିଭିନ୍ନ ଶିଳ୍ପ ସଂସ୍ଥା ସହ ଚୁକ୍ତି କରାଯାଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଛି। ବିଭିନ୍ନ ସରକାରୀ ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଜରିଆରେ ନିଯୁକ୍ତି ଦିଆଯାଉଛି। ବିରୋଧୀଙ୍କ ଅଭିଯୋଗ ନିରାଧାର ବୋଲି ମନ୍ତ୍ରୀ କହିଛନ୍ତି।

# ବୁକ୍ ସର୍କୁଲାର-୪୭କୁ ମାନୁନାହାନ୍ତି ଅଫିସର

ଭୁବନେଶ୍ୱର,୫।୭(ବ୍ୟୁରୋ)

**ନରସିଂହଙ୍କ କ୍ଷୋଭ**

■ ବିଲ୍ ଉପସ୍ଥାପନ ହେବା ପରେ ସଦସ୍ୟଙ୍କୁ ମିଳୁନି ବିଲ୍ ଡକ୍ୟୁମେଣ୍ଟ
■ ମୁଖ୍ୟ ଶାସନ ସଚିବ, ସଂସଦୀୟ ବ୍ୟାପାର ସଚିବଙ୍କୁ ଡାକି ଅନୁଧାନ କରିବେ ବାଚସ୍ପତି

ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ଯାହାଙ୍କୁ ବି ଚିଠି ଲେଖିଲେ କେହି ବି ଉତ୍ତର ଦେଉନାହାନ୍ତି। ୧୫ ଦିନ ଭିତରେ ଉତ୍ତର ଦେବାକୁ ନିୟମ ରହିଛି। ଖାଲି ସେତିକି ନୁହେଁ ବିଧାନସଭାରେ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କଲେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ବାରମ୍ବାର ଉତ୍ତର ଆସୁଛି। ନିକଟରେ ମୁଖ୍ୟ ଶାସନ ସଚିବ ବୁକ୍ ସର୍କୁଲାର କଡ଼ାକଡ଼ି ଭାବେ ପାଳନ କରିବାକୁ ଏକ ବୈଠକ ଡାକି ନିର୍ଦ୍ଦେଶ ଦେଇଛନ୍ତି। ହେଲେ କେହି ଏହାକୁ ମାନୁନାହାନ୍ତି। ବୁକ୍ ସର୍କୁଲାର-୪୭ ବାରମ୍ବାର ଉଲ୍ଲଂଘନ ହେଉଛି। ମଙ୍ଗଳବାର ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ବାଚସ୍ପତି ରୁଲିଂ ଦେବାକୁ ଦାବି କରିଛନ୍ତି। ବିଲ୍ ଆଲୋଚନା ପୂର୍ବରୁ ବିଧାୟକମାନଙ୍କୁ ସେହି ବିଲ୍‌ର ଡକ୍ୟୁମେଣ୍ଟ ଦିଆଯାଉନି। ସରକାର ମନଇଚ୍ଛା ବିଲ୍ ଆଣି ସଂଖ୍ୟାବଳ ଥିବାରୁ ପାସ୍ କରାଇ ନେଉଛନ୍ତି। ଯାହାଫଳରେ ବିଧାୟକମାନେ ସମ୍ପୃକ୍ତ ବିଲ୍ ବିଷୟରେ କିଛି ଜାଣିପାରୁନାହାନ୍ତି। ଘରୋଇ ବିଶ୍ୱବିଦ୍ୟାଳୟ ପାଇଁ କ'ଣ ଗାଇଡ୍‌ଲାଇନ ରହିଛି ନରସିଂହ ମିଶ୍ର ପ୍ରଶ୍ନ କରିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଥିବାବେଳେ ମେଡିକାଲ କଲେଜ ପାଇଁ ଆଉ ଏକ ବିଶ୍ୱବିଦ୍ୟାଳୟକୁ ଅନୁମତି ଦେବା କ'ଣ ଦରକାର ବୋଲି ସେ କହିଛନ୍ତି। ସରକାର ଏତେ ତରବରିଆ ଭାବେ କାହିଁକି ବିଲ୍‌କୁ ପାରିତ କରାଇ ନେଲେ, ଯାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ସରକାର ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନୁମତି ଦେବା ଅନୁଚିତ ବୋଲି ନରସିଂହ କହିଛନ୍ତି। ନରସିଂହ ମିଶ୍ରଙ୍କ ଏଭଳି ଉଦ୍‌ବେଗ ପ୍ରକାଶ ପରେ ବାଚସ୍ପତି ଯେଉଁ ତଥ୍ୟ ସୋମବାର ବିଧାୟକମାନଙ୍କୁ ଦିଆଯାଇନାହିଁ ସେହି ବିଭାଗର ତଥ୍ୟ ଆଣି ବିଧାୟକମାନଙ୍କୁ ଯୋଗାଇ ଦେବା ପାଇଁ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବୁକ୍ ସର୍କୁଲାର-୪୭ ଉଲ୍ଲଂଘନ ନେଇ ବାଚସ୍ପତି ରୁଲିଂ କରିଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ମୁଖ୍ୟ ଶାସନ ସଚିବ ଏବଂ ସଂସଦୀୟ ବ୍ୟାପାର ସଚିବଙ୍କୁ ଡାକି କାହିଁକି ବୁକ୍ ସର୍କୁଲାର-୪୭ ଠିକ୍ ଭାବେ କାର୍ଯ୍ୟକାରୀ ହେଉନି ତାହାର ଅନୁଧାନ କରିବେ ବୋଲି କହିଛନ୍ତି।




କିନ୍ନରମାନଙ୍କ ଅଧିକାର ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ଆତ୍ମସାତ କରୁଥିବା ମୀରା ପରିଡ଼ା ଏବଂ ମେଘନା ସାହୁଙ୍କ ଗିରଫ ଦାବିରେ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘ ପକ୍ଷରୁ ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ୍‌ରୁ ନବୀନ ନିବାସ ବାହାରିଥିବା ଶୋଭାଯାତ୍ରା।

# ଆଜି ନ ହେଲେ କାଲି ଅନରେବଲ୍ ମିନିଷ୍ଟର ହେବି

ଭୁବନେଶ୍ୱର,୫।୬(ବ୍ୟୁରୋ)



ବିଧାନସଭାରେ ତାରା ପ୍ରସାଦ ବାହିନୀପତି

ନୂଆ ବାଚସ୍ପତି ବିକ୍ରମ କେଶରୀ ଆରୁଖ। ବାଚସ୍ପତି ଦାୟିତ୍ୱ ନେବା ପରେ ସେ ପ୍ରଥମ ଥର ଲାଗି ମୌସୁମୀ ଅଧିବେଶନ ପରିଚାଳନା କରୁଛନ୍ତି। ଗୃହ ପରିଚାଳନାରେ ଅଭ୍ୟସ୍ତ ନ ଥିବାରୁ ବିଧାୟକ ଓ ମନ୍ତ୍ରୀମାନଙ୍କୁ ସମ୍ବୋଧନରେ ଟିକେ ଏପଟ ସେପଟ ହୋଇଯାଉଛି। ମଙ୍ଗଳବାର ବିଧାନସଭାରେ ଏଭଳି କିଛି ରୋମାଞ୍ଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଶ୍ନକାଳ ଚାଲିଥିବା ବେଳେ ବିଜେଡି ସଭ୍ୟ ଭୂପିନ୍ଦର ସିଂହଙ୍କ ପ୍ରଶ୍ନର ଉତ୍ତର ଦେଉଥାଆନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ଅତିରିକ୍ତ ପ୍ରଶ୍ନ ପଚାରିବାକୁ ବାଚସ୍ପତି କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କୁ ମାନ୍ୟବର ମନ୍ତ୍ରୀ ସମ୍ବୋଧନ କରି ଡାକିଲେ। ତାରା ଛିଡ଼ା ହୋଇ ପ୍ରଶ୍ନ ଆରମ୍ଭ କରିବା ବେଳକୁ ଶାସକ ଦଳର ଜଣେ ସଦସ୍ୟ ବାହିନୀପତିଙ୍କୁ ବାଚସ୍ପତି ଅନରେବଲ୍ ମିନିଷ୍ଟର କହିଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବାଦ୍ ଦେବାକୁ କହିଥିଲେ। ତାରା କହିଲେ, ମୁଁ ନିଶ୍ଚୟ ଅନରେବଲ୍ ମିନିଷ୍ଟର ହେବି। ଆଜି ନ ହେଲେ କାଲି ହେବି। କଂଗ୍ରେସ କ୍ଷମତାକୁ ଆସିବ ଓ ମୁଁ ମନ୍ତ୍ରୀ ହେବି। ବାଚସ୍ପତି ଅନରେବଲ୍ ମିନିଷ୍ଟର ପ୍ରସଙ୍ଗକୁ ବିବରଣୀରୁ ବାଦ୍ ଦେଇଥିଲେ।

# ପିଡବ୍ଲ୍ୟୁଡିକୁ ତୁରନ୍ତ ହସ୍ତାନ୍ତର କରିବାକୁ ଦାବି

ଭୁବନେଶ୍ୱର,୫।୭(ବ୍ୟୁରୋ)

**ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତିକୁ ନେଇ ଉଦ୍‌ବେଗ**

ରାଜ୍ୟରେ ୧୦୩୭୩୧.୦୧ କିଲୋମିଟର ଗ୍ରାମ୍ୟ ଉନ୍ନୟନ (ଆରଡି) ରାସ୍ତା ରହିଛି। ସେହି ରାସ୍ତାଗୁଡ଼ିକର ମରାମତି ପାଇଁ ୨୦୧୯-୨୦ରେ କିଲୋମିଟର ପ୍ରତି ହାରାହାରି ୬.୭୯ ଲକ୍ଷ, ୨୦୨୦-୨୧ରେ ୮.୩୮ ଲକ୍ଷ ଏବଂ ୨୦୨୧-୨୨ରେ ୧୧.୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ଭୂପିନ୍ଦର ସିଂହଙ୍କ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଏହା କହିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ ଯଦି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ନ ଥାଆନ୍ତା ତେବେ ରାଜ୍ୟରେ ଗୋଟିଏ ରାସ୍ତା ହୋଇ ନ ଥାଆନ୍ତା। ୫ ବର୍ଷ ହେବ ଗୋଟିଏ ରାସ୍ତା ମଧ ଆର୍‌ଡିରୁ ପିଡବ୍ଲ୍ୟୁଡିକୁ ହସ୍ତାନ୍ତର ହୋଇ ନାହିଁ। ସେହି ରାସ୍ତାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଯାତାୟାତ କରିବା ସମ୍ଭବ ହେଉ ନାହିଁ। ଜଣେ ଜଣେ ଠିକାଦାର ରାସ୍ତାକୁ ୧୦ ବର୍ଷ ହେବ ପକାଇ ରଖିଛନ୍ତି। ସେହି ଠିକାଦାରଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ତାରା ପଚାରିଥିଲେ। ତୁରନ୍ତ ସେହି ରାସ୍ତାଗୁଡ଼ିକୁ ମରାମତି କରିବାକୁ ସେ ଦାବି କରିଥିଲେ। ଭାଜପା ସଭ୍ୟ କୁସୁମ ଟେଟେ କହିଥିଲେ ଯେ ବାଲି ବୋଝେଇ ଟ୍ରକ୍ ଯାଇ ରାସ୍ତାଗୁଡ଼ିକ ଖରାପ ହୋଇ ଯାଉଛି। ସେଗୁଡ଼ିକୁ ମରାମତି କରା ନ ଯିବାରୁ ଯିବା ଆସିବା ସମ୍ଭବ ହେଉ ନାହିଁ। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ବେହେରା, ସ୍ନେହାଙ୍ଗିନୀ ଛୁରିଆ, ଦେବୀ ରଞ୍ଜନ ତ୍ରିପାଠୀ, ଅମର ଶତପଥୀ, ଅରବିନ୍ଦ ଢାଲି, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ସୁବାସ ପାଣିଗ୍ରାହୀ, ଭାସ୍କର ଚନ୍ଦ୍ର ମଡାଇ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ରାସ୍ତାକୁ ପିଡବ୍ଲ୍ୟୁଡିକୁ ହସ୍ତାନ୍ତର କରି ତୁରନ୍ତ ମରାମତି କରନ୍ତୁ, ନଚେତ ବିଧାୟକ ପାଣ୍ଠି ଖର୍ଚ୍ଚ କରିବାକୁ ସରକାର ଅନୁମତି ଦିଅନ୍ତୁ ବୋଲି ଦାବି କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଏ ନେଇ ତୁରନ୍ତ ପଦକ୍ଷେପ ନିଆଯିବ।

# ଅଫିସରରାଜ୍ ଗଣତନ୍ତ୍ର ପାଇଁ ବିପଦ: ସୌମ୍ୟ

ଭୁବନେଶ୍ୱର,୫।୭(ବ୍ୟୁରୋ)

**ଓଡ଼ିଶାରେ ମହିଳା ମଦ୍ୟପାନ ହାର ବଢୁଛି**

ଓଡ଼ିଶାରେ ଅପେକ୍ଷାକୃତ ଭାବେ ମଦ୍ୟପାନ ହାର ବଢୁଛି। ଏ ସମ୍ପର୍କିତ ପ୍ରଶ୍ନରେ ଅଫିସରଙ୍କଠାରୁ ତଥ୍ୟ ସଂଗ୍ରହ କରି ମନ୍ତ୍ରୀ କହିଲେ, ଭୁବନେଶ୍ୱରରେ ମଦ୍ୟପାନ ହାର ବଢୁନି। ଏହାର ଅର୍ଥ ମୁଁ ମିଛ କହୁଛି। ମୁଁ ମିଛୁଆ ବିଧାୟକ ହୋଇ ରହିବାକୁ ଚାହୁଁନାହିଁ। ମୁଁ ସେମିତି କିଛି ଭ୍ରମାତ୍ମକ ତଥ୍ୟ ଦେଇନାହିଁ। ସବୁଠାରୁ ଉଦ୍‌ବେଗର କଥା ହେଲା, ଜାତୀୟ ହାର ଅପେକ୍ଷା ଓଡ଼ିଶାରେ ମଦ୍ୟପାନ ହାର ବଢୁଛି। କିଛି ଲୋକ ଏହାକୁ ବିକାଶର ଏକ ଲକ୍ଷଣ ବୋଲି କହିପାରନ୍ତି। କିନ୍ତୁ ତାମିଲନାଡୁ ଓ କେରଳ ପରି ରାଜ୍ୟରେ ମଦ୍ୟପାନ ହାର କମୁଥିବା ବେଳେ ଓଡ଼ିଶାରେ ବଢ଼ିବାଟା ଆଦୌ ଶୁଭଙ୍କର ନୁହେଁ। ସବୁଠାରୁ ଦୁଃଖର କଥା ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ରହିଛି। ସାରା ଭାରତରେ ମହିଳା ମଦ୍ୟପାନ ହାର ୧.୨% ଥିବା ବେଳେ ଓଡ଼ିଶାରେ ୪.୩% ରହିଛ। ଏହାର ଅର୍ଥ ପାଖାପାଖି ୪ ଗୁଣ ଅଧିକ ମହିଳା ପୂର୍ବ ଅପେକ୍ଷା ମଦ୍ୟପାନ କରୁଛନ୍ତି। ଏ ରିପୋର୍ଟ ଆମର ନୁହେଁ, ଭାରତ ସରକାରଙ୍କର। ଏ ବିଷୟରେ ରାଜ୍ୟ ସରକାର ସଚେତନ ହେବା ଦରକାର ବୋଲି ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି।

ତେବେ ରାଜ୍ୟରେ ଚାଲିଥିବା ଅଫିସରରାଜ୍‌କୁ ନେଇ ସେ କ୍ଷୋଭପ୍ରକାଶ କରିଛନ୍ତି। ବିଧାନସଭା ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସୌମ୍ୟ କହିଛନ୍ତି, ରାଜ୍ୟରେ ସରକାରୀ ଅଧିକାରୀଙ୍କ ଅହଙ୍କାର ବଢ଼ିଯାଇଛି। ଏହା ଉପରେ ଅଙ୍କୁଶ ନ ଲାଗିଲେ ଗଣତନ୍ତ୍ର ବିପଦରେ ପଡ଼ିବ।

# କୁଆଖାଇରେ ବ୍ୟାରେଜ ନିର୍ମାଣ କରିବାକୁ ଦାବି

ଭୁବନେଶ୍ୱର,୫।୬(ବ୍ୟୁରୋ)

ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ କଲା ବୋଲି ଆମେ ପାଟି କରୁଛୁ। କିନ୍ତୁ ମହାନଦୀ ଓ ଅନ୍ୟାନ୍ୟ ନଦୀର ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରାଯାଉ ନାହିଁ। ସମୁଦ୍ରକୁ ପାଣି ବୋହି ଯାଉଛି। ଭୁବନେଶ୍ୱର ଚତୁଃପାର୍ଶ୍ୱରେ ଜଳାଶୟ ନାହିଁ। ଯେଉଁ କେତେକ ଅଛି ଆମେ ତାକୁ ବଞ୍ଚାଇ ପାରୁ ନାହୁଁ। କୁଆଖାଇ ନଦୀରେ ଯଦି ସରକାର ବ୍ୟାରେଜ ନିର୍ମାଣ କରନ୍ତେ ତେବେ ପିଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ମିଳି ପାରନ୍ତା। ଭୂଗର୍ଭ ଜଳ ସଂଚରଣ ହୋଇ ପାରନ୍ତା। ସହରର ତାପମାତ୍ରା ମଧ ୫ ଡିଗ୍ରୀ କମି ଯାଆନ୍ତା। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏହା କହିଛନ୍ତି। କୁଆଖାଇରେ ବ୍ୟାରେଜ ନିର୍ମାଣକୁ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ସମର୍ଥନ କରିବା ସହ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏକ ବିୟୁଟିଫୁଲ ପ୍ରସ୍ତାବ ଦେଇଛନ୍ତି ବୋଲି କହିଥିଲେ। କୁଆଖାଇରେ ବ୍ୟାରେଜ ହେଲେ କଟକ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ପାଣି ପାଇଁ ଆଉ ଅସୁବିଧାରେ ପଡ଼ିବେ ନାହିଁ। ସରକାର ତୁରନ୍ତ ବ୍ୟାରେଜ ନିର୍ମାଣ କରନ୍ତୁ ବୋଲି ରାଉତରାୟ ଦାବି କରଛନ୍ତି।

# ବାସ୍ତବତା ପ୍ରତିଫଳିତ ହୋଇନି: ବିରୋଧୀ

ଭୁବନେଶ୍ୱର,୫।୭(ବ୍ୟୁରୋ)

**ବଜେଟ ଆଲୋଚନା**

**ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି: ଶାସକ**

୨୦୨୨-୨୩ ବଜେଟରେ ବାସ୍ତବତା ପ୍ରତିଫଳିତ ହୋଇନି। ଏଥିରେ କୌଣସି ନୂତନତ୍ୱ ନାହିଁ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ଶାସକଦଳପକ୍ଷରୁବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଛି। ସରକାର ପ୍ରଗତିଶୀଳ ବଜେଟ ଆଣିଛନ୍ତି। ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ଅର୍ଥ ବ୍ୟବସ୍ଥା କରାଯାଇଥିବା ସରକାରୀ ଦଳ ପକ୍ଷରୁ କୁହାଯାଇଛି।

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଉପରେ ଗୃହରେ ଆଲୋଚନା ଆରମ୍ଭ ହୋଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏଥିରେ ଭାଗ ନେଇ କହିଛନ୍ତି, ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଆର୍ଥିକ ସମ୍ବଳ ବଢ଼ିଛି ବୋଲି ସରକାର ଯେଉଁ କଥା କହୁଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ। ଖଣି ମାଫିଆ ଓ ଲିଜ୍‌ଧାରୀଙ୍କୁ ଦୁର୍ନୀତି ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଉଚ୍ଚମାନଯୁକ୍ତ ଖଣିଜ ପଦାର୍ଥକୁ ନିମ୍ନମାନର ଦର୍ଶାଇ ସରକାର ବିକ୍ରି କରୁଛନ୍ତି। ଏଥିରେ ବଡ଼ଧରଣର ଦୁର୍ନୀତି ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ସରକାର କୌଣସି ଉଦ୍ୟମ କରିନାହାନ୍ତି। ଏଥିପାଇଁ ଦୀର୍ଘମିଆଦୀ ଯୋଜନା ନାହିଁ। କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନାହିଁ। ଆର୍ଥିକ ପ୍ରୋତ୍ସାହନ ଦେବାରେ ମଧ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ ବଜେଟକୁ ସମର୍ଥନ ଜଣାଇବା ସହ ଏହାକୁ ଅଭିବୃଦ୍ଧି ଓ ଗତିଶୀଳ ବଜେଟ ବୋଲି କହିଛନ୍ତି। ଖାଦ୍ୟ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ଯୋଗୁ ଏହା ସମ୍ଭବ ହୋଇଛି ବୋଲି କହିବା ସହ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଯେଉଁସବୁ ବିଭାଗରେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି ତାହାର ଠିକଣା ବିନିଯୋଗ ହେବା ଦରକାର ବୋଲି ପ୍ରସ୍ତାବ ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ବରଗଡ଼ ଆଦି ଜିଲାର ୨୦ଟି ବ୍ଲକରୁ ଅନେକ ହଜାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ରାଜ୍ୟରେ ଅନାହାର ମୃତ୍ୟୁ ଅଭିଯୋଗ ହେଉଛି। ହୀରାକୁଦ ଡ୍ୟାମ୍‌ରୁ ଶିଳ୍ପପତିଙ୍କୁ ସରକାର ପାଣି ବିକ୍ରି କରୁଛନ୍ତି। ବିଦ୍ୟୁତ୍ ଉତ୍ପାଦନ ପାଇଁ ଡ୍ୟାମ୍‌ରୁ ପାଣି ଛଡ଼ାଯାଉ ନ ଥିବା ବେଳେ ରିଜର୍ଭ ଡ୍ୟାମ୍‌ରୁ ପାଣି ଶିଳ୍ପ ସଂସ୍ଥାକୁ ଦିଆଯାଉଛି। ରାଜ୍ୟର ୩୧୪ ବ୍ଲକରେ ୩୫% ଜଳସେଚନ ପାଇଁ ସରକାର କହିଥିଲେ। ହେଲେ ବଲାଙ୍ଗୀର ଜିଲାରେ ମାତ୍ର ୪% ଅଞ୍ଚଳରେ ଜଳସେଚନ କରାଯାଇଛି। ଏହି ଆଲୋଚନାରେ ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁ, ସୁବାସ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ନାଏକ, ପ୍ରଫୁଲ୍ଲ ସାମଲ ଏବଂ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ପ୍ରମୁଖ ଭାଗ ନେଇଥିଲେ।




୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧରେ ଶହୀଦ କୋରାପୁଟର ଯୀଶୁଦାନ ଖୋସ୍ଲାଙ୍କ ପରିବାର ପକ୍ଷରୁ ହେଉଥିବା ଦାବିକୁ ସରକାର ଓ ଜିଲା ପ୍ରଶାସନ ତୁରନ୍ତ ସ୍ୱୀକୃତି ପ୍ରଦାନ କରିବାକୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

**ସଂକ୍ଷେପରେ**

## ୫୫ ବାତ୍ୟା ଆଶ୍ରୟସ୍ଥଳ ପାଇଁ ମୁଖ୍ୟମନ୍ତ୍ରୀ ଦେଲେ ୨୯.୩୬ କୋଟି

### ପୂର୍ବରୁ ୯୮ କୋଟି ଦିଆଯାଇଛି

**ଭୁବନେଶ୍ୱର,୫।୭(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫୫ ନୂତନ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ୨ୟ ପର୍ଯ୍ୟାୟରେ ୨୯ କୋଟି ୩୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୯୮ କୋଟି ଟଙ୍କା ବ୍ୟୟରେ ଅଧିକ ୫୫ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। ତଦନୁଯାୟୀ ଚଳିତ ଏପ୍ରିଲର ପ୍ରଥମ ପର୍ଯ୍ୟାୟରେ ୨୯.୩୬ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଆଶ୍ରୟ ସ୍ଥଳୀଗୁଡ଼ିକ ଲୋକଙ୍କୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଜରିଆରେ ଏହା ନିର୍ମାଣ କରାଯାଉଛି। ଏହା ମଧ୍ୟରେ ପ୍ରଥମ ପର୍ଯ୍ୟାୟ କାମରେ ଯଥେଷ୍ଟ ଅଗ୍ରଗତି ହୋଇଛି। ତେଣୁ ବର୍ତ୍ତମାନ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ୨ୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆଉ ୨୯.୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ୮ରେ ଓକିଲ ସଂଘର ବିକ୍ଷୋଭ ସମାବେଶ

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

**ସମ୍ବଲପୁର,୫।୭(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏହା ଜନ ଆନ୍ଦୋଳନରେ ପରିଣତ ହୋଇଛି। ପୂର୍ବରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିରେ ଏହି ପ୍ରସଙ୍ଗ ଆଲୋଚନା କରାଯାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜୁନ ୩୦ ସୁଦ୍ଧା ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଅନୁରୋଧ କରାଯାଇଥିଲା। ହେଲେ ସମୟ ଅବଧି ଶେଷ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ପାଖକୁ ରିପୋର୍ଟ ପଠାଗଲା ନାହିଁ। ତେଣୁ ପୂର୍ବ ନିଷ୍ପତ୍ତିକ୍ରମେ ଜୁଲାଇ ୮ରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରେରଣ କରାଯିବ ବୋଲି ମଙ୍ଗଳବାର ଜିଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି।

## ବିଜୁ ଯୁବ-ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ

**ଭୁବନେଶ୍ୱର,୫।୭(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ-ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ୩୫ ସାଙ୍ଗଠନିକ ଜିଲାର ଉଭୟ ଯୁବ-ଛାତ୍ର ଜିଲା ସଭାପତିମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳର ସାମାଜିକ ପ୍ରତିବଦ୍ଧତାକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତି ପଞ୍ଚାୟତରେ ଏବଂ ପୌରାଞ୍ଚଳର ସମସ୍ତ ୱାର୍ଡରେ ଛାତ୍ର ବିଜେଡି ପକ୍ଷରୁ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇ ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ଛାତ୍ର ଜନତା ଦଳର ସଂଗଠନକୁ ଆହୁରି କ୍ରିୟାଶୀଳ କରାଯିବ। ଏହି ବୈଠକରେ ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ମହାସଚିବ ଏଲିନା ଦାଶ, ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ମିଶ୍ର, ବରିଷ୍ଠ ଉପସଭାପତି ଜ୍ୟୋତ୍ସ୍ନାମୟୀ ପରିଡ଼ା, ଧୃତି ରଞ୍ଜନ ମାର୍ଥା, ଛାତ୍ର ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜେଶ ସ୍ୱାଇଁ, ପ୍ରଶାନ୍ତ ପଣ୍ଡା, ମହାସଚିବ ଈପ୍ସିତା ସାହୁ, ଯୁବ ଛାତ୍ର ବିଜେଡି ସମସ୍ତ ଜୋନ ସଭାପତିଙ୍କ ସମେତ ୩୫ ସାଙ୍ଗଠନିକ ଜିଲାର ସମସ୍ତ ଜିଲା ସଭାପତି ଯୋଗଦେଇଥିଲେ।

# କଲେଜ ଅଧ୍ୟକ୍ଷଙ୍କ ଗିରଫ ଦାବି କଲେ ବାପା

### ରାଗିଂରୁ ବିଜେବି ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ମାମଲା

ଭୁବନେଶ୍ୱର,୫।୭(ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ମଙ୍ଗଳବାର ୪ଦିନ ବିତିଛି। ହେଲେ ସୁଇସାଇଡ୍ ନୋଟରେ ଉଲ୍ଲେଖ ଥିବା ୩ ସିନିୟରଙ୍କୁ କମିଶନରେଟ ପୋଲିସ ଧରିବା ତ ଦୂରର କଥା, ଏପର୍ଯ୍ୟନ୍ତ ଚିହ୍ନଟ କରିପାରିନାହିଁ। ଫଳରେ ଚାରିଆଡ଼େ ପ୍ରତିବାଦର ସ୍ୱର ଜାରି ରହିଛି। ନ୍ୟାୟ ଦାବିରେ ଘଟଣା ପରଠୁ ଏକାଧିକ ଛାତ୍ର ସଙ୍ଗଠନ ଓ ରୁଚିକାଙ୍କ ପରିବାର ଲୋକ ଅହୋରାତ୍ର କଲେଜ ଫାଟକ ସାମ୍ନାରେ ଧାରଣାରେ ବସି ରହିଛନ୍ତି। ପ୍ରବଳ ବର୍ଷାରେ ମଧ୍ୟ ସେମାନେ ଧାରଣା ଭଙ୍ଗ କରିନାହାନ୍ତି। ଏପରିକି ନ୍ୟାୟ ନ ମିଳିବା ଯାଏ ସେମାନେ ଆନ୍ଦୋଳନରୁ ନ ଉଠିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି ସ୍ଥିତିରେ ଧାରଣାରତ ରୁଚିକାଙ୍କ ବାପା ଗଣେଶ୍ୱର ମହାନ୍ତି ଏହି ଘଟଣା ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଦାୟୀ କରିବା ସହ ତାଙ୍କ ଗିରଫ ଦାବି କରିଛନ୍ତି।

ଗଣେଶ୍ୱର କ୍ଷୋଭର ସହ କହିଛନ୍ତି, ଆମର ଧୈର୍ଯ୍ୟ କମି ଆସିଲାଣି। ୩ ସିନିୟରଙ୍କୁ ଶୀଘ୍ର ସାମ୍ନାକୁ ଅଣାଯାଉ। କଲେଜ କର୍ତ୍ତୃପକ୍ଷ ରାଗିଂ ବିଷୟରେ ଭଲ ଭାବେ ଜାଣିଛନ୍ତି। ସେମାନେ ଚାହିଁଲେ ଘଟଣାରେ ସମ୍ପୃକ୍ତ ସିନିୟରଙ୍କୁ ତୁରନ୍ତ ଧରାଯାଇପାରିବ। ଅଧ୍ୟକ୍ଷ ରାଗିଂ ବିଷୟରେ ଜାଣି ନ ଥିବା କହି ଦାୟିତ୍ୱ ଖସାଉଛନ୍ତି। ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ। ପ୍ରଥମେ କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରାଯାଉ। ଏଥିସହ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ପୋଲିସ ହେପାଜତରେ ନିଆଯାଇ ଜେରା କରାଗଲେ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ସେପଟେ ସିନିୟର ଛାତ୍ରୀଙ୍କୁ ପୋଲିସ ପଚରାଉଚରା ଜାରି ରଖିଛି। କଲେଜରେ ଯୁକ୍ତ ୩ ଶେଷବର୍ଷର ତିନି ସିନିୟର ବିଜ୍ଞାନ ଛାତ୍ରୀଙ୍କ ବିଷୟରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତି ନେଇ ବଳିଷ୍ଠ ପ୍ରମାଣ ପାଇଥିବା ସୂଚନା ମିଳିଛି। ହେଲେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ଥିବାରୁ ପୋଲିସ ସେମାନଙ୍କ ସମ୍ପର୍କରେ ତଥ୍ୟ ଦେଉ ନ ଥିବା ଜଣାପଡ଼ିଛି।

ଡିସିପି ପ୍ରତୀକ ସିଂ କହିଛନ୍ତି, ରୁଚିକାଙ୍କ ପରିବାର ସଦସ୍ୟଙ୍କ ସମେତ ସାଙ୍ଗ ଓ ସିନିୟରଙ୍କୁ ପଚରାଉଚରା କରାଯାଉଛି। ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ପୋଲିସ ଟିମ୍ ରୁଚିକାଙ୍କ ଗାଁକୁ ଯାଇ ମଧ୍ୟ ତଦନ୍ତ କରୁଛି। ବିଜେବି କଲେଜ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ହେଲେ ସମ୍ପୃକ୍ତ ୩ ସିନିୟରଙ୍କ ବିଷୟରେ ଜଣାପଡ଼ି ନ ଥିବା ଡିସିପି ସିଂ କହିଛନ୍ତି।


ରୁଚିକା ମହାନ୍ତି

### ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧରୁ ମୃତ୍ୟୁ

ରୁଚିକାଙ୍କ ବ୍ୟବଚ୍ଛେଦ ରିପୋର୍ଟ ମଙ୍ଗଳବାର ପୋଲିସର ହସ୍ତଗତ ହୋଇଛି। ଶ୍ୱାସରୁଦ୍ଧ ଦ୍ୱାରା ରୁଚିକାଙ୍କ ମୃତ୍ୟୁ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଏଥିରୁ ରୁଚିକା ଆତ୍ମହତ୍ୟା କରିଥିବା ଯାହା କୁହାଯାଉଛି, ତାହା ଆପାତତଃ ସ୍ପଷ୍ଟ ହୋଇଛି। କିନ୍ତୁ ଅଧିକ ପ୍ରମାଣର ଆବଶ୍ୟକତା ଥିବାରୁ ଭିସେରା ରିପୋର୍ଟ ପାଇଁ ନମୁନାକୁ ଲାବରେଟୋରିକୁ ପଠାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ରାଗିଂ ଯୋଗୁ ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦେବା ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ମଙ୍ଗଳବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଏମ୍‌କେସିଜିରେ ସବ୍ୟସାଚୀଙ୍କ ଅସ୍ତ୍ରୋପଚାର

ବ୍ରହ୍ମପୁର ଅଫିସ, ୫।୭

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଟପ୍ ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ କଡା ସୁରକ୍ଷା ବଳୟରେ ଏମ୍‌କେସିଜିରେ ମଙ୍ଗଳବାର ଭର୍ତ୍ତି କରାଯାଇଛି। ସେ ଏବେ କର୍ଣ୍ଣ, ନାସା ଓ ଗଳା(ଇଏନ୍‌ଟି) ବିଭାଗ ୟୁନିଟ ୧ରେ ଚିକିତ୍ସିତ ହେଉଛନ୍ତି। ଇଏନ୍‌ଟିର ସହକାରୀ ପ୍ରଫେସର ମମତା ସାହୁ ଓ ତାଙ୍କ ଟିମ୍ ସବ୍ୟସାଚୀଙ୍କ କାନରେ ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ଏକ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା ବୋଲି ଡାକ୍ତର ସୂଚନା ଦେଇଛନ୍ତି। ସେ ଏବେ ୪ ନମ୍ବର ବେଡ଼ରେ ଚିକିତ୍ସିତ ହେଉଛନ୍ତି। ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ତାଙ୍କ କାନ ଓ ଦାନ୍ତ ଯନ୍ତ୍ରଣା ହେବାରୁ ସେ କାରାଗାର ଭିତରେ ଥିବା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ କାନରେ ଅସ୍ତ୍ରୋପଚାର ହେବ ବୋଲି କାରାଗାରର ଡାକ୍ତର ପରାମର୍ଶ ଦେବା ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୪ ଜୁଲାଇ ୧୮ରେ ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରୁ ସବ୍ୟସାଚୀଙ୍କୁ ପୋଲିସ ଗିରଫ କରିଥିଲା। ସେହି ଦିନଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ଗଞ୍ଜାମ, ଗଜପତି, ନୟାଗଡ ଓ କନ୍ଧମାଳ ଜିଲାରେ ତାଙ୍କ ନାମରେ ୧୨୮ମାମଲା ରହିଛି। ସେଥିମଧ୍ୟରୁ ୭୦ ଗୋଟି ମାମଲାର ବିଚାର ହୋଇସାରିଛି ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।


ସବ୍ୟସାଚୀ ପଣ୍ଡା

## 'ଚଳିତ ମାସ ଗୁରୁତ୍ୱପୂର୍ଣ୍ଣ, ସତର୍କ ରୁହ'

ଭୁବନେଶ୍ୱର,୫।୭(ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ ବଢୁଛି। ଯେହେତୁ ନିକଟରେ ବଡ଼ଧରଣର ଭିଡ଼ ହୋଇଥିଲା, ତେଣୁ କୋଭିଡ୍ ଆଉ କିଛିମାତ୍ରାରେ ବଢ଼ିପାରେ। ସେଥିପାଇଁ ଚଳିତ ମାସ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। ମାସ ଶେଷପର୍ଯ୍ୟନ୍ତ ସମସ୍ତେ ସତର୍କରହିବା ଉଚିତ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି, ୩ରୁ ୪ ଦିନ ହେଲା ୩୦୦ ପାଖାପାଖି ରହୁଛି ଦୈନିକ ସଂକ୍ରମଣ। କିନ୍ତୁ ଅଧିକ ବଢୁନି। ଚିନ୍ତା କଲାଭଳି କିଛି ନାହିଁ। ସଂଖ୍ୟା ବଢୁଥିଲେ ମଧ୍ୟ ହସ୍ପିଟାଲାଇଜେଶନ ରେଟ୍ ବହୁତ କମ୍ ଅଛି। ଲକ୍ଷଣଯୁକ୍ତ ରୋଗୀଙ୍କ ସଂଖ୍ୟା ବହୁତ କମ୍। କୋଭିଡ୍ ମୁକାବିଲା ନେଇ ପୂର୍ବରୁ ଯେଉଁସବୁ ବ୍ୟବସ୍ଥା ହୋଇଥିଲା, ତାହାସବୁ ଷ୍ଟାଣ୍ଡବାଏ ମୋଡ୍‌ରେ ରହିଛି। ଭେଣ୍ଟିଲେଟର ଅଛି, ବେଡ୍ ବି ଅଛି। ଯଦି ୫୦ ପ୍ରତିଶତ ଭିତ୍ତିଭୂମି ପୂରଣ ହୋଇଯିବ, ପୁଣି ଭିତ୍ତିଭୂମି ବଢ଼ାଯିବ। ତେବେ ସାରା ଦେଶରେ କୋଭିଡ୍ ସଂକ୍ରମଣ କମୁଛି। ଯେଉଁ ରାଜ୍ୟରେ ବଢୁଥିଲା, ଏବେ ସେଠି ଖସୁଛି ବା ପ୍ଲାଟୋ ଅଛି। ମହାରାଷ୍ଟ୍ରରେ ସଂକ୍ରମଣ ବହୁତ କମିଲାଣି, ଦିଲ୍ଲୀରେ ଖସିଗଲାଣି। ତେଣୁ କୋଭିଡକୁ ନେଇ ଭୟଭୀତ ହେବାର କିଛି ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସେପଟେ ଗତ ୮ ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁନାହିଁ। ପୁଣି ସଂକ୍ରମଣ ବଢ଼ିଥିବା ଦେଖାଯାଇଛି। ସୋମବାର ୨୪୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ୧୬ ଜିଲାରୁ ୩୩୪ଜଣ ନୂଆ ଆକ୍ରାନ୍ତ ବାହାରିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଛି। ୧୯୫ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୩୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରେ ୫୩ ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୮୭ଜଣ ରହିଥିବା ବେଳେ କଟକରୁ ୭୦, ବାଲେଶ୍ୱର ୨, ଭଦ୍ରକ ୨, ଜଗତ୍‌ସିଂହପୁର ୬, ଯାଜପୁର ୨, କଳାହାଣ୍ଡି ୩, ମୟୂରଭଞ୍ଜ ୨, ନୟାଗଡ଼ ୨, ନୂଆପଡ଼ା ୪, ପୁରୀ ୨, ରାୟଗଡ଼ା ୧, ସମ୍ବଲପୁର ୭, ସୋନପୁର ୧ ଓ ସୁନ୍ଦରଗଡ଼ରୁ ୩ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨, ୯୧, ୧୧୭ରେ ପହଞ୍ଚିଛି।

## ଡ୍ରିମ୍ସ ହେବ ଡିମଡ୍ ବିଶ୍ୱବିଦ୍ୟାଳୟ

### ବିଧାନସଭାର ଅନୁମୋଦନ ଲାଭ କଲା ବିଲ୍

ଭୁବନେଶ୍ୱର,୫।୭(ବ୍ୟୁରୋ)

କଟକ ଟାଙ୍ଗୀସ୍ଥିତ ଧନେଶ୍ୱର ରଥ ଯାନ୍ତ୍ରିକ ଓ ଚିକିତ୍ସା ବିଜ୍ଞାନ ଅନୁଷ୍ଠାନ (ଡ୍ରିମ୍ସ) ହେବ 'ଡିମଡ୍ ବିଶ୍ୱବିଦ୍ୟାଳୟ'। ଏହା ହେବ ନିଜସ୍ୱ ଅର୍ଥ ବ୍ୟବସ୍ଥାରେ ପରିଚାଳିତ ଏକକ ଓ ଅଣ-ସହବନ୍ଧନକାରୀ ଶିକ୍ଷାନୁଷ୍ଠାନ। ଏ ସଂକ୍ରାନ୍ତୀୟ 'ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବିଲ୍-୨୦୨୨' ସୋମବାର ବିଧାନସଭାରେ ଅନୁମୋଦନ ଲାଭ କରିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହି ବିଲ୍ ଆଲୋଚନା ପାଇଁ ବିଧାନସଭାରେ ଉପସ୍ଥାପନ କରି କହିଲେ, ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସମ୍ମୁଖୀନ ହେବା ଲାଗି ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଇବା, ସାମଗ୍ରିକ ଶିକ୍ଷା ପ୍ରଦାନ କରିବା ଏହି ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ। ଡ୍ରିମ୍ସ ସମିତି ଅଧୀନରେ ଥିବା ମହାବିଦ୍ୟାଳୟର ସମସ୍ତ ଦାୟିତ୍ୱ ଏହି ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ। ଏହାକୁ ସମର୍ଥନ କରିବା ପାଇଁ ବିଧାୟକମାନଙ୍କୁ ମନ୍ତ୍ରୀ ନିବେଦନ କରିଥିଲେ। ଆଲୋଚନାରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂହ ସାଲୁଜା, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ଶାସକ ଦଳ ସଭ୍ୟ ଦେବୀ ପ୍ରସାଦ ମିଶ୍ର, ପ୍ରଶାନ୍ତ ବେହେରା ପ୍ରମୁଖ ଭାଗ ନେଇଥିଲେ। ବିରୋଧୀ ଦଳ ସଭ୍ୟମାନେ ଏହି ବିଲ୍ ଉପରେ ଅଧିକ ତର୍ଜମା ପାଇଁ ଚୟନ କମିଟିକୁ ପଠାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ବିଶ୍ୱସ୍ତରର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ପାଇଁ ଘରୋଇ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି ଶାସକ ଦଳ ସଦସ୍ୟ ଯୁକ୍ତି ବାଢ଼ିଥିଲେ। ଆଲୋଚନା ପରେ ସର୍ବସମ୍ମତିକ୍ରମେ ବିଲ୍ ପାରିତ ହୋଇଛି।

## ଭେଣ୍ଡର ଆକାଉଣ୍ଟ ଖୋଲି ୫୧ କୋଟି ଟଙ୍କା ଠକେଇ

### ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିର୍ମାଣ ସାମଗ୍ରୀ ଯୋଗାଣ ନାଁରେ ହରିଲୁଟ୍

ନୟାଗଡ଼ ଅଫିସ/ ଭାପୁର, ୫।୭(ଡି.ଏନ୍.ଏ.)

ଭେଣ୍ଡର ଆକାଉଣ୍ଟ ଖୋଲି ନୟାଗଡ଼ ଜିଲାର ଭାପୁର ବ୍ଲକରେ ୫୧ କୋଟି ୨୭ ଲକ୍ଷ ଟଙ୍କା ଠକେଇ କରାଯାଇଛି। ଏହି ମହାଦୁର୍ନୀତିର ଖୋଳତାଡ କରାଯିବା ସହ ୨୦ ଭେଣ୍ଡରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଦାବି ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନିର୍ମାଣ ସାମଗ୍ରୀ ଯୋଗାଣ ନାଁରେ ଏପରି ହରିଲୁଟ୍ ହୋଇଥିବା ଭାପୁର ବିଡିଓଙ୍କୁ ନିକଟରେ ଅଭିଯୋଗ କରାଯାଇଛି।

ଭାପୁର ବ୍ଲକର ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ପକ୍ଷରୁ ଭେଣ୍ଡର ଆକାଉଣ୍ଟ ଖୋଲାଯାଇ ଏମ୍‌ଜିଏନ୍‌ଆରଇଜିଏସ୍‌ର କାମ ପାଇଁ ନିର୍ମାଣ ସାମଗ୍ରୀ ଯୋଗାଣ ହେଉଥିଲା। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଭେଣ୍ଡର ୨୦୧୭ରୁ ୨୦୨୨ ମଧ୍ୟରେ ନିର୍ମାଣ ସାମଗ୍ରୀ ଯୋଗାଇଛନ୍ତି। ତେବେ ୨୦ ଭେଣ୍ଡର ଅନିୟମିତତାରେ ଛନ୍ଦି ହୋଇ ପଡିଛନ୍ତି। ଭାପୁର ବ୍ଲକରେ ଏହି ୫ ବର୍ଷ ମଧ୍ୟରେ ଅନେକ କାମରେ ଫଲସ୍ ବିଲ୍ ହୋଇଛି। କେତେକ ଦୁର୍ନୀତି ପ୍ରମାଣିତ ହୋଇଥିବାବେଳେ ଆଉ କିଛି ତଦନ୍ତ ପର୍ଯ୍ୟାୟରେ ରହିଛି। ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ କରିବା ଘଟଣାରେ ୫କୋଟି ୬୧ଲକ୍ଷ ଉଠାଣ ହୋଇଛି। ଏଥିରେ ୧୮ ପ୍ରତିଶତ ଜିଏସ୍‌ଟି ରହିଛି। ଜିଏସ୍‌ଟି ଅର୍ଥ ଭେଣ୍ଡର ଚଞ୍ଚକତା କରି ଆତ୍ମସାତ୍ କରିଛନ୍ତି। ସେହିଭଳି ଜଣେ ଜିଆରଏସ୍‌ଙ୍କ ସ୍ୱାମୀ ୧୦ କୋଟି ୪୪ ଲକ୍ଷ ଠକେଇ କରି ନେଇଥିବାବେଳେ ଏଥିରେ ଜିଏସ୍‌ଟି ୧୮ ପ୍ରତିଶତ ଟଙ୍କା ଆତ୍ମସାତ୍ କରାଯାଇଛି। ପୁଣି ଅନ୍ୟ ଜଣେ ଜିଆରଏସ୍‌ଙ୍କ ବଡ଼ଭାଇ ୧୧ କୋଟି ୬୩ ଲକ୍ଷ ଅନୁରୂପ ଭାବେ ଆତ୍ମସାତ୍ କରିଛନ୍ତି। ଏହିପରି ଅଧିକାଂଶ ପ୍ରକଳ୍ପର କାମ ହୋଇ ନ ଥିଲେ ହେଁ ଦୁଇଗୁଣା ଜିଏସ୍‌ଟି ପରି ମିଥ୍ୟା କାଗଜାତ ଡିପୋଜିଟ୍ କରି ଭେଣ୍ଡରମାନେ ଲାଭବାନ ହୋଇଛନ୍ତି। ଏନେଇ ଭାପୁର ବିଡିଓ ଜନ୍ମେଜୟ ସାହୁ କୁହନ୍ତି, କିଛି ଅଭିଯୋଗ ଆସିଛି। ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଆଉ ଯଦି ଦୁର୍ନୀତି ରହିଛି ତେବେ ଅଭିଯୋଗ କରିବାକୁ ପରାମର୍ଶ ପରାମର୍ଶ ଦିଆଯାଇଛି। ଏହି ଅଭିଯୋଗର ଖୋଳତାଡ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରରେ ରାଗିଂ ଅଭିଯୋଗ

ଦେବଗଡ଼,୫।୭(ଡି.ଏନ.ଏ)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍) ପ୍ରଶିକ୍ଷଣ କେନ୍ଦ୍ରର ଜଣେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ସୋମବାର ରାତିରେ ରାଗିଂ ସ୍କ୍ୱାଡ୍‌କୁ ଫୋନ କରିଥିବା ବେଳେ ମଙ୍ଗଳବାର ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି।

ଅଭିଯୋଗ ଅନୁଯାୟୀ, ଛାତ୍ରୀଜଣକ ତାଲିମ କେନ୍ଦ୍ରରେ ନାମ ଲେଖାଇବା ପରଠାରୁ ବରିଷ୍ଠ ଛାତ୍ରୀମାନେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଆସୁଛନ୍ତି। 'ଆମ ସିନିୟର ଆମକୁ ନିର୍ଯାତନା ଦେଉଥିଲେ, ଆମେ ବି ତୁମକୁ ଏମିତି କରିବୁ' କହି ରୁଲ୍ ମାନିବାକୁ ପଡିବ ବୋଲି ସେମାନେ ବାଧ କରୁଛନ୍ତି। ନିର୍ଯାତନା ବିଷୟରେ ଅଭିଭାବକ କିମ୍ବା ତାଲିମ କେନ୍ଦ୍ରର ମାଡାମଙ୍କୁ ନ ଜଣାଇବାକୁ ମଧ୍ୟ ଧମକ ଦିଅନ୍ତି। ସୋମବାର ମେସ୍‌ରେ ଛାତ୍ରୀଙ୍କୁ ଆଳୁ ମସଲା ମୁଢି ଖାଇବାକୁ ଦିଆଯାଇଥିଲା। ଏହାକୁ ସେ ବରିଷ୍ଠ ଛାତ୍ରୀଙ୍କ ସହ ମିଳିମିଶି ଖାଇଥିଲେ। ମାତ୍ର ବରିଷ୍ଠ ଛାତ୍ରୀମାନେ ତାଙ୍କୁ ଗାଳି କରି ନାନା ନିର୍ଯାତନା ଦେଇଥିଲେ। ଫଳରେ ସେ ସୋମବାର ବାଧ ହୋଇ ଆଣ୍ଟି ରାଗିଂ ସ୍କ୍ୱାଡ୍‌କୁ ଫୋନ ଯୋଗେ ଅଭିଯୋଗ କରିଥିବା ଛାତ୍ରୀ ଜଣକ କହିଛନ୍ତି। ଏହାପରେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ଧନଞ୍ଜୟ ମହାନ୍ତ ତାଲିମ କେନ୍ଦ୍ରକୁ ଯାଇ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାଇବା ସହ ଆଗକୁ ଆଉ ସେମିତି କିଛି ହେବନି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ରାଗିଂ ଭୟ ରହୁଥିବାରୁ ସମ୍ପୃକ୍ତ ଛାତ୍ରୀ ଜଣକ ରାତି ପ୍ରାୟ ୮ଟା ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ସାଧନା ଦାଶଙ୍କୁ ଲିଖିତ ଅଭିଯୋଗ କରି ଆବଶ୍ୟକ ପଦକ୍ଷେପ ପାଇଁ ଗୁହାରି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ଦାଶଙ୍କୁ ପଚାରିବାରୁ ରାଗିଂ ସମ୍ପର୍କରେ ସେ ଆଜି ହିଁ ଜାଣିଲେ। ଅଭିଯୋଗର ତଦନ୍ତ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଏମ୍‌ଏସ୍‌ପି କାରଖାନାରେ ଶ୍ରମିକ ଉତ୍ତେଜନା

### ବକେୟା ଦରମା ଦାବି

### ଭଙ୍ଗାରୁଜା, ଅଧିକାରୀଙ୍କୁ ମାଡ଼: ୨ ଶ୍ରମିକ ଗିରଫ

ଝାରସୁଗୁଡ଼ା ଅଫିସ,୫।୭

ବକେୟା ଦରମା ଦାବିନେଇ ମଙ୍ଗଳବାର ଝାରସୁଗୁଡ଼ା ଜିଲା ବୁଢୀପଦରସ୍ଥିତ ଏମ୍‌ଏସ୍‌ପି ମେଟାଲିକ୍ ଲିମିଟେଡ୍ ସ୍ପଞ୍ଜ ଆଇରନ କାରଖାନାରେ ଉତ୍ତେଜନା ଦେଖାଦେଇଥିଲା। କାରଖାନା କର୍ତ୍ତୃପକ୍ଷଙ୍କ ଶ୍ରମିକ ବିରୋଧୀ ମନ୍ତବ୍ୟ ନେଇ ଶ୍ରମିକମାନେ ଉତ୍କ୍ଷିପ୍ତ ହୋଇ କାରଖାନାରେ ବ୍ୟାପକ ଭଙ୍ଗାରୁଜା ସହ ଢେଲାମାଡ଼ କରିଥିଲେ। ଏପରି କି କାରଖାନାର ଜଣେ ବରିଷ୍ଠ ଅଧିକାରୀଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଖବରପାଇ ଝାରସୁଗୁଡ଼ା ସଦର ଥାନା ଆଇଆଇସି ଶୁଚିସ୍ମିତା ମହାନ୍ତି ଓ ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ। ଏହାକୁ ନେଇ କାରଖାନା ତରଫରୁ ଏଜିଏମ୍ ନରେନ୍ଦ୍ର ସିଂହ ଖୁସୁଆ ଠିକାଶ୍ରମିକଙ୍କ ନାମରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୧୪୩/୨୨) ରୁଜୁକରି ତଦନ୍ତ ଚଳାଇଛି। ଘଟଣାରେ ପୋଲିସ ୨ଜଣ ଶ୍ରମିକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁମେଶ ସାହୁ ଓ କୃଷ୍ଣକାନ୍ତ ତେଲି। ଅନ୍ୟପକ୍ଷେ ଠିକା ଶ୍ରମିକମାନେ ମଧ୍ୟ କାରଖାନା କର୍ତ୍ତୃପକ୍ଷଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି।

# ସାରା ରାଜ୍ୟରେ ଲଘୁଚାପ ବର୍ଷା

ଭୁବନେଶ୍ୱର, ୫।୭(ବ୍ୟୁରୋ)

### ଭଦ୍ରକରେ ସର୍ବାଧିକ ୬୭ ମିମି


ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପାଣି।

ଉତ୍ତର ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଭଦ୍ରକରେ ସର୍ବାଧିକ ୬୭ ମିମି ବର୍ଷା ହୋଇଥିବାବେଳେ ଯାଜପୁରରେ ୩୯, ଖୋର୍ଦ୍ଧା ୩୩, ପୁରୀ ୨୩, ବଲାଙ୍ଗୀର ୨୨, ଚାନ୍ଦବାଲି ୨୨.୨, ଭୁବନେଶ୍ୱର ୧୫.୬, ଜଗତ୍‌ସିଂହପୁର ୧୨, ଦାରିଙ୍ଗବାଡ଼ି ୬, ନୟାଗଡ଼ ୬ ଓ କଟକରେ ୫.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱର, ପାରାଦୀପ, ଗୋପାଳପୁର, ଅନୁଗୋଳ, ବାରିପଦା, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ନବରଙ୍ଗପୁରରେ ମଧ୍ୟ ବର୍ଷା ହୋଇଥିବା ଜଣାପଡ଼ିଛି। ତେବେ ମଙ୍ଗଳବାରଠାରୁ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ହେବ। ପ୍ରବଳ ବର୍ଷା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମାଲକାନଗିରି, ରାୟଗଡ଼ା, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ବରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟରେ ଏବଂ ଶୁକ୍ରବାର ବୌଦ୍ଧ, ଢେଙ୍କାନାଳ, କଟକ, ଅନୁଗୋଳ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। କିନ୍ତୁ ଶନିବାର ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିଦିନ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

**୧୦ ହଜାର କୋଟି ଟଙ୍କାର ଗୋଲ୍ଡ ଲୋନ୍ ବୁକ୍**

**ଭୁବନେଶ୍ୱର:** ଆଇଡିବିଆଇ ବ୍ୟାଙ୍କର ଗୋଲ୍ଡ ଲୋନ୍ ବୁକ୍ ଏକ ସମ୍ମାନଜନକ ମାଇଲଖୁଣ୍ଟ ହାସଲ ସହ ୧୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଗତ ୨ବର୍ଷରେ ବ୍ୟାଙ୍କର ଗୋଲ୍ଡ ଲୋନ୍ ବୁକ୍ ୫୦୦୦ କୋଟି ଟଙ୍କାରୁ ୨ଗୁଣା ବୃଦ୍ଧି ପାଇ ୧୦,୦୦୦ କୋଟି ଟଙ୍କା ହୋଇଛି। ଆଇଡିବିଆଇ ବ୍ୟାଙ୍କର ଋଣ ପ୍ରକ୍ରିୟାକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱୟଂକ୍ରିୟ ଓ ଗୋଲ୍ଡ ଲୋନ୍ ବୁକ୍ ଅଭିବୃଦ୍ଧିରେ ତାହା ସହାୟକ ହୋଇଛି। ଗ୍ରାହକମାନେ ସାଧାରଣତଃ ୧୦-୧୫ ମିନିଟ୍‌ରେ କାରବାର ସମ୍ପୂର୍ଣ୍ଣ କରିପାରୁଛନ୍ତି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବିଶ୍ୱର ୫ମ ବୃହତ୍ ଅର୍ଥନୀତିର ମାନ୍ୟତା ହରାଇଲା ଭାରତ

**ନୂଆଦିଲ୍ଲୀ,୫।୭:** କୋଭିଡ୍ ମହାମାରୀ ଯୋଗୁ ଭୁଶୁଡ଼ି ପଡିଥିବା ଭାରତୀୟ ଅର୍ଥବ୍ୟବସ୍ଥା ବର୍ତ୍ତମାନ ଗତିଶୀଳ ହେଉଛି। ହେଲେ ଏହାରି ଭିତରେ କିନ୍ତୁ ଦେଶ ଏକ ବଡ଼ ଉପଲବ୍ଧି ହରାଇ ବସିଛି। ଏପରିକି ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥାର ମାନ୍ୟତା ଭାରତ ହରାଇ ବସିଛି। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ବର୍ତ୍ତମାନ ବ୍ରିଟେନ ବିଶ୍ୱର ୫ମ ସର୍ବବୃହତ୍ ଅର୍ଥନୀତିର ମାନ୍ୟତା ଲାଭ କରିଛି। ବିଶ୍ୱବ୍ୟାଙ୍କର ରିପୋର୍ଟକୁ ଆଧାରକରି ଏକ ଜାତୀୟ ଗଣମାଧମ ପ୍ରକାଶ କରିଥିବା ଉପରୋକ୍ତ ଖବର ଅନୁସାରେ ବ୍ରିଟେନଠୁ ଭାରତ କେବଳ ୧୩ ବିଲିୟନ ଡଲାର ପଛରେ ରହିଛି କିନ୍ତୁ ଆର୍ଥିକ ଅଭିବୃଦ୍ଧିରେ ବ୍ରିଟେନଠାରୁ ବହୁ ଆଗରେ ରହିଛି ଭାରତ।

### ଜୁନ୍‌ରେ ଅଟୋମୋବାଇଲ ଖୁଚୁରା ବିକ୍ରୟ ୨୭%କୁ ବୃଦ୍ଧି

**ନୂଆଦିଲ୍ଲୀ,୫।୭:** କୋଭିଡ୍ ମହାମାରୀ ଯୋଗୁ ଭାରତୀୟ ଅଟୋଶିଳ୍ପ ଗତ କିଛି ମାସ ହେବ ଅନେକ ସମସ୍ୟା ଓ ଚିପ୍ ଅଭାବର ସମ୍ମୁଖୀନ ହୋଇ ଆସୁଥିଲା। ଫଳରେ ଯାନ ନିର୍ମାଣ ସାଙ୍ଗକୁ ଗ୍ରାହକଙ୍କ ଚାହିଦା ପୂରଣ ମଧ ଠିକ୍ ଭାବେ କରିପାରୁ ନ ଥିଲା। ବର୍ତ୍ତମାନ ପରିସ୍ଥିତିରେ ସୁଧାର ଆସିଥିବାରୁ ଅଟୋମୋବାଇଲ କ୍ଷେତ୍ରଗୁଡିକର ପଞ୍ଜୀକରଣ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୨୭%ବୃଦ୍ଧି ପାଇଛି। ଗୋଟିଏ ପଟରେ ଯାନ ନିର୍ମାଣ ପାଇଁ ଆବଶ୍ୟକ ସେମିକଣ୍ଡକ୍ଟରର ଉନ୍ନତ ଉପଲବ୍ଧତା ହୋଇପାରିଛି। ଅପରପକ୍ଷରେ ଅଟୋ ମେର୍କସମାନେ ମଧ ଉତ୍ପାଦନ ବୃଦ୍ଧି ସହ ସେମାନଙ୍କ ଡିଲର ପଏଣ୍ଟଗୁଡିକୁ ଆବଶ୍ୟକ ଅନୁଯାୟୀ ଗାଡ଼ି ପଠାଇବାରେ କମ୍ପାନୀଗୁଡିକ ସକ୍ଷମ ହୋଇପାରିଛନ୍ତି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ କୁହାଯାଇଛି। ଏପରିକି ମଙ୍ଗଳବାର ଫାଡା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୧୯ ଜୁନ୍ ସହ ତୁଳନା କରାଯାଏ ତା’ ହେଲେ ସାମଗ୍ରିକ ଖୁଚୁରା ବିକ୍ରି ୮.୬୮% କୁ ହ୍ରାସ ପାଇଛି।

# ଜୁନ୍‌ରେ ଓଡ଼ିଶାର ୧୨୪୭.୬୩ କୋଟି ଟଙ୍କା ଏସ୍‌ଜିଏସଟି ସଂଗ୍ରହ

## ରାଜ୍ୟ ଜିଏସ୍‌ଟି ଅଭିବୃଦ୍ଧି ୪୫%

କଟକ,୫।୭

ଚଳିତ ବର୍ଷ ଜୁନ୍‌ରେ ଓଡ଼ିଶା ୧୨୪୭.୬୩ କୋଟି ଟଙ୍କାର ଏସ୍‌ଜିଏସ୍‌ଟି ସଂଗ୍ରହ କରିଛି। ଏପରିକି ୨୦୨୧ ଜୁନ୍‌ରେ ଏହା ୮୫୮.୮୩ କୋଟି ଟଙ୍କା ରହିଥିଲା। ଫଳରେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୪୫.୨୭% ରହିଛି। ସେହିଭଳି ସାମଗ୍ରିକ ଜିଏସ୍‌ଟି କ୍ଷେତ୍ରରେ ମଧ ରାଜ୍ୟ ୩୨.୧୮% ଅଭିବୃଦ୍ଧି ହାସଲ କରିଛି। ଗତ ବର୍ଷ ଜୁନ୍‌ରେ ୨୯୯୯.୯୧ କୋଟି ଟଙ୍କାର ସାମଗ୍ରିକ ଜିଏସ୍‌ଟି ସଂଗୃହୀତ ହୋଇଥିବାବେଳେ ୨୦୨୨ ଜୁନ୍‌ରେ ଏହା ୩୯୬୫.୨୮ କୋଟି ଟଙ୍କା ରହିଛି। ସେହିପରି କେନ୍ଦ୍ରୀୟ ଜିଏସ୍‌ଟି ବାବଦକୁ




୧୦୬୩.୩୩ କୋଟି ଟଙ୍କା ସଂଗ୍ରହ କରାଯାଇଥିବାବେଳେ ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୪୩.୦୮% ରହିଛି।

ଅପରପକ୍ଷରେ ସମନ୍ୱିତ ଜିଏସ୍‌ଟି କ୍ଷେତ୍ରରେ ୮୪୭.୯୩ କୋଟି ଟଙ୍କା ସଂଗୃହୀତ ହେବା ସହ ଅଭିବୃଦ୍ଧି ହାର ୦.୬୩% ଏବଂ ଅତିରିକ୍ତ ଟିକସ ବା ସେସ୍ ବାବଦକୁ ୮୦୬.୩୯ କୋଟି ଟଙ୍କା ସଂଗ୍ରହ କରାଯାଇଥିବାବେଳେ ଅଭିବୃଦ୍ଧି ହାର ୪୫.୨୨% ରହିଛି। ବିଶେଷକରି ପେଟ୍ରୋଲ ଓ ମଦ ଉପରୁ ଚଳିତ ବର୍ଷ ଜୁନ୍‌ରେ ମୋଟ୍ ୧୦୯୩.୩୩ କୋଟି ଟଙ୍କା ଭାଟ୍ ଆକାରରେ ରାଜସ୍ୱ ଆଦାୟ କରାଯାଇଥିବା ବେଳେ ୨୦୨୧ଜୁନ୍‌ରେ ଏହି ଆଦାୟ ପରିମାଣ ଥିଲା ୭୧୧.୧୫ କୋଟି ଟଙ୍କା, ଏ କ୍ଷେତ୍ରରେ ୫୩.୮୮% ଅଭିବୃଦ୍ଧି ଘଟିଛି। ୨୦୨୨ ଜୁନ୍‌ରେ ବୃତ୍ତିଗତ ଟିକସ ବା ପ୍ରଫେସନାଲ ଟାକ୍ସ କ୍ଷେତ୍ରରେ ୨୬.୧୪% ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ଜୁନ୍‌ରେ ୨୩.୬୬ କୋଟି ଟଙ୍କା ବୃତ୍ତିଗତ ଟିକସ ଆଦାୟ ହୋଇଥିବା ବେଳେ ୨୦୨୧ଜୁନ୍‌ରେ ଏହି ପରିମାଣ ୧୮.୭୬ କୋଟି ଟଙ୍କା ଥିଲା।

ଚଳିତ ଆର୍ଥିକ ବର୍ଷରେ ମୋଟ୍ ୧୦,୪୮୫ ଜଣ ନୂଆ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଛି । ସେହିପରି ଚଳିତ ବର୍ଷ ଜୁନ୍‌ରେ ୧୫.୩୩ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ ହୋଇଥିବାବେଳେ ଗତବର୍ଷ ଜୁନ୍‌ରେ ଏହି ସଂଖ୍ୟା୧୩.୩୮ ଲକ୍ଷ ଥିଲା। ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୪.୫୭% ରହିଛି। ଅତିକମ୍‌ରେ ୯୦% ରିଟର୍ନ ଦାଖଲକୁ ସୁନିଶ୍ଚିତ କରିବାକୁ ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନି କ୍ଷେତ୍ରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ରାଣ୍ଡେଡ୍ ସାମଗ୍ରୀ ଯୋଗାଇବ କାଞ୍ଚନ




ଭୁବନେଶ୍ୱର,୫।୭:

ଦେଶର ପ୍ରମୁଖ ଗୃହୋପକରଣ ସଂସ୍ଥା ‘କାଞ୍ଚନ’ ତା’ର ସାମଗ୍ରୀର ପ୍ରଚାର ଓ ପ୍ରସାର ସାଙ୍ଗକୁ ଶାଖା ବିସ୍ତାର କାର୍ଯ୍ୟକ୍ରମ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସଂସ୍ଥାର ଓଡ଼ିଶା ଶାଖା ସ୍ଥାନୀୟ ପୁରୀ ବାଇପାସ୍,ପାଣ୍ଡରାଠାରେ ଏହାର ନୂତନ ଶାଖା କାର୍ଯ୍ୟାଳୟ ଓ ସି ଆଣ୍ଡ ଏଫ୍ ପଏଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଜିଏମ୍ (ସେଲ୍‌ସ) ରାଜେଶ ସେଠୀ, ଆର୍‌ଏମ୍ (ଓ) ଭାଗୀରଥି ସାହୁ, ବିଏମ୍ ଭବାନୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ବ୍ରଣ୍ଡେଡ୍ ସାମଗ୍ରୀ ସାଙ୍ଗକୁ ବିକ୍ରିପର ସେବା ଯୋଗାଇବା କାଞ୍ଚନର ଏକମାତ୍ର ଲକ୍ଷ୍ୟ ବୋଲି ସେଠୀ ମତବ୍ୟକ୍ତ କରିଥିଲେ। ୧୯୮୭ରେ କାଞ୍ଚନ କିଚେନ୍ ଏଡ୍ ପ୍ରା.ଲିଃର ଶୁଭାରମ୍ଭ ହୋଇଥିଲା। ଉକ୍ତ କମ୍ପାନୀର ମୁଖ୍ୟାଳୟ ମୁମ୍ବାଇଠାରେ ଅବସ୍ଥିତ ଏବଂ ଭାରତର ବିଭିନ୍ନ ସ୍ଥାନରେ ଏହାର ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ଦୀନେଶ ସି ଖିମାଭତଙ୍କ ନେତୃତ୍ୱରେ ଏହା ବଜାରରେ ନୂତନ ଟ୍ରେଣ୍ଡକୁ ଧାନରେ ରଖି କାରବାର କରୁଥିବା ବେଳେ କମ୍ପାନୀର ପ୍ରମୁଖ ସଦସ୍ୟ ମିଶାଲ ଡି ଖିମାଭତ ଏବଂ ସାଲୋନି ଡି ଖିମାଭତଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି।

# କାଇଗରର ନୂଆ ଷ୍ଟିଲ୍‌ଥ ବ୍ଲାକ୍ କଲର ଉନ୍ମୋଚିତ

ନୂଆଦିଲ୍ଲୀ,୫।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ରେନୋ’ ଭାରତରେ ୫୦,୦୦୦ ଉତ୍ପାଦନର ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଏହାର ରେନୋ କାଇଗରର ୫୦ ହଜାର ତମ ସଂଖ୍ୟା ପୂରଣ ଯାନକୁ ଚେନ୍ନାଇ ପ୍ଲାଣ୍ଟରେ ପ୍ରସ୍ତୁତ କରାଯାଉଛି। ସେହିଭଳି କମ୍ପାନୀର ଉକ୍ତ ସଫଳତା ଓ ମାଇଲଖୁଣ୍ଟ ପାଳନ ଅବସରରେ ରେନୋ ଇଣ୍ଡିଆ ପକ୍ଷରୁ ନ୍ୟୁ ଷ୍ଟିଲ୍‌ଥ ବ୍ଲାକ୍ କଲରର ଶୁଭାରମ୍ଭ କରିଛି।

ଏ ସମ୍ପର୍କରେ ରେନୋ ଇଣ୍ଡିଆ (ଓ)ର କଣ୍ଟ୍ରି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରାମ୍ ମାମିଲାପାଲେ କହିଛନ୍ତି, ରେନୋ କାଇଗରର ଆକର୍ଷଣୀୟ ଡିଜାଇନ୍, ସ୍ମାର୍ଟ ବୈଶିଷ୍ଟ୍ୟ, ଅଗ୍ରଣୀ ସୁରକ୍ଷା, କ୍ୱାଲିଟି ଓ କାର୍ଯ୍ୟଦକ୍ଷତା କାରଣରୁ ଗ୍ରାହକଙ୍କ ମଧ୍ୟରେ ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମହାମାରୀ ଯୋଗୁ




**ଭାରତରେ ରେନୋର ୫୦,୦୦୦ ଉତ୍ପାଦନର ମାଇଲଖୁଣ୍ଟ ହାସଲ**

ସେମିକଣ୍ଡକ୍ଟର ଅଭାବ ସତ୍ତ୍ୱେ ରେନୋ କାଇଗରର ୫୦,୦୦୦ତମ ଉତ୍ପାଦନ ମାଇଲଖୁଣ୍ଟକୁ ସଫଳତାର ସହ ହାସଲ କରାଯାଇପାରିଛି। ଏହି ସ୍ପୋର୍ଟି,ସ୍ମାର୍ଟ ଓ ଆକର୍ଷଣୀୟ ଏସ୍‌ୟୁଭି ଭାରତର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ରେନୋର ପ୍ରମୁଖ ୫ଗ୍ଲୋବାଲ ମାର୍କେଟରେ ଭାରତକୁ ସ୍ଥାନିତ କରିପାରିଛି। ସେହିପରି ନିକଟରେ ଏହାର ରେନୋ କାଇଗର ଏମ୍‌ୱାଇ୨୨ ସଂସ୍କରଣକୁ ଶୁଭାରମ୍ଭ ସହ ଏହାର ଦକ୍ଷତାରେ ବୃଦ୍ଧି ସହିତ ୨ଟି ଇଞ୍ଜିନ୍ ବିକଳ୍ପରେ ଉପଲବ୍ଧ ରହିଛି। ଅପରପକ୍ଷରେ ରେନୋ କାଇଗରକୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଅନେକ ପୁରସ୍କାର ମଧ ମିଳିଛି।

# ଡଲାର ତୁଳନାରେ ଟଙ୍କା ମୂଲ୍ୟ ୪୧ପଇସା ହ୍ରାସ

ନୂଆଦିଲ୍ଲୀ,୫।୭

କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା (ଟଙ୍କା) ର ମୂଲ୍ୟ ହ୍ରାସ ପାଇ ଚାଲିଛି। ଏପରିକି ମଙ୍ଗଳବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୪୧ ପଇସା ହ୍ରାସ ଘଟିଛି। ଗ୍ରୀନ୍‌ବ୍ୟାକ୍ ଏବଂ ଅବିଭକ୍ତ ବିଦେଶୀ ପାଣ୍ଠିର ପ୍ରବାହ ଯୋଗୁ ଏଭଳି ହେଉଛି। ଏହି ମୂଲ୍ୟ ହ୍ରାସ ଫଳରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୭୯.୩୬ ରହିଛି। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଏକ ନୂତନ ରେକର୍ଡ ହାସଲ କରିଛି ଏବଂ ଆଶା କରାଯାଉଥିବା ଘରୋଇ ତଥ୍ୟ ତୁଳନାରେ ଦୁର୍ବଳ ହୋଇଛି ବୋଲି ସେରଖାନର ଅନୁସନ୍ଧାନ ବିଶ୍ଳେଷକ ଅନୁଜ ଚୌଧରୀ କହିଛନ୍ତି।

# ଶ୍ୟାମ ଷ୍ଟିଲ୍‌ର ଟିଭିସି ପ୍ରଚାର ଅଭିଯାନ

ନୂଆଦିଲ୍ଲୀ,୫।୭

ପ୍ରାଥମିକ ଟିଏମ୍‌ଟି ବାର୍‌ର ଅନ୍ୟତମ ଅଗ୍ରଣୀ ଉତ୍ପାଦନକାରୀ ତଥା ବିନିର୍ମାଣକାରୀ ଶ୍ୟାମ ଷ୍ଟିଲ୍ ବିରାଟ କୋହଲି ଓ ଅନୁଷ୍କା ଶର୍ମାଙ୍କୁ ନେଇ ତାହାର ନୂଆ ଟିଭିସି ପ୍ରଚାର ଅଭିଯାନ ଆରମ୍ଭ କରିଛି। ଏହି ନୂଆ ଟିଭିସି ଶ୍ୟାମ ଷ୍ଟିଲ୍‌ର ‘ହମେଶା କେ ଲିୟେ ଷ୍ଟ୍ରଙ୍ଗ୍’ ପ୍ରଚାର ଅଭିଯାନର ଏକ ବିସ୍ତାର ହୋଇଛି। ଶ୍ୟାମ ଷ୍ଟିଲ୍ ଫ୍ଲେକ୍ସି ଷ୍ଟ୍ରଙ୍ଗ୍ ଟିଏମ୍‌ଟି ବାର୍ ଭଳି ସାମର୍ଥ୍ୟ ଓ ନମନୀୟତାର ଠିକ୍ ତାଳମେଳ ଜରିଆରେ ହାସଲ କରାଯାଉଥିବା ସମ୍ପର୍କର ମଜଭୁତ ବନ୍ଧନର ବାର୍ତ୍ତା ସର୍ବତ୍ର ପ୍ରଚାର ପ୍ରସାର କରିବାକୁ ଏହି ଅଭିଯାନରେ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ବେଳେବେଳେ ଛୋଟିଆ ଆଚରଣ ମଧ ଆମ ସମ୍ପର୍କରେ ବିରାଟ ପାର୍ଥକ୍ୟ ଆଣିପାରେ। ଏହି ପ୍ରଚାର ଅଭିଯାନରେ ସ୍ଥାନ ପାଇଥିବା ବର୍ଣ୍ଣନାରେ ଶ୍ୟାମ ଷ୍ଟିଲ୍ ସାମର୍ଥ୍ୟ ଓ ନମନୀୟତାକୁ ନିଜର ମୂଳାଧାରା ଭାବରେ ନେଇ କିଭଳି ଏକ ବ୍ରାଣ୍ଡ ଭାବରେ ଛିଡ଼ା ହୋଇଛି, ସେହି ନୀତିକୁ ସ୍ଥାନ ଦିଆଯାଇଛି। ବିରାଟ ଏବଂ ଅନୁଷ୍କାଙ୍କର ଷ୍ଟାର ଶକ୍ତି ଆମର ଧାର୍ଯ୍ୟ ଗ୍ରାହକ, ବିଶେଷକରି ଆଞ୍ଚଳିକ ବଜାର ସମୂହ ସହିତ ଏକ ଗଭୀର ସମ୍ପର୍କ ସ୍ଥାପନ କରିବାରେ ସହାୟତା କରିବ। ଶ୍ୟାମ ଷ୍ଟିଲ୍ ଚଳିତ ବର୍ଷ ଅଗଷ୍ଟ ଓ ସେପ୍ଟେମ୍ବରରେ ବିରାଟ ଓ ଅନୁଷ୍କା ଙ୍କୁ ନେଇ ଆଉ ୨ଟି ଟିଭିସି ଚଳଚ୍ଚିତ୍ରର ପ୍ରଚାର ପ୍ରସାର କରିବ।

## ଫୁର୍‌ସତ୍

# ପେନ୍ କିଲର ବ୍ୟବହାର ବଢ଼ାଇବ ନିଶାଯୁକ୍ତ ପଦାର୍ଥ ସଙ୍କଟ

ଟରଣ୍ଟୋ

ପେନ୍ କିଲରର ବହୁଳ ବ୍ୟବହାର ଦ୍ୱାରା ନିଶା ଦ୍ରବ୍ୟର ସଙ୍କଟ ଦେଖାଯିବା ନେଇ ଲାନ୍‌ସେଟ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। କାନାଡାର ମାକ୍‌ଗିଲ୍ ୟୁନିଭର୍ସିଟି ପକ୍ଷରୁ ଏହି ଅଧ୍ୟୟନ କରାଯାଇଛି। ମାଇନର୍ କିମ୍ବା କ୍ରିଟିକାଲ ସର୍ଜରି ହୋଇଥିବା ୪୭ ଜଣ ରୋଗୀଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ସର୍ଜରି ପରେ ରୋଗୀମାନଙ୍କ ପେନ୍ କିଲର୍ ସେବନ ପାଇଁ ମୁଖ୍ୟତଃ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। କିନ୍ତୁ ଅଧ୍ୟୟନ ରିପୋର୍ଟ ଅନୁସାରେ ବିନା ପେନ୍



କିଲରରେ ଶରୀରର କଷ୍ଟ ଲାଘବ ହୋଇ ନ ଥାଏ ବରଂ ଏହାଦ୍ୱାରା ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ପେନ୍ କିଲରର ଅତ୍ୟଧିକ ସେବନ ଦ୍ୱାରା ବାନ୍ତି, ଶରୀର ଦୁର୍ବଳ ଲାଗିବା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ନିଶାଯୁକ୍ତ ପଦାର୍ଥ ମିଶ୍ରିତ ହୋଇ ନ ଥିବା ଔଷଧ ବା ପେନ୍ କିଲର୍ ରୋଗୀଙ୍କଠାରେ ବ୍ୟବହାର କରିବା ଉଚିତ୍ ବୋଲି ମାକ୍‌ଗିଲ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଡା. ଜୁଲିଓ ଫିଓର କହିଛନ୍ତି। ଏହାଦ୍ୱାରା ରୋଗୀର ସ୍ୱାସ୍ଥ୍ୟ କମ୍ ସମୟ ମଧ୍ୟରେ ଭଲ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ପେନ୍ କିଲର ଦ୍ୱାରା ରୋଗୀଙ୍କ ଶରୀରରେ କୌଣସି ସକାରାତ୍ମକ ପ୍ରଭାବ ଦେଖାଯାଉ ନ ଥିବା ଅଧ୍ୟୟନରୁ ଜଣାପଡ଼ିଛି।

# ଜାହ୍ନବୀଙ୍କ ‘ବୱାଲ’

**ମୁମ୍ବାଇ:** ଜାହ୍ନବୀ କପୁର ବର୍ତ୍ତମାନ ସମୟରେ ନିଜ ଆଗାମୀ ଫିଲ୍ମ ‘ବୱାଲ୍’ର ଶୁଟିଂରେ ବ୍ୟସ୍ତ। ଫିଲ୍ମରେ ବରୁଣ ଧାୱନ ଏବଂ ଜାହ୍ନବୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ ଦୁହେଁ ଏକାଠି ସ୍କ୍ରିନ୍ ଶେୟାର କରୁଥିବାର ଦେଖାଯିବ। କିଛିଦିନ ହେବ ଫିଲ୍ମର ଶୁଟିଂ ଆମଷ୍ଟରଦମରେ ଚାଲିଥିବାବେଳେ ମଙ୍ଗଳବାର ଶୁଟିଂ ଶେଷ ହୋଇଛି। ଏ ନେଇ ଜାହ୍ନବୀ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ବରୁଣଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଆଗାମୀ ଫିଲ୍ମର ବଳକା ଶୁଟିଂ ପୋଲାଣ୍ଡରେ ହେବା ନେଇ ନାୟିକା ଜଣକ କହିଛନ୍ତି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ସାଜିଦ ନାଡିଆଦୱାଲା ଥିବାବେଳେ ନୀତିଶ ତିୱାରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସରୁ ବୱାଲ୍‌ର ଶୁଟିଂ ଆରମ୍ଭ ହୋଇଛି। ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୭ରେ ମୁକ୍ତିଲାଭ କରିବ। ଶେଷଥର ପାଇଁ ଜାହ୍ନବୀ ‘ରୁହି’ ଫିଲ୍ମରେ ଦେଖାଯାଇଥିଲେ। ଆଗାମୀ ଦିନରେ ତାଙ୍କ ଦ୍ୱାରା ଅଭିନୀତ ଗୁଡ୍‌ଲକ୍ ଜେରି, ମିଲି ଚଳଚ୍ଚିତ୍ର ରିଲିଜ୍ ଅପେକ୍ଷାରେ ରହିଛି। ବରୁଣଙ୍କ ଦ୍ୱାରା ଅଭିନୀତ ଫିଲ୍ମ ‘ଜୁଗ୍‌ଜୁଗ୍ ଜିୟୋ’କୁ ଦର୍ଶକଙ୍କ ଭଲପାଇବା ମିଳିଥିବାବେଳେ ଫିଲ୍ମଟି ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି। ସେହିପରି ଆଗାମୀ ଦିନରେ ‘ଭେଡିଆ’ରେ ଅଭିନୟ କରିବେ, ଯେଉଁଥିରେ ତାଙ୍କ ବିପକ୍ଷରେ ରହିବେ କ୍ରିତି ସନୋନ୍।



# ସଚେତନତା ହିଁ ନିଦାନ

## ବିଶ୍ୱ ଜୁନୋଜ ଦିବସ

ଜୁନୋଟିକ ରୋଗର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୬ ରେ ବିଶ୍ୱ ଜୁନୋଜ ଦିବସ ପାଳନ କରାଯାଇଥାଏ। ଜୁନୋଜ ହେଉଛି ସଂକ୍ରାମକ ରୋଗ (ଭୂତାଣୁ, ଜୀବାଣୁ ଏବଂ ପରଜୀବୀ) ଯାହା ପ୍ରାଣୀମାନଙ୍କ ଠାରୁ ମଣିଷଙ୍କୁ ବ୍ୟାପିପାରେ ଏବଂ ମଣିଷଙ୍କଠାରୁ ପ୍ରାଣୀଙ୍କଠାରେ ସଂକ୍ରମଣ ସୃଷ୍ଟି କରିଥାଲ। ପ୍ରାଣୀଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗରେ କିମ୍ବା ପରୋକ୍ଷ ଭାବରେ, ବାହକ କିମ୍ବା ଖାଦ୍ୟ ଦ୍ୱାରା ରୋଗ ବ୍ୟାପିଥାଏ। ୧୮୮୫ ଜୁଲାଇ ୬ରେ ଫ୍ରାନ୍ସର ଜୀବବିଜ୍ଞାନୀ ଲୁଇସ ପାଶ୍ଚର ସଫଳତାର ସହ ରେବିସ ବା ଜଳାତଙ୍କ ଭୂତାଣୁ ବିରୁଦ୍ଧରେ ପ୍ରଥମ ଟିକା ପ୍ରସ୍ତୁତ କରିଥିଲେ। ଯାହା ଏକ ଜୁନୋଟିକ ରୋଗ। ଇବୋଲା, ଏଭିଆନ ଇନଫ୍ଲୁଏଞ୍ଜା ଏବଂ ସଲମାନେଲୋସିସ୍ ଭଳି ଜୁନୋଟିକ ରୋଗ ବିରୁଦ୍ଧରେ ଦିଆଯାଇଥିବା ପ୍ରଥମ ଟିକାକରଣକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜୁଲାଇ୬ ରେ ଏହି ଦିନଟି ପାଳନ କରାଯାଇଥାଏ। ଜୁନୋଟିକ ପାଥୋଜେନ ଜୀବାଣୁ, ଭାଇରାଲ କିମ୍ବା ପରଜୀବୀ ହୋଇପାରେ ଯାହା ସିଧାସଳଖ ଯୋଗାଯୋଗ କିମ୍ବା ଖାଦ୍ୟ, ଜଳ କିମ୍ବା ପରିବେଶ ମାଧ୍ୟମରେ ମଣିଷକୁ ବ୍ୟାପିପାରେ। ଉଦାହରଣ ସ୍ୱରୂପ, କରୋନା ଭାଇରସ ବାଦୁଡ଼ିଙ୍କଠାରୁ ମଣିଷକୁ ବ୍ୟାପିଥିଲା। ଲୁଇସ ପାଶ୍ଚରଙ୍କ ପରେ ବିଶ୍ୱ ଜୁନୋଜ ଦିନ ପାଳନ କରାଯାଇଥିଲା। ଜୁନୋଟିକ ରୋଗ ବିସ୍ତାର କରିବାରେ ପ୍ରାଣୀମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି କାରଣ ୭୫ ପ୍ରତିଶତ ନୂତନ ରୋଗ ସେମାନଙ୍କଠାରୁ ଉତ୍ପନ୍ନ ହୋଇଥାଏ। ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ଅନୁଯାୟୀ ଜୁନୋଟିକ ରୋଗର ସଂକ୍ରମଣ ମାଂସ ଖାଇବା କିମ୍ବା ପଶୁଜାତ ଦ୍ରବ୍ୟ ବ୍ୟବହାର ଭଳି ପ୍ରାଣୀମାନଙ୍କ ସହିତ ଯୋଗାଯୋଗ ପ୍ରକ୍ରିୟା ମାଧ୍ୟମରେ ବ୍ୟାପିଥାଏ। ମାତ୍ର ସଚେତନତା ଦ୍ୱାରା ଏଭଳି ରୋଗରୁ ଦୂରେଇ ହୋଇଥାଏ। ତେଣୁ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ହାତ ଧରି ବିବାହ ନିବେଦନ କରିବାରୁ ମାସେ ଜେଲ

ମୁମ୍ବାଇ

ସମ୍ପର୍କୀୟ ଭଉଣୀଙ୍କ ହାତଧରି ବିବାହ ନିବେଦନ କରିବା ମୁମ୍ବାଇର ଯୁବକଙ୍କୁ ଅଡୁଆରେ ପକାଇ ଦେଇଛି। ୧୩ ବର୍ଷ ତଳେ ଏହି ଘଟଣା ଘଟିଥିବାବେଳେ ଚଳିତ ମାସରେ ମୁଲୁଣ୍ଡ ମାଜିଷ୍ଟ୍ରେଟ୍ କୋର୍ଟ ୪୩ ବର୍ଷୀୟ ଯୁବକଙ୍କୁ ମାସେ ପାଇଁ ଜେଲ ଦଣ୍ଡ ଶୁଣାଇଛନ୍ତି। କୌଣସି ଯୁବତୀଙ୍କ ବିନା ଅନୁମତିରେ ତାଙ୍କ ଶରୀରକୁ ସ୍ପର୍ଶ କରିବା ଆଇନତଃ ଅପରାଧ। ଏଥିସହ ଅଭିଯୁକ୍ତଙ୍କୁ ହଜାରେ ଟଙ୍କା ଜରିମାନା ଦେବା ପାଇଁ କୋର୍ଟ ପକ୍ଷରୁ କୁହାଯାଇଛି। ୨୦୦୯ରେ ଅଭିଯୋଗକାରିଣୀଙ୍କୁ ମାତ୍ର ୧୬ ବର୍ଷ ବୟସ ହୋଇଥିଲା। ଏ ନେଇ ଯୁବତୀ ଜଣକ ଭାଣ୍ଡୁପ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ସ୍କୁଲରୁ ଘରକୁ ଫେରିବା ସମୟରେ ସମ୍ପର୍କୀୟ ଭାଇ ହାତଧରି ତାଙ୍କୁ ପାଖକୁ ଟାଣିଆଣିଥିଲେ ଏବଂ ବିବାହ ପାଇଁ ନିବେଦନ ଦେଇଥିଲେ। ଯୁବକ ଜଣକ ତାଙ୍କ ଘରକୁ ମଧ ଡାକିଥିଲେ। ସେ ସମୟରେ ଯୁବତୀଙ୍କ ସହ ତାଙ୍କର ଜଣେ ଭଉଣୀ ଉପସ୍ଥିତ ଥିଲେ। ଯୁବକଙ୍କୁ ବିରୋଧ କରିବାରୁ ସେ ତାଙ୍କୁ ଚାପୁଡ଼ା ମାରିଥିବା କଥା ଯୁବତୀ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ମାରାମତି ହେବ ଇଫେଲ୍ ଟାୱାର

ୱାଶିଂଟନ

ବିଶ୍ୱର ସର୍ବବୃହତ୍ ଟାୱାର ମାନ୍ୟତା ପାଇଥିବା ଇଫେଲ୍ ଟାୱାରରେ କଳଙ୍କି ଲାଗିଥିବା ଖବର ପ୍ରକାଶ ପାଇଛି। ତେବେ ଖୁବ୍ ଶୀଘ୍ର ଏହାର ମାରାମତି କାମ ଆରମ୍ଭ କରାଯିବ । ତେବେ ୨୦୨୪ରେ ହେବାକୁ ଥିବା ଅଲିମ୍ପିକ୍ସ ଗେମ୍‌କୁ ଦୃଷ୍ଟିରେ ରଖି ୬୦ ମିଲିୟନ ୟୁରୋ ବିନିମୟରେ ଏହାର ମରାମତି କାମ କରାଯିବ। ୩୨୪ ମିଟର ଉଚ୍ଚତା ବିଶିଷ୍ଟ ଏହି ଟାୱାରର ନିର୍ମାଣ ଊନବିଂଶ ଶତାବ୍ଦୀରେ କରାଯାଇଥିଲା। ବହୁ ପ୍ରାନ୍ତରୁ ଲୋକେ ପ୍ୟାରିସ୍ ଇଫେଲ୍ ଟାୱାର ବୁଲିବା ପାଇଁ ଆସିଥାନ୍ତି। ପ୍ରତିବର୍ଷ ୬୦ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି।



# ଦେବୀଙ୍କ ଫଟୋ ଥିବା କାଗଜରେ ଚିକେନ ବିକ୍ରି

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶରେ ଜଣେ ଚିକେନ ଦୋକାନୀ ହିନ୍ଦୁ ଦେବୀଙ୍କ ଫଟୋ ଥିବା କାଗଜରେ ଚିକେନ୍ ବିକ୍ରି କରୁଥିବାରୁ ରବିବାର ସ୍ଥାନୀୟ ପୋଲିସ ତାଙ୍କୁ ଗିରଫ କରିଛି। ୟୁପି ସମ୍ଭାଲରେ ଘଟିଯାଇଛି ଏହି ଘଟଣା। ଘଟଣାର ସୂଚନା ପାଇ ପୋଲିସ ଉକ୍ତ ଚିକେନ୍ ଦୋକାନରେ ପହଞ୍ଚିଥିବାବେଳେ ଦୋକାନୀ ତଲିବ ହୁସେନ ଏକ ଛୁରିରେ ପୋଲିସ ଟିମ୍ ଉପରକୁ ଆକ୍ରମଣ କରିଥିଲେ। ତଲିବଙ୍କ ବିରୋଧରେ ଆଇପିସି ଧାରା ୧୫୩-ଏ, ୨୯୫-ଏ ଏବଂ ୩୦୭ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି । ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।



**ଜଳହସ୍ତୀ ଶାବକ ଜନ୍ମ**

ବାରଙ୍ଗ(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୨ନମ୍ବର ଏନ୍‌କ୍ଲୋଜରରେ ଥିବା ଜଳହସ୍ତୀ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ପରେ ଜଳହସ୍ତୀ ସଂଖ୍ୟା ବୃଦ୍ଧି ପାଇ ୧୨ ରେ ପହଞ୍ଚିଛି। ସେଥିମଧ୍ୟରେ ୬ ମାଈ, ୫ଟି ଅଣ୍ଡିରା ଓ ଗୋଟିଏ ଲିଙ୍ଗ ନିରୂପଣ ହୋଇ ନ ଥିବା ଉପନିର୍ଦ୍ଦେଶକ ସଞ୍ଜିତ୍ କୁମାର କହିଛନ୍ତି।

## ସଂକ୍ଷେପରେ

### ସଂଭାବନାର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୭(ବ୍ୟୁରୋ): ସଂଭାବନା ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଓ ଅନୁଷ୍ଠାନର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କର ଜୟନ୍ତୀ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ହାଉସିଂ ବୋର୍ଡର ପୂର୍ବତନ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ, ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂଭାବନାର କାର୍ଯ୍ୟକାରୀ ଅଧକ୍ଷ ସୁଦର୍ଶନ ଦାସ, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା, ୨୦୨୧ ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ରଙ୍କ ନେତୃତ୍ୱରେ ସଂଭାବନା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପାଇଁ ଚଳାଇଥିବା ଉଦ୍ୟମ ଓ ପ୍ରଚେଷ୍ଟା ଅଭିନନ୍ଦନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କହିଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଭ୍ୟ ଡ. ପ୍ରେମ ପ୍ରକାଶ ସିଂ, ସତ୍ୟବ୍ରତ ମହାପାତ୍ର, ଛନ୍ଦା ମିଶ୍ର, ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମା' ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟକୁ 'ଭଞ୍ଜଭାରତୀ ସମ୍ମାନ'

ଭୁବନେଶ୍ୱର,୫।୭(ବ୍ୟୁରୋ): ମା' ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ଭାରତକୁ ମର୍ଯ୍ୟଦାଜନକ 'ଭଞ୍ଜଭାରତୀ ସମ୍ମାନ' ମିଳିଛି। ଆଦିଶକ୍ତି ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ସର୍ବଦା କାର୍ଯ୍ୟ କରୁଥିବାରୁ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ମଙ୍ଗଳବାର ସୂଚନା ଭବନଠାରେ ପବିତ୍ର ରଥଯାତ୍ରା ଅବସରରେ ଆୟୋଜିତ ଉତ୍ସବ 'ଲୀଳାମୟ ନୀଳାଦ୍ରୀଶ'ରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର, ବିଶିଷ୍ଟ ଅତିଥି ଜଳଦ ତ୍ରିପାଠୀ, ବରେଣ୍ୟ ଅତିଥି ବ୍ୟୋମକେଶ ତ୍ରିପାଠୀ, ସଭାପତି ନୀଳାଦ୍ରି ମୋହନ ଶତପଥୀ, ମୁଖ୍ୟବକ୍ତା ଡ. କୃଷ୍ଣକେଶବ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ଉମା ମିଶ୍ର, ଦିଲ୍ଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ, ମନୋଜ ରାଉଳ, ମନୋରଞ୍ଜନ ପଲେଇ, ନିରୋଧ ବରଣ ମହାପାତ୍ର, ହେମନ୍ତ ମଲିଆ, ଶ୍ରୀନିବାସ ରାଓ, ରତ୍ନମଞ୍ଜରୀ ସାମନ୍ତରାୟ, ଫାଲ୍‌ଗୁନୀ ସାମନ୍ତରାୟ, ସନ୍ତୋଷ ଓଝା, ଆଦର୍ଶ ପଟ୍ଟନାୟକ, ରାହୁଲ ପଲେଇ ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ।

# ସର୍ବସାଧାରଣ ସ୍ଥାନରୁ ହଟିବ ଜବରଦଖଲ

ଭୁବନେଶ୍ୱର, ୫।୭ (ବ୍ୟୁରୋ)

ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନକୁ ସାକାର କରିବା ପାଇଁ ବିଏମ୍‌ସି ପକ୍ଷରୁ ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି। ମାତ୍ର କେତେଜଣ ଜନସାଧାରଣଙ୍କ ସଚେତନତା ଅଭାବରୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ବିଶେଷକରି ରାସ୍ତାକଡ଼ରେ ବିଭିନ୍ନ ଅଦରକାରୀ ସାମଗ୍ରୀ, ପୁରୁଣା ଗାଡ଼ି, ଭଙ୍ଗା କ୍ୟାବିନ ଆଦି ପଡି ରହିଥିବାରୁ ଏହା ସହରର ସୌନ୍ଦର୍ଯ୍ୟରେ ବାଧା ସୃଷ୍ଟି କରୁଛି। ତେଣୁ ଏବେ ରାସ୍ତା ଓ ରାସ୍ତାକଡ଼ ସଫେଇକୁ ଗୁରୁତ୍ୱ ଦେଇଛି ବିଏମ୍‌ସି। ଏହି ପରିପ୍ରେକ୍ଷୀରେ ପରିମଳ ଓ ଇଞ୍ଜିନିୟରିଂ ଉପବିଭାଗ ସହିତ ସଫେଇ କାର୍ଯ୍ୟ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଣିକି ରାସ୍ତାକଡ଼ରେ ପରିତ୍ୟକ୍ତ ଓ ପୁରାତନ ପରିତ୍ୟକ୍ତ ଗାଡ଼ି, କ୍ୟାବିନ୍ ଆଦି ରହିପାରିବ ନାହିଁ ବୋଲି



ମେୟର ସୁଲୋଚନା ଦାସ ଏସ୍‌ପ୍ଲାନେଡ୍ ମଲ୍ ନିକଟରେ ଜଳ ନିଷ୍କାସନ ପଥର ଅନୁଧ୍ୟାନ କରୁଛନ୍ତି।

କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ପୁରୁଣା ଭଙ୍ଗା ଗାଡ଼ି, କ୍ୟାବିନ୍, ଠେଲା, ବାଉଁଶ, ପଟି ଆଦି ପଡିରହି ସହରର ଶୋଭାକୁ ନଷ୍ଟ କରିବା ସହିତ ପରିମଳରେ ବାଧକ ସାଜିଛି। ପରିଷ୍କାର ପରିଚ୍ଛନ୍ନତାକୁ ଦୃଷ୍ଟି ଦିଆଯାଉଥିବାବେଳେ ଏଭଳି ଅଦରକାରୀ ସାମଗ୍ରୀ ଅଳିଆ ଆବର୍ଜନାର ସ୍ଥାନ ପାଲଟିଛି। ଏହା ସାଙ୍ଗକୁ ପରିତ୍ୟକ୍ତ ଆସବାବପତ୍ର ମଧ୍ୟ ବେଆଇନ ଭାବେ ଜାଗା ଜବରଦଖଲ କରୁଛି। ତେଣୁ ଏସବୁର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ବିଏମ୍‌ସି ସହିତ କମିଶନରରେଟ ପୋଲିସ୍ ଏବଂ ଅନ୍ୟ ସଂଯୁକ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଆଲୋଚନା ଓ ପଦକ୍ଷେପର ନକ୍‌ସା ପ୍ରସ୍ତୁତ କରାଯାଉଛି। ସ୍ୱତନ୍ତ୍ର ଫଟୋ ମାଧ୍ୟମରେ ସ୍ଥାନ ଅନୁଯାୟୀ କେଉଁଠି କ'ଣ ସବୁ ରହିଛି ତାହାର ଆକଳନ ମଧ୍ୟ କରାଯିବ। ତେବେ କୌଣସି ବ୍ୟକ୍ତିଙ୍କର ଏପରିକିଛି ସାମଗ୍ରୀ ରାସ୍ତା ଉପରେ ରହିଥିଲେ ସେମାନେ ସମୟ ପୂର୍ବରୁ ଏହାକୁ ଉଠାଇ ନେବାକୁ ଅନୁରୋଧ କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଏପରି ପରିତ୍ୟକ୍ତ ଆସବାବଗୁଡିକୁ ହଟାଇ ସମ୍ପୃକ୍ତ ବ୍ୟକ୍ତି ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ସହଯୋଗୀମୂଳକ ଆଚରଣ ଦେଖାଇବାକୁ ପରାମର୍ଶ ଦିଆଯାଇଛି।

# ପୁରୁଷବନ୍ଧୁ ସନ୍ତୋଷଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୫।୭(ବ୍ୟୁରୋ)

**ବହୁଚର୍ଚ୍ଚିତ ରଶ୍ମିରେଖା ଆତ୍ମହତ୍ୟା ମାମଲା**

ବହୁଚର୍ଚ୍ଚିତ ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝା ଆତ୍ମହତ୍ୟା ମାମଲାରେ ନୂଆ ମୋଡ଼ ଆସିଛି। ମଙ୍ଗଳବାର ରାତିରେ ତାଙ୍କ ପୁରୁଷ ବନ୍ଧୁ ସନ୍ତୋଷ ପାତ୍ରଙ୍କ ଝୁଲନ୍ତା ମୃତଦେହ ରାଉରକେଲା ବାସନ୍ତିକଲୋନୀସ୍ଥିତ ଘରୁ ଜବତ ହୋଇଛି। ଉଦିତ୍‌ନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ସନ୍ତୋଷ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ସନ୍ତୋଷଙ୍କ ମୃତଦେହ ଝୁଲୁଥିବା ପଡ଼ୋଶୀ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।

ସୂଚନାଯୋଗ୍ୟ, ରଶ୍ମିରେଖାଙ୍କ ସହ ସନ୍ତୋଷ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଗଡ଼ସାହିରେ ଏକ ଭଡ଼ା ଘରେ ରହୁଥିଲେ। ଗତ ଜୁନ୍ ୧୮ ତାରିଖ ରାତିରେ ସନ୍ତୋଷଙ୍କ ଅନୁପସ୍ଥିତିରେ ରଶ୍ମିରେଖା ଆତ୍ମହତ୍ୟା କରିଥିଲେ। ଏନେଇ ରଶ୍ମିରେଖାଙ୍କ ପରିବାର ଲୋକେ ସନ୍ତୋଷଙ୍କୁ ଦାୟୀ କରିଥିଲେ। ଏହାପରେ ପୋଲିସ ସନ୍ତୋଷଙ୍କୁ ନୋଟିସ କରିବା ସହ ଥାନାକୁ ଡାକି ପଚରାଉଚରା କରିଥିଲା। ଘଟଣା ପରଠାରୁ ସନ୍ତୋଷ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଇଛନ୍ତି ତାହା ଜଣାପଡ଼ିନାହିଁ।



ରବୀନ୍ଦ୍ର ମଣ୍ଡପଠାରେ କାଦମ୍ବିନୀ ଏବଂ କୁନି କଥାର ୨୩ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ କବି ନିରାକାର ଦାସଙ୍କୁ ରାଜ୍ୟପାଳ ପ୍ରଫେସର ଗେଣଶୀ ଲାଲ୍ କାଦମ୍ବିନୀ କବିତା ସମ୍ମାନ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଲୋକ ସଭା ଏମ୍‌ପି ଅଚ୍ୟୁତ ସାମନ୍ତ।

# ପିଲାଙ୍କ ଶତପ୍ରତିଶତ ଟିକାକରଣ ଉପରେ ବିଏମ୍‌ସିର ଗୁରୁତ୍ୱ

ଭୁବନେଶ୍ୱର, ୫।୭ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଗତ କିଛିଦିନ ଧରି ଲଗାତର ଭାବେ ବୃଦ୍ଧି ପାଉଛି। ଭୁବନେଶ୍ୱର ମହାନଗର ନିଗମାଞ୍ଚଳରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହାକୁ ନିୟନ୍ତ୍ରଣରେ ରଖିବାକୁ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୂର୍ବରୁ ଟିକାକରଣ ଓ ନମୁନା ପରୀକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ମଙ୍ଗଳବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବିଦ୍ୟାଳୟସ୍ତରରେ ହେଉଥିବା ଟିକାକରଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ଶିକ୍ଷାଧିକାରୀଙ୍କ ଅଧୀନରେ ୧୮୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଟିକାକରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଥିଲା। ସେଥିମଧ୍ୟରୁ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଟିକାକରଣ କେନ୍ଦ୍ର କରାଯାଇଥିବାବେଳେ ୪୭% ଛାତ୍ରୀଛାତ୍ର ଟିକା ନେଇଛନ୍ତି। ତୁରନ୍ତ ବାକିଥିବା ବିଦ୍ୟାଳୟରେ ଟିକାକେନ୍ଦ୍ର କରିବା ସହିତ ପିଲାଙ୍କ ଟିକାକରଣ ଶତ ପ୍ରତିଶତ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କମିଶନର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବ୍ଲକ୍ ଶିକ୍ଷାଧିକାରୀ, ଜିଲାଶିକ୍ଷାଧିକାରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏଥିରେ ବିଏମ୍‌ସିର ଡେପୁଟି କମିଶନର (ପରିମଳ), ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ସିଟି ହେଲ୍‌ଥ ଅଫିସର ପ୍ରମୁଖ ଯୋଗଦେଇଥିଲେ।

# ନିଶାଦେଇ ବଳାତ୍କାର

ଗୋପ,୫।୭(ଡି.ଏନ୍.ଏ.)

ମହିଳାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରିବା ଅଭିଯୋଗରେ ଗୋପ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବିଜୟ କୁମାର ବେହେରା(୩୦)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଜୟ ଉକ୍ତ ମହିଳାଙ୍କୁ ବିଭିନ୍ନ ସମୟରେ ସହାୟତା କରିଥାନ୍ତି। ଏହି ସୁଯୋଗରେ ବିଜୟ ତାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୨୪/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।



ଲଘୁଚାପ ପ୍ରଭାବରେ ଭୁବନେଶ୍ୱରରେ ମଙ୍ଗଳବାର ହୋଇଥିବା ବର୍ଷାରେ ଲୋକମାନେ ଓଦା ହୋଇ ରାସ୍ତା ପାର ହେଉଛନ୍ତି।

# ବୃକ୍ଷରୋପଣ ହିଁ ପରିବେଶ ସମସ୍ୟାର ସମାଧାନ

ଭୁବନେଶ୍ୱର,୫।୭(ବ୍ୟୁରୋ)

ମାନବସମାଜ ସମ୍ପ୍ରତି ପରିବେଶଜନିତ ବହୁ ସମସ୍ୟାର ସମ୍ମୁଖୀନ ହେଉଛି। ବୃକ୍ଷରୋପଣ ହିଁ ଏସବୁ ସମସ୍ୟାର ସମାଧାନ। ବିଶେଷକରି ସହରଗୁଡ଼ିକରେ ବୃକ୍ଷରୋପଣକୁ ଅଧିକ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ରାଜଧାନୀ ଇଞ୍ଜିନିୟରିଂ କଲେଜ (ଆର୍‌ଇସି)ର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ମଙ୍ଗଳବାର ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ବକ୍ତାମାନେ ଏଭଳି ମତ ରଖିଛନ୍ତି। ପ୍ରାରମ୍ଭରେ ଭୁବନେଶ୍ୱର ସହରାଞ୍ଚଳ ବନଖଣ୍ଡର ମଞ୍ଚେଶ୍ୱର ରେଞ୍ଜ ଦ୍ୱାରା ପ୍ରଦାନ କରାଯାଇଥିବା ୨୦୦ଟି ଚାରା ଆର୍‌ଇସି କ୍ୟାମ୍ପସରେ ରୋପଣ କରାଯାଇଥିଲା। ଆର୍‌ଇସିର ଅଧ୍ୟକ୍ଷ ପ୍ରଫେସର ବିମଳ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଚାରାରୋପଣର ମହତ୍ତ୍ୱ ଉପରେ ଆଲୋଚନା ପାଇଁ ଏକ ସଭାର ଆୟୋଜନ ହୋଇଥିଲା। ସିଟି ଫରେଷ୍ଟ ଡିଭିଜନର ଡିଏଫ୍‌ଓ ଅଜିତ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଙ୍ଗଲ ଏବଂ ପ୍ରାକୃତିକ ପରିସଂସ୍ଥାର ଗୁରୁତ୍ୱ, ମାନବଜାତି ନିଜର ପୋଷଣ ନିମନ୍ତେ ଏହା ଉପରେ ଥିବା ନିର୍ଭରଶୀଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର କହିଛନ୍ତି, ଆମ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷିତ ଏବଂ ସଂରକ୍ଷଣ କରାଯିବା ଆବଶ୍ୟକ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଯତ୍ନର ସହିତ ଠିକ୍ ପ୍ରଜାତିର ଚାରା, ଠିକ୍ ସ୍ଥାନରେ, ଠିକ୍ ମିଶ୍ରଣରେ ଏବଂ ଠିକ୍ ପ୍ରଣାଳୀରେ ବୈଜ୍ଞାନିକ ପଦ୍ଧତି ଅନୁସରଣରେ ଲଗାଇବା ଆବଶ୍ୟକ। ଆର୍‌ଇସିର ପ୍ରଫେସର ଜି ଏସ୍ ମିଶ୍ର, ପ୍ରଫେସର ଆର୍ ସି ଚୌଧୁରୀ, ପ୍ରଫେସର ଏସ୍ ସି ପଣ୍ଡା, କବୟିତ୍ରୀ ସ୍ୱପ୍ନା ବେହେରା ଏବଂ ଓଇଏସ୍ ସଭ୍ୟା ସୁନୀତା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାଜଧାନୀ +୨ କଲେଜ ଅଧକ୍ଷା ଡ. ଉଷାରାଣୀ ଦାଶ ସ୍ୱାଗତ ଭାଷଣ ଓ ଓଇଏସ୍ ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବୃକ୍ଷ ସମ୍ବନ୍ଧୀୟ ଚିତ୍ରଗୁଡ଼ିକ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା।

# ଶ୍ରାବଣରେ ଜଳଲାଗି ବେଳେ ମାସ୍କ ପରିଧାନ ବାଧ୍ୟତାମୂଳକ

ପୁରୁଣା ଭୁବନେଶ୍ୱର,୫।୭(ଡି.ଏନ୍.ଏ.)

ଆସନ୍ତା ୧୮ତାରିଖ ଶ୍ରାବଣ ମାସ ପ୍ରଥମ ସୋମବାର। କୋଭିଡ୍ ପାଇଁ ଦୁଇ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳଲାଗି ବନ୍ଦ ରହିଥିଲା। ତେବେ ଚଳିତବର୍ଷ କୋଭିଡ୍ କଟକଣାରେ କାଉଡ଼ିଆମାନେ ଏକାମ୍ର କ୍ଷେତ୍ରରେ ଜଳଲାଗି କରିବା ନେଇ ମନ୍ଦିର ପ୍ରଶାସନ ଓ ବିଏମ୍‌ସି ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏନେଇ ମଙ୍ଗଳବାର ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଶ୍ରାବଣୀ ଜଳଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବା ସହ ମାସ୍କ ପରିଧାନ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ପାଇଁ ବାଧ୍ୟତାମୂଳକ ରହିଛି। ପୂର୍ବ ବର୍ଷମାନଙ୍କ ପରି ୧୦ଟଙ୍କା ଟିକେଟ କାଟି କାଉଡ଼ିଆମାନେ ଜଳଲାଗି କରିପାରିବେ। ଗଙ୍ଗାଯମୁନା ମନ୍ଦିରଠାରୁ ବ୍ୟାରିକେଡ୍ ଦେଇ କାଉଡ଼ିଆମାନେ ମୁଖଶାଳା ଦେଇ ମନ୍ଦିର ପ୍ରବେଶ କରିବେ। ତେବେ ଗର୍ଭଗୃହରେ ଜଳଲାଗି କରିବା ନିଷେଧ ରହିଛି। ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତ ହୋଇଥିବା କୋନ୍ ଆକାର କୁଣ୍ଡରେ ଜଳଲାଗି କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡିଆମାନେ ଚାରିଟି ସୋମବାର ୧୮, ୨୫, ୧ ଓ ୮ ତାରିଖରେ ଜଳଲାଗି କରିପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୋନ-୨ ଏସିପି ଅନିରୁଦ୍ଧ ରାଉତରାୟ, ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ଅଞ୍ଚଳ ବଡୁ, ସତ୍ୟନାରାୟଣ ବଡୁ, ମନ୍ଦିର ଜ୍ୟୋତିଷ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ହଜାର ଚାରାରୋପଣ ଲକ୍ଷ୍ୟ

ପୁରୁଣା ଭୁବନେଶ୍ୱର,୫।୭(ଡି.ଏନ୍.ଏ.)

ବନ ମହୋତ୍ସବ ସପ୍ତାହ ଅବସରରେ ଭୁବନେଶ୍ୱର ବ୍ଲକର ଇଟିପୁର, ଲିଙ୍ଗିପୁର, ଟିକରପଡ଼ା ପଞ୍ଚାୟତର ଶତାଧିକ ଯୁବକଙ୍କୁ ନେଇ ଆଞ୍ଚଳିକ ବିକାଶ ପରଷଦ ପକ୍ଷରୁ ଆରମ୍ଭ ହୋଇଛି ବନ ମହୋତ୍ସବ। ଜୟପୁର, ମେଳଣ ପଡ଼ିଆ, ଇନ୍ଦିରା ହାଉସିଂ କଲୋନୀ, ମ୍ୟୁନିସିପାଲିଟି ରୋଡ୍, ଇଟିପୁର ହାଇସ୍କୁଲ ପଡ଼ିଆ, ହସ୍ପିଟାଲ, ଆରଆଇ ଅଫିସରେ ବିଭିନ୍ନ କିସମର ଔଷଧୀୟ ଚାରାରୋପଣ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ସିଟି ଡିଏଫ୍‌ଓଙ୍କ ପକ୍ଷରୁ ଚାରା ଯୋଗାଇ ଦିଆଯାଉଛି। ବନ ମହୋତ୍ସବ ୭ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୦ ହଜାର ଚାରାରୋପଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା ପରିଷଦର ସଭାପତି କହିଛନ୍ତି।

# 'ଭୁବନେଶ୍ୱରକୁ ମଡେଲ ସିଟି କରିବାକୁ ଲକ୍ଷ୍ୟ'



ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର

**ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନୂତନ କମିଶନର ଭାବେ ଦାୟିତ୍ୱ ନେଇଛନ୍ତି ଗଞ୍ଜାମର ପୂର୍ବତନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ସାଧାରଣ ମଧ୍ୟବିତ୍ତ ପରିବାରରୁ ଆସି ସେ ଜଣେ ଦକ୍ଷ ପ୍ରଶାସକ ଭାବେ ନିଜକୁ ପ୍ରମାଣିତ କରିପାରିଛନ୍ତି। ଜିଲାପାଳ ଥିବା ସମୟରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଥିଲେ କୁଲାଙ୍ଗେ। ତେଣୁ ଭୁବନେଶ୍ୱରର ମାଳ ମାଳ ସମସ୍ୟା ଭିତରେ ନୂତନ କମିଶନରଙ୍କୁ ନେଇ ଲୋକଙ୍କ ମନରେ ଆଶା ଓ ଉତ୍କଣ୍ଠା ସୃଷ୍ଟି ହେଉଛି। ଏହି କିଛିଦିନର ଅଭିଜ୍ଞତାକୁ ନେଇ ଇତିମଧ୍ୟରେ କମିଶନର କୁଲାଙ୍ଗେ ରାଜଧାନୀକୁ ନୂଆ ରୂପ ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ରାଜଧାନୀବାସୀଙ୍କ ପାଇଁ କ'ଣ ଯୋଜନା ଓ ଲକ୍ଷ୍ୟ ରହିଛି ସେ ନେଇ ତାଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ଆଳାପ।**

**ଧରିତ୍ରୀ ଆଳାପ**

**ପ୍ରଶ୍ନ- ବ୍ରହ୍ମପୁର ମ୍ୟୁନିସିପାଲିଟି ଓ ଭୁବନେଶ୍ୱର ମ୍ୟୁନିସିପାଲିଟି ଭିତରେ କ'ଣ ଫରକ ଦେଖୁଛନ୍ତି?**

▶▶ଏଠାରେ ବି ଅନେକ ସମସ୍ୟା ରହିଛି। ମାତ୍ର ରାଜ୍ୟର ରାଜଧାନୀ ହୋଇଥିବାରୁ ଏହାକୁ ନେଇ ସମସ୍ତଙ୍କର ବହୁତ ଆଶା ରହୁଛି। ତେଣୁ ଏହା ଉପରେ କାମ କରିବାର ଅଛି। ଆଗାମୀ ଦିନରେ ଭୁବନେଶ୍ୱରକୁ ଏକ ମଡେଲ ସିଟି ଭାବେ ପରିଣତ କରିବାକୁ ଲକ୍ଷ୍ୟ ରହିଛି।

**ପ୍ରଶ୍ନ- ଭୁବନେଶ୍ୱର ନଂ.୧ ସ୍ମାର୍ଟସିଟିର ମାନ୍ୟତା ପାଇଥିଲା। ମାତ୍ର ଏବେ ସେଥିରେ ଅବନତି ଘଟିଛି। ପୁଣି ଥରେ ଶ୍ରେଷ୍ଠ ସିଟି ମାନ୍ୟତା ପାଇଁ କ'ଣ ପଦକ୍ଷେପ ନେବେ?**

▶▶ନମ୍ବର ଗେମ୍‌ରେ ମୁଁ ବିଶ୍ୱାସ କରେନି। ନମ୍ବର ଉପର ତଳ ହେବ। ତେବେ ଭୁବନେଶ୍ୱରବାସୀଙ୍କୁ ଯେପରି ଆମେ ମୌଳିକ ସୁବିଧା ଯୋଗାଇ ପାରିବୁ ସେଥିପାଇଁ ଚେଷ୍ଟା କରୁଛି। ଲୋକଙ୍କୁ ପରିମଳ, ପାନୀୟ ବ୍ୟବସ୍ଥା, ରାସ୍ତାଘାଟ ଆଦି ସୁବିଧା ଦେବା ପାଇଁ କାମ କରିବୁ। ଏଥିସହ ରାସ୍ତା ପାର୍ଶ୍ୱରେ ଯେପରି ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଦେଖିବାକୁ ମିଳିବନି, ରାସ୍ତାରେ ଗାଈଗୋରୁ, ବୁଲା କୁକୁର ଦେଖିବାକୁ ମିଳିବନି, ଟ୍ରାଫିକ୍ ସମସ୍ୟା ରହିବ ନାହିଁ, ସେଥିପାଇଁ ପ୍ରଚେଷ୍ଟା ରହିବ। ଏହାବାଦ୍ ସ୍ମାର୍ଟସିଟିର ବଡ ବଡ ପ୍ରୋଜେକ୍ଟକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଚେଷ୍ଟା କରାଯିବ।

**ପ୍ରଶ୍ନ- କରୋନା ସଂକ୍ରମଣ ଓ ମୃତ୍ୟୁରେ ଭୁବନେଶ୍ୱର ସର୍ବାଗ୍ରେ ଥିଲା। ଏବେ ସହରରେ ସଂକ୍ରମଣ ପୁଣି ବୃଦ୍ଧି ପାଉଛି। ଏହାକୁ କିଭଳି ସମ୍ଭାଳିବେ?**

▶▶ସେ ସମୟର କରୋନା ଏବଂ ଏବେର କରୋନା ସଂକ୍ରମଣ ଭିତରେ ବହୁତ ପାର୍ଥକ୍ୟ ରହିଛି। ପରିସ୍ଥିତି ବଦଳିବା ସହିତ ସରକାର ଅଧିକ ସଚେତନ ହୋଇଛନ୍ତି। କରୋନା ଗାଇଡ୍‌ଲାଇନ୍‌କୁ ଲୋକମାନେ ପାଳନ କରୁଛନ୍ତି। ଲକ୍‌ଡାଉନ୍, ଶଟ୍‌ଡାଉନ ପାଇଁ ୨ବର୍ଷ ଧରି ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏବେ ଆଉ ସେଭଳି ସ୍ଥିତି ନାହିଁ। ସଂକ୍ରମଣ ବଢୁଥିଲେ ବି ହସ୍ପିଟାଲାଇଜେଶନ୍ ସଂଖ୍ୟା କମ୍ ରହୁଛି। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜନସାଧାରଣଙ୍କୁ କରୋନା ନେଇ ସଚେତନ କରାଯାଉଛି। ୱାର୍ଡ ଅଫିସର ଏବଂ ସ୍ଥାନୀୟ କର୍ପୋରେଟର ମିଶି ସେମାନଙ୍କ ୱାର୍ଡରେ କୋଭିଡ୍ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରିବେ। ଏଥିସହ ନିଜ ୱାର୍ଡକୁ ଗ୍ରୀନ୍ ୱାର୍ଡ (ଜିରୋ କେସ୍)ରେ ପରିଣତ କରିବା ପାଇଁ ଚେଷ୍ଟା କରିବେ।

**ପ୍ରଶ୍ନ-ସମସ୍ୟା ସମାଧାନରେ ଜନଅଭିଯୋଗ ଶୁଣାଣି କେତେଦୂର ସହାୟକ ହେବ?**

▶▶ପ୍ରଥମ ଦିନରେ ଜନଶୁଣାଣି କାର୍ଯ୍ୟକ୍ରମ ଭଲରେ ହୋଇଛି। ଏହି ଶୁଣାଣି ଦ୍ୱାରା ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ। ପୂର୍ବରୁ ମଧ୍ୟ ବିଏମ୍‌ସି ପକ୍ଷରୁ ଅଭିଯୋଗ କରିବା ପାଇଁ ଅଭିଯୋଗ ସେଲ୍, ୧୯୨୯ ଟୋଲ୍ ଫ୍ରି ନମ୍ବର, ଟୁଇଟର ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ରହିଛି। ତଥାପି ଏପରି ବହୁତ ଲୋକ ଅଛନ୍ତି, ଯେଉଁମାନେ କି ଏହି ମାଧ୍ୟମରେ ଅଭ୍ୟସ୍ତ ନୁହନ୍ତି। ତେଣୁ ସେମାନଙ୍କ ପାଇଁ ପ୍ରତି ସୋମବାର ଜନଅଭିଯୋଗ ଶୁଣାଣି ବ୍ୟବସ୍ଥା କରାଯାଉଛି। ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଶୁଣାଣି ଚାଲିବ। ଏହାଦ୍ୱାରା ସେମାନେ ନିଜେ ଆସି ଆମକୁ ଅଭିଯୋଗ ଜଣାଇବେ ଏବଂ ଅଧିକାରୀମାନେ ଏହାର ସମାଧାନ ଦିଗରେ ଆହୁରି ଯତ୍ନବାନ ହୋଇପାରିବେ।

**ପ୍ରଶ୍ନ- ଭୁବନେଶ୍ୱରରେ ଖୋଲା ଡ୍ରେନ ସବୁଠାରୁ ବଡ଼ ସମସ୍ୟା। ସ୍ଥାୟୀ ପ୍ରତିକାର କେବେ?**

▶▶ ବର୍ଷା ହେଲେ କେତେକ ସ୍ଥାନରେ ପାଣି ଜମି ରହୁଛି। ମାତ୍ର ତାହା ଅଧଘଣ୍ଟା ଭିତରେ ନିଷ୍କାସିତ ହୋଇଯାଉଛି। ଭିତ୍ତିଭୂମି ତିଆରି କରିବା ପାଇଁ ସମୟ ଲାଗେ। ତେବେ ସେ ପର୍ଯ୍ୟନ୍ତ ଆମ ଅଧିକାରୀମାନେ ଅସ୍ଥାୟୀ ଭାବେ ସମସ୍ୟାର ସମାଧାନ କରୁଛନ୍ତି। ଅପରପକ୍ଷେ ୱାର୍ଡସ୍ତରରେ ବିଏମ୍‌ସି, ପିଡବ୍ଲ୍ୟୁଡି, ଇଡ୍‌କୋ ଆଦି ସମସ୍ତଙ୍କ ଡ୍ରେନର ଏକ ତାଲିକା ବାହାର କରାଯାଇଛି। ସେଥି ମଧ୍ୟରୁ ଅଧିକାଂଶ ଡ୍ରେନ୍‌ରେ ସ୍ଲାବ୍ ପଡି ସାରିଲାଣି। ମାସକ ଭିତରେ ବାକି ସମସ୍ତ ଡ୍ରେନ୍‌ରେ ସ୍ଲାବ ପଡିବ।

**ପ୍ରଶ୍ନ- ସହରର ବିକାଶ ପାଇଁ କ'ଣ କରିବେ?**

▶▶ଏଠାରେ ପାର୍କ, ୱାଟର ବଡିଜ୍ ଉପରେ ଫୋକସ୍ ରହିବ। ନାଳ, କେନାଲଗୁଡିକର ସୌନ୍ଦର୍ଯ୍ୟକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ କାମ କରାଯିବ।

**ପ୍ରଶ୍ନ- ଆତ୍ମଜୀବନୀ ଲେଖିଛନ୍ତି, ଆଗକୁ ଆଉ କିଛି ବହି ଲେଖିବାର ଯୋଜନା ଅଛି କି?**

▶▶କାମ ବ୍ୟସ୍ତ ଭିତରେ ଏବେ ବହି ଲେଖିବା ପାଇଁ ସମୟ ମିଳୁନାହିଁ। ଯେତେବେଳେ ସମୟ ମିଳିବ, ଲେଖିବି।

**ସାକ୍ଷାତ୍‌କାର- ବନ୍ଦନା ସେଠୀ**

## ଲିଜେଣ୍ଡ୍ସ କ୍ରିକେଟ ଲିଗ୍

# ୪ ଦଳ, ୧୧୦ ଖେଳାଳି

**ନୂଆଦିଲ୍ଲୀ, ୫।୭ (ପି.ଟି.):** ସେପ୍ଟେମ୍ବରରେ ହେବାକୁଥିବା ଲିଜେଣ୍ଡ୍ସ କ୍ରିକେଟ ଲିଗ୍ (ଏଲ୍‌ସିସି)ର ଦ୍ୱିତୀୟ ସିଜନରେ ୪ଟି ଦଳ ଭାଗ ନେବେ। ଆଗ୍ରହୀ ୧୧୦ ଅନ୍ତର୍ଜାତୀୟ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଥିବା ଆୟୋଜକଗଣ ମଙ୍ଗଳବାର ପ୍ରକାଶ କରିଛନ୍ତି। ଭାରତର ପୂର୍ବତନ କ୍ରିକେଟର ଯଥା ବୀରେନ୍ଦ୍ର ସେହ୍ୱାଗ, ଇରଫାନ ପଠାନ ଓ ୟୁସୁଫ ପଠାନଙ୍କ ଆକ୍ସନ ଏଥିରେ ଦେଖିବାକୁ ମିଳିବ। ସେହ୍ୱାଗ କହିଛନ୍ତି, ସେ ଟୁର୍ନାମେଣ୍ଟର ପ୍ରଥମ ସିଜନ ଖେଳିନାହାନ୍ତି କିନ୍ତୁ ଏଥର ହାତଛଡ଼ା କରିବେ ନାହିଁ। ପୂର୍ବତନ ଭାରତ କୋଚ୍ ତଥା ଲିଜେଣ୍ଡ୍ସ ଲିଗ୍ କ୍ରିକେଟର କମିଶନର ରବି ଶାସ୍ତ୍ରୀ କହିଛନ୍ତି ଲିଜେଣ୍ଡଙ୍କ କାର୍ନିଭାଲ ଫେରିଛି। ସମଗ୍ର ବିଶ୍ୱର ଟପ୍ କ୍ରିକେଟରମାନଙ୍କୁ ଏକାଠି ଦେଖିବାକୁ ମିଳିବ। ଖେଳ ପ୍ରତି ଏହି କ୍ରିକେଟରମାନଙ୍କର ବହୁ ଅବଦାନ ରହିଛି। ଟୁର୍ନାମେଣ୍ଟର ପ୍ରଥମ ସିଜନରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଇଂଲଣ୍ଡର ପୂର୍ବତନ କ୍ରିକେଟରମାନଙ୍କୁ ଭାଗ କରି ତିନୋଟି ଦଳରେ ଯଥା ଭାରତ, ଏସିଆ ଓ ଅବଶିଷ୍ଟ ବିଶ୍ୱରେ ପ୍ରତିନିଧିତ୍ୱ କରିବାକୁ ହୋଇଥିଲା। କିନ୍ତୁ ଏଥର ଆଇପିଏଲ୍ ଷ୍ଟାଇଲ ଅନୁକରଣ କରାଯାଇଛି। ଏହା ଫ୍ରାଞ୍ଚାଇଜ୍‌ଭିତ୍ତିକ ହେବ।

# ପ୍ରଥମଥର ଗ୍ରାଣ୍ଡସ୍ଲାମ ସେମିରେ ମାରିଆ

**ୱିମ୍ବଲଡନ, ୫।୭:** ଜର୍ମାନୀର ତାତ୍‌ଜାନା ମାରିଆ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ୱିମ୍ବଲଡନ ଓପନ ଟେନିସ ଚାମ୍ପିୟନଶିପ୍‌ର ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସେ ନିଜ ଦେଶର ତଥା ବିଶ୍ୱର ୧୦୩ ନମ୍ବର ମାନ୍ୟତାପ୍ରାପ୍ତ ଜୁଲି ନିମିୟରଙ୍କୁ ୪-୬, ୬-୨, ୭-୫ରେ ପରାସ୍ତ କରିଛନ୍ତି। ୩୪ ବର୍ଷୀୟା ମାରିଆ ଦ୍ୱିତୀୟ କନ୍ୟାର ମାତୃତ୍ୱ ଲାଭ କରିବା ପରେ ଗତ ବର୍ଷ ଟୁର୍‌କୁ ଫେରିଥିଲେ। ନିକଟରେ ସେ ମାର୍ଚ୍ଚ ମାସରେ ଟପ୍ ୨୫୦ ବାହାରେ ଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ଓନ୍ସ ଜାବେଉର କିମ୍ବା ମାରି ବୋଜକୋଭାଙ୍କୁ ଭେଟିବେ। ଏକ ଭଲି ମିସ୍ କରିବା ପରେ ମାରିଆଙ୍କ ବିଜୟ ଯେତେବେଳେ ସ୍ପଷ୍ଟ ହେଲା ସେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଥିଲେ। ସେ ତାଙ୍କ ର୍‌ୟାକେଟ୍‌କୁ ତଳେ ପକାଇ ଦେଇଥିଲେ। ମୁହଁରେ ହାତ ଦେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ପରେ ନେଟ୍ ପାଖକୁ ଯାଇ ଦର୍ଶକମାନଙ୍କୁ ଧନ୍ୟବାଦ ଦେବା ସହ ନିମିୟରଙ୍କ ସହ କରମର୍ଦ୍ଦନ କରିଥିଲେ। ଅଲ ଇଂଲଣ୍ଡ କ୍ଲବରେ ମାରିଆଙ୍କ ଏହା ହେଉଛି ୧୦ମ ପଦାର୍ପଣ। ଓପନ ଯୁଗରେ ୩୪ବର୍ଷ ବୟସରେ ପଦାର୍ପଣ କରି ୱିମ୍ବଲଡନ ଓପନ ସେମିଫାଇନାଲ ପ୍ରବେଶ କରିବାରେ ସେ ୬ଷ୍ଠ ମହିଳା ଖେଳାଳି। ପୂର୍ବରୁ ୨୦୧୫ରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଅନ୍ୟ ତିନୋଟି ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଏପର୍ଯ୍ୟନ୍ତ ଆସିପାରି ନାହାନ୍ତି। ମାତୃତ୍ୱ ଛୁଟିରୁ ଫେରିବା ପରେ ମାରିଆ ୟୁଏସ୍ ଓପନ, ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।



ମ୍ୟାଚ ଜିତିବାପରେ ତାତ୍‌ଜାନା ମାରିଆ ।

### ଜୋକୋଭିଚ୍ ବିଜୟୀ

ଗତଥର ଚାମ୍ପିୟନ ଟପ୍ ସିଡ୍ ସର୍ବୀୟ ଖେଳାଳି ନୋଭାକ୍ ଜୋକୋଭିଚ୍ ୱିମ୍ବଲଡନରେ କ୍ରମାଗତ ୪ର୍ଥ ଏବଂ ମୋଟ ଉପରେ ୭ମ ଟାଇଟଲ ହାସଲ କରିବା ଦିଗରେ ଅଗ୍ରସର ହେଉଛନ୍ତି। ମଙ୍ଗଳବାର ସେଣ୍ଟରକୋର୍ଟରେ ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସେ ଇଟାଲୀର ଜାନିକ ସିନରଙ୍କୁ ୫-୭, ୨-୬, ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ୨୦ ବର୍ଷୀୟ ସିନର ପ୍ରଥମ ଦୁଇ ସେଟ ଜିତିବା ପରେ ଉତ୍ସାହିତ ଥିଲେ। ମାତ୍ର ୩୫ ବର୍ଷୀୟ ଜୋକୋଭଚ୍ ତାଙ୍କ ଜେଲରେ ଉନ୍ନତି ଆଣି ପରବର୍ତ୍ତୀ ତିନୋଟି ସେଟ୍ ଜିତି ନେଇଥିଲେ।

# ଚାଇନା ସହିତ ପଏଣ୍ଟ ବାଣ୍ଟିଲା ଭାରତ

**ଆମଷ୍ଟେଲଭିନ୍, ୫।୭** ମହିଳା ହକି ବିଶ୍ୱକପ୍‌ର ମଙ୍ଗଳବାର ମ୍ୟାଚରେ ଚାଇନା ସହିତ ପଏଣ୍ଟ ବାଣ୍ଟିଛି ଭାରତ। ପୁଲ୍ ବିରେ ସ୍ଥାନ ପାଇଥିବା ଭାରତ ଏହାର କ୍ରମାଗତ ମ୍ୟାଚ୍ ଅମୀମାଂସିତ ରଖିଛି। ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଇଂଲଣ୍ଡ ସହିତ ପ୍ରଥମ ମ୍ୟାଚ ଡ୍ର ରହିବା ପରେ ଚାଇନା ସହିତ ମଧ୍ୟ ୧-୧ରେ ଡ୍ର ରଖିଛନ୍ତି ଭାରତୀୟ ମହିଳା। ମ୍ୟାଚ୍‌ର ୨୬ ତମ ମିନିଟରେ ଜିଆଲି ଝେଙ୍ଗ ୨୬ ତମ ମିନିଟରେ ଗୋଲ ସ୍କୋର କରି ଟୀମ୍‌କୁ ଅଗ୍ରଣୀ କରିଥିବା ବେଳେ ବନ୍ଦନା କାଟାରିୟା ଗୋଲ ପରିଶୋଧ କରିଥିଲେ। ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟରରେ ଅର୍ଦ୍ଧାଧିକ ସମୟ ଭାରତ ବଲକୁ ନିୟନ୍ତ୍ରଣରେ ରଖିଥିଲା ତେବେ ଗୋଲ ସ୍କୋର କରିବାରେ ସମର୍ଥ ହୋଇନଥିଲେ ଭାରତୀୟ ଖେଳାଳି। ଗୁରୁବାର ଭାରତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ।

ପ୍ରଥମ ଜନ୍ମଦିନର ଶୁଭ ଅଭିନନ୍ଦନ



ନାଭ୍ୟା
ଚମ୍ପାପୁର ରୋଡ୍, ଛତିଆ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ।
ଶୁଭେଚ୍ଛା ସହ: ବାବା, ମାମା, ବନ୍ଧୁ ଓ ଗାହାଣ ପରିବାରବର୍ଗ ।
ଧ-୯୧୪



ମହିଳା ହକି ବିଶ୍ୱକପରେ ମଙ୍ଗଳବାର ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସିନ୍ଧୁଙ୍କୁ କ୍ଷମା ମାଗିଲା ବିଏଟିସି

**ନୂଆଦିଲ୍ଲୀ, ୫।୭ :** ମନୁଷ୍ୟକୃତ ତ୍ରୁଟି ପାଇଁ ପିଭି ସିନ୍ଧୁଙ୍କୁ କ୍ଷମା ମାଗିଛି ବ୍ୟାଡମିଣ୍ଟନ ଏସିଆ ବୈଷୟିକ କମିଟି। ବ୍ୟାଡମିଣ୍ଟନ ଏସିଆ ଚମ୍ପିୟନଶିପ୍‌ର ସେମି ଫାଇନାଲ୍ ମୁକାବିଲାର ଏକ ନିଷ୍ପତ୍ତି ପାଇଁ ସିନ୍ଧୁଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି ବିଏଟିସି ଚେୟାରମ୍ୟାନ୍ ଚି ଶେନ୍ ଚେନ୍। ଏପ୍ରିଲରେ ଖେଳା ଯାଇଥିବା ଏହି ମୁକାବିଲାରେ ସିନ୍ଧୁ ଜାପାନର ଆକାନେ ୟାମାଗୁଚିଙ୍କ ନିକଟରୁ ୨୧-୧୩, ୧୯-୨୧ ଓ ୧୬-୨୧ରେ ପରାସ୍ତ ହୋଇଥିଲେ। ନିର୍ଣ୍ଣାୟକ ସେଟରେ ସିନ୍ଧୁ ୧୪-୧୧ରେ ଆଗୁଆ ରହିଥିବା ବେଳେ ଭୁଲ ନିଷ୍ପତ୍ତି ନେଇଥିଲେ ମ୍ୟାଚ ରେଫରୀ। ମଙ୍ଗଳବାର ନିଜର ୨୭ତମ ଜନ୍ମଦିନ ପାଳନ କରିଥିବା ସିନ୍ଧୁଙ୍କୁ ବ୍ୟାଡମିଣ୍ଟନ ଏସିଆ ବୈଷୟିକ କମିଟି ପକ୍ଷରୁ ଏକ ଚିଠି ଜରିଆରେ କ୍ଷମାପ୍ରାର୍ଥନା କରାଯାଇଥିଲା। ତୁମ ସହିତ ଯାହାବ ହେଲା ତାହା ଦୁର୍ଭାଗ୍ୟଜନକ ମାତ୍ର ଏହା କ୍ରୀଡାର ଏକ ଅଂଶବିଶେଷ। ଆମେ କ୍ଷମା ପ୍ରାର୍ଥନା କରୁଥିବା ବେଳେ ଆଗକୁ କିଭଳି ଏହାକୁ ଏଡାଯାଇପାରିବ ତା ଉପରେ ଧ୍ୟାନ ଦିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଭାରତୀୟ କ୍ୟାମ୍ପରେ ୪ ଓଡ଼ିଆ



ଜାଫର ଇକବାଲ



ନକୁଳ ବଡ଼ନାୟକ



ସୁଖରାମ ମାଝି



ତପନ କୁମାର ଗୌଡ଼

**ଭୁବନେଶ୍ୱର, ୫।୭ (କ୍ରୀଡ଼ା ପ୍ରତିନିଧି)**

ଆଗାମୀ ଦୃଷ୍ଟିହୀନ ଟି୨୦ କ୍ରିକେଟ ବିଶ୍ୱକପକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ଚୟନ କ୍ୟାମ୍ପ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଆସନ୍ତା ୧୧ ତାରିଖରେ ଏହା ଆରମ୍ଭ ହେବ ଏବଂ ବେଙ୍ଗାଲୁରୁର ୨ଟି ପଡ଼ିଆରେ ୧୨ ଦିନଧରି ଚାଲିବ। ଏଥିପାଇଁ ମନୋନୀତ ୫୬ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର

**ଦୃଷ୍ଟିହୀନ ଟି୨୦ ବିଶ୍ୱକପ**

୪ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜାଫର ଇକବାଲ, ତପନ କୁମାର ଗୌଡ଼ା, ନକୁଳ ବଡ଼ନାୟକ ଓ ସୁଖରାମ ମାଝି। ୫୬ ଖେଳାଳିଙ୍କ ମଧ୍ୟରୁ ପରବର୍ତ୍ତୀ ପର୍ଯ୍ୟାୟରେ ୨୯ ଜଣ ଶର୍ଟଲିଷ୍ଟ ହେବେ ଏବଂ ସେଥିରୁ ୧୭ ଜଣ ଭାରତୀୟ ଦଳପାଇଁ ମନୋନୀତ ହେବେ। ଆଗାମୀ ବିଶ୍ୱକପ ଭାରତର ଏକାଧିକ ସହରରେ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ନେପାଳ, ଇଂଲଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ବାଂଲାଦେଶ ଦଳ ଅଂଶଗ୍ରହଣ କରିବ। ଏହି ଟୁର୍ନାମେଣ୍ଟ ପ୍ରତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ଣ୍ଣ ସମର୍ଥନ ରହିଛି।

# ସାନିଆ-ପାଭିକ୍ ଯୋଡ଼ି ସେମିରେ

**ୱିମ୍ବଲଡନ, ୫।୭ (ପି.ଟି.):** ଭାରତର ସାନିଆ ମିର୍ଜା ଓ ତାଙ୍କ କ୍ରୋଏସିଆନ ପାର୍ଟନର ମେଟ୍ ପାଭିକ୍ ୱିମ୍ବଲଡନ ମିକ୍ସଡ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେମାନେ କାନାଡିଆନ୍-ଅଷ୍ଟ୍ରେଲିଆନ ଯୋଡ଼ି ଗାବ୍ରିଏଲା ଡାବ୍ରୋସ୍କି ଓ ଜନ୍ ପିୟର୍ସଙ୍କୁ ୬-୪, ୩-୬, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ସୋମବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚ ୧ ଘଣ୍ଟା ୪୧ ମିନିଟ ଧରି ଚାଲିଥିଲା। ଇଣ୍ଡୋ-କ୍ରୋଏସିଆନ ଯୋଡ଼ି ବର୍ତ୍ତମାନ ୭ମ ସିଡ୍ ରବର୍ଟ ଫାରା ଓ ଜେଲେନା ଓଷ୍ଟାପେଙ୍କୋ ଓ ଦ୍ୱିତୀୟ ସିଡ୍ ସିଲ୍ ସ୍କୁପ୍‌ସି ଓ ଡେସିରେ କ୍ରାସ୍‌ଜିକ୍‌ଙ୍କ ମଧ୍ୟରେ ହେବାକୁ ଥିବା ଅନ୍ୟ ଏକ କ୍ୱାର୍ଟରଫାଇନାଲ ମ୍ୟାଚର ବିଜେତାଙ୍କୁ ଭେଟିବେ। ଅଲ୍ ଇଂଲଣ୍ଡ କ୍ଲବ ମିକ୍ସଡ ଡବଲ୍ସରେ ମିର୍ଜାଙ୍କର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ଏହାପୂର୍ବରୁ ସେ ୨୦୧୧, ୨୦୧୩ ଓ ୨୦୧୫ରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ସାନିଆ କେବଳ ୱିମ୍ବଲଡନରେ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିପାରି ନାହାନ୍ତି। ୬ ଗ୍ରାଣ୍ଡସ୍ଲାମ ବିଜୟିନୀ ମିର୍ଜା ଚଳିତ ସିଜନ ଶେଷ ଭାଗରେ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି।

# ଆନ୍ତଃସ୍କୁଲ ବାସ୍କେଟବଲ ୯ରୁ

**ଭୁବନେଶ୍ୱର, ୫।୭ (କ୍ରୀଡ଼ା ପ୍ରତିନିଧି)** ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଚଳିତ ମାସ ୯ ଓ ୧୦ ତାରିଖରେ ଆନ୍ତଃସ୍କୁଲ ବାସ୍କେଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଓ ଖୋର୍ଦ୍ଧାରୁ ୨୪ (୮ ବାଳିକା, ୧୬ ବାଳକ)ଟି ଦଳ ଅଶଂଗ୍ରହଣ କରିବେ। ପ୍ରତ୍ୟେକ ଦଳ ପାଇଁ ୧୦୦୦ ଟଙ୍କାର ଏଣ୍ଟ୍ରି ଫି' ରଖାଯାଇଛି। ଆଗ୍ରହୀ ଦଳଗୁଡ଼ିକ ଚଳିତମାସ ୭ ତାରିଖ ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ। ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ଖେଳାଯିବ। ଉଭୟ ବର୍ଗର ଚାମ୍ପିୟନ ଦଳକୁ ଟ୍ରଫି ସହ ୭୦୦୦ ଏବଂ ରନର୍ସଅପକୁ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଚ୍ ଅରୁଣ କୁମାର ମିଶ୍ର, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ସଞ୍ଜୟ ଚୌଧୁରୀ, କେଟି ଗ୍ଲୋବାଲ ସ୍କୁଲ ପରିଚାଳନା ଟ୍ରଷ୍ଟି ସୋମଦତ୍ତ ବେହୁରା, ମେଣ୍ଟର ତଥା ପରାମର୍ଶଦାତା ଅରୁଣ କୁମାର ଦାସ, ପୂର୍ଣ୍ଣାଶିଷ ରଥ, ପ୍ରିନ୍ସିପାଲ ସବିତା ପଣ୍ଡା, ଭାଇସ ପ୍ରିନ୍ସିପାଲ ଅନୁରାଧା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଆନ୍ତଃସ୍କୁଲ ବାସ୍କେଟବଲ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଫାଓ ଲିଗ୍: ରାଧାରମଣ କ୍ଲବ ବିଜୟୀ

**ଭୁବନେଶ୍ୱର, ୫।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ରେ ମଙ୍ଗଳବାର ରାଧାରମଣ କ୍ଲବ ୪-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୌରଭ ରଞ୍ଜନ ହନୁମାନ ୪୦, ଅର୍ଜୁନ ନାୟକ ୬୫, ବିପକି ସେଠୀ ୭୨ ଓ ବିକ୍ରମ ମାଝି ୭୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବୁଧବାର ସ୍ପୋର୍ଟ୍ସ ହଷ୍ଟେଲ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ୭୮ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଭୁବନେଶ୍ୱର, ୫।୭ (ସ୍ପୋର୍ଟ୍ସ ବ୍ୟୁରୋ)** ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଡିଗ୍ରୀ କଲେଜ ଛାତ୍ରୀମାନଙ୍କୁ ଦିଆଯାଉଥିବା ଆତ୍ମରକ୍ଷା କୌଶଳ ରିଆକ୍ଟର ୧୧ତମ ବ୍ୟାଚରେ ମୋଟ ୭୮ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଯାଜପୁର ଓ ଢେଙ୍କାନାଳ ଜିଲାର ବିଭିନ୍ନ ଡିଗ୍ରୀ କଲେଜରୁ ଆସି ଛାତ୍ରୀମାନେ ଉତ୍କଳ କରାଟେ ସ୍କୁଲରେ ଆତ୍ମରକ୍ଷା କୌଶଳ ଶିକ୍ଷା କରିଥିଲେ। ୮ ଦିନର ଏହି ଶିବିରରେ ଛାତ୍ରୀମାନଙ୍କୁ ମୋଟ ୪୨ ଘଣ୍ଟାର ଶାରୀରିକ ଓ ମାନସିକ ଶିକ୍ଷା ମଧ୍ୟ ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଅନୁଶାସନ ସଚିବ ତଥା ଏସ୍‌ଏନ୍‌ଓ ରମେଶ ଚନ୍ଦ୍ର ବେହେରା, ଉତ୍କଳ କରାଟେ ସ୍କୁଲ ଓ ରିଆକ୍ଟର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ, ପ୍ରଶିକ୍ଷକ ଅନୁପମା ସ୍ୱାଇଁ, ସୁସ୍ମିନୀ ପାଲଟାସିଂ, କୃଷ୍ଣ ଚନ୍ଦ୍ର ନାୟକ, ମଧୁପ୍ରିୟା, ନ୍ୟାସା କୁମାରୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶେଷ ହେବାପରେ ପ୍ରମାଣପତ୍ର ସହ ଛାତ୍ରୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# ଅମ୍ବାନୀ ୱାରିୟର ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୫।୭ (ଡି.ଏନ.ଏ.)** ବଡ଼ଗଡ଼ ନୂଆସାହି ଲଗାନ ଖେଳ ପଡ଼ିଆରେ ଅନୁଷ୍ଠିତ ୩ୟ ସୁକାନ୍ତ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରହ୍ମେଶ୍ୱର ପାଟଣା ଅମ୍ବାନୀ ୱାରିୟର ଚାମ୍ପିୟନ ହୋଇଛି। ଫାଇନାଲରେ ବଡ଼ଗଡ଼ ଲଗାନ କ୍ରିକେଟ କ୍ଲବ ସହ ଅମ୍ବାନୀ ୱାରିୟର ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅମ୍ବାନୀ ୱାରିୟର ନିର୍ଦ୍ଧାରିତ ୬ଓଭରରେ ସମସ୍ତ ଉଇକେଟ ହରାଇ ୪୬ରନ ସଂଗ୍ରହ କରିଥିଲା। ଜବାବରେ ଲଗାନ ଟିମ୍ ୬ ଉଇକେଟ ହରାଇ ୪୨ରନ କରିବାକୁ ସକ୍ଷମ ହୋଇଥିଲା। ବାପୁଜୀ ୟୁଥ କ୍ଲବ ଆସୋସିଏଶନ ଏବଂ ଲଗାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ସଂଗ୍ରାମ ମାର୍ଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୫,୦୦୦ ଏବଂ ରନର୍ସଅପ ଦଳକୁ ୩,୦୦୦ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଆଶିଷ ମହାନ୍ତି ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

**ସୁକାନ୍ତ ଜେନା ସ୍ମାରକୀ କ୍ରିକେଟ**




ଅତିଥିଙ୍କ ସହ ଚାମ୍ପିୟନ ଅମ୍ବାନୀ ୱାରିୟର ଦଳର ଖେଳାଳି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ସୁକାନ୍ତ ଚୌଧୁରୀ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୬।୦୬।୨୦୨୨
ଆତ୍ମା ଅମର ଆଉ ଅବିନଶ୍ୱର। ଆପଣଙ୍କର ଆତ୍ମା ନୀଳାଦ୍ରିନାଥ ଶ୍ରୀଜଗନ୍ନାଥଙ୍କର କୃପାଲାଭ କରି ବିଭୁ ପଦାରବିନ୍ଦ ପ୍ରାପ୍ତ ହେଉ, ଏତିକି ମହାପ୍ରଭୁଙ୍କ ନିକଟରେ ଆମର ମାଗୁଣି। ଆପଣଙ୍କର ହତଭାଗ୍ୟ
କନିଷ୍ଠ ଭ୍ରାତା: ସୁଜ୍ଞାନ, ସୁଧୀର, ଶାନ୍ତନୁ, ଜିତେନ, ସମର, ଅମର, ପୁତ୍ର: ସିଲୁ, ନିଲୁ, ଟୁଲୁ, ଝିଅ-ଜ୍ୱାଇଁ: ମୁନା, ଶ୍ରୀଜା, ବୋହୂ: ଲକ୍ଷ୍ମୀପ୍ରିୟା, ଜୟଶ୍ରୀ, ସ୍ମୃତିରେଖା, ଭଣଜା: ଲୁନା, ତପୁ, ନାତି: କାଳିଆ ଓ ବଳିଆ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୯୦୯

# ଭାରତର ଦୁର୍ବଳ ବ୍ୟାଟିଂ, ବୋଲିଂକୁ ସମାଲୋଚନା

**ନୂଆଦିଲ୍ଲୀ, ୫।୭** ବର୍ମିଂହାମରେ ପରାଜୟକୁ ନେଇ ସମାଲୋଚନାର ଶରବ୍ୟ ହେଉଛି ରାହୁଲ ଦ୍ରାବିଡଙ୍କ ଭାରତୀୟ ଦଳ। ମ୍ୟାଚର ୩ ଦିନ ଭାରତ ନିୟନ୍ତ୍ରଣରେ ରହିଥିବା ବେଳେ ନାଟକୀୟ ଭାବରେ ଚତୁର୍ଥ ଦିନରେ ଇଂଲଣ୍ଡର ପଲା ଭାରି ରହିଥିଲା। ତେବେ ଭାରତର ଏହି ନାଟକୀୟ ପରାଜୟ ପାଇଁ ଦୁର୍ବଳ ବ୍ୟାଟିଂ ଓ ବୋଲିଂକୁ ଦୋଷ ଦେଇଛନ୍ତି ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ। ପୁନଃ ନିର୍ଦ୍ଧାରିତ ଏହି ଟେଷ୍ଟରେ ବିଜୟ ପାଇଁ ୩୭୮ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୩ ଉଇକେଟ ହରାଇ ବିଜୟୀ ହେବା ସହିତ ନିଜର ଟେଷ୍ଟ କ୍ରିକେଟର ସର୍ବବୃହତ୍ ବିଜୟ ହାସଲ କରିଥିଲା ଇଂଲଣ୍ଡ। ଜୋ ରୁଟ୍(୧୪୨) ଏବଂ ବେୟାରଷ୍ଟୋ(୧୧୪)ଙ୍କ ମଧ୍ୟରେ ଅବିଭାଜିତ ୨୬୯ ରନର ଭାଗୀଦାରି ଦଳକୁ ବିଜୟୀ କରାଇଥିଲା। ଏହି ବିଜୟ ପରେ ଇଂଲଣ୍ଡ ଦଳର ଲଢୁଆ ପ୍ରଦର୍ଶନକୁ ଅନେକ ପୂର୍ବତନ ଖେଳାଳି ପ୍ରଶଂସା କରିଛନ୍ତି। ଘରୋଇ ମାଟିରେ ଇଂଲଣ୍ଡର ଏହା ଲଗାତର ଚତୁର୍ଥ ବିଜୟ ହୋଇଥିବା ବେଳେ ଭାରତର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି ସେହ୍ୱାଗ। ଭାରତୀୟ ଦଳରେ ଏକାଧିକ ସମସ୍ୟା ରହିଛି। ଦଳର ଟପ୍-୬ ବ୍ୟାଟ୍ସମ୍ୟାନ୍ ରନ ସଂଗ୍ରହରେ ବିଫଳ ହୋଇଥିବା ବେଳେ କେବଳ ପୂଜାରା ଓ ପନ୍ତ ରନ୍ କରିଛନ୍ତି। ଜାଡେଜା ପ୍ରଥମ ଇନିଂସରେ ରନ୍ କରିଥିଲେ ହେଁ ଟପ୍ ଅର୍ଡର ବିଫଳତା ଭାରତ ପାଇଁ ଚିନ୍ତାର ବିଷୟ ରହିଛି। ସେହିଭଳି ଚତୁର୍ଥ ଇନିଂସରେ ଭାରତର ବୋଲିଂ ଅତ୍ୟନ୍ତ ସାଧାରଣ ରହିଥିବା କହିଛନ୍ତି ସେହ୍ୱାଗ। ଏହି ମ୍ୟାଚର ୨୮ତମ ଟେଷ୍ଟ ଶତକ ହାସଲ କରିଥିବା ଜୋ ରୁଟ୍‌ଙ୍କୁ ବର୍ତ୍ତମାନ ସମୟର ଶ୍ରେଷ୍ଠ ଖେଳାଳି ଭାବରେ ଅଭିହିତ କରିଛନ୍ତି ସେହ୍ୱାଗ। ଏହି ସିରିଜରେ ଜୋ ରୁଟ୍ ନିଜର ଚତୁର୍ଥ ଶତକ ହାସଲ କରିଥିବା ବେଳେ ରୁଟ୍‌ଙ୍କୁ ରନ ମେଶିନ କହିଛନ୍ତି ସେହ୍ୱାଗ। ଏହା ସହିତ ସର୍ବବୃହତ୍ ବିଜୟ ପାଇଁ ସେହ୍ୱାଗ ଇଂଲଣ୍ଡକୁ ଶୁଭେଚ୍ଛା ଜଣାଇଛନ୍ତି। ରୁଟ୍ ଏବଂ ବେୟାରଷ୍ଟୋଙ୍କ ବ୍ୟାଟିଂ ଦେଖି ଏହା ଅତ୍ୟନ୍ତ ସହଜ ମନେହେଉଥିଲା ବୋଲି କହିଛନ୍ତି ସଚିନ ତେନ୍ଦୁଲକର। ଏହା ସହିତ ସେ ଇଂଲଣ୍ଡକୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ଇଂଲଣ୍ଡ ପାଇଁ ଏହି ବିଜୟ ଅତ୍ୟନ୍ତ ସହଜ ଥିଲା। ତେବେ ଏହି ପରାଜୟ ଭାରତୀୟ ଦଳର ମନୋବଳ ଦୁର୍ବଳ କରିଦେବ ବୋଲି କହିଛନ୍ତି ଅଲରାଉଣ୍ଡର ଇର୍ଫାନ୍ ପଠାନ। ଇଂଲଣ୍ଡ ଦଳ ବର୍ତ୍ତମାନ ମୁହୂର୍ତ୍ତକୁ ଉପଭୋଗ କରିବା ଉଚିତ। ଏହି ଦଳ ଉପରେ ମୁଁ ସମ୍ପୂର୍ଣ୍ଣ ଭରସା କରୁଛି ବୋଲି କହିଛନ୍ତି କେଭିନ୍ ପିଟରସନ୍। ଏହା ଏକ ଚମତ୍କାର ଟେଷ୍ଟ ମ୍ୟାଚ ଆଉ ଅବାସ୍ତବ ରନ୍ ଚେଜ୍ ବୋଲି କହିଛନ୍ତି ଏବି ଡିଭିଲର୍ସ। ଅଭିଜ୍ଞତା ବଢ଼ିବା ସହିତ ରୁଟ୍ ଦିନକୁ ଦିନ ଖେଳରେ ଉନ୍ନତି କରୁଛନ୍ତି। ଜୋ ରୁଟ୍‌ଙ୍କ ପାଇଁ ଏଭଳି ଲେଖିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ୍ ଭନ୍। ଉଭୟ ଦଳର କୋଚ୍ ଆଉ ଅଧିନାୟକଙ୍କ ସହିତ ଭାଗ୍ୟରେ ମଧ୍ୟ ପରିବର୍ତ୍ତନ ଘଟିଛି। ଚମତ୍କାର ଟେଷ୍ଟ ମ୍ୟାଚ ସହିତ ଇଂଲଣ୍ଡ ବେଶ୍ ଉନ୍ନତି କରିଛି ବୋଲି କହିଛନ୍ତି ବ୍ରାଡ ହଗ୍। ଟେଷ୍ଟ କ୍ରିକେଟ ବର୍ତ୍ତମାନ ସୁରକ୍ଷିତ ବୋଲି ସେ ଟ୍ୱିଟ୍ କରିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭରା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଅଳ କିସମ ମୁଗ

**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ବିଷ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହିତ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୁସା କରି ଘାସ ବାଛି ଦିଅନ୍ତୁ।



## ବର୍ଷାଦିନିଆ କନ୍ଦମୂଳ

ଏବେ ବର୍ଷାଦିନିଆ କନ୍ଦମୂଳ ଫସଲ ଲଗାଇ ପାରିବେ। ଗୌରୀ, ଭୁବନ, ଶଙ୍ଖ, ପୁଷା ସଫେଦ ଏବଂ ସମ୍ରାଟ ଆଦି କିସମ ବ୍ୟବହାର କରନ୍ତୁ। କନ୍ଦମୂଳ ଡଙ୍କ ସାଧାରଣତଃ ବିହନ ଆକାରରେ ଲଗାଯାଏ। ୬୦ ସେମି ବ୍ୟବଧାନରେ ହୁଡା ଟେକି ୧୦୦ରୁ ୧୨୫ ଗ୍ରାମ୍ ଓଜନର ସୁସ୍ଥ ସବଳ କନ୍ଦମୂଳ ୨୫ ସେମି ବ୍ୟବଧାନରେ ହୁଡାରେ ଲଗାନ୍ତୁ। ୧୫ ଦିନ ପରେ ଏକର ପ୍ରତି ୧.୫ କି.ଗ୍ରା. ୟୁରିଆ ସାର ୧୦୦ ବର୍ଗମିଟର ତଳିଘରାରେ ପ୍ରୟୋଗ କରନ୍ତୁ। ୪୦ରୁ ୪୫ ଦିନରେ ତଳିଘରାରୁ ୨୦ରୁ ୩୦ ସେମି ଲମ୍ବର ସୁସ୍ଥ ସବଳ ଡଙ୍କ କାଟି ମୁଖ୍ୟ ତଳିଘରାରେ ଲଗାଇବା ପାଇଁ ଅମଳ କରନ୍ତୁ। ଏକ ଏକର କନ୍ଦମୂଳ ଚାଷ ପାଇଁ ୨୦୦ ବର୍ଗ ମିଟରର ମୁଖ୍ୟ ତଳିଘରା କରନ୍ତୁ। ୬୦ ସେମି ବ୍ୟବଧାନରେ ହୁଡା ଟେକି ପ୍ରଥମ ତଳିଘରାରୁ ଆଦାୟ ହୋଇଥିବା ଡଙ୍କ ୨୦ ସେମି ବ୍ୟବଧାନରେ ଲଗାନ୍ତୁ। ୧୫ ଦିନ ପରେ ଏକର ପ୍ରତି ୧୨.୫ କି.ଗ୍ରା. ଏବଂ ୩୦ ଦିନ ପରେ ୧୨.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ। ୪୫ ଦିନର ତଳିଘରାରୁ ୨୦ରୁ ୩୦ ସେମି ଲମ୍ବର ଡଙ୍କ କନ୍ଦମୂଳ ବିହନ ପାଇଁ ଅମଳ କରନ୍ତୁ।



## ଫଳଚାଷ ସମ୍ବନ୍ଧରେ...

**ଓ**ଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ସେଗୁଡ଼ିକ ହେଲା- ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।



# ଜୈବିକ ପଦ୍ଧତିରେ ପଞ୍ଚଗବ୍ୟ



ମାନସ ରଞ୍ଜନ ପଟ୍ଟନାୟକ

**ସା**ଧାରଣତଃ ଆମ ରାଜ୍ୟ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ପରିଗଣିତ। ଏହାର ପ୍ରାୟ ୬୫ରୁ ୭୧% ଲୋକ କୃଷି କରନ୍ତି। କାରଣ ଓଡ଼ିଶାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। କୃଷକ ବା ଚାଷୀ ନିଜ କ୍ଷେତରୁ ଅମଳ ଅଧିକ ପାଇ ଲାଭବାନ୍ ହେଲେ ଚାଷୀ ପରିବାର ମଧ୍ୟରେ ଆନନ୍ଦର ଲହରି ଖେଳିଯାଏ। ଫଳରେ ଚାଷୀମାନଙ୍କ ପରିବାର ସ୍ୱଚ୍ଛଳ ହୁଏ। ଏହାଦ୍ୱାରା ଚାଷୀମାନେ ବର୍ଷ ସାରା ତାଙ୍କ କ୍ଷେତ ହେଉ ବା ଭାଗୀଦାରି କ୍ଷେତରେ ବିଭିନ୍ନ ପ୍ରକାର ତଥା ସମନ୍ୱିତ ପ୍ରଣାଳୀରେ ଚାଷକରି ରାଜ୍ୟ ତଥା ଦେଶକୁ ଖାଦ୍ୟଶସ୍ୟ ଯୋଗାଇଥାଏ।

ଆଜିର ଦୁନିଆରେ ଲୋକ ରାସାୟନିକ ସାର ଅପେକ୍ଷା ଜୈବିକ ସାରକୁ ବେଶି ପସନ୍ଦ କରୁଛନ୍ତି। କାରଣ ବାୟୁମଣ୍ଡଳର ପ୍ରଦୂଷଣ ରୋକିବାକୁ ଏବେ ପ୍ରାଧାନ୍ୟ ଦିଆଯାଉଛି। ଆଉ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇପାରିବ ପଞ୍ଚଗବ୍ୟ। ଏହାର ଉପାଦେୟତା ଏବଂ ପ୍ରସ୍ତୁତି ସମ୍ପର୍କରେ ସୂଚିତ କରାଯାଉଛି।

**ଆବଶ୍ୟକ ଉପାଦାନ:** ସଦ୍ୟ ଗୋବର-୫ କିଲୋ, ଗୋମୂତ୍ର- ୩ ଲିଟର, ଗାଈକ୍ଷୀର-୨ ଲିଟର, ଗାଈଘିଅ- ୬୦୦ ଗ୍ରାମ୍, ଦହି- ୨ ଲିଟର, ପଇଡ଼ପାଣି- ୩ ଲିଟର, ପାଚିଲା କଦଳୀ-୧୨ଟି।

**ମିଠାଅଂଶ:** ଏହା ପଞ୍ଚଗବ୍ୟ ଶଢ଼ିବାରେ ସାହାଯ୍ୟ କରେ। ତେଣୁ ଆଖୁରସ ମିଶାଯାଏ। ପାଚିଲା କଦଳୀ ମିଶାଇବା ଦ୍ୱାରା ଏହା ଅତି କ୍ଷୁଦ୍ର ଜୀବାଣୁ ବୃଦ୍ଧିରେ ସାହାଯ୍ୟକରେ। ଶଢ଼ିବା ଦ୍ୱାରା ପଞ୍ଚଗବ୍ୟରୁ ଖରାପ ଗନ୍ଧ ଉତ୍ପନ୍ନ ହୋଇଥାଏ। ଏହାକୁ କମାଇବା ପାଇଁ ତାଡ଼ି ଏବଂ ଅଙ୍ଗୁରରସ ବ୍ୟବହାର ହୁଏ।





"ସ୍ୱାସ୍ଥ୍ୟ ବିଜ୍ଞାନୀ ଡ. ନଟରାଜନଙ୍କ ଅନ୍ୟତମ ଅବଦାନ 'ଉନ୍ନତ ପଞ୍ଚଗବ୍ୟ'। ପଞ୍ଚଗବ୍ୟ ଉପରେ ୩ବର୍ଷ କାଳ ଗବେଷଣା ପରେ ସେ ଏହି ପ୍ରଣାଳୀ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥିଲେ। ଅବଶ୍ୟ ଏହି ପଞ୍ଚଗବ୍ୟ ଫସଲ ବୃଦ୍ଧି ଓ କୃଷି ଉତ୍ପାଦନ ସହାୟକ ହେଉଛି। ଏବେ ଏକ ଜୈବିକ ଉପାଦାନ ଭାବେ ଦକ୍ଷିଣ ଭାରତରେ ବିଶେଷକରି 'ତାମିଲନାଡୁ' ରାଜ୍ୟରେ ବେଶ୍ ଆଦୃତ।"

**ଉପକରଣ:** ବଡ଼ ମୁହଁବାଲା ମାଟିପାତ୍ର, ପ୍ଲାଷ୍ଟିକ କେନ୍ । ପ୍ରଥମେ ଏହି ମାଟିପାତ୍ରରେ ସଦ୍ୟଗୋବର ଏବଂ ଗାଈ ଘିଅକୁ ନିଅନ୍ତୁ। ଏହାକୁ ଭଲ ଭାବରେ ଘାଣ୍ଟନ୍ତୁ (ଦିନକୁ ୨ ଥର କରି ୩ଦିନ ପର୍ଯ୍ୟନ୍ତ)। ୪ର୍ଥ ଦିନ ଅନ୍ୟ ଉପାଦାନ ମିଶାଇ ଦିନକୁ ୨ଥର କରି ୧୫ଦିନ ଘାଣ୍ଟନ୍ତୁ। ଏହି ଦ୍ରବଣ ୧୮ ଦିନରେ ବ୍ୟବହାର ଉପଯୋଗୀ ହୋଇଯିବ। ଏହି ଦ୍ରବଣକୁ ଛାଇରେ ରଖନ୍ତୁ। ଏଥିରେ ଆଖୁରସ ମିଶାଇ ବ୍ୟବହାର କରି ହେବ।

**ଉନ୍ନତ ପଞ୍ଚଗବ୍ୟ ଓ ଏହାର ବ୍ୟବହାର**

ସ୍ୱାସ୍ଥ୍ୟ ବିଜ୍ଞାନୀ ଡ. ନଟରାଜନଙ୍କ ଅବଦାନ ଉନ୍ନତ ପଞ୍ଚଗବ୍ୟ। ୧୯୯୮ ମସିହାରେ ବାଙ୍ଗାଲୋରଠାରେ ଔଷଧୀୟ ବୃକ୍ଷ ସମ୍ପର୍କିତ ଏକ ଅନ୍ତଃରାଷ୍ଟ୍ରୀୟ କର୍ମଶାଳା ହୋଇଥିଲା। ଏଥିରେ ଡ. ନଟରାଜନ ଭାଗନେଇଥିଲେ। ପରେ ପରେ ସେ ଜାପାନର ମାସାନୋବୁ ଫୁକୁଓକାଙ୍କ ପୁସ୍ତକ ନଡ଼ା ବିପ୍ଳବ ଏବଂ କଲାଇଉ୍ ଆଲ ଭାଇଲସଙ୍କ ପୁସ୍ତକ ଜୈବିକ କୃଷି ପାଠକରି ପଞ୍ଚଗବ୍ୟ ଉପରେ ୩ବର୍ଷ କାଳ ଗବେଷଣା ଚଳାଇଲେ। ଫଳରେ 'ଉନ୍ନତ ପଞ୍ଚଗବ୍ୟ' ଜନ୍ମହେଲା। ଏହା ଫସଲ ବୃଦ୍ଧି ଓ ଉତ୍ପାଦନରେ ସହାୟକ ହେଲା। ଯାହା ଆଜି ଏକ ଜୈବିକ ଉପାଦାନ ଭାବେ ଦକ୍ଷିଣ ଭାରତରେ ବିଶେଷକରି ତାମିଲନାଡୁରେ ବେଶ ଆଦୃତ। ପଞ୍ଚଗବ୍ୟର ବ୍ୟବହାରରୁ ସୁଫଳ ମିଳିଥାଏ । ଫୁଲ ଫୁଟିବା ପୂର୍ବ ଅବସ୍ଥା (ଲଗେଇବାର ୨୦ ଦିନ ପରେ) ପ୍ରତି ୧୫ଦିନରେ ଥରେ ୨ ଥର ସିଞ୍ଚନ କରନ୍ତୁ।

**ଆମ୍ବ ଫସଲ:** ବହୁତ ବଉଳ ଫୁଲ ଫୁଟିବାରେ ସହାୟକ ହୁଏ(ବିଶେଷକରି ଅଧିକ ମାଇଫୁଲ)। ଆମ୍ବର ସ୍ୱାଦ ଓ ବାସନା ଆକର୍ଷଣୀୟ ହୋଇଥାଏ।

**ଲେମ୍ବୁ ଫସଲ:** ବର୍ଷସାରା ଗଛରେ ଫୁଲ ଫଳ ଧରିଥାଏ। ଫଳର ଆକାର ସାନ ବଡ଼ ହୁଏ ଏବଂ ସୁଗନ୍ଧଯୁକ୍ତ ମଧ୍ୟ ହୋଇଥାଏ। ତୋଳିବା ପରେ ଫଳକୁ ୧୦ଦିନ ପର୍ଯ୍ୟନ୍ତ ସାଇତା ଯାଇପାରେ।

**ପିଜୁଳି:** ଫଳକୁ ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରିବ। ଅଧିକ ସ୍ୱାଦିଷ୍ଟ ହୁଏ।

**ଧାନ:** ଅଧିକ ପିଲ ଦିଏ ଓ ଶସ୍ୟ ଫମ୍ପା ହୁଏ ନାହିଁ ଓ ୧୫ ଦିନ କମିଯାଏ।

**କଦଳୀ:** ସେଚ ଜଳରେ ପଞ୍ଚଗବ୍ୟ ବ୍ୟବହାର ସହ ୩% ପଞ୍ଚଗବ୍ୟକୁ (୧୧୦୦ ମି.ଲି. ଦେଇ) କାନ୍ଧିର ଅଗ ଅଂଶରେ ଭଣ୍ଡାକୁ କାଟି ବାନ୍ଧି ଦିଆଯାଏ। ଫଳରେ କାନ୍ଧିର ଆକାର ସମାନ ହୁଏ। ମାସକ ଆଗରୁ ଅମଳ ହୋଇପାରିବ।

**ହଳଦୀ:** ୨୬% ପର୍ଯ୍ୟନ୍ତ ଅମଳ ବୃଦ୍ଧି ହେବା ସହ ପୁଆଗୁଡ଼ିକ ଲମ୍ବା ହୁଏ ଓ କୁରକୁମିନ ଅଂଶ ବୃଦ୍ଧିରେ ସହାୟକ ହୁଏ।

-ପ୍ରିନ୍ସିପାଲ, ଆଗ୍ରୋ ପଲିଟେକନିକ୍ ସେଣ୍ଟର, ଓୟୁଏଟି,ବୌଦ୍ଧ
ମୋ :୯୪୩୯୬୩୮୦୦୪

## ଅଳ୍ପରେ..

- ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ।
- ଫାଟୁଆ, ପ୍ଳିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ।
- ଗୋରୁର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ।
- ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ।
- ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ।
- କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ।
- ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ।
- କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ।
- ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ।

## ପନିପରିବା ତଳି ପ୍ରସ୍ତୁତି

**ବା**ଇଗଣ, ଲଙ୍କାମରିଚ ଫସଲ ତଳି ପ୍ରସ୍ତୁତି ପାଇଁ ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମି ଚୟନ କରନ୍ତୁ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।



## ଚାଷୀଙ୍କ ପାଇଁ

- ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ।
- ଭେଣ୍ଡି ଫସଲ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ।
- ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।
- କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତ।
- ଫଳବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟ କରି ସଫା ସୁତୁରା ରଖନ୍ତୁ।
- ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ।
- ଦରକାର ଅନୁଯାୟୀ ଫଳଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ।
- ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଏବେ କୁଜି ସାରୁ ଲଗାଇ ପାରିବେ। ଅଧିକ ଅମଳକ୍ଷମ ସାରୁ କିସମ ମଧ୍ୟରେ ରହିଛି ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡ଼ି । ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ , ୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



# ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।

ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ । ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ। ତା' ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତି କରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୬/୨୦୨୨ Bhubaneswar, Wednesday, July 6/ 2022

# ସର୍ବାଧିକ ଚେଜ୍ ସହ ଇଂଲଣ୍ଡର ସ୍ମରଣୀୟ ବିଜୟ

**ବର୍ମିଂହାମ୍, ୫।୭ (ପି.ଟି.)**

ଜୋ ରୁଟ୍ ଏବଂ ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ ଏବଂ ଅସମାପ୍ତ ୪ର୍ଥ ଉଇକେଟରେ ଦୁହିଁଙ୍କ ୨୬୯ ରନର ଭାଗୀଦାରି ବଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ୨୦୨୧-୨୨ ସିରିଜର ୫ମ କ୍ରିକେଟ ଟେଷ୍ଟ (ପୁନଃ ନିର୍ଦ୍ଧାରିତ)ରେ ଭାରତକୁ ୭ ଉଇକେଟରେ ପରାସ୍ତ କରିଛି। ଘରୋଇ ମାଟିରେ ଇଂଲଣ୍ଡ କେବଳ ସ୍ମରଣୀୟ ବିଜୟ ହାସଲ କରିନାହିଁ ଟେଷ୍ଟ କ୍ରିକେଟରେ ନିଜର ସର୍ବାଧିକ ରନ୍ ଚେଜ୍‌ରେ ମଧ୍ୟ ରେକର୍ଡ କରିଛି। ଏଜବାଷ୍ଟନରେ ଇଂଲଣ୍ଡର ବିଜୟ ସହ ସିରିଜ ୨-୨ରେ ଡ୍ର ରହିଛି। ବେୟାରଷ୍ଟୋ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଜୋ ରୁଟ୍ ଓ ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ୨୦୨୧ରେ ୪ଟି ଟେଷ୍ଟ ଖେଳାଯାଇଥିଲା। ଭାରତ ୨-୧ରେ ଅଗ୍ରଣୀ ରହିଥିବାବେଳେ ଟିମ୍ ଇଣ୍ଡିଆ କ୍ୟାମ୍ପରେ କୋଭିଡ ଯୋଗୁ ସିରିଜକୁ ଅଧାରୁ ସ୍ଥଗିତ ରଖା ଯାଇଥିଲା। ୨୦୨୧ ଅଗଷ୍ଟରେ ନଟିଂହାମ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିବାବେଳେ ଲର୍ଡ୍ସରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୧୫୧ ରନରେ ବିଜୟୀ ହୋଇଥିଲା। ଲିଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟକୁ ଇଂଲଣ୍ଡ ୭୬ ରନରେ ଜିତି ସିରିଜକୁ ୧-୧ ସ୍ଥିତିକୁ ନେଇ ଆସିଥିଲା। ସେପ୍ଟେମ୍ବରରେ ଓଭାଲରେ ଆୟୋଜିତ ୪ର୍ଥ ଟେଷ୍ଟକୁ ୧୫୭ ରନରେ ଜିତି ଭାରତ ପୁଣି ଅଗ୍ରଣୀ ହାସଲ କରିଥିଲା। ସେତେବେଳେ ବିରାଟ କୋହଲି ଭାରତୀୟ ଦଳର ଅଧିନାୟକ ଥିଲେ। ରୋହିତ ଶର୍ମା ଅସୁସ୍ଥ ଥିବାରୁ ଯଶପ୍ରୀତ୍ ବୁମ୍‌ରା ଏଜବାଷ୍ଟନ ଟେଷ୍ଟରେ ଦଳର ନେତୃତ୍ୱ ନେଇଥିଲେ।

- ରୁଟ୍, ବେୟାରଷ୍ଟୋଙ୍କ ଅପରାଜିତ ଶତକ
- ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୨ରେ ଡ୍ର


ଦ୍ୱିଶତକୀୟ ଭାଗୀଦାରି ସହ ଇଂଲଣ୍ଡକୁ ବିଜୟୀ କରାଇବାପରେ ଉଲ୍ଲସିତ ଜୋ ରୁଟ୍ ଓ ଜନି ବେୟାରଷ୍ଟୋ।

### ଦ୍ୱିଶତକୀୟ ଭାଗୀଦାରି

ମ୍ୟାଚର ୪ର୍ଥ ଦିବସରେ ହିଁ ଇଂଲଣ୍ଡ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା। ପ୍ରଥମ ସେସନରେ ବୁମ୍‌ରା ୨ଟି ଉଇକେଟ ନେଇ ଭାରତ ପାଇଁ ପ୍ରତ୍ୟାବର୍ତ୍ତନର ସୁଯୋଗ ସୃଷ୍ଟି କରିଥିଲେ ହେଁ ଅନ୍ୟ ବୋଲରଙ୍କ ବିଫଳତା ଭାରତକୁ ପରାଜୟ ଆଡ଼କୁ ନେଇ ଯାଇଥିଲା। ରୁଟ୍ ଓ ବେୟାରଷ୍ଟୋ ଟିମ୍ ଇଣ୍ଡିଆ ପ୍ରଭାବହୀନ ବୋଲିଂର ପୂରା ଫାଇଦା ଉଠାଇଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଥିଲେ। ଫଳରେ ୩୭୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ସହଜରେ ଚେଜ୍ କରି ପାରିଥିଲା। ପୂର୍ବରୁ ଇଂଲଣ୍ଡ ୨୦୧୯ରେ ଲିଡ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ୩୫୯ ରନ ଚେଜ୍ କରିବାର ରେକର୍ଡ ରଖିଥିଲା। ଏଠାରେ ୪ର୍ଥ ଦିବସ ଖେଳ ଶେଷ ବେଳକୁ ରୁଟ୍ ୭୬ ଓ ବେୟାରଷ୍ଟୋ ୭୨ ରନରେ ଅପରାଜିତ ଥିଲେ। ୫ମ ଦିନରେ ମଧ୍ୟ ମୋମେଣ୍ଟମ ହରାଇ ନ ଥିଲେ ଏହି ଦୁଇ ଖେଳାଳି। ଫଳରେ ରୁଟ୍ ୧୪୨ (୧୭୩ ବଲ, ୧୯ ଚୌକା, ୧ ଛକା) ଓ ବେୟାରଷ୍ଟୋ ୧୧୪ (୧୪୫ ବଲ, ୧୫ ଚୌକା, ୧ ଛକା) ରନରେ ଅପରାଜିତ ରହି ଯଥାକ୍ରମେ କ୍ୟାରିୟରର ୨୮ ଓ ୧୨ତମ ଟେଷ୍ଟ ଶତକ ହାସଲ କରିଥିଲେ।

#### ଇଂଲଣ୍ଡର ସର୍ବାଧିକ ରନ୍‌ଚେଜ୍

୩୭୮: ବନାମ ଭାରତ, ଏଜବାଷ୍ଟନ, ୨୦୨୨
୩୫୯: ବନାମ ଅଷ୍ଟ୍ରେଲିଆ, ଲିଡ୍ସ, ୨୦୧୯
୩୩୨: ବନାମ ଅଷ୍ଟ୍ରେଲିଆ, ମେଲବୋର୍ନ, ୧୯୨୮-୨୯
୩୧୫: ବନାମ ଅଷ୍ଟ୍ରେଲିଆ, ଲିଡ୍ସ, ୨୦୦୦

#### ଭାରତ ବିପକ୍ଷରେ ସର୍ବାଧିକ ଚେଜ୍

୩୭୮: ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୨୨
୩୩୯: ବନାମ ଅଷ୍ଟ୍ରେଲିଆ, ପର୍ଥ, ୧୯୭୭
୨୭୬: ବନାମ ୱେଷ୍ଟଇଣ୍ଡିଜ, ଦିଲ୍ଲୀ, ୧୯୮୭
୨୪୦: ବନାମ ଦକ୍ଷିଣ ଆଫ୍ରିକା, ଜୋହାନ୍ସବର୍ଗ, ୨୦୨୨

### ରଣନୀତିକୁ ନେଇ ପ୍ରଶ୍ନବାଚୀ

ମ୍ୟାଚର ୪ର୍ଥ ଦିବସରେ ବେୟାରଷ୍ଟୋଙ୍କ ସହ ବିରାଟ କୋହଲିଙ୍କ ବଚସା ଇଂଲଣ୍ଡକୁ ଫାଇଦାରେ ରଖିଥିଲା। କୋହଲିଙ୍କ ସ୍ଲେଜିଂ ପୂର୍ବରୁ ବେୟାରଷ୍ଟୋ ଭାରତର ଚେତେଶ୍ୱର ପୂଜାରାଙ୍କ ଭଳି ଖେଳୁଥିଲେ। ମାତ୍ର ସ୍ଲେଜିଂ ପରେ ଇଂଲଣ୍ଡ ରିଷଭ ପନ୍ତଙ୍କ ଭଳି ଖେଳିଲା ବୋଲି ୱେଷ୍ଟଇଣ୍ଡିଆନ ଲିଜେଣ୍ଡ ଇଆନ ବିଶପ ଟୁଇଟ୍ କରିଛନ୍ତି। ଏହା ବ୍ୟତୀତ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଅଣଦେଖା କରାଯାଇ ଶାର୍ଦ୍ଦୂଳ ଠାକୁରଙ୍କୁ ନିଆଯିବା କେତେଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ହନୁମା ବିହାରୀ ଓ ଶ୍ରେୟାସ ଆୟାର ବ୍ୟାଟିଂ ସମୟରେ ସଂଘର୍ଷ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା। ସାମ୍ପ୍ରତିକ ଟେଷ୍ଟ କ୍ରିକେଟରେ ଜୋ ରୁଟ୍, କେନ୍ ୱିଲିୟମସନ, ଷ୍ଟିଭ୍ ସ୍ମିଥ ଓ ବିରାଟ କୋହଲିଙ୍କୁ 'ଶ୍ରେଷ୍ଠ-୪'ଭାବେ ବିବେଚନା କରାଯାଉଛି। ମାତ୍ର ଗତ ୩ ବର୍ଷ କୋହଲିଙ୍କ ଫର୍ମ ମଧ୍ୟ ଚିନ୍ତାଜନକ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୧୬। ଇଂଲଣ୍ଡ ପ୍ରଥମ ଇନିଂସ: ୨୮୪। ଭାରତ ଦ୍ୱିତୀୟ ଇନିଂସ: ୨୪୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୭୮/୩ (ଜୋ ରୁଟ୍-୧୪୨*, ଜନି ବେୟାରଷ୍ଟୋ-୧୧୪*, ଆଲେକ୍ସ ଲିସ୍-୫୬, ଜ୍ୟାକ୍ କ୍ରଲି-୪୬, ଯଶପ୍ରୀତ୍ ବୁମ୍‌ରା-୨/୭୪)।

# ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ଐତିହାସିକ ନିଷ୍ପତ୍ତି

**କ୍ରିଷ୍ଟଚର୍ଚ୍ଚ, ୫।୭**

ବିଶ୍ୱର ପ୍ରତି କ୍ଷେତ୍ରରେ ପୁରୁଷ ଓ ମହିଳାଙ୍କ ବେତନରେ ଦେଖିବାକୁ ମିଳିଥାଏ ତାରତମ୍ୟ। ତେବେ ଏହାକୁ ଦୂରେଇବାକୁ ଏକ ଐତିହାସିକ ପଦକ୍ଷେପ ନେଇଛି ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ। ବିଶ୍ୱର ପ୍ରଥମ କ୍ରିକେଟ ବୋର୍ଡ ଭାବରେ ଏହି ବେତନ ତାରତମ୍ୟ ଦୂରେଇବାକୁ ପ୍ରୟାସ ଆରମ୍ଭ କରିଛି ନ୍ୟୁଜିଲାଣ୍ଡ। ଫର୍ମାଟ ଏବଂ ଲିଙ୍ଗଗତ ନିର୍ବିଶେଷରେ ସମସ୍ତ ଖେଳାଳିଙ୍କୁ ସମାନ ବେତନ ପ୍ରଦାନ କରାଯିବ। ଖେଳାଳି ସଂଘ ଏବଂ ପରିଚାଳନା କମିଟି ମଧ୍ୟରେ ଆସନ୍ତା ୫ ବର୍ଷ ପାଇଁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଘୋଷଣା ପରେ ସମସ୍ତ ଖେଳାଳି ଏବଂ ସଂଘକୁ ମୁଁ ଶୁଭେଚ୍ଛା ଜଣାଇବାକୁ ଚାହୁଁଛି ବୋଲି କହିଛନ୍ତି ନ୍ୟୁଜିଲାଣ୍ଡ କ୍ରିକେଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଭିଡ୍ ହ୍ୱାଇଟ୍। ନ୍ୟୁଜିଲାଣ୍ଡ କ୍ରିକେଟ ପାଇଁ ଏହା ଏକ ଐତିହାସିକ ଚୁକ୍ତି ଏବଂ ସମସ୍ତ ଖେଳାଳି, ସଂଘଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସମର୍ଥ ହେବ। ଏହା ସହିତ ଦେଶରେ କ୍ରିକେଟ୍ ଭିତ୍ତିଭୂମିର ବିକାଶରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

ମହିଳା କ୍ରିକେଟର ବିକାଶ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ମଧ୍ୟ ହ୍ୱାଇଟ୍ କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ସମସ୍ତ ପୁରୁଷ ଏବଂ ଖେଳାଳିଙ୍କୁ ସମାନ ବେତନ ପ୍ରଦାନ କରାଯିବ ଏବଂ ସମାନ ଢଙ୍ଗରେ ଘରୋଇ କ୍ରିକେଟ ଖେଳୁଥିବା ପୁରୁଷ ଏବଂ ମହିଳା ଖେଳାଳିଙ୍କ ପାଇଁ ମଧ୍ୟ ସମାନ ବ୍ୟବସ୍ଥା କରାଯିବ। ଏହା ସହିତ ପୂର୍ବରୁ ୫୪ ଜଣ ମହିଳା ଖେଳାଳିଙ୍କୁ ଘରୋଇ କଣ୍ଟ୍ରାକ୍ଟ ଦିଆଯାଉଥିବା ବେଳେ ବର୍ତ୍ତମାନ ଏହାକୁ ୭୨କୁ ବଢାଇ ଦିଆଯାଇଛି। ଅନ୍ତର୍ଜାତୀୟ ଏବଂ ଘରୋଇ ଖେଳାଳିଙ୍କୁ ସମାନ ସୁଯୋଗ ଏକ ଚମତ୍କାର ପଦକ୍ଷେପ ବୋଲି କହିଛନ୍ତି ନ୍ୟୁଜିଲାଣ୍ଡ ମହିଳା ଦଳର ଅଧିନାୟିକା ସୋଫି ଡିଭାଇନ୍। ଯୁବ ମହିଳା ଖେଳାଳିଙ୍କ ପାଇଁ ଏହା ଏକ ଚମତ୍କାର ସୁଯୋଗ ବୋଲି କହିଛନ୍ତି ସୋଫି। ସେହିପରି ପୁରୁଷ ଦଳର ଅଧିନାୟକ କେନ୍ ୱିଲିୟମସନ୍ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି।





ଏଜ୍‌ବାଷ୍ଟନ ଟେଷ୍ଟ ଶେଷ ହେବାପରେ ଟ୍ରଫି ସହ ବେନ୍ ଷ୍ଟୋକ୍ସ ଓ ଯଶପ୍ରୀତ୍ ବୁମ୍‌ରା।

# ସ୍ଲୋ ଓଭର ରେଟ୍ ପାଇଁ ଭାରତକୁ ଜରିମାନା

**ଦୁବାଇ, ୫।୭ (ପି.ଟି.):** ବର୍ମିଂହାମଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପୁନଃ ନିର୍ଦ୍ଧାରିତ ୫ମ କ୍ରିକେଟ ଟେଷ୍ଟରେ ସ୍ଲୋ ଓଭର-ରେଟ୍ ବୋଲିଂ ପାଇଁ ଭାରତୀୟ କ୍ରିକେଟ ଦଳକୁ ମ୍ୟାଚ ଫି'ର ୪୦ ପ୍ରତିଶତ ଜରିମାନା କରାଯାଇଛି। ଇଂଲଣ୍ଡ ଏହି ମ୍ୟାଚରେ ୭ ଉଇକେଟରେ ବିଜୟ ଲାଭ କରିବା ସହ ସିରିଜ ୨-୨ ବରାବର ସ୍ଥିତିକୁ ନେଇ ଆସିଥିଲା। ଗତବର୍ଷ ଭାରତୀୟ ଶିବିରରେ କୋଭିଡ୍ ଯୋଗୁ ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଖେଳାଯାଇ ପାରି ନ ଥିଲା। ତାହା ଏବେ ଖେଳାଯାଇଥିଲା। ଏହି ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବୋଲିଂ ଟାର୍ଗେଟରୁ ଭାରତ ୨ ଓଭର ପଛରେ ରହିଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧିର ଧାରା ୨.୨୨ ଅନୁସାରେ ସର୍ବନିମ୍ନ ଓଭର-ରେଟ୍ ବୋଲିଂ ଅପରାଧ ପାଇଁ ଓଭର ପିଛା ଜରିମାନା ମ୍ୟାଚ ଫି'ର ୨୦ ପ୍ରତିଶତ ରହିଛି। କେବଳ ସେତିକି ନୁହେଁ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଧାରା ୧୬.୧୧.୨ ଅନୁସାରେ ୨ଟି ଓଭର ପଛୁଆ ପାଇଁ ଭାରତର ମୋଟ ପଏଣ୍ଟରୁ ୨ ଡବ୍ଲ୍ୟୁଟିସି ପଏଣ୍ଟ ମଧ୍ୟ କାଟି ଦିଆଯାଇଛି। ଆଇସିସି ମ୍ୟାଚ ରେଫରି ଡେଭିଡ ବୁନ୍ ଏହି ଦଣ୍ଡବିଧାନ କରିଛନ୍ତି।




# ୱାରୱିକ୍‌ଶାୟାରକୁ ଜାତିଆଣ ମନ୍ତବ୍ୟ ମାମଲାର ତଦନ୍ତ ଭାର

**ନୂଆଦିଲ୍ଲୀ, ୫।୭**

ପଟୌଦୀ ଟ୍ରଫିର ଅନ୍ତିମ ମୁକାବିଲାରେ ଭାରତୀୟ ଫ୍ୟାନଙ୍କ ପ୍ରତି ହୋଇଥିବା ଜାତିଆଣ ମନ୍ତବ୍ୟ ମାମଲାର ତଦନ୍ତ କରିବ କାଉଣ୍ଟି କ୍ଲବ୍ ୱାରୱିକ୍‌ଶାୟାର। ଏଜବାଷ୍ଟନରେ ଖେଳାଯାଉଥିବା ମୁକାବିଲାର ଚତୁର୍ଥ ଦିନରେ ଦର୍ଶକ ଷ୍ଟାଣ୍ଡରେ ଭାରତୀୟ ଦର୍ଶକଙ୍କ ପ୍ରତି ଜାତିଆଣ ମନ୍ତବ୍ୟର ପ୍ରୟୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ଟ୍ୱିଟରରେ କଡା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଇସିବି ଏବଂ ୱାରୱିକଶାୟାର ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଜାତିଆଣ ମନ୍ତବ୍ୟ ବିରୋଧରେ ନିୟମିତ ସ୍ୱର ଉତ୍ତୋଳନ କରୁଥିବା ପୂର୍ବତନ ୟୋର୍କଶାୟାର କ୍ରିକେଟର ଅଜିମ୍ ରଫିକ୍ ଏହାକୁ କଡା ନିନ୍ଦା କରିଛନ୍ତି। ରଫିକ୍ ଟ୍ୱିଟ୍ କରିବା ପରେ ଏହାର ଜବାବ ରଖିଥିଲା ଏଜବାଷ୍ଟନ ଟ୍ୱିଟର ହ୍ୟାଣ୍ଡେଲ। ଏଭଳି ଘଟଣା ପାଇଁ ଆମେ ଅତ୍ୟନ୍ତ ଦୁଃଖିତ। ଯଥାଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ଉଲ୍ଲେଖ କରିଥିଲା ଏଜବାଷ୍ଟନ୍। ଏହାପରେ ସମାନ ଘଟଣା ଉପରେ ତଦନ୍ତ ଆରମ୍ଭ ହୋଇଥିବା ନେଇ ୱାରୱିକ୍‌ଶାୟାର ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏଜବାଷ୍ଟନରେ ହୋଇଥିବା ଘଟଣାକୁ ନେଇ ମୁଁ ଅତ୍ୟନ୍ତ ଦୁଃଖିତ। ଏଜବାଷ୍ଟନକୁ ଏକ ସୁରକ୍ଷିତ ମାହୋଲ ପ୍ରଦାନ କରିବା ପାଇଁ ଆମ୍ଭେ ସର୍ବଦା ପ୍ରୟାସରତ ବୋଲି କହିଛନ୍ତି ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟୁଆର୍ଟ କେନ୍। କୌଣସି ଦର୍ଶକଙ୍କ ସହିତ ଭବିଷ୍ୟତରେ ଏଭଳି ନହେବା ନେଇ ସେ ଆଶ୍ୱାସନା ମଧ୍ୟ ଦେଇଛନ୍ତି। ଯେଉଁ ଷ୍ଟାଣ୍ଡରେ ଏହି ଘଟଣା ଘଟିଲା ସେହି ସ୍ଥାନର ଷ୍ଟିୱାର୍ଡ ମାନଙ୍କୁ ପଚରା ଉଚୁରା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି କେନ୍। ଉଲ୍ଲେଖଯୋଗ୍ୟ ଯେ,ହୋଲିସ୍ ଷ୍ଟାଣ୍ଡରେ ଖେଳ ଦେଖୁଥିବା ସମୟରେ ତାଙ୍କ ପ୍ରତି ଏଭଳି ଜାତିଆଣ ମନ୍ତବ୍ୟ ପ୍ରଦାନ କରାଯାଇଥିବା ନେଇ ଟ୍ୱିଟ୍ କରିଥିଲେ। ଏହାକୁ ନେଇ ଉପସ୍ଥିତ ଷ୍ଟିୱାର୍ଡ ମାନଙ୍କ ପାଖରେ ପ୍ରାୟ ୧୦ ଥର ଅଭିଯୋଗ କରିଥିଲେ ମଧ୍ୟ ଚୁପଚାପ ବସିବାକୁ ପରାମର୍ଶ ମିଳିଥିଲା। ମ୍ୟାଚ ପରେ ମଧ୍ୟ ବିନା ସୁରକ୍ଷାରେ ତାଙ୍କୁ ବହାରିବାକୁ ପଡିଥିବା କହିଥିଲେ ଅଭିଯୋଗ କାରୀ। ଉପସ୍ଥିତ ମହିଳା ଓ ଶିଶୁଙ୍କ ପାଇଁ ଅଧିକ ଚିନ୍ତିତ ଥିବା ନେଇ ନିଜ ଟ୍ୱିଟରେ ଉଲ୍ଲେଖ କରିଥିଲେ। ଭାରତ ଆର୍ମି ପକ୍ଷରୁ ଜଣେ ଦର୍ଶକ ଏଭଳି ଅଭିଯୋଗ ଆଣିଥିବା ବେଳେ ମାମଲାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଛି ଇସିବି।

# ମଉଳିଲା ଡବ୍ଲ୍ୟୁଟିସି ଫାଇନାଲ୍ ଆଶା

**ନୂଆଦିଲ୍ଲୀ, ୫।୭ :** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଟେଷ୍ଟ ସିରିଜ ସମାପ୍ତ ହେବା ସହିତ ପ୍ରକାଶ ପାଇଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବଲ୍। ଏଜବାଷ୍ଟନରେ ଅନୁଷ୍ଠିତ ମୁକାବିଲାରେ ଲଜ୍ଜାଜନକ ପରାଜୟ ପରେ ତଳକୁ ଖସିଛି ଭାରତ। ପୂର୍ବତନ ଅଧିନାୟକ ଜୋ ରୁଟ୍ ଏବଂ ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ ବଳରେ ଭାରତକୁ ୭ ଉଇକେଟରେ ପରାସ୍ତ କରିଥିଲା ଇଂଲଣ୍ଡ। ଏହି ପରାଜୟ ପରେ ଭାରତର ବିଜୟ ଓ ପଏଣ୍ଟ ପ୍ରତିଶତ ୫୨.୦୮କୁ ଖସି ଆସିଥିବା ବେଳେ ଦଳ ଚତୁର୍ଥ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ପ୍ରଥମ ଦୁଇ ସ୍ଥାନ ବଜାୟ ରଖିଥିବା ବେଳେ ଡବ୍ଲ୍ୟୁଟିସି ଫାଇନାଲ ଦୌଡରେ ସବୁଠାରୁ ଆଗୁଆ ରହିଛନ୍ତି। ଧୀମା ଓଭର ହାର ପାଇଁ ଭାରତକୁ ଦୁଇ ପଏଣ୍ଟର ଫାଇନ୍ ହୋଇଥିବା ବେଳେ ଭାରତ ପାକିସ୍ତାନ ପଛକୁ ଖସି ଯାଇଛି। ଚଳିତ ସିଜିନରେ ଭାରତ ୧୨ଟି ଟେଷ୍ଟ ଖେଳିଥିବା ବେଳେ ହାସଲ କରିଛି ୪ଟି ପରାଜୟ, ୬ଟି ବିଜୟ ଏବଂ ଦୁଇଟି ମୁକାବିଲା ଡ୍ରରେ ଶେଷ ହୋଇଛି। ତେବେ ରାହୁଲ ଦ୍ରାବିଡଙ୍କ ଅଧୀନରେ ବିଦେଶ ମାଟିରେ ଦଳ କ୍ରମାଗତ ତୃତୀୟ ପରାଜୟ ହାସଲ କରିବା ଚିନ୍ତାର ବିଷୟ ପାଲଟିଛି। ଡବ୍ଲ୍ୟୁଟିସି ର୍‍ୟାଙ୍କିଂରେ ପାକିସ୍ତାନ ଉପରକୁ ରହିଥିଲେ ହେଁ ଭାରତର ପଏଣ୍ଟକୁ ଦେଖିଲେ ଦଳ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଟିକେଟ ମିସ୍ କରିବାକୁ ଯାଉଛି। ଅନ୍ୟପକ୍ଷରେ ଚମତ୍କାର ବିଜୟ ହାସଲ କରିଥିବା ଇଂଲଣ୍ଡ ଘରୋଇ ମାଟିରେ କ୍ରମାଗତ ୪ ମ୍ୟାଚରେ ବିଜୟୀ ହୋଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ନାଚୁଣି ସେବା ସମବାୟ ସମିତି: ତ୍ରିନାଥ ମୁଦୁଲି ସଭାପତି

**ବାଣପୁର,୫।୭(ଡି.ଏନ୍.ଏ.):** ବାଣପୁର ବ୍ଲକ ଅନ୍ତର୍ଗତ ନାଚୁଣୀ ସେବା ସମବାୟ ସମିତିର ଅଧକ୍ଷ ଭାବେ ଭାଜପା ସମର୍ଥିତ ପ୍ରାର୍ଥୀ ତ୍ରିନାଥ ମୁଦୁଲି ୪ଟି ଭୋଟରେ ବିଜୟୀ ହୋଇଛନ୍ତି। ୧୨ଜଣ ସଦସ୍ୟଙ୍କ ମଧ୍ୟରୁ ମୁଦୁଲି ୮ଖଣ୍ଡ ଭୋଟ୍ ପାଇଥିବା ବେଳେ ପ୍ରତିପକ୍ଷ ପ୍ରାର୍ଥୀ ୪ଖଣ୍ଡ ଭୋଟ୍ ପାଇଥିଲେ। ଅମୃତ କୁମାର ବେହେରା ନିର୍ବାଚନ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଦୁଲିଙ୍କୁ ନାଚୁଣି ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ନିରାକାରପୁର,୫।୭(ଡି.ଏନ୍.ଏ.):** ଜଙ୍କିଆ ଥାନା ଅଧିକାରୀ ଭାବେ ଅନିତା ସାହୁ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ଥାନାଧିକାରୀ ଦିଗ୍‌ବିଜୟ ବିଶ୍ୱାଳଙ୍କ ଟାଙ୍ଗୀ ଥାନାକୁ ବଦଳି ହୋଇଛି। ବିଶ୍ୱାଳଙ୍କ ଠାରୁ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏନେଇ ଥାନା ଅଧିକାରୀ ସାହୁ କୁହନ୍ତି, ଲଘୁ ଖଣିଜ ଚୋରାଚାଲଣ ରୋକିବା ସହ ଶାନ୍ତିଶୃଙ୍ଖଳା ଉପରେ ପ୍ରାଥମିକତା ରହିବ। ଅନ୍ୟପକ୍ଷରେ ବିଶ୍ୱାଳ ଟାଙ୍ଗୀ ଥାନାରେ ଯୋଗ ଦେଇଥିବା ଜଣାପଡିଛି।

### ସଭାପତି ହେଲେ ରୋଟାରିୟାନ ପଦାରବିନ୍ଦ

**ଜଟଣୀ,୫।୭(ଡି.ଏନ୍.ଏ.):** ଜଟଣୀ ରୋଟାରୀ କ୍ଲବର ସଭାପତି ଭାବେ ମନୋନୀତ ହୋଇଛନ୍ତି ରୋଟାରିୟାନ ପଦାରବିନ୍ଦ ସାହୁ। ଆସନ୍ତା ୨୦୨୩ ମସିହା ଜୁଲାଇ ପର୍ଯ୍ୟନ୍ତ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବେ। ସ୍ଥାନୀୟ ପୋଷ୍ଟ ଅଫିସ ଛକ ଠାରେଥିବା କ୍ଲବ ପରିସରରେ ଏକ କାର୍ଯ୍ୟକ୍ରମରେ ରୋଟାରୀୟାନ ସଭାପତି ରସିକ ପଟେଲଙ୍କ ଠାରୁ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମାଜର ବିକାଶରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହିତ ସମସ୍ତ ରୋଟାରିୟାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜଟଣୀ ନଗର ଏବଂ ଏହାର ପାଖାଆଖ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଏବଂ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

### ସାଗରଙ୍କୁ ସହାୟତା ପାଇଁ ପ୍ରତିଶ୍ରୁତି

**ନିରାକାରପୁର,୫।୭(ଡି.ଏନ୍.ଏ.):** ନିରାକାରପୁର ଥାନା ଅଧୀନ ତଇଲା ଗ୍ରାମର ସାଗର ତାଡ଼(୫୫) ଡାହାଣ ଗୋଡ଼ ହରାଇଥିଲେ ମଧ ଭାଙ୍ଗି ନ ପଡ଼ି ଅନ୍ୟ ଏକ ଗୋଡ଼ରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ପୁଅ ରୋଜଗାରକ୍ଷମ ହୋଇପାରିଲେ ଦୁଃଖ ଦୂର ହୁଅନ୍ତା ବୋଲି ସାଗର କହିଥିବା ନେଇ ମଙ୍ଗଳବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏନେଇ କେତେଜଣ ବଦାନ୍ୟ ବ୍ୟକ୍ତି ଫୋନ ମାଧମରେ ସାଗରଙ୍କ ପୁଅକୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସାଗରଙ୍କ ଗୋଡ଼ କିଭଳି ଲଗାଯିବ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ୧୦ ହଜାର ଚାରାରୋପଣ ଲକ୍ଷ୍ୟ

**ପୁରୁଣା ଭୁବନେଶ୍ୱର,୫।୭(ଡି.ଏନ୍.ଏ.):** ବନ ମହୋତ୍ସବ ସପ୍ତାହ ଅବସରରେ ଭୁବନେଶ୍ୱର ବ୍ଲକର ଇଟିପୁର, ଲିଙ୍ଗିପୁର, ଟିକରପଡ଼ା ପଞ୍ଚାୟତର ଶତାଧିକ ଯୁବକଙ୍କ ଆଞ୍ଚଳିକ ବିକାଶ ପରଷଦ ପକ୍ଷରୁ ଆରମ୍ଭ ହୋଇଛି ବନ ମହୋତ୍ସବ। ଜୟପୁର, ମେଳଣ ପଡ଼ିଆ, ଇନ୍ଦିରା ହାଉସିଂ କଲୋନୀ, ମ୍ୟୁନିସିପାଲିଟି ରୋଡ୍, ଇଟିପୁର ହାଇସ୍କୁଲ ପଡ଼ିଆ, ହସ୍ପିଟାଲ, ଆରଆଇ ଅଫିସରେ ବିଭିନ୍ନ କିସମର ଔଷଧୀୟ ଚାରାରୋପଣ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ସିଟି ଡିଏଫ୍‌ଓଙ୍କ ପକ୍ଷରୁ ଚାରା ଯୋଗାଇ ଦିଆଯାଉଛି। ବନ ମହୋତ୍ସବ ୭ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୦ହଜାର ଚାରାରୋପଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା ପରିଷଦର ସଭାପତି କହିଛନ୍ତି।

# ରାସ୍ତାରେ ଡ୍ରେନ୍ ପାଣି, ଆବର୍ଜନା

■ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ
■ ପଦାରେ ପଡ଼ିଲା କେଏମ୍‌ସିର ପ୍ରସ୍ତୁତି

**ଖୋର୍ଦ୍ଧା ଅଫିସ,୫।୭**

ମୌସୁମୀ ପୂର୍ବରୁ ସମସ୍ତ ସହରାଞ୍ଚଳରେ ଡ୍ରେନ ସଫା ସହ ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଇବା ପାଇଁ ରାଜ୍ୟ ଗୃହ ନିର୍ମାଣ ବିଭାଗ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ତେବେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ବର୍ଷା ଦିନକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଯାଇନାହିଁ। ମଙ୍ଗଳବାର ଲଘୁଚାପ ବର୍ଷାରେ ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ବୋହୁଥିବାବେଳେ ଆବର୍ଜନ ଭାସୁଥିବା ଦେଖିବାକୁ ମିଳିଛି।

ନିକଟରେ ଡ୍ରେନ ସଫା ଲାଗି ପୌର ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରଥମରୁ ଟେଣ୍ଡରରେ ଅନିୟମିତତା ନେଇ ଅଭିଯୋଗ ଉଠିଥିଲା। ତରବରିଆ ଭାବେ କମ୍ ସମୟରେ ୨୨ଟି ୱାର୍ଡର ଡ୍ରେନ ସଫା ଲାଗି ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଛି। ତେବେ ଠିକ୍ ଭାବେ ଡ୍ରେନ ସଫା ହୋଇପାରିନାହିଁ। କେବଳ ମୁଖ୍ୟ ଡ୍ରେନକୁ ଛାଡ଼ି ଦେଲେ, ସହରର ଗଳିକନ୍ଦିରେ



ରାସ୍ତାରେ ଜମିଥିବା ଡ୍ରେନ୍ ପାଣି।

ଡ୍ରେନରୁ ମାଟି ଉଠାଯାଇନାହିଁ। ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ପୁରୁଣା ଦମକଳ ଛକଠାରେ ଡ୍ରେନ କାମ ସରିଛି। ଏହି ଡ୍ରେନକୁ ସଂଯୋଗ କରୁଥିବା ଅନ୍ୟ ସାହିର ଡ୍ରେନ ସଫା କରାଯାଇନାହିଁ। ଫଳରେ ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସୁଛି। ଦମକଳ ଛକ ସମ୍ମୁଖ ରାସ୍ତାରୁ ବରୁଣେଇ ସାହିକୁ ସଂଯୋଗ କରୁଥିବା ରାସ୍ତା, ଗୋପିନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହିରୁ ନିଷ୍କାସନ ହେଉଥିବା ଡ୍ରେନ ପୁରୁଣା ଦମକଳ ଛକ ଡ୍ରେନରେ ମିଶୁଛି। ସେହିଭଳି ସାମନ୍ତରାପୁର ଛକ ଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭାବନ ପଛପଟ ପ୍ରଭୃତି ସାହିର ଡ୍ରେନ ପୁରୁଣା ଦମକଳ ଛକ ନାଳକୁ ସଂଯୋଗ କରୁଛି। ଏହି ଡ୍ରେନଗୁଡିକ ସଫା ଲାଗି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଧରି ଡ୍ରେନଗୁଡିକ ପୋତି ହୋଇପଡିଥିବା ବେଳେ ଆବର୍ଜନା ଜମି ରହି ପଚି ଶଢି ଦୁର୍ଗନ୍ଧ ହେଉଛି। ଖୋର୍ଦ୍ଧା ସହରର ସମସ୍ତ ଡ୍ରେନ୍‌ର ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏ ନେଇ ଯୁବ ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ କହିଛନ୍ତି, ପ୍ରଶାସନର ଅବହେଳା ଯୋଗୁ ଏଭଳି ସ୍ଥିତି ଉପୁଜିଛି। କଂଗ୍ରେସ ନେତା ଶିଶିର ପରିଡା କହିଛନ୍ତି, ପୂର୍ବରୁ ଦମକଳ ଛକରେ ଡ୍ରେନ ନିର୍ମାଣ ଯୋଗୁ ଏହାକୁ ସଂଯୋଗ କରୁଥିବା ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସିଲା। ଆଶା ଥିଲା ମୌସୁମୀ ପ୍ରବେଶ ପୂର୍ବରୁ ପ୍ରଶାସନ ଚେତା ପଶିବ। ମାତ୍ର କୌଣସି ବ୍ୟବସ୍ଥା ନ ହେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି, ଏକାଧିକ ଡ୍ରେନ ମରାମତି ଓ ସଫା କରାଯାଇନାହିଁ। ତେଣୁ ଆଗକୁ ବର୍ଷାରେ ସହର ଅବସ୍ଥା ସଙ୍ଗିନ ହେବ। ସେହିପରି ସାମାଜିକ କର୍ମୀ ଗୋପାଳକୃଷ୍ଣ ଦାସ କହିଛନ୍ତି, ଏହି ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଛି। କେବଳ ବର୍ଷା ଦିନ ଆସିଲେ ଲୋକେ ଦେଖାଣିଆ ଭାବେ ସଫା କରି ଛାଡି ଦିଆଯାଉଛି। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ଏନେଇ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ବର୍ଷା ଦିନ ପୂର୍ବରୁ ଡ୍ରେନ ସଫା କରିବା ଲାଗି ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସହରର ମୁଖ୍ୟ ଡ୍ରେନ ସଫା କରାଯାଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ପୌର ପ୍ରଶାସନ ପକ୍ଷରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ପ୍ରଚେଷ୍ଟା ଜାରି ରହିଛି।

## ସମ୍ଭାବନାର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ସମ୍ଭାବନା ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଓ ଅନୁଷ୍ଠାନର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଅତିଥିଙ୍କ ମଧ୍ୟରେ ହାଉସିଂ ବୋର୍ଡର ପୂର୍ବତନ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂଭାବନାର କାର୍ଯ୍ୟକାରୀ ଅଧକ୍ଷ ସୁଦର୍ଶନ ଦାସ, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା, ୨୦୨୧ ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ରଙ୍କ ନେତୃତ୍ୱରେ ସଂଭାବନା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପାଇଁ ଚଳାଇଥିବା ଉଦ୍ୟମ ଓ ପ୍ରଚେଷ୍ଟା ଅଭିନନ୍ଦନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କହିଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଭ୍ୟ ଡ. ପ୍ରେମ ପ୍ରକାଶ ସିଂ, ସତ୍ୟବ୍ରତ ମହାପାତ୍ର, ଛନ୍ଦା ମିଶ୍ର, ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ବେଗୁନିଆ:** କୋଲୁହାପାଟଣା ଗ୍ରାମର ନୂତନ ତାରିଣୀ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ବାହାରିଥିବା କଳସ ଶୋଭାଯାତ୍ରା।

## ଦେଶୀ ମଦ ସହ କାର୍ ଜବତ

**ବାଣପୁର,୫।୭(ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ଘାଷେଡ଼ିହ ଅଞ୍ଚଳରେ ପୋଲିସ ଚଢ଼ାଉ କରି ୩୦୦ଲିଟର ଦେଶୀ ମଦ ସହ ଏକ କାର୍ ଜବତ କରିଛି। ତେବେ ଘଟଣାସ୍ଥଳରୁ କାର୍ ଚାଳକ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ସୋମବାର ରାତିରେ ଏକ କାର୍ (ଓଆର୍ ୦୫ ଏଆର୍ ୭୦୫୫) ରେ ଦେଶୀମଦ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ବାଣପୁର ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଗମ୍ଭାରୀମୁଣ୍ଡା ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରିବା ସହ ଉକ୍ତ ଗାଡ଼ିର ପିଛା କରିଥଲେ। ପୋଲିସ ଗାଡ଼ିର ପିଛା କରୁଥିବା ଜାଣିପାରି ଚାଳକ ଜଣଙ୍କ ଘାଷେଡିହ ଗ୍ରାମ ନିକଟରେ କାରକୁ ଛାଡି ପଳାଇଥିଲେ। ପରେ ପୋଲିସ କାରରୁ ୩୦୦ଲିଟର ଦେଶୀମଦ ଜବତ କରିଥିଲା। ଏନେଇ ବାଣପୁର ପୋଲିସ ଏକ ମାମଲା (ନଂ.୨୬୨/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ରଥକାଠ ଭାଙ୍ଗିଲେ ମହାଲକ୍ଷ୍ମୀ

ହେରାପଞ୍ଚମୀ ନୀତି ସମ୍ପନ୍ନ

**ଖୋର୍ଦ୍ଧା ଅଫିସ,୫।୭**

ମହାପ୍ରଭୁ ଶ୍ରୀଅନନ୍ତ ପୁରୁଷୋତ୍ତମ ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ରୁକୁଣା ଏକାଦଶୀ ତିଥିରେ ମହାଲକ୍ଷ୍ମୀଙ୍କ ସହ ବିବାହୋତ୍ସବ ପରେ ଦେବସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ଉପଚାରରେ ସୁସ୍ଥ ହେବା ପରେ ମହାଲକ୍ଷ୍ମୀଙ୍କୁ ନ ଜଣାଇ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ଘରେ ଅବସ୍ଥାନ କରିଛନ୍ତି। ସେଠାରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଛି। ଏନେଇ ଅଭିମାନ କରିଛନ୍ତି ମହାଲକ୍ଷ୍ମୀ। ବିରହ ବେଦନା ସହି ନ ପାରି ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ମହାଲକ୍ଷ୍ମୀ ବିମାନରେ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ନବଶୁମ୍ଭୀ ଅଧରମାଳ, ବନ୍ଦାପନା ନୀତି ପରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ପବିତ୍ର ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ନୀତି ଚାଲିଥିବାରୁ ଦ୍ୱାର ପଡିଥିଲା। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଅଭିମାନ କରି ବାହୁଡିବା ବେଳେ ରଥର କିଛି ଅଂଶ ଭାଙ୍ଗି ମନ୍ଦିରକୁ ବାହୁଡି ଥିଲେ। ଏନେଇ ମନ୍ଦିରର ମୁଖ୍ୟପୂଜକ କମଳଲୋଚନ ମହାରାଜ କୁହନ୍ତି, ଘୋଷଯାତ୍ରା ସମୟରେ ହେରାପଞ୍ଚମୀ ଏକ ଭବ୍ୟ ପରମ୍ପରା। ଗୁଣ୍ଡିଚାରୁ ବାହୁଡା ଯାତ୍ରା ପରେ ନୀଳାଦ୍ରି ବିଜେ ଦିନ ମନ୍ଦିରରେ ପୁଣି ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ଭେଟ ହେବ। ଶ୍ରୀଜୀଉଙ୍କ ଲୀଳା ଅନନ୍ୟ।

# ଶ୍ରାବଣୀ ଜଳଲାଗି ପ୍ରସ୍ତୁତି ବୈଠକ

ଶ୍ରୀଲିଙ୍ଗରାଜ ମନ୍ଦିର
■ମାସ୍କ ପରିଧାନ ବାଧତାମୂଳକ

**ପୁରୁଣା ଭୁବନେଶ୍ୱର, ୫।୭(ଡି.ଏନ୍.ଏ.)**

ଆସନ୍ତା ୧୮ତାରିଖ ଶ୍ରାବଣ ମାସ ପ୍ରଥମ ସୋମବାର। କୋଭିଡ୍ ପାଇଁ ଦୁଇ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳଲାଗି ବନ୍ଦ ରହିଥିଲା। ତେବେ ଚଳିତବର୍ଷ କୋଭିଡ୍ କଟକଣାରେ କାଉଡ଼ିଆମାନେ ଏକାମ୍ର କ୍ଷେତ୍ରରେ ଜଳଲାଗି କରିବା ନେଇ ମନ୍ଦିର ପ୍ରଶାସନ ଓ ବିଏମ୍‌ସି ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏନେଇ ମଙ୍ଗଳବାର ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଶ୍ରାବଣୀ ଜଳଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବା ସହ ମାସ୍କ ପରିଧାନ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ପାଇଁ ବାଧତାମୂଳକ ରହିଛି। ପୂର୍ବ ବର୍ଷମାନଙ୍କ ପରି ୧୦ଟଙ୍କା ଟିକେଟ କାଟି କାଉଡ଼ିଆମାନେ ଜଳଲାଗି କରିପାରିବେ। ଗଙ୍ଗାଯମୁନା ମନ୍ଦିରଠାରୁ ବ୍ୟାରିକେଡ୍ ଦେଇ କାଉଡ଼ିଆମାନେ ମୁଖଶାଳା ଦେଇ ମନ୍ଦିର ପ୍ରବେଶ କରିବେ। ତେବେ ଗର୍ଭଗୃହରେ ଜଳଲାଗି କରିବା ନିଷେଧ ରହିଛି। ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତ ହୋଇଥିବା କୋନ୍ ଆକାର କୁଣ୍ଡରେ ଜଳଲାଗି କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡିଆମାନେ ଚାରିଟି ସୋମବାର ୧୮, ୨୫, ୧ ଓ ୮ ତାରିଖରେ ଜଳଲାଗି କରିପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୋନ-୨ ଏସିପି ଅନିରୁଦ୍ଧ ରାଉତରାୟ, ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ଅଞ୍ଚଳ ବଡୁ, ସତ୍ୟନାରାୟଣ ବଡୁ, ମନ୍ଦିର ଜ୍ୟୋତିଷ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳହସ୍ତୀ ଶାବକ ଜନ୍ମ

**ବାରଙ୍ଗ, ୫।୭ (ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୨ନମ୍ବର ଏନକ୍ଲୋଜରରେ ଥିବା ଜଳହସ୍ତି ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ପରେ ଜଳହସ୍ତୀ ସଂଖ୍ୟା ବୃଦ୍ଧି ପାଇ ୧୨ ରେ ପହଞ୍ଚିଛି। ସେଥିମଧ୍ୟରେ ୬ ମାଈ, ୫ଟି ଅଣ୍ଡିରା ଓ ଗୋଟିଏ ଲିଙ୍ଗ ନିରୂପଣ ହୋଇ ନ ଥିବା ଉପନିର୍ଦ୍ଦେଶକ ସଞ୍ଜିତ୍ କୁମାର କହିଛନ୍ତି।



**ନିରାକାରପୁର:** ଜଙ୍କିଆ ଥାନା ଅଧୀନ ଛଣଗିରି ମୁଖ୍ୟ ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

## 'ନିଶା କୁ ନା' ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୫।୭**

ନିଶା ପରିବାରର ସୁଖଶାନ୍ତିକୁ ନଷ୍ଟ କରିବା ସହ ସମାଜରେ କଳୁଷିତ ବାତାବରଣ ସୃଷ୍ଟି କରିଥାଏ। ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ନିଶା ଠାରୁ ଦୂରେଇ ରହିବା ଆବଶ୍ୟକ। ନିଶା ଜନିତ ସମସ୍ୟା ସବୁଠାରୁ ବଡ଼ ଆହ୍ୱାନ ରୂପେ ଦେଖାଦେଇଛି ବୋଲି ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ଛତ୍ରମା ଓ ମହତପଲା ଗ୍ରାମ ଠାରେ ଆୟୋଜିତ 'ନିଶା କୁ ନା' ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ରାମଶଙ୍କର କହିଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ, ନନ୍ଦପୁର ସରପଞ୍ଚ ବିପ୍ଳବ ବଳିୟାରସିଂହ, ଟାପଙ୍ଗ ସରପଞ୍ଚ ପ୍ରଭାତ କୁମାର ବ୍ରହ୍ମା, ନାଏବ ସରପଚ ସୂର୍ଯ୍ୟକାନ୍ତି ସୁନ୍ଦରାୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୀତା ଦେଈ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଣ୍ଡଳଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ମାମୀ ରଣସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଖୋର୍ଦ୍ଧା:** ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ 'ନିଶାକୁ ନା' ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ।

# ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଚିଲିକା

**ଖୋର୍ଦ୍ଧା ଅଫିସ,୫।୭**

ନୀଳାମ୍ବୁ ଚିଲିକା ହେଉଛି ମହାପ୍ରଭୁଙ୍କର ଅନ୍ୟତମ ଲୀଳାକ୍ଷେତ୍ର। ମହାପ୍ରଭୁ ୫ଥର ଚିଲିକା ମଧ୍ୟକୁ ଓ ୩ଥର ଚିଲିକା ବକ୍ଷ ଦେଇ ଅନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୧୬୧୧ରେ କଲ୍ୟାଣ ମଲ୍ଲଙ୍କ ପ୍ରଥମ ଆକ୍ରମଣ ସମୟରେ ମହାପ୍ରଭୁଙ୍କୁ ମହିଷା ବ୍ରହ୍ମପୁରକୁ ନିଆଯାଇଥିଲା। ସେତେବେଳେ ଗଜପତି ଥିଲେ ଶ୍ରୀପୁରୁଷୋତ୍ତମ ଦେବ। ମାଦଳା ପାଞ୍ଜି ବର୍ଣ୍ଣିତ ମହିଷା ଶବ୍ଦ ଠିକ୍ ମନେହୁଏ। କାରଣ ପ୍ରଥମେ ଏହି ସ୍ଥାନର ନାମ ମହିଷା ଥିଲା। ଏହାର ସ୍ଥଳଭାଗର ଦକ୍ଷିଣ ପାର୍ଶ୍ୱ ନାସୀକୁ ଅର୍ଥାତ ଶେଷଭାଗକୁ ମହାପ୍ରଭୁ ବିଜେ କରିଥିଲେ। ଉକ୍ତ ନାସୀର ଶେଷଭାଗରେ ଚିଲିକାର ଜଳଭାଗ ରହିଛି। ଏହାର ଅପର ପଟେ ରାଜହଂସ ଜଙ୍ଗଲର ପଶ୍ଚିମ ପାର୍ଶ୍ୱ ଅବସ୍ଥିତ। ଏଠାରେ ଦାରୁବ୍ରହ୍ମ ଗୁପ୍ତରେ ବିଜେ କରିଥିବାରୁ ଏହି ସ୍ଥାନକୁ ବ୍ରହ୍ମପୁର (ବ୍ରହ୍ମ ରହିଥିବା ପୁର) ବୋଲି କୁହାଯାଏ। ଅଦ୍ୟାବଧି ପ୍ରାୟ ୪ଶହ ବର୍ଷ ପରେ ମଧ ସେହି ଅଞ୍ଚଳ ବ୍ରହ୍ମପୁର ବା ବରହମ୍‌ପୁର ନାମରେ ପରିଚିତ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି।

ଡ. ମିଶ୍ର ଆହୁରି କହିଛନ୍ତି ଯେ, ବରହମ୍‌ପୁର ନାମରେ ଏକ ସ୍ୱତନ୍ତ୍ର ଜନବସତି ଗଢ଼ିଉଠିଛି। ବରହମ୍‌ପୁରଠାରୁ ଉତ୍ତରଦିଗକୁ ସ୍ଥଳଭାଗରେ ୩କିମି ଗଲେ ମହିଷା ଗ୍ରାମ ପଡ଼େ। କାଳକ୍ରମେ ମହିଷାନାସୀ ନାମ ଚକାନାସୀ ଭାବେ ପରିଚିତ ହୋଇଛି। ଶ୍ରୀବିଗ୍ରହମାନେ ଚକା ଉପରେ ବିଜେ କରିଥିବାରୁ ତାହା ଚକାନାସୀ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ସ୍ଥାନ ବରହମପୁର ଜନବସତିଠାରୁ ଦକ୍ଷିଣ ଦିଗରେ ୨କିମି ପରେ ପଡ଼େ। ଚକାନାସୀ ପରବର୍ତ୍ତୀ ସମୟରେ ଖଡିନାସୀ ଭାବେ ପରିଚୟ ପାଇଛି। ୧୬୧୧ ଜୁନଠାରୁ ୧୬୧୨ ମେ ପର୍ଯ୍ୟନ୍ତ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନେ ଏଠାରେ ଗୁପ୍ତରେ ଲୀଳା କରିଥିଲେ। କଲ୍ୟାଣ ମଲ୍ଲଙ୍କ ଦ୍ୱିତୀୟ ଥର ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚିଲିକାର ଗୁରୁବାଇ ଦ୍ୱୀପ ସାମ୍ନାରେ ଟାପରେ ବିଜେ କରାଯାଇଥିଲା। ସେତେବେଳେ ଚକାନାସୀରୁ ସିପିନାସୀକୁ ସ୍ଥଳଭାଗରେ ଶ୍ରୀବିଗ୍ରହମାନଙ୍କୁ ନିଆଯାଇଥିବା ଜନଶ୍ରୁତି ରହିଛି। ଲୋକକଥା ଅନୁଯାୟୀ, 'ଚକାନାସୀରୁ ସିପିନାସୀ ଦିଅଁ ପଳାଇଲେ ରଥରେ ବସି'। ଚକାନାସୀଠାରେ ମୁଗୁନି ପଥରରେ ୩ଟି ଚକ ରହିଥିଲା। ବର୍ତ୍ତମାନ ସେଠାରେ ବିଭାଜିତ ୩ଟି ପ୍ରସ୍ତର ମଧ୍ୟରୁ ମଝି ବଡ଼ ପ୍ରସ୍ତର ଧାରରେ ନବଗ୍ରହଙ୍କ ବିଗ୍ରହ ଖୋଦିତ ହୋଇଛି। ନିକଟସ୍ଥ ଘଞ୍ଚ କଣ୍ଟାବୁଦା ମଧ୍ୟରେ ଶ୍ରୀବିଗ୍ରହମାନେ ବିଜେ କରିଥିବା ଚକା ୩ଟି ବାଲିରେ ପୋତି ହୋଇପଡ଼ିଥିବା ସ୍ଥାନୀୟ ବାସିନ୍ଦା କହନ୍ତି। ସେହିପରି ଚକାନାସୀର ପୂର୍ବ ଦିଗରେ ଚଉବର ସାଧୁଙ୍କ ଆଶ୍ରମ ଥିଲା। ମହାପ୍ରଭୁ ଚକାନାସୀରେ ଥିବାବେଳେ ଚଉବର ସ୍ୱାମୀ ପ୍ରତିଦିନ ଜଳପଥରେ ଆସି ତାଙ୍କ ଦର୍ଶନ କରୁଥିବା ଜଣାଯାଏ। ମହାପ୍ରଭୁଙ୍କ ଉପାସନାରେ ସହାୟତା ପାଇଁ ଅନେକ କମା ବ୍ରାହ୍ମଣ ଭକ୍ତ ନାସୀରେ ରହୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳ ଖନନ ବେଳେ ମାଟିର ଅଂଶବିଶେଷ, ଖପରା, କଉଡ଼ି, ଭଙ୍ଗାମାଠିଆ ସମେତ ସୁନା ମୋହରଟିଏ ମିଳିଥିଲା। ମହାପ୍ରଭୁଙ୍କୁ ଏଠାରେ ଅନ୍ନଭୋଗ ଲାଗି ହେଉଥିଲା ବୋଲି ଏଥିରୁ ପ୍ରମାଣିତ ହୁଏ। ମହାପ୍ରଭୁ ଏଠାରୁ ପ୍ରସ୍ଥାନ କରିବା ପରେ ମହିଷାସ୍ଥିତ ସର୍ବେଶ୍ୱର ମହାଦେବଙ୍କ ମନ୍ଦିରରେ ଶ୍ରୀବିଷ୍ଣୁଙ୍କ ବିଗ୍ରହ ପୂଜିତ ହେଉଛନ୍ତି।



## ଦିବଂଗତ ଛାତ୍ରୀ ରୁଚିକାଙ୍କୁ ଶ୍ରଦ୍ଧାଞ୍ଜଳି

ଆଠଗଡ଼,(ସ୍ୱ.ପ୍ର.): ବିଜେବି ମହାବିଦ୍ୟାଳୟର ଦିବଂଗତା ଛାତ୍ରୀ ରୁଚିକା ମହାନ୍ତିଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ମାଉସୀ ମା' ମନ୍ଦିର ପରିସରରେ ସାମୂହିକ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି। ଭାଜପାର ଏନ୍‌ଏସି ଅଧକ୍ଷା ପାର୍ଥିନୀ ଇଲା ପଣ୍ଡାଙ୍କ ନେତୃତ୍ୱରେ ହେମନ୍ତ ମହାନ୍ତି, ବିଚିତ୍ରାନନ୍ଦ ଜେନା, ତପନ ଲେଙ୍କା, ମିଥୁନ ମଲ୍ଲିକ ପ୍ରମୁଖ ସେଠାରେ ଯୋଗଦେଇଥିଲେ। ସେହିପରି ଯୁବନେତା ଅଭୟ ବାରିକଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଆଠଗଡ଼ ଜଗନ୍ନାଥ ମନ୍ଦିରଠାରୁ ସହର ପରିକ୍ରମା କରିଥିଲେ। ଏଥିରେ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋତା ହେଲା ୧୦ ଫୁଟର ଗର୍ତ୍ତ



କଟକ ଅଫିସ,୫।୭- କଟକ ମହାନଗର ନିଗମ(ସିଏମ୍‌ସି)ର ୧୮ନଂ. ୱାର୍ଡ ଅଧୀନ ଗୌରୀଶଙ୍କର ପାର୍କ ମୁଖ୍ୟ ରାସ୍ତାରେ ୧୦ ଫୁଟର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏ ସମ୍ପର୍କିତ ଫଟୋ ସୋଶିଆଲ ମିଡିଆରୁ ଦେଖିବା ପରେ ସିଏମ୍‌ସି ମେୟର ସୁବାସ ସିଂ ମଙ୍ଗଳବାର ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ସେଠାରେ ଜାଇକା ଓ ସିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଗର୍ତ୍ତ ପୋତିବାକୁ କହିଥିଲେ। ମାତ୍ର ୨ ଘଣ୍ଟା ମଧ୍ୟରେ ଏହି ଗର୍ତ୍ତ ପୋତାଯାଇଥିଲା। ମେୟରଙ୍କ ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଅହମଦ ଇଫତକର ଆଲାମ, ଦେବେନ୍ଦ୍ର ପାଣିଗ୍ରାହୀ ଓ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୱାର୍ଡ ସମସ୍ୟା ସମାଧାନ ପାଇଁ ବୈଠକ

**କଟକ ଅଫିସ,୫।୭:** କଟକ ସଦର ଅଞ୍ଚଳରେ ଥିବା ୬ଟି ୱାର୍ଡର ସମସ୍ୟା ସମାଧାନ ପାଇଁ ମଙ୍ଗଳବାର କଟକ ବିଜୁ ଭବନ ପରିସରରେ ସିଏମ୍‌ସି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସିଏମ୍‌ସି ମେୟର ସୁବାସ ସିଂ, ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ଉପସ୍ଥିତ ଥିଲେ। କଟକ ସଦର ଅଞ୍ଚଳର ୫୦, ୫୧, ୫୬, ୫୭, ୫୮, ୫୯ ନମ୍ବର ୱାର୍ଡରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଏପରି କି କୌଣସି କାର୍ଯ୍ୟ ସମ୍ପର୍କରେ ସିଏମ୍‌ସି ପକ୍ଷରୁ ତାଙ୍କୁ ଅବଗତ କରାଯାଉ ନଥିବା ବିଧାୟକ କହିଥିଲେ। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ଉପରୋକ୍ତ ୱାର୍ଡର ସମସ୍ୟା ସମ୍ପର୍କରେ ମେୟର ଓ କମିଶନରଙ୍କ ସହିତ ଆଲୋଚନା କରିଥିଲେ। ମେୟର ଓ କମିଶନର ଉକ୍ତ ଅଞ୍ଚଳ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ ହେବେ। ଏହାପରେ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ମାହାଙ୍ଗା,୫।୭(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଗ୍ରାମର ମହାବୀର ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଳାଶୁଣୀ ଟ୍ରଷ୍ଟର ପୂର୍ବତନ ସଭାପତି ମହେନ୍ଦ୍ର ସିଂ(୭୩)ଙ୍କ ସୋମବାର ରାତିରେ ବାସଗୃହରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ, ମେଳାପୀ, ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ କ୍ଷିତୀଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ପୂର୍ବତନ ବ୍ଲକ ଅଧକ୍ଷ କିଶୋର ସିଂ, ସାମାଜିକ କର୍ମୀ କୃପାସିନ୍ଧୁ ସିଂ, ସମିତିସଭ୍ୟ ଧ୍ରୁବାନନ୍ଦ ସାମଲ, ପ୍ରାଧାପକ କୁମୁଦ ସିଂ, ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ଅକ୍ଷୟ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ନାୟକ, ଖବରଦାତା ଭକ୍ତଚରଣ ସାହୁ, ଡ. ଭୁବନାନନ୍ଦ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଗାଁରେ ଟେଲିକମ୍ ସେବା ନିଶ୍ଚିତ କରିବାକୁ ଗୁରୁତ୍ୱ

**ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ**

- ପିଏମ୍‌ଏୱାଇରେ ପ୍ରକୃତ ହିତାଧିକାରୀ ସୁଫଳ ପାଇବାକୁ ଦୃଷ୍ଟି ଦିଅ
- କଟକକୁ ଡିଜିଟାଲ ଜିଲାରେ ପରିଣତ ନିମନ୍ତେ କାର୍ଯ୍ୟ କର
- ୨୯୧୪ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ନିରୂପଣ




ଦିଶା ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୫।୭**

ଜିଲା ପ୍ରଶାସନ ପକ୍ଷରୁ ଷଷ୍ଠ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଅଧକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ ଅଧକ୍ଷତା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପ୍ରକୃତ ହିତାଧିକାରୀମାନେ ସୁଫଳ ପାଇବା ଦିଗରେ ଦୃଷ୍ଟି ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଜିଲାର ଗ୍ରାମଗୁଡିକରେ ଇଣ୍ଟରନେଟ୍ ଓ ଟେଲିକମ୍ ସେବା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ କଟକକୁ ଡିଜିଟାଲ ଜିଲାରେ ପରିଣତ କରିବା ପାଇଁ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଇଣ୍ଟରନେଟ୍ ଓ ଟେଲିକମ୍ ସେବା ଉପଲବ୍ଧ କରାଇବା ସହ ଅଗ୍ରାଧିକାର ଭିତ୍ତିରେ ଧବଳେଶ୍ୱର ନିକଟସ୍ଥ ଅଞ୍ଚଳରେ ଏହି ସେବାକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରି ସେମାନଙ୍କୁ ଭତ୍ତା ଏବଂ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ରାଶି ପ୍ରଦାନ ଦିଗରେ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲାରେ ଚାରାରୋପଣ କାର୍ଯ୍ୟକ୍ରମ, ଫସଲ ବୀମା ଯୋଜନା, ଅଙ୍ଗନୱାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ସମଗ୍ର ଜିଲାରେ ୩୩୦୨ଟି ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା ପାଇଁ ଅନୁମୋଦନ ମିଳିଛି। ସେଥିମଧ୍ୟରୁ ୨୯୧୪ କେନ୍ଦ୍ର ନିର୍ମାଣ ପାଇଁ ଅଦ୍ୟାବଧି ଜାଗା ନିରୂପଣ ସରିଛି। ଅବଶିଷ୍ଟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ନିରୂପଣ ଚଳିତ ମାସ ଶେଷ ସୁଦ୍ଧା ସାରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।




ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ପ୍ରଦାନ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଆଣ୍ଟି ରାଗିଂ ସେଲ୍ ଗଠନ ଦାବିରେ ବିକ୍ଷୋଭ

**କଟକ ଅଫିସ, ୫।୭**

ଆତ୍ମହତ୍ୟା କରିଥିବା ବିଜେବି ସ୍ୱୟଂଶାସିତ କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପ୍ରଦାନ ସହ ସ୍ୱତନ୍ତ୍ର ଆଣ୍ଟି ରାଗିଂ ସେଲ୍ ଗଠନ ଦାବିରେ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ଉଲ୍ଲେଖ ରହିଛି, ସିନିୟରମାନଙ୍କ ଦ୍ୱାରା ରାଗିଂର ଶିକାର ହୋଇ ରୁଚିକା ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଛାତ୍ର ସମାଜ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ରାଜ୍ୟର ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଆଣ୍ଟି ରାଗିଂ ସେଲ୍ ଗଠନ କରାଯାଉ। ଏଥିପାଇଁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଛାତ୍ରସମାଜ ଓଡ଼ିଶା ପକ୍ଷରୁ ଦିପକ କୁମାର ଗୁରୁ, ଲକିକେତନ ପାତ୍ର, ସଞ୍ଜୀବ କୁମାର ସାହୁ, ହୃଷୀକେଶ ଦାଶ, ଆଶିଷ ନାୟକ, ପ୍ରକାଶ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଶିକ୍ଷାଦାନକୁ ଅଧିକ ଶାଣିତ କରିବାକୁ ଆହ୍ୱାନ

**ତିଗିରିଆ,୫।୭(ଡି.ଏନ୍.ଏ.)**



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

**ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ**

ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଏକ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ସାମିଲ ହୋଇଛନ୍ତି। ତିଗିରିଆ ବ୍ଲକ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲା ସହକାରୀ ଡା. ସନ୍ତୋଷ କୁମାର ରାଉତ ଓ ଜିଲା ଶିକ୍ଷା ସଂଯୋଜିକା ସରିତା ଶତପଥୀ ଏଥିରେ ଯୋଗଦେଇଥିଲେ। ଶିକ୍ଷାଦାନକୁ କିଭଳି ଅଧିକ ଶାଣିତ କରାଯାଇ ପାରିବ ଏବଂ ବ୍ଲକ, ଜିଲା ତଥା ରାଜ୍ୟରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ସେନେଇ ଆଲୋଚନା କରାଯିବା ସହ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପିଲାମାନଙ୍କୁ ଲାଇବ୍ରେରୀରେ ପଢ଼ିବାପାଇଁ ଅଧିକ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସହ ଶିକ୍ଷାଧିକାରୀ ବଂଶୀଧର ନାଏକ, ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ କୁମାର ଗୋଛି, ପ୍ରଭାତ କୁମାର ପଣ୍ଡା, ଶଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ ପ୍ରମୁଖ ସାମିଲ ହୋଇଥିଲେ। ବାଙ୍କୀର ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ନରସିଂହପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୌମ୍ୟଶ୍ରୀ ପଣ୍ଡା ଏହାକୁ ପରିଚାଳନା କରିଥିଲେ। ତିଗିରିଆର ୫ ଓ ବଡମ୍ବା ବ୍ଲକର ୬ ଉଚ୍ଚ ବିଦ୍ୟାଳୟର ମୋଟ ୪୯ ଜଣ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଛନ୍ତି।

## ଡିଲର ଆସୋସିଏଶନ ତରଫରୁ ବିଡିଓଙ୍କୁ ସ୍ମାରକପତ୍ର

**ବାଙ୍କୀ,୫।୭(ସ୍ୱ.ପ୍ର)**

ସର୍ବଭାରତୀୟ ଡିଲର୍ସ ଫେଡେରେଶନର ନିଷ୍ପତ୍ତିକ୍ରମେ ବାଙ୍କୀ ବ୍ଲକର ଡିଲର ସଂଘ ପକ୍ଷରୁ ୮ ଦଫା ଦାବିରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବାଙ୍କୀ ବିଡିଓ ଯୋଗେଶ୍ୱର ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଗରିବ କଲ୍ୟାଣ ଯୋଜନା ବଣ୍ଟନ ବାବଦରେ ଆର୍ଥିକ ସହାୟତା, ଇ-ପୋଶ ମେଶିନର ବ୍ୟବହାରିକ ଖର୍ଚ୍ଚ ପ୍ରଦାନ, ବକେୟା ଅର୍ଥ ପ୍ରଦାନ ଆଦି ପ୍ରମୁଖ ରହିଛି। ଡିଲର ସଂଘ ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ନିକୁଞ୍ଜ ବିହାରୀ ସାହୁ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ଦୁର୍ଗାଚରଣ ପରିଡା, ଶ୍ରୀନିବାସ ପ୍ରଧାନ, ପାଣ୍ଡବ ପ୍ରଧାନ, ନାରାୟଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## 'ଶିଳ୍ପର ଉନ୍ନତି ପାଇଁ ମାର୍ଗ ପ୍ରସ୍ତୁତ ହେବ'

**ମଙ୍ଗୁଳି,୫।୭(ଡି.ଏନ୍.ଏ.)**

ଜଗତ୍‌ପୁର ଶିଳ୍ପାଞ୍ଚଳରେ ଏକ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିଳ୍ପ ସଂଘର ଅଧକ୍ଷ ଅବନୀ କାନୁନ୍‌ଗୋଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ସମ୍ମାନିତ ଅତିଥି ଭାବେ କଟକ ମେୟର ସୁବାସ ସିଂ ଓ ଚୌଦାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଶିଳ୍ପର ଉନ୍ନତି ସମ୍ପର୍କରେ ଉଦ୍ୟୋଗପତିଙ୍କ ସହ ଆଲୋଚନା କରିଥଲେ। ଏହି ଅବସରରେ ମୁଖ୍ୟ ଅତିଥି ଦେବ କହିଥିଲେ, ଶିଳ୍ପ ସଂସ୍ଥାର ଉନ୍ନତୀକରଣ ପାଇଁ ମାର୍ଗ ପ୍ରସ୍ତୁତ କରାଯିବ। ଆସନ୍ତା ୩୦ ତାରିଖ ମଧ୍ୟରେ ଶିଳ୍ପଗୁଡ଼ିକର ସମସ୍ୟାର ସମୀକ୍ଷା କରାଯିବା ପରେ ସମସ୍ତ ସଂଘର ଶିଳ୍ପପତିମାନଙ୍କ ସହ ସ୍ୱତନ୍ତ୍ର ଆଲୋଚନା ହେବ। ପରେ ଡିସେମ୍ବର ୧ ତାରିଖରେ ସୁଦ୍ଧା ସମସ୍ୟାର ସମାଧାନ କରାଯିବ। ଏହି ସଭାରେ ସଂଘ ସଭାପତି ରାଜେଶ କାନୁନ୍‌ଗୋ, ସାତ୍ତ୍ୱିକି ସ୍ୱାଇଁ, ବିରଞ୍ଚି ନାରାୟଣ ବିଶ୍ୱାଳ, ସୁବ୍ରତ ବଡୁ, ଅଜୟ ପଣ୍ଡା, ବନିତା ଦାସ, ସୁବ୍ରତ ଗରାବଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ବିନୋଦ ବୁଥ ଧନ୍ୟବାଦ ଦେଇଥିଲେ ।

## ଥାନା ଘେରାଉ ଘଟଣାରେ ୨୨ କୋର୍ଟ ଚାଲାଣ

**ବାଙ୍କୀ,୫।୭(ସ୍ୱ.ପ୍ର)**

ବାଙ୍କୀ ଥାନା ସମ୍ମୁଖରେ ଟାୟାର ଜାଳି ଗଣ୍ଡଗୋଳ ଓ ରାସ୍ତାରୋକୋ ଘଟଣାରେ ମଙ୍ଗଳବାର ଏନଏସି ଅନ୍ତର୍ଗତ ମନ୍ତ୍ରୀ ସାହିର ୨୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ ସେମାନଙ୍କ ଜାମିନ୍ ଆବେଦନ ଖାରଜ କରିବା ପରେ ସିନିୟର୍ ସିଭିଲ ଜଜ କୋର୍ଟରେ ହାଜର କରାଯାଇଥିଲା। ଏଠାରେ ୫ ଜଣ ମହିଳାଙ୍କୁ ବେଲ ମିଳିଥିବା ବେଳେ ଅନ୍ୟ ୧୭ ଅଭିଯୁକ୍ତଙ୍କୁ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି। ଏକ ମୋଟରସାଇକେଲ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଛୋଟ ଝିଅର ମୃତ୍ୟୁ ଘଟିଥିଲା। ଏହାପରେ ଧକ୍କା କରିଥିବା ଚାଳକଙ୍କୁ ବାଙ୍କୀ ପୋଲିସ ଗିରଫ କରି ଥାନାରେ ରଖିଥିଲା। ତାଙ୍କୁ ଅଭିଯୁକ୍ତମାନେ ଜବରଦସ୍ତି ଥାନାରୁ ନେଇଯିବାକୁ ଉଦ୍ୟମ କରିବା ସହ ରାସ୍ତା ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୪୧/୨୨) ରୁଜୁ କରାଯାଇଥିଲା। ଏହି ଘଟଣାରେ ବାଙ୍କୀ ପୋଲିସ ଖଜୁରି ପଦାର କେଶବ ବେହେରାଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ କୋର୍ଟରେ ହାଜର ହୋଇଥିଲେ।

## ଜିଲାପାଳଙ୍କୁ ଡକ୍ଟରେଟ୍ ଉପାଧି

**କଟକ ଅଫିସ, ୫।୭**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ବିଜିନେସ୍ ଆଡମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ ଡକ୍ଟରେଟ (ପିଏଚ୍.ଡି) ଉପାଧି ମିଳିଛି। ଚୟନୀ ଗବେଷଣା କରି ପ୍ରସ୍ତୁତ କରିଥିବା ସନ୍ଦର୍ଭ 'ରୋଲ୍ ଅଫ୍ ପଲିଟିକାଲ ଲିଡର୍ ଇନ୍ ଇକୋନୋମିକ ଡେଭେଲପମେଣ୍ଟ: ଏ ଷ୍ଟଡି ଅଫ୍ ଏମ୍‌ଏଲ୍‌ଏ ଅଫ୍ ଓଡ଼ିଶା' ପାଇଁ ପିଏଚ୍.ଡି ଉପାଧି ପାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ବିଜିନେସ୍ ଆଡମିନିଷ୍ଟ୍ରେଶନ ବିଭାଗ ପ୍ରଫେସର ଡ. ପ୍ରଭାତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚୟନୀ ଏହି ସନ୍ଦର୍ଭ ରଚନା କରିଛନ୍ତି। ଏଥିସହ ଏହି ସନ୍ଦର୍ଭକୁ କଲିକତା ବିଶ୍ୱବିଦ୍ୟାଳୟ ବିଜିନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡ. ଶର୍ମିଷ୍ଠା ବାନାର୍ଜୀ ଏବଂ ରାଞ୍ଚିର ମେସ୍ରାସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡ. ମଞ୍ଜୁ ଭଗତ ପରୀକ୍ଷା କରିବା ପରେ ଚୟନୀଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ ପାଇଁ ଅନୁମୋଦନ କରିଛନ୍ତି। ଏହି ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଜୁନ୍ ୨୮ ତାରିଖରେ ଚୟନୀଙ୍କୁ ବିଜିନେସ୍ ଆଡମିନିଷ୍ଟ୍ରେଶନରେ ପିଏଚ୍.ଡି ପାଇଁ ଯୋଗ୍ୟ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ବିଜିନେସ୍ ଆଡମିନିଷ୍ଟ୍ରେଶନ ବିଷୟରେ ସାଧାରଣତଃ ବ୍ୟବସାୟିକ ନେତୃତ୍ୱ ଦେଉଥିବା ବ୍ୟକ୍ତିଙ୍କ ଉପରେ ଗବେଷଣା କରାଯାଇଥାଏ। କିନ୍ତୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରାଜନୈତିକ ନେତାଙ୍କ ଉପରେ ଚୟନୀଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭଟି ବିଜିନେସ୍ ଆଡମିନିଷ୍ଟ୍ରେଶନ ବିଷୟରେ ଦେଶରେ ପ୍ରଥମ ବୋଲି ପରିଗଣିତ ହୋଇଛି। ଏହି ଗବେଷଣା ପାଇଁ ଓଡ଼ିଶାରେ ବିଧାୟକ ଭାବେ ନିର୍ବାଚିତ ହୋଇ ୨୦୧୪-୨୦୧୯ ମଧ୍ୟରେ କାର୍ଯ୍ୟ କରିଥିବା ୯ ଜଣଙ୍କ ଭୂମିକାକୁ ଚୟନୀ ଅନୁଧ୍ୟାନ କରିଥିଲେ। ଏଥିସହ ୪୫୧୮ ଭୋଟରଙ୍କଠାରୁ ୯୫ଟି ପ୍ରଶ୍ନର ମତାମତ ନେଇଥିଲେ। ଏହା ବ୍ୟତୀତ ଏହି ବିଧାୟକଙ୍କ ଦ୍ୱାରା ସେମାନଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୪୫ଟି ୱାର୍ଡରେ ବ୍ୟବହାର ହୋଇଥିବା ବିଧାୟକ ପାଣ୍ଠି, ଏମ୍‌ପି ପାଣ୍ଠି ଏବଂ ଏସ୍‌ଡିପି ପାଣ୍ଠି ଓ ସେହି ସ୍ଥାନରେ ସେମାନଙ୍କୁ ମିଳିଥିବା ଭୋଟ ହାର ସମ୍ପର୍କିତ ତଥ୍ୟକୁ ଅନୁଧ୍ୟାନ କରିଥିଲେ।



ହେରାପଞ୍ଚମୀ ଅବସରରେ ମଙ୍ଗଳବାର କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରୁ ମା' ଲକ୍ଷ୍ମୀ ଶୋଭାଯାତ୍ରାରେ କାଫଲାବଜାରସ୍ଥିତ ଅସ୍ଥାୟୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି।

## ମା' ଚର୍ଚ୍ଚିକାଙ୍କ ଉପର ମଣ୍ଡପ ନିର୍ମାଣ କାର୍ଯ୍ୟରେ ଶୀଥିଳତା

**ବାଙ୍କୀ,୫।୭(ସ୍ୱ.ପ୍ର)**

**ବୈଠକରେ ସେବାୟତଙ୍କ ପ୍ରତିବାଦ**

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ଉପର ମଣ୍ଡପ ନିର୍ମାଣରେ ଶୀଥିଳତା ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପୀଠର ସେବାୟତମାନେ ପ୍ରତିବାଦ କରିଛନ୍ତି। ଏହି ମଣ୍ଡପର ପୁନଃ ନିର୍ମାଣ ପାଇଁ ସମସ୍ତ ପୁରୁଣା କାଠକୁ କଢ଼ା ଯାଇ ନୂତନ କାଠ ସ୍ଥାପନ ନିମନ୍ତେ ସ୍ଥିର କରାଯାଇଥିଲା। ଏହାର ଦାୟିତ୍ୱ ଇନ୍‌ଟାକ୍ ବିଭାଗକୁ ଦିଆଯାଇଥିଲା । କିନ୍ତୁ କାର୍ଯ୍ୟରେ ଶୀଥିଳତା ଯୋଗୁ ଚର୍ଚ୍ଚିକା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଇନ୍‌ଟାକ୍ ନିର୍ଦ୍ଦେଶକ ମଲ୍ଲିକା ମିତ୍ରଙ୍କୁ ପୀଠକୁ ଡକାଯାଇ ଆଲୋଚନା କରାଯାଇଥିଲା। ଠିକାଦାର ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବାରୁ ଉପର ମଣ୍ଡପକୁ ପାଲରେ ଘୋଡାଇ ରଖାଯାଇଥିବାନେଇ ସେବାୟତମାନେ ଅଭିଯୋଗ କରିଥିଲେ। ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି କରାଯାଇଥିଲା। ବୈଠକରେ ମନ୍ଦିର ଟ୍ରଷ୍ଟି କାଳନ୍ଦୀ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ରଷିକୁମାର ରଣା, ସନ୍ତୋଷ କୁମାର ରଣା, ସୁଶାନ୍ତ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ସୁଧୀର କୁମାର ରଣା, ପୂର୍ଣ୍ଣଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।



ମଙ୍ଗଳବାର ଲଘୁଚାପଜନିତ ଲଗାଣ ବର୍ଷାରେ କଟକ ବାଦାମବାଡି ମୁଖ୍ୟରାସ୍ତାରେ ପାଣି।

## ସୌନ୍ଦର୍ଯ୍ୟକରଣ ହେବ ୩ ପୋଖରୀ

**କଟକ ଅଫିସ,୫।୭**

- ଗଙ୍ଗାମନ୍ଦିର ପୋଖରୀରେ ହେବ ବୋଟିଂ ବ୍ୟବସ୍ଥା
- ଅର୍ଥ ଅନୁମୋଦନ ପାଇଁ ସରକାରଙ୍କୁ ପଠାଯାଇଛି ରିପୋର୍ଟ

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଥିବା ଗଙ୍ଗାମନ୍ଦିର ପୋଖରୀ, ଉତ୍କଳ ବାଳାଶ୍ରମ ପରିସରରେ ଥିବା ପୋଖରୀ ଓ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ପୋଖରୀର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବ। ଅମୃତ ଯୋଜନା-୨ରେ ସିଏମ୍‌ସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଏହି ତିନୋଟି ପୋଖରୀକୁ ସାମିଲ କରାଯାଇଛି। ଏହି ପୋଖରୀ ନିକଟରେ ଲୋକଙ୍କ ଭ୍ରମଣ ପାଇଁ ଛୋଟ ପାର୍କ ନିର୍ମାଣ କରାଯିବ। ସେହିପରି ଆଲୋକୀକରଣ ସହ ସୌନ୍ଦର୍ଯ୍ୟକରଣ କରାଯିବ। ତେବେ ଗଙ୍ଗାମନ୍ଦିର ପୋଖରୀର ଆକାର ବଡ଼ ହୋଇଥିବାରୁ ସେଠାରେ ବୋଟିଂ ବ୍ୟବସ୍ଥା କରାଯିବ। ତେବେ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରାଯାଇଛି। ଏ ବାବଦରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। ଅର୍ଥ ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି। ସହରର ବହୁପୁରାତନ ପୋଖରୀଗୁଡିକରେ ଦଳ ଭର୍ତ୍ତି ହୋଇରହିଛି। ଏହାର ପୁନରୁଦ୍ଧାର ପାଇଁ ଅନେକ ଯୋଜନା କରାଯାଇଥିଲେ ମଧ୍ୟ ତାହା କେବଳ କାଗଜପତ୍ରରେ ସୀମିତ ରହିଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ପୁରାତନ ପୋଖରୀଗୁଡିକ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ସିଏମ୍‌ସିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ କିଛି ଟଙ୍କା ପୋଖରୀର ପୁନରୁଦ୍ଧାର ପାଇଁ ଖର୍ଚ୍ଚ କରାଯାଇଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ କିଏ କରିବ ସେ ନେଇ ଦ୍ୱନ୍ଦ ସୃଷ୍ଟି ହେବାରୁ କାର୍ଯ୍ୟ ଅଟକିଥିଲା। ସେହିପରି କିଛି ବର୍ଷ ପୂର୍ବରୁ ଓଡ଼ିଶା ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ଫଣ୍ଡ୍ (ଓୟୁଆଇଡିଏଫ) ସହଯୋଗରେ ସିଏମ୍‌ସି ୪ଟି ଜଳାଶୟର ପୁନରୁଦ୍ଧାର କରିବା ପାଇଁ ଯୋଜନା କରିଥିଲା। ହେଲେ ଉକ୍ତ ଯୋଜନା ମଧ୍ୟ ଯୋଜନାରେ ସିମିତ ରହିଯାଇଛି। ଏବେ ଅମୃତ ଯୋଜନା-୨ରେ ପୋଖରୀର ପୁନରୁଦ୍ଧାର ପାଇଁ ଯୋଜନା କରାଯାଇଛି। ଏହା କେତେଦୂର କାର୍ଯ୍ୟକରୀ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ଚଳିତଥର ସମସ୍ତ ଯୋଜନା ପ୍ରସ୍ତୁତ କରାଯାଇ ଅର୍ଥ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। ଅର୍ଥ ଆସିଲେ କାର୍ଯ୍ୟ ଆରମ୍ଭ ହେବ।

## ସଂକ୍ଷେପରେ

### 'ପରିବେଶର ଅବକ୍ଷୟରେ ମାନବ' ଶୀର୍ଷକ ପ୍ରତିଯୋଗିତା

କଣାସ,୫।୭(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର କାତପଡା ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ଆସୋସିଏଶନ୍ ଫର୍ ଅଲ୍ (ସାଫା) ପକ୍ଷରୁ ୭୩ତମ ବନ ମହୋତ୍ସବ ମଙ୍ଗଳବାର ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କଣାସ ଅତିରିକ୍ତ ତହସିଲଦାର ସହଦେବ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀୟଙ୍କା ଗୁମାନସିଂ ଓ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ଶାନ୍ତନୁ ଦଳାଇ ଯୋଗ ଦେଇଥିଲେ। ଏହି ଅବସରରେ ଗଡବଡପୁଟ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସିରେଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଶିକ୍ଷକ ସୁବାସ ଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ସାଫା ପକ୍ଷରୁ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗଡସାନପୁଟ ଉଚ୍ଚ ବିଦ୍ୟାଳୟ, ଗଡ଼ବଡ଼ପୁଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ 'ପରିବେଶର ଅବକ୍ଷୟରେ ମାନବ' ଶୀର୍ଷକ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। 'ସାଫା'ର ସମ୍ପାଦକ ଜଗବନ୍ଧୁ ମହାପାତ୍ର ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଆମ୍ବ, ଅଁଳା, ବରଗଛ ଚାରା ରୋପଣ କରିଥିଲେ। 'ସାଫା' ଅନୁଷ୍ଠାନର କର୍ମକର୍ତ୍ତା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

### ଜଳହସ୍ତୀ ଶାବକ ଜନ୍ମ

ବାରଙ୍ଗ,୫।୭(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୨ନମ୍ବର ଏନ୍‌କ୍ଲୋଜରରେ ଥିବା ଜଳହସ୍ତୀ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ପରେ ଜଳହସ୍ତୀ ସଂଖ୍ୟା ବୃଦ୍ଧି ପାଇ ୧୨ ରେ ପହଞ୍ଚିଛି। ସେଥିମଧ୍ୟରେ ୬ ମାଈ, ୫ଟି ଅଣ୍ଡିରା ଓ ଗୋଟିଏ ଲିଙ୍ଗ ନିରୂପଣ ହୋଇ ନ ଥିବା ଉପନିର୍ଦ୍ଦେଶକ ସଞ୍ଜିତ୍ କୁମାର କହିଛନ୍ତି।

### ବିବାହ ବାର୍ଷିକୀରେ ଆଶ୍ରମରେ ଚାରାରୋପଣ

ଗୋପ,୫।୭(ଡି.ଏନ୍.ଏ.): ସମାଜରେ ଅନେକ ଦୁଃଖୀ ମଣିଷଙ୍କ ମୁହଁରେ ହସ ଫୁଟାଇ ପ୍ରଶଂସା ସାଉଁଟିଥିବା ମହିଳା ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ ତାଙ୍କ ୧୯ତମ ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଗୋପ ବ୍ଲକ ଅନ୍ତର୍ଗତ ଖଣ୍ଡିଆକୁଦ ଗ୍ରାମର ଧର୍ମେନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ କସ୍ତୁରୀବାଳା ମଙ୍ଗଳବାର କୁନ୍ଦୁରା ଛକ ନିକଟରେ ଥିବା ନିଳାଦ୍ରି ନିଳୟ ବୃଦ୍ଧାଶ୍ରମର ୫୦ରୁ ଊର୍ଦ୍ଧ୍ୱ ବେସାହାରା ବୃଦ୍ଧାବୃଦ୍ଧଙ୍କୁ ଖାଇବାକୁ ଦେବା ପାଇଁ ୧୦ ହଜାର ଟଙ୍କା ଦାନ କରିଥିଲେ। ପରେ ଏହି ବେସାହାରା ମଣିଷ କିପରି ବୃକ୍ଷରୋପଣ ପ୍ରତି ଆଗ୍ରହ ପ୍ରକାଶ କରିବେ, ଚାରାରୋପଣ କରି ତା'ର ଦାୟିତ୍ୱ ନେବା ସହ ବୃକ୍ଷ ଆମର କାହିଁକି ଆବଶ୍ୟକ ତାହା ସେମାନଙ୍କୁ ବୁଝାଇଥିଲେ। କସ୍ତୁରୀବାଳା ନିଳାଦ୍ରି ନିଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଏପରି ନିଆରା ଢଙ୍ଗରେ ବିବାହ ବାର୍ଷିକୀ ପାଳନ ନେଇ କସ୍ତୁରୀବାଳା କହିଛନ୍ତି, ମୋ ସ୍ୱାମୀ ଜଣେ ପରୋପକାରୀ ମଣିଷ ହେବା ସହିତ ଗରିବ ମଣିଷଙ୍କ ସୁଖ ଦୁଃଖରେ ସବୁବେଳେ ସାମିଲ ହୋଇଥାନ୍ତି। ଅନ୍ୟମାନଙ୍କ ଦୁଃଖସୁଖରେ ସାମିଲ ହେଲେ ମତେ ମଧ ବହୁତ ଆନନ୍ଦ ମିଳିଥାଏ। ସେଥିପାଇଁ ଆଜିର ଆଧୁନିକ ଯୁଗରେ ନିଜକୁ ଅନ୍ୟମାନଙ୍କ ଖୁସିରେ ସାମିଲ କରିବା ଉଚିତ୍। ସେଥିପାଇଁ ପ୍ରତ୍ୟେକବର୍ଷ ଏହିପରି ଭାବେ ବିବାହ ବାର୍ଷିକୀ ପାଳନ କରିଥାଏ ବୋଲି ସେ କହିଥିଲେ।

# ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଚିଲିକା

ଖୋର୍ଦ୍ଧା ଅଫିସ,୫।୭:

ନୀଳାମ୍ବୁ ଚିଲିକା ହେଉଛି ମହାପ୍ରଭୁଙ୍କର ଅନ୍ୟତମ ଲୀଳାକ୍ଷେତ୍ର। ମହାପ୍ରଭୁ ୫ଥର ଚିଲିକା ମଧ୍ୟକୁ ଓ ୩ଥର ଚିଲିକା ବକ୍ଷ ଦେଇ ଅନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୧୬୧୧ରେ କଲ୍ୟାଣ ମଲ୍ଲଙ୍କ ପ୍ରଥମ ଆକ୍ରମଣ ସମୟରେ ମହାପ୍ରଭୁଙ୍କୁ ମହିଷା ବ୍ରହ୍ମପୁରକୁ ନିଆଯାଇଥିଲା। ସେତେବେଳେ ଗଜପତି ଥିଲେ ଶ୍ରୀପୁରୁଷୋତ୍ତମ ଦେବ। ମାଦଳା ପାଞ୍ଜି ବର୍ଣ୍ଣିତ ମହିଷା ଶବ୍ଦ ଠିକ୍ ମନେହୁଏ। କାରଣ ପ୍ରଥମେ ଏହି ସ୍ଥାନର ନାମ ମହିଷା ଥିଲା। ଏହାର ସ୍ଥଳଭାଗର ଦକ୍ଷିଣ ପାର୍ଶ୍ୱ ନାସୀକୁ ଅର୍ଥାତ ଶେଷଭାଗକୁ ମହାପ୍ରଭୁ ବିଜେ କରିଥିଲେ। ଉକ୍ତ ନାସୀର ଶେଷଭାଗରେ ଚିଲିକାର ଜଳଭାଗ ରହିଛି। ଏହାର ଅପର ପଟେ ରାଜହଂସ ଜଙ୍ଗଲର ପଶ୍ଚିମ ପାର୍ଶ୍ୱ ଅବସ୍ଥିତ। ଏଠାରେ ଦାରୁବ୍ରହ୍ମ ଗୁପ୍ତରେ ବିଜେ କରିଥିବାରୁ ଏହି ସ୍ଥାନକୁ ବ୍ରହ୍ମପୁର (ବ୍ରହ୍ମ ରହିଥିବା ପୁର) ବୋଲି କୁହାଯାଏ। ଅଦ୍ୟାବଧି ପ୍ରାୟ ୪ଶହ ବର୍ଷ ପରେ ମଧ ସେହି ଅଞ୍ଚଳ ବ୍ରହ୍ମପୁର ବା ବରହମ୍‌ପୁର ନାମରେ ପରିଚିତ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି।

ଡ. ମିଶ୍ର ଆହୁରି କହିଛନ୍ତି ଯେ, ବରହମ୍‌ପୁର ନାମରେ ଏକ ସ୍ୱତନ୍ତ୍ର ଜନବସତି ଗଢ଼ିଉଠିଛି। ବରହମ୍‌ପୁରଠାରୁ ଉତ୍ତରଦିଗକୁ ସ୍ଥଳଭାଗରେ ୩କିମି ଗଲେ ମହିଷା ଗ୍ରାମ ପଡ଼େ। କାଳକ୍ରମେ ମହିଷାନାସୀ ନାମ ଚକାନାସୀ ଭାବେ ପରିଚିତ ହୋଇଛି। ଶ୍ରୀବିଗ୍ରହମାନେ ଚକା ଉପରେ ବିଜେ କରିଥିବାରୁ ତାହା ଚକାନାସୀ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ସ୍ଥାନ ବରହମପୁର ଜନବସତିଠାରୁ ଦକ୍ଷିଣ ଦିଗରେ ୨କିମି ପରେ ପଡ଼େ। ଚକାନାସୀ ପରବର୍ତ୍ତୀ ସମୟରେ ଖଡିନାସୀ ଭାବେ ପରିଚୟ ପାଇଛି। ୧୬୧୧ ଜୁନଠାରୁ ୧୬୧୨ ମେ ପର୍ଯ୍ୟନ୍ତ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନେ ଏଠାରେ ଗୁପ୍ତରେ ଲୀଳା କରିଥିଲେ। କଲ୍ୟାଣ ମଲ୍ଲଙ୍କ ଦ୍ୱିତୀୟ ଥର ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚିଲିକାର ଗୁରୁବାଇ ଦ୍ୱୀପ ସାମ୍ନାରେ ଚାପରେ ବିଜେ କରାଯାଇଥିଲା। ସେତେବେଳେ ଚକାନାସୀରୁ ସିପିନାସୀକୁ ସ୍ଥଳଭାଗରେ ଶ୍ରୀବିଗ୍ରହମାନଙ୍କୁ ନିଆଯାଇଥିବା ଜନଶ୍ରୁତି ରହିଛି। ଲୋକକଥା ଅନୁଯାୟୀ, 'ଚକାନାସୀରୁ ସିପିନାସୀ ଦିଅଁ ପଳାଇଲେ ରଥରେ ବସି'। ଚକାନାସୀଠାରେ ମୁଗୁନି ପଥରରେ ୩ଟି ଚକ ରହିଥିଲା। ବର୍ତ୍ତମାନ ସେଠାରେ ବିଭାଜିତ ୩ଟି ପ୍ରସ୍ତର ମଧ୍ୟରୁ ମଝି ବଡ଼ ପ୍ରସ୍ତର ଧାରରେ ନବଗ୍ରହଙ୍କ ବିଗ୍ରହ ଖୋଦିତ ହୋଇଛି। ନିକଟସ୍ଥ ଘଞ୍ଚ କଣ୍ଟାବୁଦା ମଧ୍ୟରେ ଶ୍ରୀବିଗ୍ରହମାନେ ବିଜେ କରିଥିବା ଚକା ୩ଟି ବାଲିରେ ପୋତି ହୋଇପଡ଼ିଥିବା ସ୍ଥାନୀୟ ବାସିନ୍ଦା କହନ୍ତି। ସେହିପରି ଚକାନାସୀର ପୂର୍ବ ଦିଗରେ ଚଉବର ସାଧୁଙ୍କ ଆଶ୍ରମ ଥିଲା। ମହାପ୍ରଭୁ ଚକାନାସୀରେ ଥିବାବେଳେ ଚଉବର ସ୍ୱାମୀ ପ୍ରତିଦିନ ଜଳପଥରେ ଆସି ତାଙ୍କ ଦର୍ଶନ କରୁଥିବା ଜଣାଯାଏ। ମହାପ୍ରଭୁଙ୍କ ଉପାସନାରେ ସହାୟତା ପାଇଁ ଅନେକ କମା ବ୍ରାହ୍ମଣ ଭକ୍ତ ନାସୀରେ ରହୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳ ଖନନ ବେଳେ ମାଟିର ଅଂଶବିଶେଷ, ଖପରା, କଉଡ଼ି, ଭଙ୍ଗାମାଠିଆ ସମେତ ସୁନା ମୋହରଟିଏ ମିଳିଥିଲା। ମହାପ୍ରଭୁଙ୍କୁ ଏଠାରେ ଅନ୍ନଭୋଗ ଲାଗି ହେଉଥିଲା ବୋଲି ଏଥିରୁ ପ୍ରମାଣିତ ହୁଏ। ମହାପ୍ରଭୁ ଏଠାରୁ ପ୍ରସ୍ଥାନ କରିବା ପରେ ମହିଷାସ୍ଥିତ ସର୍ବେଶ୍ୱର ମହାଦେବଙ୍କ ମନ୍ଦିରରେ ଶ୍ରୀବିଷ୍ଣୁଙ୍କ ବିଗ୍ରହ ପୂଜିତ ହେଉଛନ୍ତି।



ପୁରୀ ଖଡ଼ିପଦା ଗ୍ରାମରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ମଙ୍ଗଳବାର ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି ।

# 'ଆଡ଼ପ ମଣ୍ଡପର ସ୍ୱତନ୍ତ୍ରତା ରହିଛି'

ପୁରୀ ଅଫିସ, ୫।୭:

ପଲ୍ଲିଶ୍ରୀ ମେଳା ସଭାମଞ୍ଚରେ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ 'ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଗବେଷକ ନାରାୟଣ ନନ୍ଦ ମହାପ୍ରଭୁଙ୍କ ଭଜନ ଓ ଜଣାଣ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଡ. ଭାସ୍କର ମିଶ୍ର ଯୋଗଦେଇ ଦାରୁବ୍ରହ୍ମଙ୍କ ଅନୁପମ ଦଶାବତାର ଯାତ୍ରା, ଆଡ଼ପ ମଣ୍ଡପ ଯାତ୍ରା, ନବଦିନାତ୍ମକ ଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଶ୍ରୀଗୁଣ୍ଡିଚା ପୂର୍ବଦିନର ମାର୍ଜନା ଯାତ୍ରାରେ ସେବକ ସେବାର ଲୀଳା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମଣ୍ଡପମୟ ଶ୍ରୀକ୍ଷେତ୍ରରେ ସ୍ନାନମଣ୍ଡପ, ଦୋଳମଣ୍ଡପ, କାଳୀୟଦଳନ ମଣ୍ଡପ, ଗୁଣ୍ଡିଚାମଣ୍ଡପ, ମୁକ୍ତି ମଣ୍ଡପ, ଚାହାଣି ମଣ୍ଡପ ଆଦି ପ୍ରାୟ ୨୨ଟି ମଣ୍ଡପ ଥିଲେ ମଧ ଗୁଣ୍ଡିଚା ମଣ୍ଡପର ସ୍ୱତନ୍ତ୍ରତା ରହିଛି। ଏହା ଜନ୍ମବେଦୀ, ଜନକପୁରୀ, ଯଜ୍ଞବେଦୀ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର ଆଦି ନାମରେ ଅଭିହିତ। ଜନ୍ମବେଦୀ ପ୍ରତି ଆକର୍ଷଣ ହେତୁ ମହାପ୍ରଭୁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରାରେ ଏହି ଆଡ଼ପମଣ୍ଡପରେ ବିଜେ ହୋଇଥାନ୍ତି। ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନରେ ଭକ୍ତ ଅଶେଷ ପୁଣ୍ୟ ଅର୍ଜନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି ଶ୍ରୀଗୁଣ୍ଡିଚା ଯାତ୍ରାର ପ୍ରତ୍ୟେକ କ୍ଷେତ୍ରରେ ବ୍ରହ୍ମଙ୍କ ସାମ୍ୟ ଭାବର ନିଦର୍ଶନ ଦେଖିବାକୁ ମିଳିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡ. ଭାସ୍କର ମିଶ୍ରଙ୍କ ଲିଖିତ ପୁସ୍ତକ 'ମହାପ୍ରଭୁଙ୍କ ମହାପ୍ରକଳ୍ପ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ନାରାୟଣ ନନ୍ଦଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଶେଷରେ ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ପୁରୀଠାରେ ଚାଲିଥିବା ପଲ୍ଲିଶ୍ରୀ ମେଳା ପରିସରରେ ମଙ୍ଗଳବାର ବର୍ଷାପାଣି ଜମିଥିବାରୁ ବ୍ୟବସାୟ ମାନ୍ଦା ପଡିଛି ।

# ଧନିତ୍ରୀ ସମିତି ସଭାପତି ହେଲେ ଅକ୍ଷୟ ମଲ୍ଲ

କୋଣାର୍କ,୫।୭(ଡି.ଏନ୍.ଏ.):

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତର ଧନିତ୍ରୀ ସେବା ସମବାୟ ସମିତିର ସଭାପତି ଭାବେ ଯୁବ ସଙ୍ଗଠକ ଅକ୍ଷୟ ମଲ୍ଲ ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ଅକ୍ଷୟ ଏକମାତ୍ର ନାମାଙ୍କନପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ ବେହେରା ସମିତିର ସଭାପତି ଭାବେ ଘୋଷଣା କରିଛନ୍ତି। ସୂଚନା ମୁତାବକ, ଜୁନ ୨୬ରେ ସେବା ସମବାୟ ସମିତି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତସ୍ଥିତ ଧନିତ୍ରୀ ସେବା ସମବାୟ ସମିତିର ୧୫ଗୋଟି ଜୋନ୍‌ର ବୋର୍ଡ ମେମ୍ବର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ୧୫ଜଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ବିଜେଡି ସଙ୍ଗଠନ ଓ କୃଷକ ସଙ୍ଗଠନ ସୁଦୃଢ଼ କରିବା ନିମନ୍ତେ ନବ ନିର୍ବାଚିତ ସଭାପତି ମଲ୍ଲ ସମସ୍ତ ନେତୃବୃନ୍ଦମାନଙ୍କ ସହଯୋଗ କାମନା କରିଛନ୍ତି।

# ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାନ୍ତୁ

ପିପିଲି,୫।୭(ସ୍ୱ.ପ୍ର.)

ପୁରୀ ଜିଲା ପ୍ଲାଣ୍ଟେଶନ କ୍ଲବ୍ ପିପିଲି ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ଜଗନ୍ନାଥପୁର ପଞ୍ଚାୟତରେ ଚାରାରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଆବାହକ ଜନ୍ମେଜୟ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର କଣ୍ଠ, ସାମାଜିକ କର୍ମୀ ମଦନ ପଣ୍ଡା, କାଶୀନାଥ ପଣ୍ଡା, ଭରତ ଚନ୍ଦ୍ର ବିଶ୍ୱାଳ, ପ୍ରକାଶ ପଟ୍ଟାୟତ, ବାଉରୀ ବନ୍ଧୁ ସେଠୀ ପ୍ରମୁଖ ଯୋଗଦେଇ ବୃକ୍ଷ ହିଁ ଜୀବନର ବାର୍ତ୍ତା ଦେଇଥିଲେ। ପ୍ରତ୍ୟେକ ମଣିଷ ନିଜ ଜୀବନରେ କିଛି କିଛି ବୃକ୍ଷ ଲଗାନ୍ତୁ ଏବଂ ପରିବେଶ ସୁରକ୍ଷା ସହ ଜୀବନ ବଞ୍ଚାନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କ ଦ୍ୱାରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଭିନ୍ନ କିସମର ୫୦ରୁ ଊର୍ଦ୍ଧ୍ୱ ଆମ୍ବ ଚାରା ରୋପଣ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ରାଧାମୋହନ, ସଦାଶିବ ପରିଡା, ସୁରେଶ ମହାରଣା, ସେକ୍ ସାହିଲ୍, ଦେବାଶିଷ୍ ଦୀକ୍ଷିତ୍ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ।

# ସାଲାଇନ୍ ଦେଲେ ଅଣସ୍ୱାସ୍ଥ୍ୟ କର୍ମଚାରୀ

ପୁରୀ ଅଫିସ, ୫।୭:



ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହାର ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେଉଛି। ଭାଇରାଲ୍ ଫଟୋରେ ଜଣେ ଅଣ ସ୍ୱାସ୍ଥ୍ୟ କର୍ମଚାରୀ ଜଣେ ମହିଳା ରୋଗୀଙ୍କୁ ଇଞ୍ଜେକସନ୍ ଯୋଗେ ସାଲାଇନ୍ ଦେଉଥିବା ଦେଖିବାକୁ ମିଳିଛି। ହସ୍ପିଟାଲରେ ଥିବା ସହାୟିକା ସେବିକା ଜଣଙ୍କ ମହିଳା ଶଲ୍ୟ ବିଭାଗରେ ମହିଳାଙ୍କୁ ସାଲାଇନ ଦେଉଛନ୍ତି। ତେବେ ଇଞ୍ଜେକସନ୍ ଦେବା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ ସେତେବେଳେ କ୍ୟାବିନ୍‌ରେ ନ ଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୁରୀ ରଥଯାତ୍ରା ସମୟରେ ଅତିରିକ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅଣାଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଥିବାବେଳେ ଏଠାରେ ଏଭଳିଚିତ୍ର ତାହାର ସତ୍ୟତାକୁ ପ୍ରମାଣିତ କରୁଛି। ରୋଗୀଙ୍କ ସମ୍ପର୍କୀୟମାନେ ଅଣସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଇଞ୍ଜେକସନ୍ ଦେବାକୁ ମନା କଲେ ତାଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରାଯାଉଛି। ରଥଯାତ୍ରା ସମୟରେ ଗହଳି କାରଣରୁ ସ୍ୱାସ୍ଥ୍ୟକର୍ମୀମାନଙ୍କ ଅଣବୃତ୍ତିଗତ ମନୋଭାବ ବଢ଼ିଛି ଓ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ବୁଦ୍ଧିଜୀବୀ ଅଜୁ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଣସ୍ୱାସ୍ଥ୍ୟକର୍ମଚାରୀମାନେ ସ୍ୱାସ୍ଥ୍ୟ ସେବାରେ ସାମିଲ ହେବା ଆଦୌ ଗ୍ରହଣୀୟ ନୁହେଁ।

# ହୃଦୟ ଚକ୍ଷୁରେ ମହାପ୍ରଭୁଙ୍କ ଦର୍ଶନ କଲେ

ପୁରୀ ଅଫିସ, ୫।୭:

## ଝାଡ଼ଖଣ୍ଡରୁ ଆସିଛନ୍ତି ଦୃଷ୍ଟିହୀନ ପରିବାର

ଭାବର ଠାକୁର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସର୍ବଦା ଭକ୍ତର ଭାବରେ ବନ୍ଧା। ସେ ଲୀଳାମୟ, ସୃଷ୍ଟିକର୍ତ୍ତା, ତାଙ୍କ ଲୀଳା ସମସ୍ତଙ୍କୁ ଅଗୋଚର। ଲୀଳାମୟ ଠାକୁର କାଳିଆ ସାଆନ୍ତ କାହାକୁ କେମିତି ଜନ୍ମ ଦିଅନ୍ତି, କାହା ଭାଗ୍ୟ କ'ଣ ଲେଖାଯିବ ତାହା ତାଙ୍କୁ ହିଁ ଜଣା। ତାଙ୍କ ପାଖରେ ଦୁଃଖୀ, ଧନୀ, ଦରିଦ୍ର, ଦୃଷ୍ଟିହୀନ ସମସ୍ତେ ସମାନ। କେତେବେଳେ ବାମନ ଭକ୍ତଟିଏ ଦୀର୍ଘ ବାଟ ଅତିକ୍ରମ କରି ପୁରୀ ଆସି ଆଡ଼ପ ମଣ୍ଡପରେ ଦର୍ଶନ କରି ନିଜ ମନୋବାଞ୍ଛା ପୂରଣ କରୁଛନ୍ତି ତ ପୁଣି କେତେବେଳେ ଦୃଷ୍ଟିହୀନ ଭକ୍ତର ଭକ୍ତି ଭାବରେ ବନ୍ଧା ହୋଇ ତାଙ୍କୁ ଭାବର ଚକ୍ଷୁରେ ଦର୍ଶନ ଦେଉଛନ୍ତି ଭାବଗ୍ରାହୀ। କାଳିଆ ଠାକୁର ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦିକୁ ବିରାଜମାନ କରିଛନ୍ତି। ଆଖି ନ ଥାଇ ମଧ ସୁଦୂର ଝାଡ଼ଖଣ୍ଡରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଚାଲିଆସିଛନ୍ତି ତିନିଜଣ ଦୃଷ୍ଟିହୀନ ଭକ୍ତ। ପବିତ୍ର ହେରାପଞ୍ଚମୀରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଏପରି ଏକ ଦୃଶ୍ୟ ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଥିଲା। ଜଣେ ଦୃଷ୍ଟିହୀନ ମହିଳା ନିଜ ସ୍ୱାମୀ ଓ ଦିଅରଙ୍କୁ ସାଙ୍ଗରେ ଆଣି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ନିଜ ଦୃଷ୍ଟିଶକ୍ତି ହରାଇଥିଲେ ମଧ ମହାପ୍ରଭୁଙ୍କ ନିକଟରେ ଭକ୍ତି, ପ୍ରଗାଢ଼ ଇଚ୍ଛା ଶକ୍ତି ଯୋଗୁଁ ମହାପ୍ରଭୁ ତାଙ୍କୁ ଟାଣି ଆଣିଛନ୍ତି ବୋଲି ସମ୍ପୃକ୍ତ ମହିଳା ସୁଲୋଚନା ମଲ୍ଲ କହିଛନ୍ତି। ସୁଲୋଚନା, ସ୍ୱାମୀ ବିଜୟ କୁମାର ଓ ଦିଅର ରିଙ୍କୁ ସୋରେନ ଦୃଷ୍ଟିହୀନ। ସେମାନେ କିପରି ଶ୍ରୀକ୍ଷେତ୍ରରେ ପହଞ୍ଚିବେ ଓ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେମାନଙ୍କ ମନରେ ଥିଲା ଗୋଟିଏ ଲକ୍ଷ୍ୟ। ଆସିବା ବାଟରେ ମଧ ଅନେକ ସହୃଦୟ ବ୍ୟକ୍ତି ଏହି ଦୃଷ୍ଟିହୀନ ପରିବାରକୁ ସହଯୋଗର ହାତ ବଢ଼ାଇ ମହାପ୍ରଭୁଙ୍କୁ ଦର୍ଶନ କରାଇବାରେ ସାହାଯ୍ୟ କରିଛନ୍ତି। ସୁଲୋଚନାଙ୍କ କହିବା ଅନୁଯାୟୀ, ଡୋରି ଲାଗିବାରୁ ମହାପ୍ରଭୁ ତାଙ୍କୁ ପୁରୀ ଟାଣି ଆଣିଛନ୍ତି। ତାଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବା ବେଳେ ସେ ଝାଡ଼ଖଣ୍ଡରେ ବିବାହ କରିଛନ୍ତି। ମହାପ୍ରଭୁଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରି ନ ପାରିଲେ ମଧ ତାଙ୍କ ଭାବଚକ୍ଷୁରେ ଦର୍ଶନ କରି ଧନ୍ୟ ହୋଇଛନ୍ତି। ମହାପ୍ରଭୁଙ୍କ କୃପା ରହିଛି, ତେଣୁ ପୁରୀ ଆସିବା କ୍ଷଣି ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଗଲା। ମହାପ୍ରଭୁଙ୍କୁ ଯାହା ଜଣାଇବୁ ସେ ନିଶ୍ଚିତ ଶୁଣିବେ। ମହାପ୍ରଭୁ ବାପା, ମା ପରି ସଦାସର୍ବଦା ଆମ ପାଖରେ ରହିଥିବା ଅନୁଭବ କରିଥାଉ। ତେବେ ପ୍ରଶାସନ ପକ୍ଷରୁ ଯେଉଁଭଳି ବ୍ୟବସ୍ଥା କରାଯାଇଛି ବହୁତ ଭଲ। ଏହି ପରିପ୍ରେକ୍ଷୀରେ ସୁଲୋଚନା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭଜନ ଗାଇ ତାଙ୍କ ମନରେ ଥିବା ଭକ୍ତି ଭାବକୁ ପ୍ରକାଶ କରିଥିଲେ। ପୋଲିସ ପ୍ରଶାସନ ସହଯୋଗରେ ସେ ଓ ତାଙ୍କ ସ୍ୱାମୀ ଏବଂ ଦିଅର ଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।



ଦାରୁଦିଅଙ୍କ ଦର୍ଶନ ପାଇଁ ଝାଡ଼ଖଣ୍ଡରୁ ଆସିଥିବା ଗୋଟିଏ ପରିବାର ୩ ଦୃଷ୍ଟିହୀନ ସଦସ୍ୟ ।

# ମହିଳାଙ୍କୁ ନିଶାଦେଇ ବଳାତ୍କାର, ଯୁବକ ଗିରଫ

ଗୋପ,୫।୭(ଡି.ଏନ୍.ଏ.):

ମହିଳାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରିବା ଅଭିଯୋଗରେ ଗୋପ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ବିଜୟ କୁମାର ବେହେରା(୩୦)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ସମ୍ପୃକ୍ତ ମହିଳା ଜଣଙ୍କ ପୁଅ ସହ ଗ୍ରାମରେ ରହୁଥିବା ବେଳେ ସ୍ୱାମୀ ଭୁବନେଶ୍ୱରର ଏକ କମ୍ପାନୀରେ କାମ କରନ୍ତି। ତେବେ ବିଜୟଙ୍କ ଘର ଉକ୍ତ ଗ୍ରାମରେ ହୋଇଥିବାରୁ ମହିଳା ଜଣଙ୍କୁ ବିଭିନ୍ନ ସମୟରେ ସହାୟତା କରିଥାନ୍ତି। ସୋମବାର ରାତିରେ ବିଜୟ ଥଣ୍ଡା ପାନୀୟ ତାଙ୍କୁ ପିଇବାକୁ ଦେଇଥିଲେ। ପରେ ମହିଳା ଜଣଙ୍କ ଚେତା ହରାଇଥିଲେ। ଏହାର ସୁଯୋଗରେ ବିଜୟ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରେ ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୨୪/୨୨)ରୁଜୁ କରିବା ସହ ବିଜୟଙ୍କୁ ଗିରଫ କରିଥିଲା।

# ଭିଆଇପିଙ୍କୁ ହଁ, ଭିନ୍ନକ୍ଷମଙ୍କୁ ନା

ପୁରୀ ଅଫିସ,୫।୭:

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାରୁ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ବଞ୍ଚିତ ହେଉଛନ୍ତି। ଭିଆଇପିମାନଙ୍କୁ ସିଧାସଳଖ ସିଂହଦ୍ୱାର ଦେଇ ବିନା ଧାଡ଼ିରେ ପ୍ରବେଶ କରାଯାଉଥିଲେ ମଧ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ମିଳିପାରୁନାହିଁ। ପ୍ରଶାସନିକ ଅଧିକାରୀ, ସେମାନଙ୍କ ପରିବାର ଲୋକଙ୍କଠାରୁ ଆରମ୍ଭ କରି ପୋଲିସ ପର୍ଯ୍ୟନ୍ତ ସମସ୍ତେ ବିନା ଧାଡ଼ିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଉଛନ୍ତି। କେବଳ ଭିନ୍ନକ୍ଷମ ଓ ଭଲ ଭାବେ ଚାଲିବାକୁ ସକ୍ଷମ ନ ଥିବା ବରିଷ୍ଠ ଲୋକଙ୍କୁ ବଞ୍ଚିତ ହେବାକୁ ପଡୁଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ଏକ ଷ୍ଟଲ୍ କରିଛି। ଯେଉଁଠାରେ ହ୍ୱିଲ୍ ଚେୟାର ଯୋଗେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁବିଧା ଯୋଗାଇ ଦିଆଯାଉଥିଲା। ମାତ୍ର ବିଭାଗୀୟ ସମନ୍ୱୟ ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏଯାବତ୍ ୩ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର ସେବା ମିଳିଥିବା ବେଳେ ମଙ୍ଗଳବାର ଏଭଳି ବ୍ୟବସ୍ଥା ବନ୍ଦକରି ଦିଆଯାଇଥିଲା। ଜିଲା ପ୍ରଶାସନର ହଠାତ୍ ଏଭଳି ନିଷ୍ପତ୍ତି ଯୋଗୁ ମହାପ୍ରଭୁଙ୍କ ଦର୍ଶନରୁ ଅନେକ ଦିବ୍ୟାଙ୍ଗ ବଞ୍ଚିତ ହେଲେ। ଏ ନେଇ ଦିବ୍ୟାଙ୍ଗ ଅଶୋକ ମାର୍ଥା କହିଛନ୍ତି, ଧାଡ଼ିରେ ଠିଆ ହେବା ମୋ' ପକ୍ଷେ ସମ୍ଭବ ନୁହେଁ। ଭିନ୍ନକ୍ଷମ ସଶକ୍ତିକରଣ ଷ୍ଟଲ ପାଖରେ ପହଞ୍ଚିଥିଲେ ମଧ ସେଠାରେ ହ୍ୱିଲ ଚେୟାର ମିଳି ନ ଥିଲା। ଫଳରେ ଦର୍ଶନ କରିପାରିଲି ନାହିଁ। ଅନ୍ୟପକ୍ଷରେ ହ୍ୱିଲ ଚେୟାର୍ ସେବାକୁ କାହିଁକି ବନ୍ଦ କରାଗଲା ସେନେଇ ଜିଲା ପ୍ରଶାସନ ପାଖରେ ଉତ୍ତର ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ହ୍ୱିଲ୍ ଚେୟାର ବ୍ୟବସ୍ଥାକୁ ବିରୋଧ କରୁଥିବାରୁ ଜିଲା ପ୍ରଶାସନ ଏଭଳି ସେବାକୁ ବନ୍ଦ କରିଛି। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଦର୍ଶନ କରିବାର ଅଧିକାର ସମସ୍ତଙ୍କର ଅଛି। ଭିନ୍ନକ୍ଷମଙ୍କୁ ଦର୍ଶନ ସୁବିଧା ଯୋଗାଇବା ଦାୟିତ୍ୱ ପ୍ରଶାସନର। ହ୍ୱିଲ ଚେୟାର ଯୋଗେ ଭିନ୍ନକ୍ଷମ ଓ ବରିଷ୍ଠଙ୍କୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ଦିଆଯିବା ଉଚିତ।

# ଅସରାଏ ବର୍ଷାରେ ଚାରିଛକ ବେହାଲ, ଡ୍ରେନେଜ୍ ନିର୍ମାଣ ଦାବି

ନିମାପଡ଼ା,୫।୭(ଡି.ଏନ୍.ଏ.):

ଲଘୁଚାପଜନିତ ବର୍ଷାରେ ମଙ୍ଗଳବାର ନିମାପଡ଼ା ଚାରିଛକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଗୋପ, ନିଆଳି, କାକଟପୁରକୁ ସଂଯୋଗ କରୁଥିବା ଏହି ଚାରିଛକ ମୁଖ୍ୟ ରାସ୍ତାରେ ପାଣି ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ମୁଖ୍ୟ ବଜାର ସମେତ ଅନ୍ୟ ମୁଖ୍ୟ ରାସ୍ତାରୁ ନିଷ୍କାସନ ହୋଇ ନ ପାରି ସେଠାରେ ଜମି ରହୁଛି। ଅସରାଏ ବର୍ଷାରେ ଆଣ୍ଠୁଏ ପାଣିରେ ମୁଖ୍ୟ ରାସ୍ତା ବୁଡ଼ିଯାଉଛି। ଲଘୁଚାପଜନିତ ଲଗାଣ ବର୍ଷା ଏହିପରି ଆଗକୁ ଜାରି ରହିଲେ ଚାରିଛକ ଅଞ୍ଚଳ ଆହୁରି ବେହାଲ ଓ ଦୁର୍ବିଷହ ହୋଇପଡିବାର ଆଶଙ୍କା ଦେଖାଦେଇଛି। ଚାରିଛକ ମୁଖ୍ୟ ବଜାର ସମେତ ଚାରିଛକ-ଗୋପ, ଚାରିଛକ-ନିଆଳି ମୁଖ୍ୟ ପୂର୍ତ୍ତ ସଡ଼କର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯିବାକୁ ଚାରିଛକ ଅଞ୍ଚଳବାସୀଙ୍କ ପକ୍ଷରୁ ଅନେକ ବର୍ଷ ହେବ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଆସୁଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ, ହେୟ ମନୋବୃତ୍ତି ଯୋଗୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଚାରିଛକ ବଜାର ଓ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ବ୍ୟବସ୍ଥା କରାଯିବାକୁ ଶିକ୍ଷାବିତ୍ ଗୋପୀନାଥ କର, ସନ୍ତୋଷ ମିତ୍ର, ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ, ଚାରିଛକ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କର, ସମ୍ପାଦକ ବସନ୍ତ ଦାସ, ପ୍ରଫୁଲ୍ଲ ସାହୁ, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦ୍ରକାନ୍ତ ଦଳେଇ, ଦଳିତ ନେତା ଅଶୋକ ରାଉତ, ବ୍ରହ୍ମାନନ୍ଦ ଭୋଇ, ସିପିଆଇ ନେତା ସନାତନ ପାତ୍ର, କୃଷ୍ଣ ରାଉତ, ବଜାର କମିଟିର ପୂର୍ବତନ ସଭାପତି ମହେନ୍ଦ୍ର ନାୟକ ପ୍ରମୁଖ ପୂର୍ତ୍ତମନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବ, ଗଣଶିକ୍ଷା ମନ୍ତ୍ରୀ, ଜିଲାପାଳଙ୍କଠାରେ ଦାବି କରିଛନ୍ତି।



ଚାରିଛକ ବଜାରରେ ବର୍ଷା ପାଣି ।